


# ସଂଚାର
## THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 127 | ଭାଗ ୩୩ | ସଂଖ୍ୟା ୧୨୭ Bhubaneswar | Monday 28 July 2025 | Page 8 Rs. 4.00 ● ଭୁବନେଶ୍ୱର ସୋମବାର ୨୮ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

# ୬ ଜିଲ୍ଲାରେ ବନ୍ୟା
## ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ତ୍ୱରାନ୍ୱିତ

- ସୂଚନା ଦେଲେ ରାଜସ୍ୱ ମନ୍ତ୍ରୀ
- କମୁନି ସୁବର୍ଣ୍ଣରେଖା ଜଳସ୍ତର
- ବାଲେଶ୍ୱର ସ୍ଥିତି ଚିନ୍ତାଜନକ
- ସ୍ଥିତି ସୁଧୁରିବା ନେଇ ସର୍ବୋଚ୍ଚ ଯନ୍ତ୍ରୀଙ୍କ ଆକଳନ

**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଗତ କିଛିଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଚାଲିଥିବା ଫଳରେ ୬ଟି ଜିଲ୍ଲା ବାଲେଶ୍ୱର, ମୟୂରଭଞ୍ଜ, ଭଦ୍ରକ, ଯାଜପୁର, ସୁନ୍ଦରଗଡ଼ ଓ କେନ୍ଦୁଝରରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି।



ଏଥିରେ ୧୧ ହଜାରରୁ ଉର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଥିବା ବେଳେ ହଜାରେରୁ ଅଧିକ ଲୋକଙ୍କୁ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇସାରିଛି। ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ୯ଟି ଆଶ୍ରୟସ୍ଥଳରେ ସେମାନଙ୍କୁ ରଖାଯିବା ସହ ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି ବୋଲି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ସମ୍ବଲପୁର ଜିଲ୍ଲାପାଳଙ୍କ ଭିସି ଚାମ୍ବର୍‌ରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଶ୍ରୀ ପୂଜାରୀ କହିଛନ୍ତି ଯେ ପାଣିପାଗ ବିଭାଗର ଆକଳନ ଅନୁସାରେ ମୟୂରଭଞ୍ଜ ଓ କେଉଁଝର ଜିଲ୍ଲା ରେଡ ଆଲର୍ଟରେ ରହିଥିଲା। କିନ୍ତୁ ଏବେ ଉଭୟ ଜିଲ୍ଲା ପାଖାପାଖି ବିପଦମୁକ୍ତ। କିନ୍ତୁ ବାଲେଶ୍ୱର ଜିଲ୍ଲାରେ ସ୍ଥିତି ଚିନ୍ତାଜନକ ରହିଛି। ବୁଢ଼ାବଳଙ୍ଗ ଓ ଜଳକା ନଦୀ ଉପରେ ନଜର ରହିଛି। ଏଥିସହ ବାଲେଶ୍ୱର ଜିଲ୍ଲାରେ ବିପଦ ସଙ୍କେତର ଏକ ମିଟର ଉପରେ ପାଣି ପ୍ରବାହିତ ହେବା ନେଇ ପୂର୍ବାନୁମାନ କରାଯାଇଥିବାରୁ ସେଠାକାର ଜିଲ୍ଲାପାଳଙ୍କୁ ସୂର୍ଯ୍ୟାସ୍ତ ପୂର୍ବରୁ ସମ୍ଭାବ୍ୟ ବନ୍ୟା ପ୍ରଭାବିତ ଅଞ୍ଚଳର ଲୋକଙ୍କୁ ନିରାପଦ ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି। ମହିଳା ଓ ପୁରୁଷଙ୍କ ରହିବା ପାଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ, ପ୍ରଭାବିତ ଅଞ୍ଚଳରେ ଆବଶ୍ୟକ ସାପ କାମୁଡ଼ା ଔଷଧ ଓ ପିଇବା ପାଣି ମେଡିସିନ ଓ ମେଡିକାଲ ଷ୍ଟାଫ ନିୟୋଜିତ ହୋଇଛନ୍ତି। ସାପ କାମୁଡ଼ାର ଘଣ୍ଟାଏ ଭିତରେ ଔଷଧ ଯୋଗାଇଦେବାର ବ୍ୟବସ୍ଥା ହୋଇଛି। ସେହିପରି ଏବେ ଶ୍ରାବଣ ମାସ ଚାଲିଥିବାରୁ ଶିବଭକ୍ତ କାଉଡ଼ିଆମାନେ କିଭଳି ସ୍ୱଚ୍ଛ ପାଣି ପାଇପାରିବେ, ସେ ଦିଗରେ ପଦକ୍ଷେପ ନେବାକୁ ମଧ୍ୟ ସମ୍ପୃକ୍ତ

➪ପୃଷ୍ଠା-୬

### 'ମନ୍ କୀ ବାତ୍'ରେ କେନ୍ଦୁଝରର ସଂକୀର୍ତ୍ତନ ମଣ୍ଡଳୀକୁ ମୋଦିଙ୍କ ପ୍ରଶଂସା

# ସଂକୀର୍ତ୍ତନରେ ବନାଗ୍ନି ସଚେତନତା ଅନନ୍ୟ

✪ମୟୂରଭଞ୍ଜ ବୁଣାକାର ମହିଳାଙ୍କ କଥା ବି କହିଲେ ✪ଶୁଭାଂଶୁଙ୍କ ପାଇଁ ଦେଶ ଗର୍ବିତ

**ନୂଆଦିଲ୍ଲୀ,୨୭।୭(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କର ମାସିକିଆ ରେଡିଓ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ କେନ୍ଦୁଝରର ଏକ କୀର୍ତ୍ତନ ମଣ୍ଡଳୀର ଅନନ୍ୟ ଉଦ୍ୟମକୁ ପ୍ରଶଂସା କରିଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିଜ ଜିଲ୍ଲା କେନ୍ଦୁଝରର ଜନୈକ ମହିଳା କିପରି ଭାବେ ଏକ କୀର୍ତ୍ତନ ଦଳ ମାଧ୍ୟମରେ ପରିବେଶ ସଚେତନତା ସହ ବନାଗ୍ନି ସମ୍ପର୍କରେ ଜନସାଧାରଣଙ୍କୁ



ବୁଝାଉଥିବା ନେଇ ପ୍ରଧାନମନ୍ତ୍ରୀ ଦର୍ଶାଇଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଭାରତର ବିବିଧତାର ସବୁଠାରୁ ସୁନ୍ଦର ଝଲକ ଆମର ଲୋକଗୀତ ଓ ପରମ୍ପରାରେ ମିଳିଥାଏ। ଏହାର ଅଂଶ ହେଉଛି ଆମର ଭଜନ ଓ କୀର୍ତ୍ତନ। କିନ୍ତୁ ବନାଗ୍ନି ସମ୍ପର୍କରେ କୀର୍ତ୍ତନ ମାଧ୍ୟମରେ ଲୋକମାନଙ୍କୁ ସଚେତନ କରାଯାଉଥିବା କଥା ଭାବିଲେ ଟିକିଏ ଆଶ୍ଚର୍ଯ୍ୟ ଲାଗେ। କିନ୍ତୁ ଏପରି କୌଣସି କଥା ଯଦିଓ ବିଶ୍ୱାସ କରିବା ସହଜ ନୁହେଁ, କିନ୍ତୁ ଓଡ଼ିଶାର କେନ୍ଦୁଝର

➪ପୃଷ୍ଠା-୬

## ବନବାସୀ ଆଶ୍ରମ ଅନ୍ତେବାସୀଙ୍କୁ ଉଦ୍ଦେଶ୍ୟ ବୁଝାଇଲେ ମୁଖ୍ୟମନ୍ତ୍ରୀ



ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ବନବାସୀ କଲ୍ୟାଣ ଆଶ୍ରମ ପରିସରରେ ଆଶ୍ରମ ଅନ୍ତେବାସୀଙ୍କ ଗହଣରେ ପ୍ରଧାନମନ୍ତ୍ରୀଙ୍କ 'ମନ୍ କୀ ବାତ୍' କାର୍ଯ୍ୟକ୍ରମ ଶୁଣିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ରେଡିଓ କାର୍ଯ୍ୟକ୍ରମର ୧୨୪ତମ ଅଧ୍ୟାୟ ଶୁଣିବା ଅବସରରେ ମୁଖ୍ୟମନ୍ତ୍ରୀ ବନବାସୀ କଲ୍ୟାଣ ଆଶ୍ରମ ଅନ୍ତେବାସୀଙ୍କୁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପ୍ରେରଣାଦାୟୀ ଦିଗ ସମ୍ପର୍କରେ ବୁଝାଇଥିଲେ। ଏଥିସହ ପିଲାମାନଙ୍କୁ ଭଲ ପାଠ ପଢ଼ି, କଠିନ ପରିଶ୍ରମ କରି ସଫଳତାର ସହ ବଡ଼ ମଣିଷ ହେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଆଶ୍ରମ ପରିସରରେ ଏକ ନିମ୍ବ ଚାରା ମଧ୍ୟ ରୋପଣ କରିଥିଲେ।

## ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଲେ ଧର୍ମେନ୍ଦ୍ର



'ମନ୍ କୀ ବାତ୍' କାର୍ଯ୍ୟକ୍ରମର ୧୨୪ତମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୟୂରଭଞ୍ଜରେ ଜନଜାତି ମହିଳାଙ୍କ ଦ୍ୱାରା ସାନ୍ତାଳୀ ଶାଢ଼ୀର ପୁନରୁଦ୍ଧାର ଓ କେନ୍ଦୁଝର ଜିଲ୍ଲାରେ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ' ସଦସ୍ୟଙ୍କ ଦ୍ୱାରା ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରିବା ଉପରେ ଆଲୋଚନା କରିଥିବାରୁ ତାଙ୍କୁ ଧନ୍ୟବାଦ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି ଯେ 'ମନ୍ କୀ ବାତ୍' ଦେଶର ସାମୂହିକ ସଫଳତା ଓ ଆମ ନାଗରିକଙ୍କ ପ୍ରେରଣାଦାୟୀ ସଫଳତାକୁ ଲୋକଲୋଚନକୁ ଆଣିବାର ଏକ ବୃହତ ମଞ୍ଚ ଭାବରେ ବିକଶିତ ହୋଇଛି। ପ୍ରଧାନମନ୍ତ୍ରୀ ଆଜିର କାର୍ଯ୍ୟକ୍ରମରେ

➪ପୃଷ୍ଠା-୬

### ➤ପୁଣି ବିବାଦରେ ଏଫ୍‌ଏମ୍; ଏଥର ବିଶ୍ୱବିଦ୍ୟାଳୟ

# ସହକାରୀ ପ୍ରଫେସର ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ, ଅଭିଯୁକ୍ତ ଗିରଫ

**ବାଲେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ପୁଣି ଚର୍ଚ୍ଚାକୁ ଆସିଛି ବାଲେଶ୍ୱରର ଫକୀର ମୋହନ ବିଶ୍ୱବିଦ୍ୟାଳୟ। ପୂର୍ବରୁ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଫକୀର ମୋହନ ମହାବିଦ୍ୟାଳୟର ଜନୈକା ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀ ଅଧ୍ୟାପକଙ୍କ ନିର୍ଯାତନାର ଶିକାରରେ ଅତିଷ୍ଠ ହୋଇ ନିଜ ଦେହରେ ନିଆଁ ଲଗାଇ ଦେଇ ଶେଷରେ ଜୀବନ ହାରିବା ଘଟଣା ସମଗ୍ର ରାଜ୍ୟରେ ଚର୍ଚ୍ଚାର ବିଷୟ ହୋଇଥିଲା। ଏହି ଘଟଣାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଓ ସମ୍ପୃକ୍ତ ଅଧ୍ୟାପକଙ୍କୁ ଗିରଫ କରାଯାଇସାରିଛି।



ତେବେ ଆଜି ପୁଣିଥରେ ବିଶ୍ୱବିଦ୍ୟାଳୟ ଚର୍ଚ୍ଚାକୁ ଆସିଛି। ବିଶ୍ୱବିଦ୍ୟାଳୟ ପରିସରରେ ଜଣେ ସହକାରୀ ପ୍ରଫେସରଙ୍କ ଘରେ ପଶି ତାଙ୍କ ପତ୍ନୀଙ୍କୁ ଦୁଷ୍କର୍ମ ଉଦ୍ୟମ ହୋଇଛି। ଗତକାଲି ଏହି ଉଦ୍ୟମ ନେଇ ଅଭିଯୋଗ ହୋଇଥିବା ବେଳେ ଆଜି ସମ୍ପୃକ୍ତ ଅଭିଯୁକ୍ତକୁ ଗିରଫ କରାଯାଇଛି। କ୍ୱାର୍ଟରରେ ପ୍ରଫେସର ନଥିବାର ସୁଯୋଗ ନେଇ ଉକ୍ତ ଅଭିଯୁକ୍ତ ଜଣଙ୍କ ଗ୍ୟାସ୍ ମରାମତି ବାହାନାରେ ପଶିଥିଲା। ପରେ ପ୍ରଫେସରଙ୍କ ସ୍ତ୍ରୀଙ୍କ ସହ ଦୁଷ୍କର୍ମ ପାଇଁ ସେ ଉଦ୍ୟମ କରିଥିଲା। ତେବେ ପ୍ରଫେସରଙ୍କ ପତ୍ନୀ କୌଶଳକ୍ରମେ ତା' କବଳରୁ ଖସି ଆସି ସ୍ୱାମୀଙ୍କୁ ଫୋନ କରିଥିଲେ। ଏହି ସମୟରେ ଅଭିଯୁକ୍ତ ଶ୍ରମିକ ଜଣକ ଦୌଡ଼ି ପଳାଇବାକୁ ଉଦ୍ୟମ କରୁଥିଲେ ହେଁ ତାକୁ ସିକ୍ୟୁରିଟି ଗାର୍ଡ ଗୋଡ଼ାଇ ଗୋଡ଼ାଇ ଧରିବାରେ ସକ୍ଷମ ହୋଇଥିଲେ। ପରେ ତାକୁ ସ୍ଥାନୀୟ ପୁଲିସ୍ ଜିମା ଦିଆଯାଇଥିଲା। ଏନେଇ ଏକ ମାମଲା ରୁଜୁ କରିବା ସହ ରେମୁଣା ପୁଲିସ୍ ଅଭିଯୁକ୍ତକୁ ଗିରଫ କରିଛି। ଉକ୍ତ ଅଭିଯୁକ୍ତର ନାମ ଶଙ୍କର ପାତ୍ର ହୋଇଥିବା ବେଳେ ସେ ନୀଳଗିରି ଥାନାଞ୍ଚଳର ମର୍ଦ୍ଦରାଜପୁର ନିବାସୀ ବୋଲି ଜଣାପଡ଼ିଛି।

# ୯ରେ ମିଳିବ ସୁଭଦ୍ରା ଟଙ୍କା, ୧.୨ କୋଟି ପାଇବେ

**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଡବଲ୍ ଇଞ୍ଜିନ୍ ସରକାର ମହିଳାମାନଙ୍କୁ ସଶକ୍ତ କରିବା ସକାଶେ କାର୍ଯ୍ୟକାରୀ କରିଥିବା ସୁଭଦ୍ରା ଯୋଜନାରେ ଆସନ୍ତା ୯ ତାରିଖରେ ମିଳିବ ପରବର୍ତ୍ତୀ କିସ୍ତି। ଏହି ପର୍ଯ୍ୟାୟରେ ରାଜ୍ୟର ୧ କୋଟି ୨ ଲକ୍ଷ ୪୦ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା କିସ୍ତି ମିଳିବ। କୋରାପୁଟ ଜିଲ୍ଲା ଜୟପୁର ଗସ୍ତ କରି ସୁଭଦ୍ରା କିସ୍ତି ପ୍ରଦାନ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଅର୍ଥାତ୍ ପଛୁଆ ଅଞ୍ଚଳ ଭାବେ ପରିଚିତ କୋଟିଆରେ ଘରେ ଘରେ ପହଞ୍ଚିବ ସୁଭଦ୍ରା ଟଙ୍କା। ଏନେଇ ଆଗୁଆ କୋଟିଆ ଯାଇ ସୁଭଦ୍ରା ଏନରୋଲମେଣ୍ଟ ଯାଞ୍ଚ୍ କରିବେ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ସୂଚନା ଦେଇଛନ୍ତି।



ସୁଭଦ୍ରା କିସ୍ତି ନେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତିଯେ ୧ ଲକ୍ଷ ୮୮ ହଜାର ବଞ୍ଚିତ ହିତାଧିକାରୀଙ୍କୁ କିପରି ଏହି ଟଙ୍କା ମିଳିବ, ସେଦିଗରେ ପର୍ଯ୍ୟାୟ କ୍ରମେ ବ୍ୟବସ୍ଥା ହେବ। ଯୋଗ୍ୟ ସାବ୍ୟସ୍ତ ହେଲେ ଆସନ୍ତା ମାସ ୯ ତାରିଖରେ ମିଳିବ ସୁଭଦ୍ରା କିସ୍ତି। ବଳକା ହିତାଧିକାରୀ ଯୋଗ୍ୟ ହେଲେ ଆସନ୍ତା ବର୍ଷ ମାର୍ଚ୍ଚ ୮ରେ ସମସ୍ତ କିସ୍ତିର ଅର୍ଥ ପାଇବେ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା। ଏଥିସହ ସେ କହିଛନ୍ତି ଯେ ଯେଉଁମାନେ ଜିରୋ ଇନକମ୍ ଟ୍ୟାକ୍ସ ଦେଉଥିବେ ଓ ସେମାନଙ୍କର ରୋଜଗାର ୨.୫ ଲକ୍ଷରୁ ଉର୍ଦ୍ଧ୍ୱ ହୋଇଥିବ, ସେମାନଙ୍କୁ ସୁଭଦ୍ରା ଟଙ୍କା ମିଳିବ ନାହିଁ।

ସୂଚନାଯୋଗ୍ୟ ଯେ

➪ପୃଷ୍ଠା-୬

# ସୃଷ୍ଟି ହେଲା ଟ୍ରାଫିକ ଓ ରୋଡ୍ ସେଫ୍ଟି ୱିଙ୍ଗ

- ୪ ଆଇପିଏସଙ୍କୁ ଟ୍ରାଫିକ ଦାୟିତ୍ୱ
- ୨୦୦୦ ପୋଷ୍ଟ ସୃଷ୍ଟିକୁ ମିଳିଛି ମଞ୍ଜୁରୀ




**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଟ୍ରାଫିକ ନିୟନ୍ତ୍ରଣ ଓ ପରିଚାଳନା ପାଇଁ ତିଆରି ହେଲା ଟ୍ରାଫିକ ଓ ରୋଡ ସେଫ୍ଟି ୱିଙ୍ଗ। ଏନେଇ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ଅବଗତ କରିଥିବା ବେଳେ ୪ ଜଣ ଆଇପିଏସଙ୍କୁ ଦାୟିତ୍ୱ ଦିଆଯିବା ନେଇ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ୱିଙ୍ଗ ଦାୟିତ୍ୱରେ ଜଣେ ଅତିରିକ୍ତ ଡିଜି ପାହ୍ୟା, ଜଣେ ଡିଆଇଜି ପାହ୍ୟା ଓ ଦୁଇ ଜଣ ଏସପି ର୍ୟାଙ୍କର ଅଫିସର ରହିବେ। ରାଜ୍ୟରେ ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆଣିବା ସହ ଯାତ୍ରୀଙ୍କ ସୁବିଧା ଓ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ଟ୍ରାଫିକ ଓ ରୋଡ ସେଫ୍ଟି ୱିଙ୍ଗ ପାଇଁ ୭୦ଟି ପୋଷ୍ଟ ଏବଂ ରାଜ୍ୟର ବିଭିନ୍ନ ପୁଲିସ ଜିଲ୍ଲାରେ ୧୯୩୦ଟି ପଦବୀକୁ ମଞ୍ଜୁରୀ ମିଳିଛି। ନୂଆ କରି ସୃଷ୍ଟି ହୋଇଥିବା ଟ୍ରାଫିକ ଓ ରୋଡ ସେଫ୍ଟି ୱିଙ୍ଗ ସିଧାସଳଖ ଭାବେ ଡିଜି ଓ ଆଇଜିଙ୍କ ତତ୍ତ୍ୱାବଧାନରେ କାମ କରିବ। ଟ୍ରାଫିକ ମ୍ୟାନେଜମେଣ୍ଟ, ଟ୍ରାଫିକ୍ ଆଇନର କାର୍ଯ୍ୟକାରିତା, ଜରୁରୀ ସ୍ଥିତିର ମୁକାବିଲା, ସଡ଼କ ସୁରକ୍ଷାର ପୂରା ଉତ୍ତରଦାୟିତ୍ୱ ଏହି ୱିଙ୍ଗ ଉପରେ ନ୍ୟସ୍ତ କରାଯାଇଛି।

ଏଥିପାଇଁ ୱିଙ୍ଗ ଅଧୀନରେ ୪ ଜଣ ଡିଏସପି ପାହ୍ୟା ଅଫିସର, ୬

➪ପୃଷ୍ଠା-୬

# ପୁରୀ ପୁଲିସ ପାଖରେ ନାହିଁ ସିସିଟିଭି ହିସାବ


ODISHA POLICE
DISTRICT POLICE OFFICE, PURI.

No. 706 /RTI-Cell Dt. 19.07.2025

To,
Sanjib Kumar Mohanty
S/O-Biswaranjan Mohanty
At-Daitapada sahi
Po-Rench,Ps-Nimapara
Dist-Puri, Pin- 752106

Sub:- , Supply of information under RTI Act.

Please refer to your RTI Application Form.A dtd. 19.06.2025 received in this office dated 23.06.2025 seeking information under RTI Act. The required information in this regard may kindly be treated as nil.

PIO-cum-DSP,Hdqrs
DPO, Puri

**ପୁରୀ,୨୭।୭(ସଂଚାର ବ୍ୟୁରୋ):** ପୁରୀ ସହରରେ କେତୋଟି ସିସିଟିଭି କ୍ୟାମେରା ଲାଗିଛି? ଶ୍ରୀମନ୍ଦିର ସମ୍ମୁଖରେ କେତୋଟି କ୍ୟାମେରା ଲଗାଯାଇଛି? କେଉଁ ଠିକା ସଂସ୍ଥାକୁ ସିସିଟିଭି କାମ ଦିଆଯାଇଥିଲା? ସିସିଟିଭି କ୍ୟାମେରା ପାଇଁ କେତୋଟି ହାର୍ଡଡିସ୍କ ଲାଗିଛି? ପୁରୀ ପୁଲିସକୁ ସୂଚନା ଅଧିକାର ଆଇନ ବଳରେ ଏମିତି ତଥ୍ୟ ମାଗିଲେ କିଛି ବି ଉତ୍ତର ମିଳୁନି। ସୂଚନା ଅଧିକାର କର୍ମୀ ସଞ୍ଜୀବ କୁମାର ମହାନ୍ତି ପୁରୀ ପୁଲିସକୁ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ



- ସୁରକ୍ଷା ଆଳ ନା ତଥ୍ୟ ଲୁଚାଇବାକୁ ଉଦ୍ୟମ ?
- ପ୍ରଶ୍ନରେ ଉତ୍ତର ଆସୁଛି 'ନାହିଁ ବୋଲି ଧରି ନିଅନ୍ତୁ'

ମାଗିଥିବା ବେଳେ ତାଙ୍କୁ ଉତ୍ତର ମିଳିଲା ଯେ 'ଆବଶ୍ୟକ ତଥ୍ୟ ନାହିଁ ବୋଲି ଧରିନିଅନ୍ତୁ।'

ଚଳିତ ବର୍ଷ ରଥଯାତ୍ରା ସମୟରେ ସିସିଟିଭି ଘୋଟାଲାକୁ ନେଇ ଉଠିଥିଲା ବଡ଼ ପ୍ରଶ୍ନ। ପୁରୀ ସହର ଓ ପୁରୀକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ୨୭୫ ଏଆଇ ନିୟନ୍ତ୍ରିତ ସିସିଟିଭି ଲଗାଯାଇଥିବା ନେଇ ପୁଲିସ୍ ଡିଜି କହିଥିଲେ। କିନ୍ତୁ ପ୍ରକୃତରେ ଦେଖିଲା ବେଳକୁ ୫୦ରୁ କମ୍ ସିସିଟିଭି ଲାଗିଥିଲା ଏବଂ ଅଧିକନ୍ତୁ କୌଣସି ଗୋଟିଏ ବି ଏଆଇ ନିୟନ୍ତ୍ରିତ ନଥିଲା। ରଥଯାତ୍ରାର ଦୁଇ ଦିନ ପୂର୍ବରୁ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ ସମୟରେ ପୁଲିସ ଡିଜିଙ୍କ ନଜରକୁ ଆସିଥିଲା ଓ ସେ ଏନେଇ କ୍ଷୁବ୍ଧ ହେବା ସହ ଆଭ୍ୟନ୍ତରୀଣ ରିପୋର୍ଟ ମଧ୍ୟ ମାଗିଥିଲେ।

କାରଣ ଟେଣ୍ଡର ନିୟମ ଅନୁଯାୟୀ, ଠିକା ନେଇଥିବା

➪ପୃଷ୍ଠା-୬

### ଟିଟିଲାଗଡ଼ରୁ ଆସିଲା ଶିଶୁବିକ୍ରି ଅଭିଯୋଗ

# ୨୦ ହଜାରରେ ବିକିଲା ବାପା

**ଟିଟିଲାଗଡ଼,୨୭।୭(ସଂଚାର ବ୍ୟୁରୋ):** ଟିଟିଲାଗଡ଼ରେ ଶିଶୁବିକ୍ରି ହୋଇଥିବା ନେଇ ଅଭିଯୋଗ ଆସିଛି। ଟିଟିଲାଗଡ ବ୍ଲକ ଭାଲେଗାଁ ପଞ୍ଚାୟତ ବାଗଡ଼େର ଗାଁରେ ଏପରି ଏକ ଅଭାବନୀୟ ଘଟଣା ଘଟିଥିବା ନେଇ ଚର୍ଚ୍ଚା ହେଉଛି। ଟଙ୍କା ଅଭାବରୁ ଗାଁର ନିଲ ରଣା ନାମକ ବ୍ୟକ୍ତି ତାଙ୍କ



ଦ୍ୱିତୀୟ କନ୍ୟାକୁ ବିକ୍ରି କରିଦେଇଛନ୍ତି। ଗତ ୧ ତାରିଖ ଦିନ ନିଲଙ୍କ ସ୍ତ୍ରୀ କନକ ଉକ୍ତ ଶିଶୁ କନ୍ୟାଟିକୁ ଜନ୍ମ ଦେଇଥିଲେ। ତେବେ ଆର୍ଥିକ ସଙ୍କଟ ମଧ୍ୟ ଦେଇ ଗତି କରୁଥିବା ନୀଲ ଉକ୍ତ ଶିଶୁଟିକୁ ମାତ୍ର ୨୦ ହଜାର ଟଙ୍କାରେ ଅନ୍ୟ ଏକ ଦମ୍ପତି ହାତକୁ ଟେକି ଦେଇଥିଲେ। ଉକ୍ତ ଶିଶୁକନ୍ୟାଟିକୁ ପାଇକମାଳର ଜଣେ ବ୍ୟକ୍ତି କିଣିଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ ଗତ ଏପ୍ରିଲ୍‌ରେ ମଧ୍ୟ ବଲାଙ୍ଗୀରରେ ଏକ ଶିଶୁ ବିକ୍ରି ଘଟଣା ସାମ୍ନାକୁ ଆସିଥିଲା। ଏପ୍ରିଲ୍ ୬ ତାରିଖରେ ଭୀମଭୋଇ କଲେଜ ଓ ହସ୍ପିଟାଲ୍‌ରେ ଜନ୍ମ ହୋଇଥିବା ଉକ୍ତ ଶିଶୁଟିକୁ ତା'ର ମା' ଜନ୍ମର ୩ ଦିନ

➪ପୃଷ୍ଠା-୬



## କାନ ଡେରିଥା

ନାଗୁଣୀ ଖୋଲୁଛି ନେତାଙ୍କ
ଗୁମର
ଓକିଲ ହୋଇବା ପରେ
କେତେ ଗେଣ୍ଡା ନେତା କିଳା
କରିଥିଲେ
ଏବେ ସେଇ ବିଷ ଝଡ଼େ
ବିଜୁ ଯାତରା ଦଳେ...
ଆଗକୁ ଆହୁରି ଗୁମର
ଖୋଲିବ
ଚିନ୍ତା ସହ ବିପି ବଢ଼େ ।

■ ଦେବାଶିଷ

### ବାଲେଶ୍ୱରରୁ ବଳଙ୍ଗା

# ଅନ୍ଧାରରେ ବାଡ଼ି ବୁଲାଉଛି କ୍ରାଇମବ୍ରାଞ୍ଚ

**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ଚଳିତ ବର୍ଷ ବାଲେଶ୍ୱରରୁ ବଳଙ୍ଗା ପର୍ଯ୍ୟନ୍ତ ଘଟିଥିବା ଦୁଇ ଦୁଇଟି ସମ୍ବେଦନଶୀଳ ମାମଲାରେ ଅପରାଧୀଙ୍କୁ ଠାବ କରିବା ପାଇଁ କ୍ରାଇମବ୍ରାଞ୍ଚ ଦିନରାତି ଏକ କରିଦେଇଥିଲେ ମଧ୍ୟ ଅଦ୍ୟାବଧି କୌଣସି କୂଳକିନାରା ପାଉନାହିଁ। ଅପରାଧୀଙ୍କୁ ଚିହ୍ନଟ କରିବା ତ ଦୂରର କଥା, ସେମାନଙ୍କ ଠିକଣାରେ ବି ପହଞ୍ଚି ପାରୁନାହିଁ କ୍ରାଇମ୍‌ବ୍ରାଞ୍ଚ୍। ପୁଲିସ୍‌ର ଏଭଳି ଅନ୍ଧାରରେ ବାଡ଼ିବୁଲା ଯୋଗୁଁ ମାମଲା ଥମିବା ବଦଳରେ ରାଜନୈତିକ ରଙ୍ଗ ନେବାରେ ଲାଗିଛି।

ଗତ ୧୨ ତାରିଖରେ ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଇଡି ଛାତ୍ରୀ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସାମ୍ନାରେ ନିଜ ଦେହରେ ପେଟ୍ରୋଲ ଢାଳି ନିଆଁ ଲଗାଇଦେଲେ। ଶତଚେଷ୍ଟା ସତ୍ତ୍ୱେ ବି ତାଙ୍କୁ ବଞ୍ଚାଯାଇପାରିଲା ନାହିଁ। ଏହି ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରହିଛି। କିନ୍ତୁ ମହାବିଦ୍ୟାଳୟ ଅଧ୍ୟକ୍ଷ ଓ ଏଜୁକେଶନ ବିଭାଗ ମୁଖ୍ୟଙ୍କୁ ଜେଲ୍ ପଠାଇବା ଭିତରେ କାର୍ଯ୍ୟାନୁଷ୍ଠାନ ସୀମିତ ରହିଛି। ମୃତା ଛାତ୍ରୀ କାହିଁକି ଆତ୍ମହତ୍ୟା କଲେ, ଆତ୍ମହତ୍ୟା ପାଇଁ ପେଟ୍ରୋଲ କେଉଁଠୁ ଆଣିଲେ, ଆତ୍ମହତ୍ୟା କରିବାକୁ ତାଙ୍କୁ କିଏସବୁ ପ୍ରବର୍ତ୍ତାଇଲେ, ଏହି ଘଟଣାରେ ଆଉ କେଉଁ କେଉଁମାନେ ସାମିଲ, ତା'ର ତଦନ୍ତ ଜାରି ରହିଛି। ହେଲେ କ୍ରାଇମବ୍ରାଞ୍ଚ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ନିଷ୍କର୍ଷରେ ପହଞ୍ଚିପାରିନାହିଁ। ଏହି ଘଟଣାରେ ବାଲେଶ୍ୱର ବନ୍ଦ ସମେତ ବିରୋଧୀ ଦଳଗୁଡ଼ିକ ଓଡ଼ିଶା ବନ୍ଦ କରିସାରିଛନ୍ତି। ପ୍ରତି

## ଥମୁନି ଚର୍ଚ୍ଚା, ବଢ଼ୁଛି ରାଜନୀତି

ଶିକ୍ଷାନୁଷ୍ଠାନରେ ବିକ୍ଷୋଭ ହୋଇସାରିଲାଣି। ଏବେ ବି ଏହି ଘଟଣାରେ ବୟାନବାଜି ଜାରି ରହିଛି।

ବାଲେଶ୍ୱର ଘଟଣାର ତଦନ୍ତ ଚାଲିଥିବା ବେଳେ ଏହାର ଠିକ୍ ସପ୍ତାହକ ପରେ ସେଇ ଶନିବାର ପୁରୀ ଜିଲ୍ଲାର ବଳଙ୍ଗାରେ କେତେକ ଯୁବକ ଜଣେ ୧୫ ବର୍ଷୀୟା ନାବାଳିକାଙ୍କୁ କିରୋସିନ୍ ଢାଳି ପୋଡ଼ିଦେବା ସକାଶେ ଉଦ୍ୟମ କରିଥିଲେ। ଅବଶ୍ୟ ସୌଭାଗ୍ୟ କ୍ରମେ ଛାତ୍ରୀ ଜଣଙ୍କ ବଞ୍ଚିଯାଇଥିଲେ। କିନ୍ତୁ ତାଙ୍କୁ ଚିକିତ୍ସା ପାଇଁ ରାଜ୍ୟ ସରକାର ଦିଲ୍ଲୀ ଏମ୍ସକୁ ପଠାଇସାରିଛନ୍ତି। ଏହି ଘଟଣାରେ ମଧ୍ୟ କ୍ରାଇମବ୍ରାଞ୍ଚ ତଦନ୍ତ କରୁଛି। ପୁରୀ ପୁଲିସ୍ ମଧ୍ୟ ଅପରାଧୀଙ୍କୁ ଧରିବା ଦିଗରେ ଉଦ୍ୟମ ଚଳାଇଛି। ଦିଲ୍ଲୀ ଏମସ୍‌ରେ ଚିକିତ୍ସାଧୀନ ଥିବା ପୀଡ଼ିତାଙ୍କ ବୟାନ ବି ଦୁଇ ଦୁଇ ଥର ସଂଗ୍ରହ ହୋଇସାରିଛି। ଏହି ଘଟଣାକୁ ଇତି ମଧ୍ୟରେ ଦଶ ଦିନ ବିତିଯାଇଥିଲେ ମଧ୍ୟ ମାମଲାରେ ଜଣେ କେହି



ବି ଗିରଫ ହୋଇନାହାନ୍ତି।

ବଳଙ୍ଗା ଘଟଣାରେ ପୁଲିସ୍ କେତେବେଳେ ପୋଡ଼ିଯାଇଥିବା ଛାତ୍ରୀ ଜଣଙ୍କର ସମ୍ପର୍କୀୟଙ୍କୁ ଡାକି ଜେରା କରୁଛି ତ ଆଉ କେତେବେଳେ ଦୁର୍ଘଟଣା ସ୍ଥଳରୁ ମିଳିଥିବା ରୁପା ମୁଦିକୁ ଧରି ଗହଣା ଦୋକାନରେ ତଦନ୍ତ କରୁଛି। ଖୋଦ୍ ପୁଲିସ୍ ଡିଜି ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିଛନ୍ତି। ହେଲେ ଫଳ ଶୂନ। ପୁଲିସ୍ ବାରମ୍ବାର କହୁଛି ଯେ ଆମେ ତଦନ୍ତ କରୁଛୁ। ଏଣେ ଏହି ଘଟଣାରେ ବିରୋଧୀ ଦଳ ପ୍ରତିଦିନ ସରକାରଙ୍କ ଉପରେ ଦୋଷ ଲଦିବାରେ ଲାଗିଛନ୍ତି। ବଳଙ୍ଗା ଘଟଣାରେ ଭୁବନେଶ୍ୱର ଏମ୍ସରେ କିଭଳି ବିରୋଧୀ ଦଳଗୁଡ଼ିକ ହଟ୍ଟଗୋଳ କରିଥିଲେ, ତାହା ସମସ୍ତେ ଦେଖିଛନ୍ତି। ତେବେ କଥା ଉଠୁଛି ଯେ ଦୁଇ ଦୁଇଟି ସମ୍ବେଦନଶୀଳ ଘଟଣାରେ

➪ପୃଷ୍ଠା-୬

## ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ



**ବଲାଙ୍ଗିର,୨୭।୭(ସଂଚାର ବ୍ୟୁରୋ):** ଧାର୍ଯ୍ୟ ହେଲା ପଶ୍ଚିମ ଓଡ଼ିଶାର ଗଣପର୍ବ ନୂଆଁଖାଇ ଲଗ୍ନ। ଆଦି ସଂସ୍କୃତି ଆଦି ପରମ୍ପରାର ପର୍ବ ନୂଆଁଖାଇ ପାଇଁ ବଲାଙ୍ଗିର ଶୈଳଶ୍ରୀ ପ୍ୟାଲେସଠାରେ ରବିବାର ତାରିଖ ଓ ସମୟ ଘୋଷଣା କରିଛନ୍ତି ରାଜପୁରୋହିତ। ମା' ପାଟଣେଶ୍ୱରୀ, ମା' ସମଲେଶ୍ୱରୀଙ୍କ ରାଶି ନକ୍ଷତ୍ର ସହ ପାଟଣା ମହାରାଜଙ୍କ ରାଶି ନକ୍ଷତ୍ର ଅନୁଯାୟୀ ପଣ୍ଡିତ ମହାସଭାରେ ଲଗ୍ନ ଧାର୍ଯ୍ୟ ନିର୍ଦ୍ଧାରିତ ହୋଇଛି। ଏହି ଅନୁସାରେ, ଆସନ୍ତା ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ଅର୍ଥାତ୍ ଆସନ୍ତା ୨୮ ତାରିଖ ଦିନ ୯ଟା ୪୭ ମିନିଟ୍‌ରୁ ୧୧ଟା ୧୧ ମିନିଟ୍ ମଧ୍ୟରେ ପାଟଣା ଇଷ୍ଟଦେବୀ ପାଟଣେଶ୍ୱରୀଙ୍କ ପାଖରେ ନବାନ୍ନ ଅର୍ପଣ କରାଯିବ। ନୂଆଁଖାଇର ଆଦ୍ୟ ପରମ୍ପରା ପ୍ରଥମ କାର୍ଯ୍ୟ ଲଗ୍ନ ଧାର୍ଯ୍ୟ ପରମ୍ପରା ହୋଇଥିବା ବେଳେ ପ୍ରତିବର୍ଷ ବଲାଙ୍ଗିର ଜିଲ୍ଲାରେ ପ୍ରଥମେ ଏହି ଲଗ୍ନ ଧାର୍ଯ୍ୟ ହୋଇଆସିଛି।



## ସ୍ୱାଭିମାନୀ ଝିଅ

ଡ ଚନ୍ଦ୍ରକଳା ନାୟକ

ସ୍ୱାଭିମାନର ନିଆଁରେ
କେମିତି ଜଳିଗଲୁ ହୁତୁ ହୁତୁ ହୋଇ
ଧନ ମୋର, ଗେହ୍ଲି ମୋର
ନୟନ ତାରା ଥିଲୁ ମୋ
ଅନ୍ଧକାରର।
କହିଲୁ ମା, କହିଁକି ନେଲୁ
ଏପରି ଏକ ଚରମ ନିଷ୍ପତି
ସୀତା ପରି ଅଗ୍ନୀ ପରୀକ୍ଷାରେ
କଁଅଳ ଦେହଟାକୁ
କେମିତି ଖିନ୍‌ଭିନ୍ କଲୁ।
ଗୋଟିଏ ତୁ ହିଁ ଥିଲୁ ମୋ ଧନ
ସେହି କଳଙ୍କିତ ଅଧ୍ୟାୟର ବଜାରରେ
ବିଦ୍ୟା, ବୁଦ୍ଧି, ଜ୍ଞାନ, ମାନ, ଧନ
କିର୍ତ୍ତି—ସବୁ ଅର୍ଜନ କରିପାରିବାର
ତୋ ଶରୀରକୁ କାଠ କଣ୍ଢେଇ କରି
ନଚାଇଥାନ୍ତୁ ଅବିରତ
ଦେଖିଥାନ୍ତୁ ସବୁ ଦୃଶ୍ୟକୁ
ଭୋଗବଦୀ ମଣିଷମାନଙ୍କ ଲାଳସାକୁ
ହଠାତ ମିଳି ଯାଇଥାନ୍ତା
ପ୍ରତିପତ୍ତି ଓ ପ୍ରତିଷ୍ଠା
ତୋ ଗୋରା ତକ ତକ ହାତରେ
ଧରା ପଡିଥାନ୍ତା,
ଖେଳ ରଚୁଥିବା ଖେଳଘରଟିଏ।
ସେମାନେ ଆସିଥାନ୍ତେ ଅନ୍ଧାରରେ
ତୋ ରୂପରସ ଗନ୍ଧକୁ ଆଘ୍ରାଣ କରିବାକୁ
ନାରୀ ଦେହର ମାଂସ ଲୋଭୀମାନେ
ତା ସହ ରଚିଥାନ୍ତା ଭୋକିଲାଙ୍କ ଆସର।
ଭୋକିଲା ଶ୍ୱାନ ପରି
ସର୍ବଦା ନାରୀ ଦେହ ଲୋଭୀମାନେ
ଦୁଃଗନ୍ଧରେ ପୂର୍ଣ୍ଣ ଥିବା ମନ ସବୁ
ଯୁଗରୁ ଯୁଗକୁ କାହିଁ କେତେକାଳରୁ
ସୀତାର ଅଗ୍ନୀ ପରୀକ୍ଷା
ଦୌପଦୀର ମୁକୁଳିତ କେଶ
ନାରୀର ସମ୍ମାନ ପୁଣି ଅପମାନ
କୁତ୍ସାରଟନା ପୁଣି ପ୍ରଶଂସା
ଶେଷରେ ଶରୀର ଲାଳସା
ଚାଲିଛି ଯେମିତି ବଜାରର ପଣ୍ୟ।
ସବୁ ଶକ୍ତି ସଂଚୟ କରି
ତୁ ଯଦି ଜୀବନକୁ ସାଇତି ରଖିଥାନ୍ତୁ
ଏ ସୃଷ୍ଟିରେ ପିନ୍ଧିଥାନ୍ତୁ
ଜୀବନ ମୁକୁଟ
ହୋଇଥାନ୍ତୁ ଅନନ୍ୟା ସୃଷ୍ଟିର।
ଆତ୍ମାର ଆହ୍ୱାନକୁ ଅଣଦେଖା କରି
ନିଜ ସତ୍ତାକୁ ଚିହ୍ନି ପାରିଲୁନି
କାହିଁକି ନିଜକୁ ଜାଳିଦେଲୁ
ତୋ ପାଇଁ ସେମାନେ ସଜାଇଥିବା
ବିରାଟ ବଡ ବ୍ୟବସାୟର ଅଟ୍ଟାଳିକାକୁ
କ୍ଷଣକ ମଧରେ ମାଟିରେ ମିଶାଇ ଦେଲୁ
ଅନ୍ୟକୁ ଆତ୍ମରକ୍ଷାର ମନ୍ତ୍ର ଶିଖାଇ
ତୁ ନିଜେ ଆତ୍ମଜା ହୋଇଗଲୁ।
ନିରୀହ ନିଷ୍ପାପ କୋମଳ
ରୂପ ରସ ସୌନ୍ଦର୍ଯ୍ୟର ଅଧିକାରିଣୀ
ରୂପବତୀ ବିଦ୍ରୋହୀ ସତ୍ତାଟିଏ ତୁ
ନିଜେ ଜଳି ନାରୀ ପାଇଁ
ସ୍ୱାଭିମାନର ଅନ୍ତଃସ୍ୱରଟିଏ ତୁ ।

**ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର**
**ମୋବାଇଲ୍: ୯୪୩୭୯୫୭୬୧୭**



ପୁଷ୍ପଲତା ମିଶ୍ର





# ତୁମେ ଶେଷରେ ହାରି ଗଲ ନା

ରାତି ଯେତେ ଅଧିକ ଅନ୍ଧାର ହୋଇଥାଏ ତାରା ମାନେ ସେତେ ଅଧିକ ଚମକି ଥାଆନ୍ତି, ଦୁଃଖ ଯେତେ ଗଭୀର ହୋଇଥାଏ, ଈଶ୍ୱର ସେତେ ଅଧିକ ନିକଟରେ ଥାଆନ୍ତି। ସେଥିପାଇଁ ପ୍ରତ୍ୟେକ ଅନ୍ଧାର ରାତି ପରେ ନୂତନ ସୁରୂଜ ଉଇଁବା ନିଶ୍ଚିନ୍ତ, ପ୍ରତ୍ୟେକ କଷ୍ଟକର ପରିସ୍ଥିତି ପରେ ଭଲ ସମୟ ଆସି ତୁମ ଦୁଆର ଠକ୍ ଠକ୍ କରିବ ଏହା ବିଧି ନିର୍ଦ୍ଦିଷ୍ଟ। ଦୁଃଖ ସିନା ଯାଇଛି ସୁଖକୁ ଅପେକ୍ଷା କରି ରହିଛି ମଞ୍ଜୁଶ୍ରୀ। ମାନ କାହା ଉପରେ କରିବ ଯିଏ ମାନ ରଖି ଜାଣିନି ତା ଉପରେ ଅଭିମାନ କରି ଲାଭ କଣ ? ମଞ୍ଜୁଶ୍ରୀ ପାଠରେ ଯେମିତି ଆଗୁଆ ଶାଠ ରେ ବି ଆଗୁଆ। କହିବାକୁ ଗଲେ ଅନ୍ୟାୟ ବିରୁଦ୍ଧ ରେ ସ୍ୱର ଉଠାଏ ସେ ଘର ହେଉ କି କଲେଜ ହାଟ ହେଉ କି ବଜାର। କାହା ଉପରେ ସେ ଭରସା କରେନି ଯାହା କରିବା ଆଗୁଆ ଲଢିବ ସତରେ ସେ ବୀରା ରମଣୀ। କଲେଜ ଡ୍ରାମାରେ ସେ ମୁଖ୍ୟ ଭୂମିକାରେ ଥାଏ। କଲେଜରେ ଡ୍ରାମା ଆଉ ଚାରି ଦିନ ଅଛି ଜ୍ୱରରେ କମ୍ପୁଛି ମଞ୍ଜୁଶ୍ରୀ। ସାହସୀ ଥିଲା ମଞ୍ଜୁଶ୍ରୀ, ସହପାଠୀଙ୍କୁ ଆତ୍ମରକ୍ଷା କୌଶଳର ତାଲିମ ବି ଦିଏ କଲେଜରେ ଏଇ ସାମାନ୍ୟ ଜ୍ୱରରେ କଣ ସେ ରିହଲସାଲ ନ ଯାଇ ଘରେ ରହିବ କଦାପି ନୁହେଁ। ଯାହା ପାଖରେ ନେତୃତ୍ୱ ନେବାର ଉଦ୍ଧୀପନା ଅଛି ସେ ନିଶ୍ଚିନ୍ତ ଡ୍ରାମା ଟିକୁ ସୁରୁଖୁରୁରେ କରିପାରିବ।

ରିହଲସଲ ଚାଲିଛି ତପନ ହିରୋ,ହେଲେ ତାର ମନମତାଣିଆ ଭାବେ ଅଭିନୟ କରୁଛି।ଡ୍ରାମା ମାଷ୍ଟ୍ରେ ତାଗିଦ୍ କରି କହୁଛନ୍ତି ତପନ ଖାମ ଖିଆଲି ନକରି ମଞ୍ଜୁଶ୍ରୀକୁ ଟିକେ ଅନୁସରଣ କର। ଦେଖ ! ମଞ୍ଜୁଶ୍ରୀ କେତେ ସିନିସିଅର। କିନ୍ତୁ ସେଦିନ ତପନ ଅଛି ଅନ୍ୟ ପିଲାମାନେ ଅଛନ୍ତି କିନ୍ତୁ ନାହିଁ କେବଳ ମଞ୍ଜୁଶ୍ରୀ ! ଆଜି ପାଥେଟିକ ସିନ ରିହରସଲ ହବ ହୀରୋଇନ ନଥିଲେ ତ ହୋଇପାରିବ ନାହିଁ। ମଂଜୁଶ୍ରୀ ଭଲ ଭାବେ ଜାଣିଛି ଯେ ଆଜି ଡ୍ରାମା ଶିକ୍ଷାର ପାଥେଟିକ ସିନ ହେବ। ମଞ୍ଜୁଶ୍ରୀକୁ ଭୀଷଣ ଜ୍ୱର ଥରି ଥରି ଆସି କଲେଜ ବାରଣ୍ଡା ରେ ପହଁଚି ଯାଇଛି। କିଏ ଦେଖନ୍ତୁ ନ ଦେଖନ୍ତୁ ସୀମା ଆଗ ଦେଖି ପାଟି କରି ଉଠିଲା ହେଇତ ମଞ୍ଜୁଶ୍ରୀ ପରା ଆସିଲାଣି।ସମସ୍ତଙ୍କ ନଜର କଲେଜ ବାରଣ୍ଡାକୁ ଡ୍ରାମା ମାଷ୍ଟ୍ରେ ଖୁସି ହେଇ ନାଟକ ବହିର ପୃଷ୍ଠା ଲେଉଟାଉ ଲେଉଟାଇ ଚାହିଁଲେ ମଞ୍ଜୁଶ୍ରୀ ପଡିଯାଉଛି। ହଠାତ୍ ଉଠିଯାଇ ଧରିନେଇଛି ମଞ୍ଜୁଶ୍ରୀକୁ ତପନ। ଚେତା ହରେଇ ଦେଇଛି ମଞ୍ଜୁଶ୍ରୀ। ତପନ ଟେକି ଆଣି କଲେଜ ବେଞ୍ଚ ରେ ଶୋଇ ଦେଇଛି,ଏହାକୁ ଦେଖି ଡ୍ରାମା ମାଷ୍ଟ୍ରେ କହିଲେ ଆରେ ତପନ ଏଇଟା ଡ୍ରାମାର ପାଥେଟିକ ସିନ ଏଥର ତୋର ଲାଜ ଛାଡ଼ିଗଲା ତ! ଯାହା କାଲି କରିପାରୁନଥିଲୁ ଆଜି ଠିକ୍ ସେ କରିପାରିଲୁ।ତପନ ଟିକେ ଲାଜେଇ ଯାଇ କହିଲା, ନା, ସାର ଦେଖୁନାହାନ୍ତି ମଞ୍ଜୁଶ୍ରୀ କୁ କେତେ ଜ୍ୱର !ସେ ପଡ଼ିଯାଉ ଯାଉ ମୁଁ ତାକୁ ଧରିନେଲି ଏଥିରେ ଡ୍ରାମା କୋଉଠି ଆସିଲା। ମାଷ୍ଟ୍ରେ ଯେତେବେଳେ ମଞ୍ଜୁଶ୍ରୀ ର ମଥା ରେ ହାତ ଦେଇଛନ୍ତି ଜ୍ୱର ରେ ଖଇ ଫୁଟିଛି ଦେହ। ତପନ ସେମିତି ମଞ୍ଜୁଶ୍ରୀର ମଥାକୁ କୋଳରେ ଧରି ବସିଛି ପ୍ୟାକେଟ ରୁ ରୁମାଲ ବାହାର କରି ପାଣି ପଟି ପକାଉଛି। କିଛି ସମୟ ପରେ ମଞ୍ଜୁଶ୍ରୀର ଚେତା ଫେରି ଆସିଛି,ସମସ୍ତ ଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇ ଚାହିଁଛି କଣ ହେଇଛି ତାର। କିଛି ବୁଝିପାରୁନଥାଏ ମଞ୍ଜୁଶ୍ରୀ, ଯିଏ ପନ୍ଦର ଦିନ ହେଲା ହିରୋ ଭୂମିକା ରେ ରୋଲ କରିଆଡ ଆଖିରେ ଚାହୁଁ ନ ଥିଲା, ଆଜି ତାକୁ ତା କୋଳରେ ମୋ ମୁଣ୍ଡ ରଖି ଶୋଇ ଦେଇ ପାଣି ପଟି ପକାଉଛି, ଆଜି କଣ ପୂର୍ବ ଦିଗର ସୂର୍ଯ୍ୟ ପଶ୍ଚିମ ଦିଗରେ ଉଇଁଛି ନା କଣ। ତପନର ହାତ ସ୍ପର୍ଶରେ ପୁଲକିତ ହୋଇ ପଡ଼ିଛି ମଞ୍ଜୁଶ୍ରୀ ଏଥର ଡ୍ରାମା ଜମିବ। ଲାଜକୁଳା। ତପନ ଆଜି ଶିଖି ଯାଇଛି ଅଭିନୟ ର କଳା,ଡ୍ରାମା ର ବିଷୟ ବସ୍ତୁ ଥିଲା ହିରୋ ଅନ୍ୟ ଏକ ଝିଅ ସହ ବୁଲିବା ଦେଖି ହିରୋଇନ୍ ଦେହରେ କିରୋସିନି ଢାଳି ଆତ୍ମାହୁତି ଦେବାର ଅଭିନୟ କରିଥିଲେ। ହିରୋ କୁ ମନେଇ ପାରି ଥିଲା ସେହି ଭଳି ପେଟ୍ରୋଲ ଢାଳି ଆତ୍ମାହୁତି ଦେଇ ପ୍ରିନସିପାଲଙ୍କୁ ଉଚିତ୍ ଶିକ୍ଷା ଦେବ ମଞ୍ଜୁଶ୍ରୀ। ତପନ ଯେତେ ମନା କଲେବି ତାକୁ ବୁଝେଇ ଦେଇଥିଲା ତୁମେ ଖାଲି ଭିଡିଓ କର ସବୁ ଠିକ୍ ହେଇଯିବ। ସ୍ୱାଧିନ ଭାବେ ଚଳିବାକୁ ହେଲେ ଏପରି ନାରୀ ମାଂସ ଲୋଭୀକୁ ଉଚିତ୍ ଶିକ୍ଷା ଦବା ନିହାତି ଦରକାର। ଯିଏ ଶିକ୍ଷକ ଓ ଛାତ୍ରୀଙ୍କର ସମ୍ପର୍କ ର ମୂଲ୍ୟ ବୁଝିନାହି ତାଙ୍କୁ ବୁଝେଇ ଦବା ଦରକାର।

ତେଣୁ ପେଟ୍ରୋଲ ନେଇ ଯାଇଛି ପ୍ରିନସପାଲ ଅଫିସ ଭିତରକୁ ସେଠି ପେଟ୍ରୋଲ ଢାଳି ନିଜ ଦେହରେ ନିଆଁ ଲଗାଇ ଦେଲା ମଞ୍ଜୁଶ୍ରୀ।ତପନ ଭିଡିଓ କରିବା ପରିବର୍ତ୍ତେ ମଞ୍ଜୁଶ୍ରୀ କୁ ବଞ୍ଚାଇବାକୁ ଆପ୍ରାଣ ଚେଷ୍ଟା କଲା କିନ୍ତୁ ପାରିଲାନି ତପନ କିଛି ଅଂଶ ରେ ସେ ବି ପୋଡିଗଲା। ଆମ୍ବୁଲାନ୍ସରେ ମଞ୍ଜୁଶ୍ରୀ କୁ ହସ୍ପିଟାଲ ନେଲା ବେଳେ ତପନ ମନେ ମନେ କହୁଛି ମନର ଗତି ସହିତ ଯାନ ର ଗତି ଯଦି ତାଳ ରଖି ଚାଲି ପାରନ୍ତା ତେବେ ମଞ୍ଜୁଶ୍ରୀ ଶୀଘ୍ର ହସ୍ପିଟାଲରେ ପହଁଚିଯାଇ ବଞ୍ଚି ପାରନ୍ତା। ଯନ୍ତ୍ରଣା ରେ ଛଟପଟ ମଞ୍ଜୁଶ୍ରୀ ଭାବୁଛି ଆମ ରାଜନେତା ମାନେ ପ୍ରଜାନୁରଞ୍ଜନ ରାମଚନ୍ଦ୍ର ନୁହନ୍ତି, ରାମାୟଣ ବ୍ୟାଖ୍ୟା କରି ପାରନ୍ତି,ମାତ୍ର ରାମଙ୍କ ଚରିତ୍ର ରୁ କିଛି ବି ଶିକ୍ଷା କରନ୍ତି ନାହିଁ। କିଏ ବା ଦବ ନ୍ୟାୟ ଅତୀତ କଥା ତାର ମନେ ପଡ଼ିଛି ଇତିଶ୍ରୀ,ବେବିନା, ପିହୁ, ପରୀ,ଛବି ରାଣୀ ପରି କେତେ ଯେ ଏମିତି ଯାଇଛନ୍ତି କେହି ବି ନ୍ୟାୟ ପାଇନାହାନ୍ତି ସବୁ ଗୁଡ଼ିକ ଫାଇଲ ତଳେ ଦବି ଯାଇଛି...। ଆଖି ବୁଜିଦେଇଛି ସବୁଦିନ ପାଇଁ ମଞ୍ଜୁଶ୍ରୀ, ହାରାସ ହୋଇଯାଇଛି ତପନ!! ମେଡିକାଲ ବେଡ଼ ରେ ବସି ଭାବୁଛି ତୁମେ ଶେଷରେ ହାରିଗଲ ନା ...।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



## ଆଜିକାଲିର ରାଜନୀତି

ଡଃ ତାନଶ୍ରୀ ପାଣିଗ୍ରାହୀ

ରାଜାଙ୍କର ନୀତି ରାଜନୀତି ଶବ୍ଦ
ଥିଲା ଯୁଗ ଯୁଗ ପାଇଁ
କି ଅମୃତ ଶବ୍ଦ ମହିମାମଣ୍ଡିତ
ଆଜି ସବୁ ଗଲା କାହିଁ...

ରାଜନୀତି ନାମେ କରି କୂଟନୀତି
ଶୋଷନ୍ତି ଆଜିର ନେତା
ନ୍ୟାୟ ନୀତି ଧର୍ମ ଦୟା କ୍ଷମା ପ୍ରେମ
ହଜିଛି ସେ ଦିନ କଥା...

ଜନସେବା ପାଇଁ ଦେଇ ପ୍ରତିଶ୍ରୁତି
ମାରିଥାନ୍ତି ବାହାସ୍ଫୋଟ
ନିଜ ସ୍ୱାର୍ଥ ପାଇଁ ସଦାବେଳେ ବ୍ୟସ୍ତ
କରନ୍ତି ଅନେକ ନାଟ...

ଏବେ ରାଜନୀତି ମୌଳିକ ଆଦର୍ଶ
କୁଆଡେ ଗଲା ସେ ହଜି
ବେସାହାରା ହୋଇ ବାସହୀନ କାନ୍ଦେ
ରାସ୍ତାକଡେ ମୁଣ୍ଡ ଗୁଞ୍ଜି...

ରାଜନୀତି ଦିନେ ଥିଲା ଶ୍ରେଷ୍ଠ ନୀତି
କହିଥିଲେ ଯେ ଚାଣକ୍ୟ
କ୍ଷମତା ଆଳରେ ରାଜନେତା ଆଜି
ମେଣ୍ଟାନ୍ତି ନିଜର ଭୋକ...

କାହିଁ ଗଲେ ସେହି ପୂର୍ବର ନେତା
ଗାନ୍ଧୀ ଆଉ ଗୋପବନ୍ଧୁ
ଯାହାଙ୍କ ଆଦର୍ଶ ତ୍ୟାଗ ବଳିଦାନ
ଦେଶପ୍ରେମ ମହାସିନ୍ଧୁ...

ପ୍ରତି ମୁହୂର୍ତ୍ତରେ ହିଂସା ଅହଂକାର
ଆଜିର ଭଦ୍ର ଦୁର୍ମତି
ନିରିହ ମଣିଷ ବଳିପଡେ ଏଠି
ଆଜିର ଏ ରାଜନୀତି ॥

**ଆଚାର୍ଯ୍ୟା, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର**
**ବାଲିଆ,ବାଲେଶ୍ୱର**
**ମୋବାଇଲ୍: ୯୩୩୭୩୦୪୨୯୫**



## ବିଷ



ଜ୍ୟୋତି ନନ୍ଦ

କେତେ ବିଷ ଅଛି ଦେହରେ
ସାପ ଜାଣେ ନାହିଁ
ତାହାର ନିୟତି ଯେ ଶେଜ।
ଆଖିରେ ଅନ୍ଧପୁଟୁଳି ବାନ୍ଧି
ବିଷ ଆଉ ଅମୃତର ହାଣ୍ଡିକୁ ଯିଏ
ଦିପହର ସାରା ଏପଟସେପଟ କରୁଥିବ
ସେ ବି ଜାଣେ ନାହିଁ ସେକଥା
କାରଣ ଈଶ୍ୱର କହିଲେ
ଏକ ଅସ୍ୱାଭାବିକ ନିଘୋଡ ନିଦ।
ସବୁ ବିଷମୟ ଏଇଠି
ଏମିତି ଗୋଟେ ଘୋଷଣା କରି
ଅମୃତର ସନ୍ତାନମାନେ
ନିଦ ମଳମଳ ଆଖିରେ
ବାହାରି ପଡୁଥାନ୍ତି ନୈସର୍ଗିକ ପ୍ରବ୍ରଜ୍ୟାରେ।
ସାପ ନିଜ ଗାତକୁ
ସରସର ହୋଇ ପହଁରି ଯାଏ
ନକ୍ରନାଶ ପରେ ପକ୍ଷୀବାହନ ଈଶ୍ୱର
ଫେରନ୍ତି ନିଜର ପଶାଖେଳକୁ
ଆମେ ଏଠାରେ ନଳିନୀବନରେ
ସୁଖରେ ଥାଉ କି ଦୁଃଖରେ ଥାଉ
ଆମ ପାଇଁ ସବୁ କେବଳ ମାପ,
ଅନୁପାନ, ପଥ୍ୟ
ଅଧିକ ହେଲେ ମାତ୍ରାରେ, ଅମୃତ ତ ବିଷ।

## ବାପା... ତୁମେ ମଣିଷ ହେବନି

ପ୍ରେମାନନ୍ଦ ଖଣ୍ଡୁଆଳ



ହଠାତ୍ ମୋ ସାନଭାଇ ପର ବୁଦ୍ଧିରେ ଅଡ଼ିବସିଲା ମୋ ସହିତ ଚଳି ପାରିବନି, ଭିନ୍ନେ ହବ। ମୁଁ ଆଶ୍ଚର୍ଯ୍ୟ ହେଲି, ତାକୁ ବୁଝେଇବା ପାଇଁ ତା ହାତ ଧରିପକେଇଛି ତ ମୋତେ ଧକ୍କାଟେ ପକେଇ କହିଲା - ମୋ ଭାଗ ମୋତେ ନଦେଲେ ପ୍ରଳୟ କରିବି। ମୋ ପୁଅ ମୋର ଅସମ୍ମାନ ଦେଖି ଦାନ୍ତ କଡ଼ମଡ଼ କଲା। ମୁଁ କହିଲି ପିଲାବେଳେ ଭଲ ମନ୍ଦରେ ମୁଁ ତାକୁ କେତେବେଳେ କେମିତି ମାରିଥିବି, ଏବେ ସେ ହାତ ଉଠେଇ ଦେଲା... ଦେଉ, ସେ କ'ଣ ବଡ଼ ହୋଇଯିବ! ପୁଅ ବୋଧେ ବୁଝିଲା କି କ'ଣ ରୂପ ରହିଲା। ସାନ ଭାଇ ଭିନ୍ନେ ହେଲା ଓ ସବୁ ଭଲ ଉର୍ବର ଜମି ନେବାକୁ ଜିଦ୍ ଧରିଲା, ପୁଅ ମୋତେ ତବ ତବ ହୋଇ ଚାହିଁଲା। ମୁଁ କହିଲି ନେଉ, ମାଟି ଗୋବର ପକେଇଲେ ମୋ ଭାଗ ଜମି ଉର୍ବର ହୋଇ ଯିବନିକି? ପୁଅ ଆଠ ଦିନପରେ ଗଲା ବମ୍ବେ, ତା ଚାକିରୀ ଜାଗାକୁ। ପାଞ୍ଚ /ଛଅ ମାସ ଯାଇଛିକି ନାହିଁ ସାନଭାଇର ହେଲା ଦେହ ଖରାପ। ମେଡିକାଲ ରିପୋର୍ଟ ଆସିଲା କିଡିନ୍ ନଲଗେଇଲେ ବଞ୍ଚିବନି...ମୁଁ କେମିତି ରହିପାରିଥାନ୍ତି କହିଲେ, ଗଲି ମେଡିକାଲ। ଘରଣୀ ପୁଅ ପାଖକୁ ଫୋନ କଲେ ତୁ ଶୀଘ୍ର ଆ, ନହେଲେ ତୋ ବାପା ପୁଣି ଗୋଟେ କ'ଣ ଅଘଟଣ କରିବସିବେ। କଳ୍ପି ପୁଅ ଆସି ପହଞ୍ଚିଲା ତ ସେତେବେଳେକୁ ମୋ କିଡିନ ଲାଗି ସାରିଥିଲା ସାନଭାଇ ଦେହରେ। ବେଡ୍ ଉପରେ ମୋତେ ଦେଖି ଭୋ-ଭୋ ହୋଇ କାନ୍ଦି କାନ୍ଦି ପୁଅ କହୁଥିଲା- ବାପା... ତୁମେ ମଣିଷ ହେବନି...। ମୁଁ ମୁଠେଇ ପକେଇଲି ପୁଅର ହାତକୁ।



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

# ଆଚରଣ ଓ ଉଚ୍ଚାରଣ




ମଣିଷର ଚରିତ୍ର ଦୁଇଟି କଥାରୁ ଜାଣି ହୁଏ। ତାର ଆଚରଣ ଓ ଉଚ୍ଚାରଣ। ସତ୍ ଆଚରଣ ଓ ସତ୍ ଉଚ୍ଚାରଣ ବ୍ୟକ୍ତିକୁ ସଚ୍ଚରିତ୍ର ବା ଦୁଶ୍ଚରିତ୍ର ରେ ପରିଗଣିତ କରେ। ଆମ ସମାଜରେ ଅସଦାଚରଣ ଶବ୍ଦଟିକୁ ନେଇ ଗୁଡ଼ିଏ ଭୁଲ୍ ଧାରଣା ରହିଛି। ଆମେ ଯଦି କାହାକୁ ଅସଦାଚରଣ ହେବାର ଶୁଣୁ, ତୁରନ୍ତ ଯୌନଚାରକୁ ବୁଝି ନେଉ। କେହି କାହାକୁ ଅସଦାଚରଣ କରିବା ଅର୍ଥ ଯୌନ ଆବେଗର ପରିପ୍ରକାଶ ନୁହେଁ। କାହାର ଭାବାବେଗକୁ ଆଘାତ ଦେବା, ଶାରୀରିକ ବା ମାନସିକ ଭାବେ କ୍ଷତି ପହଞ୍ଚାଇବା ମଧ୍ୟ ଅସଦାଚରଣ ବୋଲି କୁହାଯିବ। ଏହି ମର୍ମରେ ଦେଖିଲେ ପ୍ରତ୍ୟେକ ଦିନ ସମସ୍ତେ କିଛି ନା କିଛି ଅସଦାଚରଣର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ସାମାଜିକ ଗଣମାଧ୍ୟମରେ। କୌଣସି ସ୍ପର୍ଶକାତର ବିଷୟରେ ମୁହଁ ଖୋଲିବା ଅର୍ଥ ଅଶ୍ରାବ୍ୟ ସମାଲୋଚନାର ଶିକାର ହେବା। କିଛି ଦିନ ତଳେ ଏକ ଓଡ଼ିଆ ଚଳଚ୍ଚିତ୍ରକୁ ନେଇ ଜଣେ ସାହିତ୍ୟିକ କିଛି ସମୀକ୍ଷା କରିଥିଲେ। ଆମ ଅଞ୍ଚଳରେ ଏହା ଭଲ ବ୍ୟବସାୟ କରୁନାହିଁ ବୋଲି ଲେଖିଲା ପରେ କିଛି ବ୍ୟକ୍ତି ମତେ ଓଡିଆ ସଂସ୍କୃତି ବିରୋଧୀ ବୋଲି ଲେଖିଲେ। ଏହା ଏକ ଉଦାହରଣ ମାତ୍ର।ସେମାନେ ମତେ ଜାଣନ୍ତି ନାହିଁ, ତେଣୁ ସେମାନଙ୍କ ମନ୍ତବ୍ୟ ମୋ ପାଇଁ ଗୁରୁତ୍ୱ ରଖେ ନାହିଁ। ନାରୀମାନଙ୍କୁ ନେଇ କୌଣସି ଅଘଟଣ ଘଟିଲେ ସାମାଜିକ ଗଣମାଧ୍ୟମରେ ଅସଦାଚରଣ ସୀମା ଲଂଘି ଯାଉଛି। ବାଲେଶ୍ୱର ଘଟଣାରେ ତ ଏହା ସର୍ବାଧିକ। ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି କୌଣସି ଛାତ୍ରୀ ବା ଅଧ୍ୟାପିକାଙ୍କ ମୁହଁରେ ବୁମ୍ ଲଗେଇ ଦେଇ କିଛି ରେକର୍ଡିଂ କରି ଛାଡ଼ି ଦେଉଛନ୍ତି ଓ ତାଙ୍କ ଉପରେ ଲୋକମାନଙ୍କ ଅଶ୍ଳୀଳ ଗାଳି ଗୁଲଜ ବର୍ଷା ହେଇ ପଡୁଚି। ଗୋଟିଏ ଜାଗାରେ ଛାତ୍ରୀ ଟିଏ କହୁଚି କି ସେ ଅଳ୍ପ କେଇ ମାସ ହେବ ନାମ ଲେଖାଇ ଥିବାରୁ ବିଶେଷ କିଛି ଜାଣି ନାହିଁ। ସେଠି ଲୋକମାନେ ତାର ଚରିତ୍ର ସଂହାର କରିବାକୁ ପଛାଉ ନାହାନ୍ତି। ଏହା କି ପ୍ରକାର ମାନସିକତା। ଘଟଣା ପଛର ସତ୍ୟାସତ୍ୟ ନ ଜାଣି ଜଣେ କିପରି ମନ୍ତବ୍ୟ ଦେଇ ପାରିବ ଏଣ୍ଡ ସେଥିପାଇଁ ସେ ସମସ୍ତଙ୍କ ଦ୍ୱାରା ଅପମାନିତ ହେବାକୁ ବାଧ୍ୟ କି? ଦୁଃଖର କଥା, ଏହା ପାଇଁ କୌଣସି ଅଙ୍କୁଶ ନାହିଁ। ଅନେକ ସମୟରେ ଅତ୍ୟନ୍ତ ଅଶ୍ଳୀଳ ଅଙ୍ଗଭଙ୍ଗି, ଦ୍ୱିଅର୍ଥବୋଧକ ସଂଳାପ ବା ନୃତ୍ୟ ପ୍ରଦର୍ଶନ କରୁଥିବା ଲୋକଙ୍କୁ ପ୍ରଶଂସା ଅଜାଡ଼ି ଦିଆଯିବା ସ୍ଥଳେ କୌଣସି ଉପାଦେୟ କଥା କହୁଥିବା ବ୍ୟକ୍ତିଙ୍କୁ ଖରାପ ମନ୍ତବ୍ୟ ଦିଆଯାଏ। ମନସ୍ତତ୍ତ୍ୱବିତ୍‌ଙ୍କ ଅନୁସାରେ ନିଜସ୍ୱ ଅସହାୟତା ଓ ଅସନ୍ତୋଷ ମଣିଷ ଭିତରେ ଅସହିଷ୍ଣୁତା ତିଆରି କରେ। ସେ ଅନ୍ୟକୁ ଆଘାତ ଦେଇ ଖୁସି ଅନୁଭବ କରେ। ଜଣେ ବ୍ୟକ୍ତି ଜୀବିତ ଥିବା ବେଳେ ତାର ଆପତ୍ତି ଅଭିଯୋଗକୁ ମଧ୍ୟ ଆମେ ଖରାପ ଦୃଷ୍ଟିରେ ଦେଖୁ। ସେ ମରିଯିବା ମାତ୍ରେ ଆମେ ତା ପ୍ରତି ସମବେଦନାରେ ଆର୍ଦ୍ର ହେଇ ପଡୁ। ବିଭିନ୍ନ ସମୟରେ, ବିଭିନ୍ନ ବିଭାଗରେ କାମ କରୁଥିବା କିମ୍ବା ପଢୁଥିବା ମହିଳା ବା ଝିଅ ମାନଙ୍କୁ ଅସଦାଚରଣର ଅଭିଯୋଗ କରୁଥିବାର ଦେଖିଲେ ଯେଉଁ ମାନେ କୁହନ୍ତି ଯେ ଏଥିପାଇଁ ଝିଅର ଅଧିକ ମିଳାମିଶା, ରିଲ୍ସ ନିଶା, ପୁରୁଷ ବନ୍ଧୁ ଏପରିକି ତାର ପୋଷାକ ଦାୟୀ, ସେଇମାନେ ତାର ମୃତ୍ୟୁ ପରେ ନିଜର ମତ ପରିବର୍ତ୍ତନ କରି ଦିଅନ୍ତି। ସବୁ ଦୋଷ ସେହି ଅଭିଯୁକ୍ତକୁ ଦିଆ ଯାଏ। କୌଣସି ଘଟଣାର ସବୁବେଳେ ଦୁଇଟି ପାର୍ଶ୍ୱ ଥାଏ। ଆମେ ଗୋଟିଏ ପାର୍ଶ୍ୱକୁ ଦେଖିଲା ବେଳେ ଅନ୍ୟଟି ପ୍ରତି ଆଖି ବନ୍ଦ୍ କରି ଦେଇଥାଉ। ଉଦାହରଣ ସ୍ୱରୂପ ଭାରତରେ ତଥା ଓଡ଼ିଶାରେ ଲାଞ୍ଚ ନେଉଥିବା ଅଧିକାରୀଙ୍କ ସଂଖ୍ୟା। ନିକଟରେ ଏକ ନୂଆ ଟ୍ରେଣ୍ଡ ପରି ପ୍ରଶାସନିକ ଅଧିକାରୀମାନଙ୍କ ଠାରୁ ବିପୁଳ ପରିମାଣରେ ଟଙ୍କା, ସୁନା, ଜମି, ଗାଡ଼ି ଆଦି ଆୟ ବହିର୍ଭୁତ ସମ୍ପତ୍ତି ଧରା ପଡୁଚି। ତେବେ ଧରିନେବାକୁ ହେବ ଯେ ବିପୁଳ ପରିମାଣରେ ଲୋକ ଏହି ସମ୍ପତ୍ତି ଠୁଳ କରିବାରେ ସାହାଯ୍ୟ କରୁଛନ୍ତି। କୌଣସି ବ୍ୟକ୍ତିଗତ କର୍ମ ହେଉ କିମ୍ବା ସାମୂହିକ, ସବୁଥିରେ ଲାଞ୍ଚ ଦିଆ ନିଆ ପ୍ରମୁଖ ବ୍ୟବସ୍ଥା ପାଲଟିଛି। ଆରମ୍ଭରୁ ପିଲାଙ୍କୁ ଡୋନେସନ ଦେଇ ପଢ଼ାଇବାଠାରୁ ଚାକିରୀ କରାଇବା ପର୍ଯ୍ୟନ୍ତ ଦିଆ ନିଆ ଚାଲୁଥିବା ବେଳେ ପିଲାଟି ଚାକିରି ଆରମ୍ଭରୁ ହିଁ ଦୁର୍ନୀତିକୁ ମୂଳ ଲକ୍ଷ୍ୟ ଭାବରେ ଧରିନେଉଚି। ନିଜର ଛୋଟ ମୋଟ କାମରୁ ବଡ଼ ଟେଣ୍ଡର ପାସ କରିବା ଯାଏଁ ଏହି ଦିଆ ନିଆ ଚାଲୁଛି। ଚାକିରୀରେ ପଦୋନ୍ନତି, ନିଜ ମୁତାବକ ନିଯୁକ୍ତି ସ୍ଥାନ ତଥା ଦୁର୍ନୀତି କରିବା ପାଇଁ ଉପର ମହଲରେ ତିନୋଟି ଜିନିଷ କାମ କରେ, ପ୍ରଥମରେ ଲବି (ଚିହ୍ନା ପରିଚୟ), ପାୱାର (ଶକ୍ତି ପ୍ରଦର୍ଶନ) ଏବଂ ଅର୍ଥ। ଏଥିରୁ ଗୋଟିଏ ଥିବା ନିହାତି ଆବଶ୍ୟକ। ତେବେ ମହିଳା ମାନଙ୍କ କ୍ଷେତ୍ରରେ ଆଉ ଏକ ବିଭାଗ କାମ କରେ। ତାହା ହେଉଛି, ଶାରୀରିକ ଶୋଷଣ। ଇଚ୍ଛାରେ ହେଉ ବା ଅନିଚ୍ଛାରେ ହେଉ କିଛି ଝିଅ ବା ମହିଳା ଏହି ପଥ ଦେଇ ସଫଳତା ହାସଲ କରିବାକୁ ଚାହାନ୍ତି। ନିକଟରେ ଫେଵର ଶବ୍ଦକୁ ନେଇ ଘଟିଥିବା ଅଭାବନୀୟ ଘଟଣା ଏହାର ଏକ ଉଦାହରଣ ମାତ୍ର। ଧରାଯାଉ, ଅଭିଯୁକ୍ତ ଏହି ପ୍ରକାରେ ଆଗରୁ ଛାତ୍ରୀ ମାନଙ୍କୁ ପାସ କରାଇ ଦେଇ ଥିବେ, ତେଣୁ ତାଙ୍କର ସାହସ ବଢ଼ିଥିବ। ସମସ୍ତଙ୍କୁ ସମାନ ଦୃଷ୍ଟିରେ ଦେଖୁ ଥିବା ବେଳେ କେହି ଜଣେ ଏଥିରେ ବାଧା ଦେବ ନିଶ୍ଚୟ। ଏହି ଘଟଣା ଦିନକରେ ଘଟେ ନାହିଁ। ଅପର ପକ୍ଷର ସହମତି ଓ ସହଯୋଗ କ୍ରମେ ବ୍ୟକ୍ତି ସେପରି କର୍ମକୁ ନିତ୍ୟକର୍ମ କରି ନିଏ। ଏହା ଶିକ୍ଷିତ, ଅଶିକ୍ଷିତ ଦେଖେ ନାହିଁ। ବରଂ ଶିକ୍ଷିତ ଓ ଉଚ୍ଚ ଶିକ୍ଷିତ ମାନେ ଏହାର ବିଭିନ୍ନ ସୌଖିନ ନାମକରଣ କରି ଏହାକୁ ସଭ୍ୟ ସମାଜରେ ଗୃହୀତ କରାନ୍ତି। ନିକଟରେ ସାମାଜିକ ଗଣମାଧ୍ୟମରେ ଜନୈକ ବିଶିଷ୍ଟ ସାହିତ୍ୟିକ ନବ ଲେଖିକା ମାନଙ୍କୁ ବିଭିନ୍ନ ଅଶ୍ଳୀଳ ଚାଟ୍ ମାଧ୍ୟମରେ ଅସଦାଚରଣ କରୁଥିବାର ଅଭିଯୋଗ ଆସିଥିଲା। ଏହାକୁ ଡିଜିଟାଲ ରେପ୍ ବୋଲି ମଧ୍ୟ କୁହା ଯାଉଛି। ଏହି ଅଭିଯୋଗ ନୂଆ ନୁହେଁ। ତେବେ, ବିଭିନ୍ନ ସମୟରେ ସରକାରୀ ବେସରକାରୀ ସଂସ୍ଥାମାନଙ୍କ ପ୍ରାୟୋଜିତ ସାହିତ୍ୟ ସଭାରେ ସେପରି ବ୍ୟକ୍ତି ମଞ୍ଚ ମଣ୍ଡନ କରନ୍ତି କିପରି? ଅନେକ ଲେଖିକା ତାଙ୍କ ଠାରୁ ନିରାପଦ ଦୂରତା ରକ୍ଷା କରୁଥିବା ବେଳେ ଅନେକ ଲେଖିକା ତାଙ୍କ ଦ୍ୱାରା ଅନୁଗୃହିତ ତଥା ପ୍ରକାଶନ ପାଇଁ ନିର୍ବାଚିତ ହୁଅନ୍ତି କିପରି? ତାର ଅର୍ଥ ଏହା କି ସେମାନେ ଏହାକୁ ପ୍ରଶ୍ରୟ ଦିଅନ୍ତି ଅବା ଅଣଦେଖା କରନ୍ତି। ତେବେ ଅସତ୍ ଆଚରଣକୁ ସମର୍ଥନ କରୁଥିବା ବ୍ୟକ୍ତି ଅସତ୍ ହୁଏ ନାହିଁ କି? ଏଠାରେ ମଧ୍ଯ ବ୍ୟକ୍ତିର ଚରିତ୍ର ଏପରି ହେବାକୁ ଅନେକ ବର୍ଷ ଲାଗିଥିବ। କେହି ପ୍ରତିବାଦ କରି ନଥିବେ ବା ପ୍ରତିବାଦ ଫଳପ୍ରଦ ହୋଇ ନଥିବ। ମହସ୍ରୋତରେ ଭାସି ଯିବା ପରି ଯୁବ ପୀଢ଼ି ଏହାର ପ୍ରତିରୋଧ ନ କରିବା ମଧ୍ୟ ଦୁର୍ଭାଗ୍ୟଜନକ। ଯେଉଁ ପୀଢ଼ି ସିନେମା ଦେଖି ଛାତି ପିଟି ମୂର୍ଚ୍ଛା ଯାଏ, ଅନ୍ୟାୟ ସହି ନପାରି ଆତ୍ମହତ୍ୟା କରେ ତା ଠାରୁ ଏକ ସତ୍ ଭବିଷ୍ୟତର ଆଶା ଆମେ କିପରି ରଖିବା? ସମୟ ପରିବର୍ତ୍ତନ ସହ ସ୍ୱାସ୍ଥ୍ୟ, ବିଜ୍ଞାନ ଓ ପ୍ରଯୁକ୍ତିର ବିକାଶ ହୋଇଥିବା ବେଳେ ମାନସିକ ଓ ଆତ୍ମିକ ଅଧୋଗତି ଚିନ୍ତାଜନକ। ବୋଧହୁଏ ମୋବାଇଲର ଦୁନିଆଁ ଆମ ପିଲାମାନଙ୍କୁ ଘର, ପରିବାର, ସଂପର୍କ ଓ ମୂଲ୍ୟବୋଧଠାରୁ ଦୂରେଇ ନେଉଛି। ସେମାନେ ସତ୍ ଓ ଅସତ୍ ର ପ୍ରଭେଦକୁ ସ୍ଥୂଳ ଭାବେ ଦେଖୁଛନ୍ତି। ଜୀବନ ନଈ ପରି। ସ୍ରୋତରେ ଭାସି ଯିବାକୁ ହିଁ ପଡେ। ମାତ୍ର ଦୁଃଖ, ଯନ୍ତ୍ରଣା ବିକ୍ଷୁବ୍ଧ ସାଗର ପରି। ଅନିୟନ୍ତ୍ରିତ ତାର ଢେଉ। ତା ଆଗରେ ମୁଣ୍ଡ ନୁଆଁଇଲେ ସମାହିତ ହୋଇ ଯାଏ ବଞ୍ଚିବାର ସମସ୍ତ ସକରାତ୍ମକତା। ସକରାତ୍ମକ ହୁଅନ୍ତୁ। ସତ୍ ଆଚରଣ ଓ ଉଚ୍ଚାରଣ ହେଉ ଜୀବନର ଆଦର୍ଶ।

**ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ**
**ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪**



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଦିଲ୍ଲୀରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

# କୃଷି ବିଭାଗର ରାଜ୍ୟସ୍ତରୀୟ ବହୁଭାଗୀ କର୍ମଶାଳା

**ତ୍ୱରାନ୍ୱିତ ହେବ କୃଷି-ପ୍ରଯୁକ୍ତି ବିଦ୍ୟା ଗ୍ରହଣୀୟତା**



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ରାଜ୍ୟ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ସହଭାଗୀତାରେ ସୋସିଆଲ ଆଲଫା ଭୁବନେଶ୍ୱରର ହୋଟେଲ ପ୍ରେସିଡେନ୍ସିରେ 'ଓଡ଼ିଶାରେ କୃଷି-ପ୍ରଯୁକ୍ତିକୁ ପ୍ରୋତ୍ସାହିତ କରିବା' ନେଇ ଏକ ରାଜ୍ୟସ୍ତରୀୟ ବହୁଭାଗୀ କର୍ମଶାଳା ଆୟୋଜିତ ହୋଇଛି। କର୍ମଶାଳାରେ ପ୍ରଦର୍ଶିତ ପ୍ରଯୁକ୍ତି ବିଦ୍ୟା ସହ ଚାଷୀମାନେ ଉଭାବନକୁ ପ୍ରତ୍ୟକ୍ଷ ଭାବେ ବ୍ୟବହାର କରିଥିଲେ। ଉତ୍ପାଦ ପ୍ରଦର୍ଶନ, ଦର୍ଶକଙ୍କ ସହ ଏକ ଖୋଲା ପ୍ରଶ୍ନୋତ୍ତର ଏବଂ ନୀତି ନିର୍ଦ୍ଧାରକ, ପ୍ରଯୁକ୍ତି ବିଦ୍ୟା ବୈଧତା ସଂସ୍ଥା ଏବଂ ଷ୍ଟାର୍ଟଅପ୍ ଆଦି ଉଚ୍ଚସ୍ତରୀୟ ପ୍ୟାନେଲ୍ ଆଲୋଚନା କର୍ମଶାଳାରେ ଅନ୍ତର୍ଭୁକ୍ତ ଥିଲା। ପୂର୍ବ ଜୋନ୍, ସୋସିଆଲ ଆଲଫାର ନିର୍ଦ୍ଦେଶକ ଅୟାନ୍ ଦେବ କହିଥିଲେ ଯେ ଗତ ୪ ବର୍ଷ ମଧ୍ୟରେ ସୋସିଆଲ ଆଲଫା ଓ ଏହାର ଅଂଶୀଦାରମାନେ ସମଗ୍ର ରାଜ୍ୟରେ ୧୭ଟି କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନ ପାଇଲଟ୍ ପ୍ରୋଜେକ୍ଟ କରିଛନ୍ତି। ସେଥି ମଧ୍ୟରୁ ୫ଟି ସଫଳତାର ସହ ପାଇଲଟ୍ ପର୍ଯ୍ୟାୟ ସମାପ୍ତ କରିଥିବା ବେଳେ ଅଧିବେଶନ ସମୟରେ ଉପସ୍ଥାପିତ ହୋଇଛି। ଏହି ନୂତନ ଉଭାବନଗୁଡ଼ିକ ମଧ୍ୟରୁ ଅନେକ ୭ ହଜାରରୁ ଅଧିକ ଗ୍ରାମୀଣ ପରିବାର ନିକଟରେ ପହଞ୍ଚିପାରିଛି।

ସେହିପରି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅତିରିକ୍ତ ସଚିବ ଶୁଭ୍ରାଂଶୁ ମିଶ୍ର ଅନ୍ତର୍ଭୁକ୍ତ ପ୍ରଯୁକ୍ତିବିଦ୍ୟା ପ୍ରତି ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିବା ବେଳେ ଡକ୍ଟର ଉମାଶଙ୍କର ପାଲ (ସହକାରୀ ପ୍ରଫେସର, କୃଷି ଇଞ୍ଜିନିୟରିଂ ଓ ପ୍ରଯୁକ୍ତିବିଦ୍ୟା କଲେଜ) ପ୍ରଭାବଶାଳୀ ନବସୃଜନ ପାଇଁ ଆବଶ୍ୟକ ମୌଳିକ ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ସେହିପରି କୃଷି ଏବଂ କୃଷକ ସଶକ୍ତିକରଣ ବିଭାଗ ଉପନିର୍ଦ୍ଦେଶକ ସଂଗ୍ରାମ କେଶରୀ ପଟ୍ଟନାୟକ କହିଥିଲେ ଯେ ଗତ ବର୍ଷ ଗେଟ୍ସ ଫାଉଣ୍ଡେସନ ଓ ସୋସିଆଲ ଆଲଫା ଭଳି ପ୍ରଯୁକ୍ତିବିଦ୍ୟା ଅଂଶୀଦାରଙ୍କ ସହ ଆଲୋଚନା ଆରମ୍ଭ ହୋଇଥିବା ବେଳେ ସହଯୋଗମୂଳକ ପ୍ରୟାସ ପାଇଁ ଭିତ୍ତିଭୂମି ସ୍ଥାପନ କରାଯାଇଛି। ଆମର ଲକ୍ଷ୍ୟ ହେଉଛି ଏକ ଦୃଢ଼ ଏବଂ ପ୍ରଭାବଶାଳୀ ଦଳ ଗଠନ କରିବା ଯାହା ସମଗ୍ର ଓଡ଼ିଶାରେ କୃଷି-ପ୍ରଯୁକ୍ତିବିଦ୍ୟା ସମାଧାନକୁ ବୃଦ୍ଧି କରିପାରିବ। ବୈଷୟିକ ଦୃଷ୍ଟିକୋଣରୁ, ରାଜ୍ୟ ସ୍ତରୀୟ ଫାର୍ମ ମେସିନାରୀ ତାଲିମ ଏବଂ ପରୀକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଦେବବ୍ରତ ଶତପଥୀ କୃଷି ମୂଲ୍ୟ ଶୃଙ୍ଖଳରେ ଇଞ୍ଜିନିୟରିଂ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମଶାଳାରେ ୫ଟି କୃଷି-ପ୍ରଯୁକ୍ତିବିଦ୍ୟା ଷ୍ଟାର୍ଟଅପ୍ ପ୍ରଦର୍ଶିତ ହୋଇଥିବା ବେଳେ ଏହା ପ୍ରଯୁକ୍ତିବିଦ୍ୟାର ପାଇଲଟ୍ ପରୀକ୍ଷଣରେ ସଫଳତା ଲାଭ କରିଛି। କେନ୍ଦୁଝର, ମୟୂରଭଞ୍ଜ, ରାୟଗଡା ଓ ଢେଙ୍କାନାଳ ଚାଷୀଙ୍କୁ ପ୍ରଶଂସାପତ୍ର ପ୍ରଦାନ କରାଯାଇଛି। ଏଥିସହ ହାଇଟେକ୍ ନର୍ସରୀ ଦ୍ୱାରା ସମର୍ଥିତ ସାମଗ୍ରୀ ଜୀବନକୁ ବିକେନ୍ଦ୍ରୀକୃତ ଚାରା ଉତ୍ପାଦନର ଏକ ସଫଳ ମଡେଲ ଭାବେ ପ୍ରଦର୍ଶିତ କରାଯାଇଥିଲା। ଏହାକୁ କେଉଁଝରର ଜନୈକା ମହିଳା ଚାଷୀଙ୍କ କାହାଣୀ ମାଧ୍ୟମରେ ପ୍ରଦର୍ଶିତ କରାଯାଇଥିଲା।

# ଜଳିଗଲା ୮ ବଖରା

## ଟଙ୍କା ସହ ସବୁ ଆସବାବପତ୍ର ପୋଡ଼ି ପାଉଁଶ

**ଖଲ୍ଲିକୋଟ,୨୭।୭ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ପଞ୍ଚାୟତର ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମରେ ରବିବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟି ୩ ପରିବାରର ୮ ବଖରା ଘର ନଷ୍ଟ ହେବା ସହ ଲକ୍ଷାଧିକ ଟଙ୍କା ଏବଂ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଛି। ସୂଚନାନୁଯାୟୀ, ପୂର୍ଣ୍ଣଚନ୍ଦ୍ରପୁର ଗ୍ରାମର ବି. ସନ୍ତୋଷୀ ପାତ୍ର, ଏନ୍.ଶାନ୍ତି ପାତ୍ର ଏବଂ କେ.ପୂର୍ଣ୍ଣଚନ୍ଦ୍ର ପାତ୍ର ସମସ୍ତେ ଦିନମଜୁରିଆ ହୋଇଥିବାରୁ ଧାନ ବିଲରେ କାମ କରିବାକୁ ଯାଇଥିବା ବେଳେ ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଥିଲା। ଏହାର ସଠିକ୍ କାରଣ ଜଣା ପଡୁ ନ ଥିଲେ ମଧ୍ୟ ଶର୍ଟସର୍କିଟରୁ ନିଆଁ ଲାଗିଥାଇପାରେ ବୋଲି ଗ୍ରାମବାସୀ କୁହନ୍ତି। ପ୍ରଥମେ ଗ୍ରାମବାସୀ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ଖବର ପାଇ ଖଲ୍ଲିକୋଟ ଅଗ୍ନିଶମ ବାହିନୀ ଏବଂ ରମ୍ଭା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲେ। କିନ୍ତୁ ଘରେ ଥିବା ଧାନ, ଚାଉଳ, ଆଲମାରୀ ଥିବା ଲୁଗାପଟା , ଟଙ୍କା ସୁନା ଆଦି ସବୁ ପୋଡ଼ିଯାଇଛି। ଖଲ୍ଲିକୋଟ ଅତିରିକ୍ତ ତହସିଲଦାର ଅଜୟ କୁମାର ସ୍ୱାଇଁ, କେଶପୁର ଆର୍ଆଇ ମୋହନ ପାତ୍ର ପ୍ରମୁଖ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ହଠାତ ରହିବା ପାଇଁ ପାଲ ପ୍ରଦାନ କରିଛନ୍ତି।

# ଶିକ୍ଷାନୁଷ୍ଠାନରେ ନିଶାଦ୍ରବ୍ୟ ରୋକିବ 'ମାନସ' ପୋର୍ଟାଲ




**ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ) :** ଶିକ୍ଷାନୁଷ୍ଠାନରେ ଯୁବପିଢ଼ିଙ୍କ ମଧ୍ୟରେ ନିଶା ଏବଂ ନିଶାଦ୍ରବ୍ୟର ବଢ଼ିଚାଲିଛି ଅପବ୍ୟବହାର । ଶିକ୍ଷାନୁଷ୍ଠାନ ଗୁଡ଼ିକ ଦେଶର ଭବିଷ୍ୟତ ଗଠନ ପାଇଁ ପବିତ୍ର ସ୍ଥାନ । ଏହା ଏକ ସୁସ୍ଥ, ନିରାପଦ ଏବଂ ନିଶାମୁକ୍ତ ପରିବେଶକୁ ପ୍ରୋତ୍ସାହିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବର୍ତ୍ତମାନ ସମୟରେ ରାଜ୍ୟରେ ଥିବା ଅନେକ ଶିକ୍ଷାନୁଷ୍ଠାନରେ ବେଧଡ଼କ ନିଶାଦ୍ରବ୍ୟ ସେବନ ଓ କାରବାର କରାଯାଉଛି । ଯାହାକୁ ନେଇ କୌଣସି ସଚେତନମୂଳକ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏହାର ନିବାରଣ ପାଇଁ ବ୍ୟବସ୍ଥାକୁ କଡାକଡି କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ନିଶା କାରବାର, ଅବୈଧ ପ୍ରବେଶ କିମ୍ବା ନିଶା ସମ୍ବନ୍ଧିତ ସମସ୍ୟା ବିଷୟରେ କିପରି ଅଭିଯୋଗ କରିବେ ସେନେଇ ସମସ୍ତ ବ୍ୟବସ୍ଥା କରାଯାଇଛି । ଯଦି ଆପଣ ନିଶା କାରବାର, ଅବୈଧ ପ୍ରବେଶ କିମ୍ବା ଅନ୍ୟ କୌଣସି ନିଶା ସମ୍ବନ୍ଧୀୟ ସମସ୍ୟାର ରିପୋର୍ଟ କରିବାକୁ ଚାହାଁନ୍ତି, ତେବେ ନାଗରିକ, ଛାତ୍ର ଛାତ୍ରୀ ମାନେ "ମାନସ" ପୋର୍ଟାଲରେ ଅଭିଯୋଗ କରିବା ପାଇଁ ଚାରୋଟି ପଦ୍ଧତି ଉପଲବ୍ଧ ରହିଛି ।

**ଗରିମା ଜାତୀୟ ସମ୍ମିଳନୀ ଉଦ୍‌ଯାପିତ**

# ପଞ୍ଜୀକୃତ ହୋଇଛନ୍ତି ୧୦ ହଜାରରୁ ଊର୍ଦ୍ଧ୍ୱ ପରିମଳ କର୍ମଚାରୀ



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ଓଡ଼ିଶାର ଗରିମା ପଦକ୍ଷେପ ଅଧୀନରେ 'ମୁଖ୍ୟ ପରିମଳ କର୍ମଚାରୀଙ୍କ ସମ୍ମାନ, ନିରାପତ୍ତା ଏବଂ ଅନ୍ତର୍ଭୁକ୍ତିକରଣ ସୁନିଶ୍ଚିତ କରିବା' ସଂକ୍ରାନ୍ତରେ ଚାଲିଥିବା ଦୁଇଦିନିଆ ଜାତୀୟ ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇ ପ୍ରମୁଖ ପରିମଳ କର୍ମଚାରୀଙ୍କ ସୁରକ୍ଷା ଦିଗରେ ସେମାନଙ୍କ ଅବଦାନକୁ ସ୍ୱୀକୃତି ସ୍ୱରୂପ ସମ୍ବର୍ଦ୍ଧିତ କରିଥିଲେ। ଏହା ପରିମଳ କାର୍ଯ୍ୟରେ ଅଂଶୀଦାରଙ୍କୁ ସ୍ୱୀକୃତି କ୍ଷେତ୍ରରେ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ କହିଛନ୍ତି ଯେ ପ୍ରମୁଖ ସଫେଇ କର୍ମଚାରୀଙ୍କ ପ୍ରସଙ୍ଗକୁ ଜାତୀୟ ସ୍ତରରେ ଆଗେଇ ନେବାରେ ଓଡ଼ିଶାର ନେତୃତ୍ୱକୁ ନେଇ ସେ ଗର୍ବିତ। ଜାତୀୟ ଗରିମା କର୍ମଶାଳା ବର୍ତ୍ତମାନ ପ୍ରତିବର୍ଷ ଜୁଲାଇରେ ଅନୁଷ୍ଠିତ ହେବ, ଯାହା ଏହି ଉଦ୍ଦେଶ୍ୟରେ ଏକ ସ୍ଥାୟୀ ଜାତୀୟ ପ୍ରତିବଦ୍ଧତାର ପ୍ରତୀକ। ତା'ଛଡ଼ା କର୍ମଶାଳାର ପ୍ରଥମ ଦିନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନୀ ଅଭିଭାଷଣରେ ମଧ୍ୟ ଘୋଷଣା କରିଥିଲେ।

ଶ୍ରୀମତୀ ପାଢ଼ୀ ସଫେଇ କର୍ମଚାରୀଙ୍କ ପାଇଁ ପ୍ରସ୍ତୁତ ଦୃଢ଼ ସାମାଜିକ ସୁରକ୍ଷା ଢାଞ୍ଚାର ଆବଶ୍ୟକତା ସମେତ ଦୁଇଦିନିଆ ଆଲୋଚନାର ମୁଖ୍ୟାଂଶ ଉପରେ ଆଲୋକପାତ କରିଥିଲେ। ବୃତ୍ତିଗତ ସ୍ୱାସ୍ଥ୍ୟ ଓ ନିରାପତ୍ତା (ଓଏଚଏସ) ମାନର ବୃଦ୍ଧି, ଚୁକ୍ତିଭିତ୍ତିକ ସଂସ୍କାର ମାଧ୍ୟମରେ ଅନୌପଚାରିକ ଶ୍ରମିକଙ୍କ ଆନୁଷ୍ଠାନିକତା ଓ କଲ୍ୟାଣକାରୀ ଯୋଜନାରେ ପ୍ରବେଶ, କଲ୍ୟାଣ ବିତରଣକୁ ଟ୍ରାକ୍ କରିବା ଏବଂ ମହିଳା ଏବଂ ଟ୍ରାନ୍ସଜେଣ୍ଡର କର୍ମଚାରୀଙ୍କୁ ସମ୍ମାନ ଏବଂ ସୁରକ୍ଷା ସହ ପରିମଳ ଭୂମିକାରେ ଅନ୍ତର୍ଭୁକ୍ତ କରିବା ପାଇଁ ଟେକ୍ନୋଲୋଜି ଓ ଡାଟା ସିଷ୍ଟମର ବ୍ୟବହାର ଉପରେ ସେ ଆଲୋକପାତ କରିଛନ୍ତି। ଗତ ୨୦୨୦ରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ଗରିମା ପଦକ୍ଷେପକୁ ଏକ ମଡେଲ ଭାବେ ପ୍ରଶଂସା କରାଯାଇଛି। କର୍ମକ୍ଷେତ୍ରରେ ନିରାପତ୍ତା, ଉଚିତ ମଜୁରି, ବୀମା, ସାମାଜିକ ସୁରକ୍ଷା ଏବଂ ସମାଜରେ ସମ୍ମାନ ସୁନିଶ୍ଚିତ କରି ମୁଖ୍ୟ ସଫେଇ କର୍ମଚାରୀଙ୍କ ଅଧିକାରର ସୁରକ୍ଷା କରିବା ଏହାର ଉଦ୍ଦେଶ୍ୟ। ପିପିଇ କିଟ୍, ସ୍ୱାସ୍ଥ୍ୟ ବୀମା ଏବଂ ନିୟମିତ ତାଲିମ, ଏକୀକରଣ ମାଧ୍ୟମର ୧୦ ହଜାରରୁ ଅଧିକ ପ୍ରମୁଖ ପରିମଳ କର୍ମଚାରୀଙ୍କ ପଞ୍ଜୀକରଣ କରାଯାଇଛି । ସମ୍ମିଳନୀର ଏକ ଅଂଶ ଭାବେ ବିଭିନ୍ନ ରାଜ୍ୟ, ଆନ୍ତର୍ଜାତୀୟ ସଂଗଠନ, ଏନଜିଓ ଓ ୟୁଏଲବିର ପ୍ରତିନିଧିମାନେ ବିଷୟଗତ ଅଧିବେଶନରେ ଅଂଶଗ୍ରହଣ କରିଥିଲେ । ସାମାଜିକ ସୁରକ୍ଷ୍ୟା, ମାନସିକ ସ୍ୱାସ୍ଥ୍ୟ ଏବଂ ଯାନ୍ତ୍ରିକ ପରିମଳ ଏବଂ ସୁରକ୍ଷା ପ୍ରୋଟୋକଲରେ ପରିମଳ କାର୍ଯ୍ୟାବଳୀ ପାଇଁ ସର୍ବୋତ୍ତମ ଅଭ୍ୟାସ ବୋଲି ମତ ପ୍ରକାଶ ପାଇଥିଲା। ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ବିଭାଗର ଅତିରିକ୍ତ ସଚିବ ଦୁର୍ଗେଶ ନନ୍ଦିନୀ ସାହୁ ମଧ୍ୟ ଉଦ୍‌ଯାପନୀ ଅଧିବେଶନରେ ସେମାନଙ୍କ ମତ ରଖିଥିଲେ। ଏହି ସମ୍ମିଳନୀରେ ୧୨ଟି ରାଜ୍ୟ ଓ ୩୪ଟି ଉନ୍ନୟନ ସଂସ୍ଥାର ପ୍ରତିନିଧିମାନେ ଅଂଶଗ୍ରହଣ କରିଥିଲେ। କର୍ମଶାଳାରେ ରାଜ୍ୟର ପ୍ରମୁଖ ପରିମଳ କର୍ମଚାରୀ, ପଞ୍ଚାୟତିରାଜ ବିଭାଗ ଏବଂ ଏସଟି ଓ ଏସସିଏମବିସିସି ବିଭାଗର ଅଧିକାରୀମାନେ ମଧ୍ୟ ଯୋଗ ଦେଇଥିଲେ।

# ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା



**■ ଗୁରୁଜୀଙ୍କୁ ଗୀତ ଲେଖିବାକୁ ନିବେଦନ କଲେ ପ୍ରଯୋଜକ**

**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** 'ଶ୍ରୀଜଗନ୍ନାଥଙ୍କ ନବକଳେବର'ର ସଫଳତା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉପରେ ଆଉ ଏକ ସିନେମା ନିର୍ମାଣ ଯୋଜନା ହୋଇଛି। ଶ୍ରୀଜଗନ୍ନାଥଙ୍କ ସମ୍ପର୍କିତ ଲୋକକଥାକୁ ନେଇ ନିର୍ମିତ ହେବାକୁ ଥିବା ଏହି ଚଳଚ୍ଚିତ୍ରର ନାମ 'ମାଳତୀ' ରଖାଯାଇଥିବା ଜଣାପଡ଼ିଛି। ଏହାର ପ୍ରଯୋଜକ ପୁରୀର ହୋଇଥିବା ବେଳେ ସେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ପାଇଁ ପ୍ରେରଣା ଦେଇଥିବା ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଆଶୀର୍ବାଦ ନେବା ସହ ତାଙ୍କ ଫିଲ୍ମରେ ଗୋଟିଏ ଗୀତ ଲେଖିବା ସକାଶେ ମଧ୍ୟ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ 'ଶ୍ରୀଜଗନ୍ନାଥଙ୍କ ନବକଳେବର' ବିପୁଳ ସଫଳତା ପାଇବା ପଛରେ ଗୁରୁଜୀ ଡ. ଶତପଥୀଙ୍କ ପ୍ରେରଣା ଓ ଆଶୀର୍ବାଦ ଥିବା ନିର୍ଦ୍ଦେଶକ ତଥା ପ୍ରଯୋଜକ ବିନି ସାମଲ କହିଥିଲେ। ଏନେଇ ଗୁରୁଜୀ ମଧ୍ୟ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଜଗନ୍ନାଥ ତତ୍ତ୍ୱ, ସଂସ୍କୃତି, ଓଡ଼ିଶାର ଇତିହାସ ଏବଂ ଅସ୍ମିତା ଉପରେ କୌଣସି କାର୍ଯ୍ୟ ତାଙ୍କୁ ବେଶ୍ ସନ୍ତୁଷ୍ଟି ଦେଇଥାଏ। 'ଶ୍ରୀଜଗନ୍ନାଥଙ୍କ ନବକଳେବର' ସିନେମା ଏହା ଉପରେ ଆଧାରିତ ହୋଇଥିବାରୁ ସେ ଏହା ସହ ସଂଶ୍ଲିଷ୍ଟ ହୋଇଥିଲେ। ଏଭଳି ଚଳଚ୍ଚିତ୍ର ମଧ୍ୟ ତାଙ୍କର ବେଶ୍ ପସନ୍ଦ ବୋଲି ଗୁରୁଜୀ କହିଛନ୍ତି। ସୂଚନାଯୋଗ୍ୟ ଯେ ଗୁରୁଜୀ ଓଡ଼ିଶାର କଳା ଓ ସଂସ୍କୃତି ଜଗତ ସହ ଦୀର୍ଘ ବର୍ଷ ଧରି ଜଡ଼ିତ ହୋଇ ବହୁ କଳାକାରଙ୍କୁ ପ୍ରେରିତ କରିବା ସହ ସେମାନଙ୍କର ମାର୍ଗଦର୍ଶନ ଓ ସହାୟତା କରିଛନ୍ତି। ଦିବଂଗତ ଅଭିନେତା ଉତ୍ତମ ମହାନ୍ତି, ବିଜୟ ମହାନ୍ତି, ହର ପଟ୍ଟନାୟକଙ୍କ ସହ ଅଭିନେତ୍ରୀ ଅପରାଜିତାଙ୍କଠାରୁ ଏବକାର ଅଭିନେତା ବାବୁଶାନ୍, ସବ୍ୟସାଚୀ, ଆକାଶଙ୍କ ପର୍ଯ୍ୟନ୍ତ ଅନେକ କଳାକାର ଗୁରୁଜୀଙ୍କ ମାର୍ଗଦର୍ଶନ ଲୋଡ଼ିଛନ୍ତି। କ୍ୟାନ୍ସରରେ ପୀଡ଼ିତ ଥିବା ସମୟରେ ହର ପଟ୍ଟନାୟକଙ୍କୁ ଗୁରୁଜୀ ୨ ଲକ୍ଷ ଟଙ୍କାର ସହାୟତା ମଧ୍ୟ ଦେଇଥିଲେ। ସେହିପରି ବିଜୟ ମହାନ୍ତିଙ୍କୁ ତାଙ୍କର ଶେଷ ସମୟରେ ୧ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିଥିଲେ। ନିକଟରେ ଜଣେ ଦୃଷ୍ଟିବାଧିତ ବାଳିକା ଆଶା ବାହାଦୁରକୁ ଗୁରୁଜୀ ୧ ଲକ୍ଷ ଟଙ୍କାର ସହାୟତା ଦେଇଛନ୍ତି। ଏଥିସହ ସଙ୍ଗୀତ ଜଗତରେ ମଧ୍ୟ ଗୁରୁଜୀଙ୍କ ପ୍ରେରଣା ରଘୁନାଥ ପାଣିଗ୍ରାହୀ, ପ୍ରଣବ ପଟ୍ଟନାୟକ, କଲ୍ୟାଣୀ ମୁଖାର୍ଜୀ, ଶ୍ୟାମାମଣି ଦେବୀ, ଦେବାଶିଷ ମହାପାତ୍ର, ସୁଧା ମିଶ୍ରଙ୍କଠାରୁ ଆରମ୍ଭ କରି ଅନ୍ତରା ଚକ୍ରବର୍ତ୍ତୀ ଲୋଡ଼ିଛନ୍ତି। 'ଶ୍ରୀଜଗନ୍ନାଥଙ୍କ ନବକଳେବର'ରେ ଗୁରୁଜୀଙ୍କ ରଚିତ ୨ଟି ଗୀତ ଥିବାବେଳେ ସେ ସ୍ୱର ମଧ୍ୟ ଦେଇଛନ୍ତି।

# ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ଫାଷ୍ଟଲୁକ୍ ଲୋକାର୍ପିତ



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ଦେବକନ୍ୟା'ର ଫାଷ୍ଟଲୁକ୍ ଲୋକାର୍ପିତ ହୋଇଛି । ଏଥିସକାଶେ ଜୟଦେବ ବାଟିକାର ସବୁଜ ମନୋରମ ପରିବେଶ ଭିତରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏଥିରେ ଚଳଚ୍ଚିତ୍ରର ସାଂସ୍କୃତିକ ପରାମର୍ଶଦାତା ଆଶୁତୋଷ ତ୍ରିପାଠୀ, କାହାଣୀ, ଚିତ୍ରନାଟ୍ୟ ତଥା ସଂଳାପକାର ଶଙ୍କର ପ୍ରସାଦ ତ୍ରିପାଠୀ, ନିର୍ଦ୍ଦେଶକ ରାସେଶ ମହାନ୍ତି, ଚଳଚ୍ଚିତ୍ର ପ୍ରଯୋଜକ ତଥା ବିତରକ ସଚ୍ଚିକାନ୍ତ ଜେନା, କ୍ରିଏଟିଭ୍ ହେଡ୍ ପ୍ରଣୟ ଜେଠୀ, ସଙ୍ଗୀତ ନିର୍ଦ୍ଦେଶକ ବିକାଶ ଦାସ, ଗୀତିକାର ଡଃ ବିରଞ୍ଚି ନାରାୟଣ ସାମଲ, ବରିଷ୍ଠ ଅଭିନେତା ଅଶ୍ରୁମୋଚନ ମହାନ୍ତି, କୁନା ତ୍ରିପାଠୀ, ରବି ମିଶ୍ର, ନାୟକ ଶୁଭାଶିଷ ଶର୍ମା, ନବାଗତା ନାୟିକା ସୁଶ୍ରୀ, କୋରିଓଗ୍ରାଫର ବିଦ୍ରୁ, ଡିଓପି ସୁଦର୍ଶନ ସେନାପତିଙ୍କ ସମେତ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଥିବା କଳାକାର ଉପସ୍ଥିତ ଥିଲେ।

ଏବେ ଓଲିଉଡ଼ରେ ଓଡ଼ିଆ ମାଟିର କାହାଣୀ, ଓଡ଼ିଆ ଜାତିର ଇତିହାସକୁ ନେଇ ଚଳଚ୍ଚିତ୍ର ନିର୍ମାଣର ଧାରା ଆରମ୍ଭ ହୋଇଛି ଏବଂ ପ୍ରତ୍ୟେକ ଓଡ଼ିଆ ଦର୍ଶକ ସେଇ ଚଳଚ୍ଚିତ୍ରଗୁଡ଼ିକୁ ଆନ୍ତରିକ ଭଲ ପାଇବା ଦେବା ସହିତ ବ୍ୟବସାୟିକ ସଫଳତା ମଧ୍ୟ ଚଳଚ୍ଚିତ୍ର ପାଇଛି। ସେଇ ଧାରାଠୁ ଆଉ ଟିକେ ଉନ୍ନତ ଚିନ୍ତାଧାରାରେ ଓଡ଼ିଆ ଜାତିର ଏକ ପରମ୍ପରାକୁ ଉଦ୍ଧାର କରିବା ପାଇଁ ବରିଷ୍ଠ ଲେଖକ ଶଙ୍କର ପ୍ରସାଦ ତ୍ରିପାଠୀ ପ୍ରୟାସ କରିଛନ୍ତି। ପୁରୀର ଏକ ଲୋକସଂସ୍କୃତିକୁ ନେଇ କାହାଣୀ ଗଢ଼ିଉଠିଛି । ଲୋକ ନୃତ୍ୟକୁ ନେଇ ଜୀବିକା କରିଥିବା ଗୋଟିଏ ଲୋକ ତା' ପାରିବାରିକ ଓ ସାମାଜିକ ଜୀବନରେ କେମିତି କଷ୍ଟ ପାଉଛି, ତା' 'ଦେବକନ୍ୟା'ର ବିଷୟବସ୍ତୁ। ଆଦିମ କାଳରୁ ମା' ମଙ୍ଗଳାଙ୍କୁ ଓଡ଼ିଆ ଜାତି ପୂଜାର୍ଚ୍ଚନା କରିଆସୁଛି। ବିଶେଷକରି ଚୈତ୍ରରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥାଏ। ସେଇ ଚଇତି ପର୍ବରେ ଘୋଡାନାଚ ମା'ଙ୍କ ଉଦ୍ଦେଶ୍ୟରେ ପରିବେଷିତ ହେବାର ପରମ୍ପରା ରହିଛି। କିନ୍ତୁ ଧୀରେ ଧୀରେ ଏହି ଘୋଡା ନାଚ ପରମ୍ପରା ଲୋପ ପାଇବାକୁ ବସିଥିବା ବେଳେ ଏହାର ପୁନରୁଦ୍ଧାର ସହ ଏହାକୁ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ସୁପ୍ରିମ୍ ଏଣ୍ଟରଟେନମେଣ୍ଟ ପକ୍ଷରୁ ଏକ ପ୍ରୟାସ କରାଯାଇଛି ।

'ଦେବକନ୍ୟା'ର ପ୍ରଯୋଜକ ସୁରେଶ ସାହୁ ଓ ଭାର୍ଗବୀ ତ୍ରିପାଠୀ ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜ୍ଞତାସମ୍ପନ୍ନ ନିର୍ଦ୍ଦେଶକ ରାସେଶ ମହାନ୍ତି। ସେହିପରି ଚିତ୍ରୋତ୍ତୋଳନ କରିଛନ୍ତି ସୁଦର୍ଶନ ସେନାପତି। ଏଥିରେ ମୋଟ ୪ଟି ଗୀତ ରହିଛି ଯାହାକୁ ରଚନା କରିଛନ୍ତି ଡଃ ବିରଞ୍ଚି ନାରାୟଣ ସାମଲ ଓ ସଙ୍ଗୀତରେ ସଜାଇଛନ୍ତି ବିକାଶ ଦାସ । 'ଦେବକନ୍ୟା'ର ସମସ୍ତ ସୁଟିଂ ଇତିମଧ୍ୟରେ ଶେଷ ହୋଇଛି ଓ ଖୁବ୍‌ଶୀଘ୍ର ଏହା ବଡ଼ ପରଦାରେ ମୁକ୍ତିଲାଭ କରିବ ସୂଚନା ଦିଆଯାଇଛି।

# ବିହାର ଖଜା ପାଇଛି ଜିଆଇ ଟ୍ୟାଗ, ମହାପ୍ରଭୁଙ୍କ ଖଜା ମହାପ୍ରସାଦକୁ କେବେ ?



**ପୁରୀ,୨୭।୭ (ସଂଚାର ବ୍ୟୁରୋ) :** ଭୋଜନ ରସିକ କାଳିଆ ସାଆନ୍ତ। ମହାପ୍ରଭୁଙ୍କୁ ଲାଗି ହୁଏ ଷାଠିଏ ପଉଟି ଭୋଗ । ସେଥି ମଧ୍ୟରୁ ଖଜା ମହାପ୍ରସାଦ ଅନ୍ୟତମ । ମହାପ୍ରଭୁଙ୍କ ଠାରେ କାହିଁ କେଉଁ କାଳରୁ ନୈବେଦ୍ୟ ଭାବରେ ଲାଗି ହୋଇଆସୁଛି ଖଜା ଭୋଗ । ହେଲେ ମହାପ୍ରଭୁଙ୍କ ଖଜା ଭୋଗକୁ ମିଳିନି ଜିଆଇ (ଜିଓଗ୍ରାଫିକାଲ ଇଣ୍ଡିକେସନ) ମାନ୍ୟତା। ବିହାର ସିଲାଓ ଖଜାକୁ ଭାରତର ପ୍ରଥମ ଖଜା ଭାବେ ଜିଆଇ ମାନ୍ୟତା ମିଳିଛି । ତେଣୁ ଶହ ଶହ ବର୍ଷ ଧରି ମହାପ୍ରଭୁଙ୍କୁ ଲାଗି ହେଉଥିବା ଖଜାକୁ ଜିଆଇ ପ୍ରଦାନ ପାଇଁ ଆରମ୍ଭ ହୋଇଛି ପ୍ରୟାସ । ଆସନ୍ତୁ ଜାଣିବା ଖଜା ଭୋଗର ସ୍ୱତନ୍ତ୍ରତା ବିଷୟରେ । କିପରି ଏହାକୁ ପ୍ରସ୍ତୁତି କରାଯାଏ। ଜିଆଇ ଟ୍ୟାଗ ପାଇଁ କଣ ରହିଛି ପ୍ରଶାସନର ପ୍ରସ୍ତୁତି ।

୨୦୧୮ ମସିହା ଡିସେମ୍ବର ୧୧ରେ ବିହାର ନାଳନ୍ଦାର ସିଲାଓ ଖଜାକୁ ଭାରତର ପ୍ରଥମ ଖଜା ଭାବେ ଜିଆଇ ମାନ୍ୟତା ମିଳିଛି। ଏହାର ଅର୍ଥ ଖଜା ବିହାରର ସିଲାଓରୁ ଉତ୍ପତ୍ତି ହୋଇଛି। ତେବେ ଇତିହାସ ଦେଖିଲେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ନିକଟରେ ଖଜା ଭୋଗ ଭାବରେ ଶହ ଶହ ବର୍ଷ ହେବ ଲାଗି ହୋଇ ଆସୁଛି। ଏଣୁ ଖଜା ଶ୍ରୀମନ୍ଦିରରୁ ହିଁ ଉତ୍ପତ୍ତି । ପରବର୍ତ୍ତୀ ସମୟରେ ଖଜା ଅନ୍ୟାନ୍ୟ ଅଞ୍ଚଳରେ ତିଆରି କରାଯାଇଥିବ ବୋଲି ଶ୍ରୀମନ୍ଦିର ସେବାୟତ କହିଛନ୍ତି । ଏଣୁ ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ପାଇଁ ଶ୍ରୀମନ୍ଦିର ଖଜାକୁ ଜିଆଇ ମାନ୍ୟତା ପାଇଁ ଆବେଦନ ହେବା ଉଚିତ୍ ସେବାୟତ ଓ ଜଗନ୍ନାଥ ପ୍ରେମୀ ମତ ରଖିଛନ୍ତି। ଶ୍ରୀମନ୍ଦିର ବରିଷ୍ଠ ସେବାୟତ ଗଣେଶ୍ୱର ମହାସୁଆର କହିଛନ୍ତି, 'ଓଡ଼ିଶାର ଅନେକ ଜିନିଷକୁ ଜିଆଇ ଟ୍ୟାଗ ମିଳିସାରିଛି । ମହାପ୍ରଭୁଙ୍କ ଖଜା ମହାପ୍ରସାଦ ମଧ୍ୟ ବିଶ୍ୱ ପ୍ରସିଦ୍ଧ । ଖଜା ମହାପ୍ରସାଦକୁ ନେଇ ସମସ୍ତଙ୍କ ମଧ୍ୟରେ ଏକ ଆକର୍ଷଣ ରହିଛି । ତେବେ ମହାପ୍ରଭୁଙ୍କ ଖଜା ମହାପ୍ରସାଦକୁ ଜିଆଇ ଟ୍ୟାଗ ମାନ୍ୟତା ପାଇଁ ପ୍ରୟାସ ଆରମ୍ଭ ହୋଇଛି । ଡକ୍ଟର ଅନିତ ସାବତଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା । କିଭଳି ଶ୍ରୀମନ୍ଦିର ଖଜାକୁ ଜିଆଇ ମାନ୍ୟତା ମିଳିବ, ଏଥି ପାଇଁ କଣ ତଥ୍ୟ ଦସ୍ତାବିଜ୍ ଆବଶ୍ୟକ ତାହା ଆଲୋଚନା ହୋଇଛି। ତେବେ ଓଡ଼ିଶା ସରକାରଙ୍କ ଏନେଇ ସହଯୋଗର ଆବଶ୍ୟକତା ରହିଛି । ଶ୍ରୀମନ୍ଦିର ଖଜାକୁ ଜିଆଇ ଟ୍ୟାଗ ମିଳିବା ଦରକାର । ଏହା ଦ୍ୱାରା ସାରା ବିଶ୍ୱରେ ଜଗନ୍ନାଥ ସଂସ୍କୃତି ଓ ପରମ୍ପରା ଆହୁରି ବ୍ୟାପକ ହେବ।'

# ରାଜଧାନୀରେ ଦୁର୍ବଳ ବିଏସ୍‌ଏନ୍‌ଏଲ୍ ସେବା




**ଭୁବନେଶ୍ୱର,୨୭।୭:** ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସଏନଏଲ୍) ଗ୍ରାହକମାନେ ଏବେ ହଟହଟା। ଖୋଦ୍ ରାଜଧାନୀରେ ଗ୍ରାହକମାନେ ଭଲରେ ଟିକେ କଥାବାର୍ତ୍ତା ହୋଇପାରୁ ନ ଥିବା ବେଳେ ଅଧିକାଂଶ ସ୍ଥାନରେ ଇଣ୍ଟରନେଟ୍ କାମ କରୁନାହିଁ। ଫଳରେ ବାଧ୍ୟହୋଇ ଗ୍ରାହକମାନେ ଅନ୍ୟ କମ୍ପାନୀମୁହାଁ ହେବାରେ ଲାଗିଛନ୍ତି। ରାଜ୍ୟ ରାଜଧାନୀରେ ଏବେ ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସଏନଏଲ୍‌ର ସେବା ଦୁର୍ବଳ ହେବାରେ ଲାଗିଛି। ବିଶେଷକରି ମୋବାଇଲ୍ ଗ୍ରାହକମାନେ କଥାବାର୍ତ୍ତାଠାରୁ ଆରମ୍ଭ କରି ଇଣ୍ଟରନେଟ୍ ବ୍ୟବହାର କ୍ଷେତ୍ରରେ ଏଭଳି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀ ମୋବାଇଲ୍ ସେବା ପ୍ରଦାନକାରୀଙ୍କ ଦର ତୁଳନାରେ ବିଏସଏନଏଲ୍ ଶସ୍ତା ରହୁଥିବାରୁ ବହୁ ଗ୍ରାହକ ସେମାନଙ୍କର ସେବା ପ୍ରଦାନକାରୀ ସଂସ୍ଥା ବଦଳାଇଥିଲେ। ହେଲେ ସେମାନେ ଏବେ ମହରଗରୁ ଆସି କାନ୍ତାରରେ ପଡ଼ିବା ଭଳି ଅବସ୍ଥା ହୋଇଛି।

ଗତ କିଛିଦିନ ହେଲା ବିଏସଏନଏଲ୍ ସେବା ଏଭଳି ବିଗିଡିଛି ଯେ କଥା ଅଧାରୁ ବିଭିନ୍ନ ଶବ୍ଦ କରି ଲାଇନ୍ କଟିଯାଉଛି। ଫଳରେ ଗ୍ରାହକମାନେ ବାରମ୍ବାର ଗୋଟିଏ ନମ୍ବରକୁ ଫୋନ୍ କରିବାକୁ ବାଧ୍ୟ ହେଉଛନ୍ତି। ସେହିଭଳି ଇଣ୍ଟରନେଟ୍ ବ୍ୟବହାରକାରୀମାନଙ୍କର ଅବସ୍ଥା କହିଲେ ନସରେ। ଅଧିକାଂଶ ସମୟରେ ମୋବାଇଲ୍‌ରେ ଅତ୍ୟନ୍ତ ଧିମା ସଙ୍କେତ ଆସୁଛି। ଫଳରେ ଗ୍ରାହକମାନେ ବାରମ୍ବାର ମୋବାଇଲ୍ ବନ୍ଦ କରି ଖୋଲିବାକୁ ବାଧ୍ୟ ହେଉଛନ୍ତି।

ରାଜଧାନୀରେ ବିଏସଏନଏଲ୍ ସେବାର ଆଉ ଗୋଟିଏ ବିଚିତ୍ର ଅବସ୍ଥା ଦେଖିବାକୁ ମିଳିଛି। କେତେକ ଅଞ୍ଚଳରେ ଲାଇନ୍ କଟିଗଲେ ତତ୍କାଳ ମୋବାଇଲ୍ ଇଣ୍ଟରନେଟ୍ ସେବା ବ୍ୟାହତ ହେଉଛି। ଏନେଇ ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳୁନାହିଁ। କ୍ୟାପିଟାଲ ହସ୍ପିଟାଲ ଆଖପାଖରେ ଏହି ସ୍ଥିତି ଉତ୍କଟ ରୂପ ଧାରଣ କରିଥିବାରୁ ରୋଗୀଙ୍କ ସମ୍ପର୍କୀୟଙ୍କଠାରୁ ସାଧାରଣ ଲୋକ ପର୍ଯ୍ୟନ୍ତ ସମସ୍ତେ ହଇରାଣ ହେଉଛନ୍ତି। ମୋବାଇଲ୍ ଟାୱାରରେ କର୍ତ୍ତୃପକ୍ଷ ବ୍ୟାଟେରୀ ବ୍ୟାକଅପ୍ ରଖୁନଥିବାରୁ ଏଭଳି ସ୍ଥିତି ଉପୁଜୁଥିବା କୁହାଯାଉଛି। ସେହିଭଳି ଅନ୍ୟ ଘରୋଇ ମୋବାଇଲ୍ କମ୍ପାନୀମାନେ ଦୀର୍ଘ ଦିନରୁ ରାଜ୍ୟରେ ୫-ଜି ସେବା ଆରମ୍ଭ କରିଥିବା ବେଳେ ରାଷ୍ଟ୍ରାୟତ୍ତ ସଂସ୍ଥା ବିଏସଏନଏଲ୍ କିନ୍ତୁ ଏପର୍ଯ୍ୟନ୍ତ ତାହା ଆରମ୍ଭ କରିପାରୁନାହିଁ। କିଛିଦିନ ତଳେ ବିଏସଏନଏଲ୍ ୫-ଜି ସେବା ଆରମ୍ଭ କରିବ ବୋଲି ପ୍ରଚାର ହେବା ପରେ ଅନେକ ଗ୍ରାହକ ନିଜ ନିଜର ପୁରୁଣା ମୋବାଇଲ୍ ସେଟ୍ ବଦଳାଇ ୫-ଜି ମୋବାଇଲ୍ କିଣିଥିଲେ। ହେଲେ ବିଏସଏନଏଲ୍‌ର ୫-ଜି ସେବା କେବଳ ପରୀକ୍ଷା ନିରୀକ୍ଷାରେ ଅଟକିଯାଇଛି। ଖୋଦ୍ ରାଜଧାନୀରେ ବିଏସଏନଏଲ୍ ଏଭଳି ଦୁର୍ବଳ ସେବା ପ୍ରଦାନ କରୁଥିବା ବେଳେ ରାଜ୍ୟର ଅନ୍ୟାନ୍ୟ ଆଭ୍ୟନ୍ତରୀଣ ଅଞ୍ଚଳରେ ସେବା କିଭଳି ଥିବ, ତାହା ସହଜରେ ଅନୁମେୟ। ବିଏସଏନଏଲ୍‌ଠାରୁ ସ୍ପେକ୍ଟ୍ରମ ଖରିଦ କରି ଘରୋଇ ଟେଲିକମ ସଂସ୍ଥାମାନେ ଉନ୍ନତ ମାନର ୫-ଜି ସେବା ଯୋଗାଇ ଦେଉଥିବା ବେଳେ ବିଏସ୍‌ଏନଏଲ୍ କାହିଁକି ଏହି ସେବା ଆରମ୍ଭ କରିପାରୁନାହିଁ ଓ ଯେଉଁ ସେବା ଯୋଗାଉଛି, ତାହା ଅନ୍ୟମାନଙ୍କ ତୁଳନାରେ କାହିଁକି ନିମ୍ନମାନର ହେଉଛି ତାହା ଏବେ ଗ୍ରାହକମାନଙ୍କ ମଧ୍ୟରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି। (ତଥ୍ୟ)

# ଡଃ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ପାଳିତ

**ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ) :** ଆଜି ଚେ଼ତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ସମ୍ମିଳନୀ କକ୍ଷଠାରେ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦ ପକ୍ଷରୁ ଆୟୋଜିତ ମହାନ୍ ବୈଜ୍ଞାନିକ,ଭାରତର ପୂର୍ବତନ ରାଷ୍ଟ୍ରପତି ଭାରତ ରତ୍ନ ସ୍ୱର୍ଗତ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦଶମ ଶ୍ରାଦ୍ଧବାର୍ଷିକୀ ଅବସରରେ ପ୍ରଥମେ ପୂର୍ବତନ ରାଷ୍ଟ୍ରପତି ଡ଼ଃ କଲାମଙ୍କ ଫୋଟୋରେ ପୁଷ୍ପମାଲ୍ୟ ଅର୍ପଣ କରାଯିବାସହ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ଚେତନା ସ୍ୱତନ୍ତ୍ର ବିଦ୍ୟାଳୟର ସଙ୍ଗୀତ ଶିକ୍ଷୟିତ୍ରୀ ଶ୍ରୀମତୀ ସ୍ମୃତି ତ୍ରିପାଠୀ ଏବଂ ଅନ୍ୟ ମାନଙ୍କ ଦ୍ୱାରା ଡ଼ଃ କଲାମଙ୍କୁ ଶ୍ରଦ୍ଧାଞ୍ଜଳି ପୂର୍ବକ ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ଡ଼ଃ ବସନ୍ତ କୁମାର କର, ଜୁଏଲସ୍ ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ସଦସ୍ୟ ତଥା ସାଧାରଣ ସମ୍ପାଦକ ପ୍ରଫେସର ନାରାୟଣ ଚନ୍ଦ୍ର ପତି,ଡ଼ଃ ଏପିଜେ ଅବଦୁଲ କଲାମଙ୍କ ସ୍ମୃତି ସଂସଦର ଅଧ୍ୟକ୍ଷ ଶ୍ରୀ ମନୋଜ କୁମାର ମହାପାତ୍ର, ମୁଖ୍ୟବକ୍ତା ଶ୍ରୀ ଚିତ୍ତରଞ୍ଜନ ମିଶ୍ର, ସମ୍ମାନିତ ଅତିଥି ଡ଼ଃ ରାମ କୁମାର ମହାପାତ୍ର ପ୍ରମୁଖ ଯୋଗଦେଇ ଡ଼ଃ ଏପିଜେ ଅବଦୁଲ କଲାମଙ୍କ ଦେଶପ୍ରେମ ଓ ଭାରତକୁ ବିକାଶ ପଥରେ ନେବାରେ ତାଙ୍କ ଅବଦାନ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିବା ସହ ଡକ୍ଟର କଲାମ ବିଜ୍ଞାନ ଏବଂ ସାର୍ବଜନୀନ ଜୀବନ କ୍ଷେତ୍ରରେ ଏକ ଅଲିଭା ଛାପ ଛାଡି ଯାଇଛନ୍ତି। ତାଙ୍କର ଆଦର୍ଶ ଏବଂ ମୂଲ୍ୟବୋଧ ଆଜିର ସମାଜ ପାଇଁ ପ୍ରେରଣା ଉତ୍ସ ହୋଇ ରହିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏଥିସହିତ ଡ଼ଃ କଲାମଙ୍କ ସହ ଅଙ୍ଗାଙ୍ଗୀ ଭାବେ ପରିଚିତ ବୈଜ୍ଞାନିକ କାର୍ତ୍ତିକ ସ୍ୱାଇଁ, ଡଃ ଜ୍ଞାନଦେବ ମହାରଣା, ଏନ ସି ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ। ପରିଶେଷରେ ଚେ଼ତନା ସ୍ୱତନ୍ତ୍ର ଶିକ୍ଷା ମହାବିଦ୍ୟାଳୟର ଉପାଧ୍ୟକ୍ଷ ଶ୍ରୀ ଲଲାଟେନ୍ଦୁ କର ଧନ୍ୟବାଦ୍ ଜ୍ଞାପନ କରିଥିଲେ।

# ଓଏମପିରୁ କନ୍ଦରପୁର ପର୍ଯ୍ୟନ୍ତ ଏଲିଭେଟେଡ୍ କରିଡର

**✪ସୂଚନା ଦେଲେ କଟକ ସାଂସଦ**
**✪ଟ୍ରାଫିକ୍ ସମସ୍ୟା ଲାଘବ କରିବ**



**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** କଟକ ସହରରେ ଯାତାୟାତ ସମସ୍ୟା ଓ ଭିଡ଼କୁ ଦୃଷ୍ଟିରେ ରଖି ଓଏମପି ଛକଠାରୁ କନ୍ଦରପୁର ପର୍ଯ୍ୟନ୍ତ ଏକ ଏଲିଭେଟେଡ୍ କରିଡର ନିର୍ମାଣ ପାଇଁ ନିଷ୍ପତ୍ତି ନିଆଯାଇଛି। ଏନେଇ ଆଜି ସୂଚନା ଦେଇଛନ୍ତି କଟକ ଲୋକସଭା ସାଂସଦ ଭର୍ତ୍ତୃହରି ମହତାବ। ସାଂସଦ ଶ୍ରୀ ମହତାବ କହିଛନ୍ତି ଯେ ଏହି ପ୍ରକଳ୍ପ ସମ୍ପର୍କରେ କେନ୍ଦ୍ରୀୟ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରୀଙ୍କ ସହ ଆଲୋଚନା ହୋଇଛି। ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତ ହୋଇ ସାରିଛି ଏବଂ ଖୁବଶୀଘ୍ର ଏହାକୁ ମଞ୍ଜୁରୀ ମିଳିବ। ଆସନ୍ତା ୩ ମାସ ମଧ୍ୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଏଲିଭେଟେଡ୍ କରିଡର ନିର୍ମାଣ ପାଇଁ ପ୍ରାୟ ୬୪୦ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ସାଂସଦ ମହତାବ କହିଛନ୍ତି। ଏହି ପ୍ରକଳ୍ପ କଟକ ସହରର ଯାତାୟାତ ବ୍ୟବସ୍ଥାକୁ ସୁଗମ କରିବା ସହ ଟ୍ରାଫିକ ଜାମ୍‌ଜନିତ ସମସ୍ୟା ହ୍ରାସ କରିବ। ଏହା ସହରର ଅର୍ଥନୈତିକ ବିକାଶରେ ମଧ୍ୟ ସହାୟକ ହେବ ବୋଲି ଆଶା କରାଯାଉଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

୪

ସୋମବାର ୨୮ ଜୁଲାଇ ୨୦୨୫, ଭୁବନେଶ୍ୱର
Monday 28 July 2025, Bhubaneswar

# ଲଢ଼େଇ ଶେଷ ହୋଇନି



ପାକିସ୍ତାନ ବିରୋଧରେ ଭାରତୀୟ ସେନାର ଅପରେସନ ସିନ୍ଦୂର ଶେଷ ହୋଇନି। ଆତଙ୍କବାଦର ସମ୍ପୂର୍ଣ୍ଣ ବିନାଶ ପର୍ଯ୍ୟନ୍ତ ଏହା ଜାରି ରହିବ ବୋଲି ଭାରତୀୟ ସେନା ପକ୍ଷରୁ କୁହାଯାଇଛି। ଭାରତରେ ଯେ କୌଣସି ପ୍ରକାର ସୀମାପାର ଆତଙ୍କବାଦକୁ ଯୁଦ୍ଧ ଭାବେ ବିବେଚନା କରାଯିବ ବୋଲି ଭାରତ ସରକାର କହିଛନ୍ତି। ତେଣୁ ପାକିସ୍ତାନ ସହ ଯୁଦ୍ଧ ବନ୍ଦ ହୋଇଗଲା ଏବଂ ସୁଯୋଗ ହାତଛଡ଼ା ହୋଇଗଲା ବୋଲି ଯେଉଁମାନେ ଅନୁଶୋଚନା କରୁଛନ୍ତି, ସେମାନେ ଜାଣି ରଖିବା ଉଚିତ ଯେ, ଭାରତ ଆତଙ୍କବାଦ ବିରୋଧରେ ଅସ୍ତ୍ରତ୍ୟାଗ କରି ନାହିଁ। ପାକିସ୍ତାନର ସାଧାରଣ ଜନତାଙ୍କ ପ୍ରତି ଭାରତର କୋଣସି ବୈରଭାବ ନାହିଁ। କିଛି ଆତଙ୍କବାଦୀଙ୍କ ଭୁଲ ପାଇଁ ପାକିସ୍ତାନର ସାଧାରଣ ନାଗରିକ କାହିଁକି ଦଣ୍ଡ ସହିବେ? ତେବେ ଏକଥା ସତ୍ୟ ଯେ, ପାକିସ୍ତାନକୁ ବିଶ୍ୱାସ ନାହିଁ ଯେ କୌଣସି ସମୟରେ ଏହା ବଳ ଗୋଟାଇ ପୁଣି ଭାରତ ବିରୋଧରେ ଛାୟାଯୁଦ୍ଧ ଆରମ୍ଭ କରିପାରେ ଯାହା ବିଗତ ୫୦ ବର୍ଷ ହେବ କରି ଆସୁଛି। ସମ୍ମୁଖ ଯୁଦ୍ଧରେ ଜିତିବା ସମ୍ଭାବନା ନାହିଁ ତେଣୁ ଆତଙ୍କବାଦୀଙ୍କ ମାଧମରେ ପାକିସ୍ତାନ ଭାରତରେ ନିରୀହ ବ୍ୟକ୍ତିଙ୍କୁ ହତ୍ୟା କରିବାର ହୀନ ଷଡ଼ଯନ୍ତ୍ର କରୁଛି। ଅତୀତରେ ମୁମ୍ବାଇ ଉପରେ ଆକ୍ରମଣ କରିବା, ସଂସଦଭବନ ଉପରେ ଆକ୍ରମଣ ଏହାର ଉଦାହରଣ। ଗତ ମାସ ୨୨ ତାରିଖରେ ପହଲଗାମରେ ୨୬ଜଣ ନିରୀହ, ନିରସ୍ତ୍ର ନାଗରିକ ଯେଉଁମାନେ ପର୍ଯ୍ୟଟକ ଭାବେ ସେଠାକୁ ଯାଇଥିଲେ ସେମାନେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇବା ଘଟଣା ଏହାର ସଦ୍ୟତମ ଉଦାହରଣ। ଏହି ଘଟଣା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଥିଲେ ଯେ, ଏହାର କଡ଼ା ଜବାବ ଦିଆଯିବ। ପ୍ରଥମେ ଆରମ୍ଭ ହେଲା ପାକିସ୍ତାନ ବିରୋଧରେ କୂଟନୈତିକ ଯୁଦ୍ଧ। ଭାରତ ସରକାର ପାକିସ୍ତାନ ସହ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କଲେ। ଏବେ ବି ଏହି ନିଷ୍ପତ୍ତି କାଏମ ରହିଛି। ୧୯୬୦ରେ ଏହି ଚୁକ୍ତି ହୋଇଥିଲା। ସିନ୍ଧୁ ନଦୀ ଜଳ ବଣ୍ଟନ ଚୁକ୍ତି ବାତିଲ ପାକିସ୍ତାନ ବିରୋଧରେ ଏକ ବଡ଼ ପଦକ୍ଷେପ। ଭାରତରେ ଥିବା ସମସ୍ତ ପାକିସ୍ତାନୀଙ୍କ ଭିସା ରଦ୍ଦ କରାଯିବା ସହ ସେମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ବାଧ କରାଗଲା। ଭାରତ ପ୍ରମୁଖ ବିଦେଶୀ ରାଷ୍ଟ୍ରଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଲା ଏବଂ ପହଲଗାମ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବାର ପ୍ରମାଣ ଉପସ୍ଥାପନ କଲା। ବିରୋଧୀ ଦଳମାନଙ୍କ ସହ ମଧ ସରକାର ବିଚାର ଆଲୋଚନା କରି ସେମାନଙ୍କ ସମର୍ଥନ ହାସଲ କରିଥିଲେ। ଯୁଦ୍ଧ ପାଇଁ ପ୍ରସ୍ତୁତି ବି ଚାଲିଥିଲା। ପହଲଗାମ ଘଟଣାର ଦୁଇ ସପ୍ତାହ ପରେ ଗତ ୬ ତାରିଖ ରାତିରେ ଭାରତ ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କଲା। ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଭାରତୀୟ ସେନାର ସୂଚନା ଅନୁଯାୟୀ ମାତ୍ର ୨୫ ମିନିଟରେ ୨୪ଟି ଆତଙ୍କୀ ଶିବୀର ଉପରେ ଭାରତ ଏୟାର ଷ୍ଟ୍ରାଇକ କରିଥିଲା। ଏଥିରେ ସେସବୁ ଆତଙ୍କୀ ଶିବୀର ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା। ଭାରତ ଚାହିଁଥିଲେ ପାକିସ୍ତାନର ସାମରିକ ଘାଟୀ ଏବଂ ସର୍ବସାଧରଣ ସ୍ଥାନରେ ଉପରେ ମଧ ଆକ୍ରମଣ କରିପାରିଥାଆନ୍ତା ଯେପରି ଇସ୍ରାଏଲ କରିଛି। କିନ୍ତୁ ଭାରତ ଏକ ଗଣତାନ୍ତ୍ରିକ ସଭ୍ୟ ରାଷ୍ଟ୍ର ଏବଂ ଶାନ୍ତି ଏହାର ନୀତି ଏବଂ ଆଦର୍ଶ। ଭାରତର ଲକ୍ଷ୍ୟ ଥିଲା ପାକିସ୍ତାନରେ ଥିବା ଆତଙ୍କୀ ଶିବୀର ଏବଂ ତାଲିମକେନ୍ଦ୍ରକୁ ଧ୍ୱଂସ କରିବା। ଭାରତୀୟ ବାୟୁସେନା ପକ୍ଷରୁ ଏହାକୁ ଅପରେସନ ସିନ୍ଦୁର ଆଖ୍ୟା ଦିଆଯାଇଥିଲା। ଭାରତୀୟ ସେନାର ଏହି ଏୟାର ଷ୍ଟ୍ରାଇକ ଜବାବରେ ପାକିସ୍ତାନ ୭ ତାରିଖରୁ ଭାରତ ବିରୋଧରେ ଆକ୍ରମଣ ଆରମ୍ଭ କରିଥିଲା। ଦୁଇ ଦେଶ ମଧରେ ପୂର୍ଣ୍ଣ କାଳିନ ଯୁଦ୍ଧ ଆରମ୍ଭ ହୋଇଥିଲା। ଏଲଓସିରେ ପାକ ସେନା ପକ୍ଷରୁ ଗୁଳିଗୋଳା ବର୍ଷଣ କରିବା ସହ ଭାରତ ଉପରେ ମିସାଇଲ ଏବଂ ଡ୍ରୋନ ଆକ୍ରମଣ କରିଥିଲା ଯାହା ଭାରତୀୟ ସେନା ବିଫଳ କରି ଦେଇଥିଲା ଭାରତୀୟ ସେନା ପାକିସ୍ତାନର ୩ଟି ଲଢୁଆ ବିମାନକୁ ଖସାଇଦେବା ସହିତ ଅଧିକାଂଶ ଡ୍ରୋନକୁ ନଷ୍ଟ କରି ଦେଇଥିଲା। ଜଳ,ସ୍ଥଳ, ଆକାଶ ତିନି ଦିଗରୁ ଭାରତ ପ୍ରତିପକ୍ଷ ବିରୋଧରେ ଆକ୍ରମଣ କରିଥିଲା। ଆଇଏନଏସ ବିକ୍ରାନ୍ତ କରାଚୀ ବନ୍ଦର ନିକଟରେ ଆକ୍ରମଣ ଲାଗି ପ୍ରସ୍ତୁତ ହୋଇଥିଲା। ପାକିସ୍ତାନର ଅନେକ ପ୍ରମୁଖ ସହର ଉପରେ ଭାରତ ମିସାଇଲ ମାଡ଼ କରିଥିଲା। କିନ୍ତୁ ପାକିସ୍ତାନ ଭାରତର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା ସହ ଅନେକ ଧାର୍ମିକ ପୀଠକୁ ମଧ ଧ୍ୱଂସ କରିବାକୁ ପ୍ରୟାସ କରିଥିଲା। ଏଭଳି ଭାବେ ଉଭୟ ଦେଶ ମଧରେ ବଡ଼ ଯୁଦ୍ଧ ଆଶଙ୍କା ସୃଷ୍ଟି ହେଉଥିବା ବେଳେ ହଠାତ ୧୦ ତାରିଖ ସନ୍ଧ୍ୟାରେ ଯୁଦ୍ଧ ବିରତି ଘୋଷଣା କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ଫଳରେ ଉଭୟ ଦେଶ ଯୁଦ୍ଧ ବିରତି ଲାଗି ସହମତ ହୋଇଥିଲେ। କିନ୍ତୁ ଭାରତୀୟ ମାନେ ଏଥିରେ ଖୁସି ନାହାଁନ୍ତି। ସେମାନେ ଚାହୁଁଥିଲେ ଏଥର ଲଢ଼େଇ ନିର୍ଣ୍ଣାୟକ ହେଉ। ପାକିସ୍ତାନ ବିରୋଧରେ ଭାରତ ଆକ୍ରମଣକୁ ଆହୁରି ଶାଣିତ କରୁ ଏବଂ ଏହି ସୁଯୋଗରେ ପିଓକେ ଦଖଲ କରୁ। ପାକିସ୍ତନାକୁ ସବକ ଶିଖାଇବାର ଏହି ସୁଯୋଗକୁ ହାତଛଡ଼ା କରାନଯାଉ। ଭାରତୀୟ ମାନେ ଏବେ ଭାବୁଛନ୍ତି ଯେ, ଏକ ଜିତିବା ଯୁଦ୍ଧକୁ ଭାରତ ହାତଛଡ଼ା କରିଦେଲା ଏବଂ ଆମେରିକାର ଚାପରେ ପଡ଼ି ଯୁଦ୍ଧ ବିରତି ଲାଗି ରାଜି ହୋଇଗଲା। ଏହା କେତେକାଂଶରେ ସତ୍ୟ। କାରଣ ପାକିସ୍ତାନକୁ ବିଶ୍ୱାସ ନାହିଁ। ଏବେ ବି ପାକିସ୍ତାନରେ ଆତଙ୍କବାଦର ମଞ୍ଜି ରହିଛି। ସୁଯୋଗ ଦେଖି ସେମାନେ ପୁଣି ଭାରତକୁ ଟାର୍ଗେଟ କରିବେ। ପୁଣି ପହଲଗାମ ଭଳି ଘଟଣା ହେବ। ନିରୀହ ବ୍ୟକ୍ତି ପ୍ରାଣ ହରାଇବେ। ଭାରତର ଆକ୍ରମଣ ବେଳେ ବେଲୁଚିସ୍ତାନ ଲିବରେସନ ଆର୍ମି (ବିଏଲଏ) ମଧ ଉତ୍ସାହିତ ହୋଇ ପାକିସ୍ତାନ ବିରୋଧରେ ଯୁଦ୍ଧ ଘୋଷଣା କଲା ଏବଂ ସ୍ୱାଧୀନ ବେଲୁଚିସ୍ତାନ ଘୋଷଣା କରାଗଲା। ପାକିସ୍ତାନରେ ଏକ ପ୍ରକାର ଗୃହଯୁଦ୍ଧ ପରିସ୍ଥିତି ସୃଷ୍ଟି ହେଲା। କିନ୍ତୁ ଭାରତ ଏଥିରୁ ଫାଇଦା ଉଠାଇବା ପରିବର୍ତ୍ତେ ଯୁଦ୍ଧ ବନ୍ଦ କରି ଦେଲା। ଏହାକୁ ଅନେକ ସମାଲୋଚନା କରୁଛନ୍ତି ଏବଂ ମୋଦିଙ୍କ ନିଷ୍ପତ୍ତିରେ ଅସନ୍ତୋଷ ଜାହିର କରୁଛନ୍ତି। ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି ତିନି ବାହିନୀକୁ ପାକିସ୍ତାନ ବିରୋଧରେ ପଦକ୍ଷେପ ଲାଗି ସ୍ୱାଧୀନତା ପ୍ରଦାନ କରିଥିଲେ। କିନ୍ତୁ ଯୁଦ୍ଧ ବନ୍ଦ ଲାଗି ସରକାର ନିଷ୍ପତ୍ତି ନେଲେ। ବାସ୍ତବରେ ପାକିସ୍ତାନ ବିରୋଧରେ କାର୍ଯ୍ୟାନୁଷ୍ଠାନ ଅଧୁରା ରହିଗଲା। ଯଦିଓ ଅପରେସନ ସିନ୍ଦୁରରେ ପାକିସ୍ତାନ ବିପୁଳ କ୍ଷତି ସହିଛି, କିନ୍ତୁ ଏହା ଯଥେଷ୍ଟ ନୁହେଁ। ଏହା ସହିତ ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠିର ସହାୟତାକୁ ମଧ ଭାରତ ବନ୍ଦ କରିବାରେ ବିଫଳ ହେଲା। ଏହା ଭାରତର ଏକ ନୈତିକ ପରାଜୟ ଥିଲା। ତେବେ ଯୁଦ୍ଧବିରତିର ଅସଲ କାରଣ କ'ଣ , ଭାରତ କାହିଁକି ଟ୍ରମ୍ପଙ୍କ ପ୍ରସ୍ତାବରେ ରାଜି ହୋଇଗଲା ସେ ସମ୍ପର୍କରେ କେନ୍ଦ୍ର ସରକାର ସ୍ପଷ୍ଟ କରିବା ଉଚିତ। ଉଭୟ ଭାରତ ଏବଂ ପାକିସ୍ତାନ ପରାମଣୁ ଶକ୍ତିର ଅଧିକାରୀ। ପାକିସ୍ତାନ ଯେପରି ଭୟଭୀତ ହୋଇପଡ଼ିଥିଲା, ସେଥିରେ ଆତ୍ମରକ୍ଷା ନିମନ୍ତେ ଭାରତ ବିରୋଧରେ ପରମାଣୁ ଅସ୍ତ୍ର ପ୍ରୟୋଗ କରିବାର ଯଥେଷ୍ଟ ଆଶଙ୍କା ଥିଲା। ଜବାବରେ ଭାରତ ମଧ ଅନୁରୂପ ପଦକ୍ଷେପ ନେଇଥାଆନ୍ତା। ଏହା ଫଳରେ ସମଗ୍ର ବିଶ୍ୱ କ୍ଷତିଗ୍ରସ୍ତ ଏବଂ ପ୍ରଭାବିତ ହେବାର ଆଶଙ୍କା ଥିଲା। ସମ୍ଭବତଃ ଏହାକୁ ଆଶଙ୍କା କରି ଟ୍ରମ୍ପ ଯୁଦ୍ଧ ବିରତି ଲାଗି ଉଦ୍ୟମ କଲେ। ପାକିସ୍ତାନ ଆମେରିକାର ଶରଣ ପଶିଥିଲା ଏବଂ ସମ୍ଭବତଃ ପରାମାଣୁ ଅସ୍ତ୍ର ପ୍ରୟୋଗ କରିବାର ଧମକ ମଧ ଦେଇଥିବ। ତେଣୁ ଟ୍ରମ୍ପ ଯୁଦ୍ଧ ବନ୍ଦ ଲାଗି ଉଭୟ ପକ୍ଷ ସହ ଆଲୋଚନା କରିଥିଲେ। ସେ ଦୃଷ୍ଟିରୁ ଯୁଦ୍ଧ ବନ୍ଦ ହେବା ସ୍ୱାଗତଯୋଗ୍ୟ। କିନ୍ତୁ ମନେ ରଖିବାକୁ ପଡ଼ିବ ଯେ, ପାକିସ୍ତାନର ଚରିତ୍ର କେବେ ବି ବଦଳିବ ନାହିଁ ଏବଂ ଏହାର ଭାରତ ବିରୋଧୀ ଆଭିମୁଖ୍ୟ ଅପରିବର୍ତ୍ତିତ ରହିବ। ଏଭଳି ପରିସ୍ଥିତିରେ ଭାରତ ପାକିସ୍ତାନ ସହ ଯୁଦ୍ଧ ନୁହେଁ, ଆତଙ୍କବାଦ ବିରୋଧରେ ଯୁଦ୍ଧ ପାଇଁ ପ୍ରସ୍ତୁତ ରହିବା ଉଚିତ। ଏହି ସ୍ୱଳ୍ପ କାଳୀନ ଲଢ଼େଇରୁ ଭାରତ ଅନେକ କିଛି ଶିଖିବାର ସୁଯୋଗ ମିଳିଛି। ଦେଶର ପ୍ରତିରକ୍ଷା ବ୍ୟବସ୍ଥାକୁ ଆହୁରି ସଶକ୍ତ କରିବାର ଆବଶ୍ୟକତା ରହିଛି। ଅତ୍ୟାଧୁନୀକ ଲଢୁଆ ବିମାନ, ଯୁଦ୍ଧ ଜାହାଜ ଏବଂ ଅସ୍ତ୍ରଶସ୍ତ୍ର ମହଜୁଦ ରଖିବା ଉଚିତ। ଦେଶର ସୁରକ୍ଷା ଏବଂ ସାର୍ବଭୌମତ୍ୱ ସହ ସାଲିସ କରାଯିବା ଅନୁଚିତ। ଏଥର ଲଢ଼େଇରେ ରାଫେଲ ଏବଂ ଏସ-୪୦୦ କିପରି ଉପଯୋଗୀ ହେଲା ତାହା ସମସ୍ତେ ଜାଣିଲେ। ଏହାଠାରୁ ବହୁ ଅଧିକ ଶକ୍ତିଶାଳି ବିମାନ ଏବଂ ଅସ୍ତ୍ରଶସ୍ତ୍ର ତଥା କ୍ଷେପଣାସ୍ତ୍ରର ଆବଶ୍ୟକତା ରହିଛି। ତେବେ ଏହାକୁ ବିଦେଶରୁ କିଣିବା ଅପେକ୍ଷା ନିଜସ୍ୱ ଉଦ୍ୟମରେ ପ୍ରସ୍ତୁତ କରାଗଲେ ତାହା ସ୍ୱାଗତ ଯୋଗ୍ୟ ହେବ।

# ନାରୀଶକ୍ତିକୁ ଜାଗ୍ରତ କରିବା ଥିଲା ଗାନ୍ଧୀଙ୍କ ସ୍ୱପ୍ନ



**ଉମାଶଙ୍କର ପ୍ରସାଦ**

ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ଚିନ୍ତାଧାରା ସ୍ୱଦେଶ, ସ୍ୱଜାତି ଓ ସ୍ୱଧର୍ମର ଊର୍ଦ୍ଧ୍ୱରେ ଥିଲା। ସମାଜରେ ନାରୀମାନଙ୍କ ପ୍ରତି ତାଙ୍କର ଦୃଷ୍ଟିଭଙ୍ଗୀ ଥିଲା ଭିନ୍ନ ଓ ଅନନ୍ୟ ସାଧାରଣ। ସ୍ୱାଧିନତା ସଂଗ୍ରାମର ନେତୃତ୍ୱ ସମୟରେ ଦେଶର ବହୁ ସମସ୍ୟା ସମ୍ପର୍କରେ ଗଭୀର ଅନୁଧାନ କରିବା ସମୟରେ, ନାରୀଶକ୍ତି ଏବଂ ନାରୀମାନଙ୍କ ସମସ୍ୟା ସମ୍ପର୍କରେ ସେ ଗଭୀର ଭାବରେ ଅନୁଧାନ କରି କହିଥିଲେ, ଜାୟା, ଜନନୀ ଓ ଭଗିନୀଭାବରେ ନାରୀର ସ୍ନେହ, ସେବା, ତ୍ୟାଗର ମହତ୍ୱ ଅନସ୍ୱୀକାର୍ଯ୍ୟ। ପରିବାର ଓ ସଂସାର ପରିଚାଳନା କରିବାରେ ନାରୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ନାରୀ ହେଉଛି ସନ୍ତାନର ପ୍ରଥମ ଗୁରୁ। ତେଣୁ ନାରୀଶକ୍ତି ସମ୍ପର୍କରେ ତାଙ୍କର ଗଭୀର ଆତ୍ମ ବିଶ୍ୱାସ ଥିଲା। ସେହି ନାରୀଶକ୍ତିର ସଦୁପଯୋଗ ପାଇଁ ସେ ସ୍ୱାଧିନତା ସଂଗ୍ରାମ, ନିଶା ନିବାରଣ, ଅସ୍ପୃଶ୍ୟତା ଦୂରୀକରଣ ଓ ସର୍ବୋପରି ଏକ ସୁସ୍ଥ ସମାଜ ଗଠନରେ ସେମାନଙ୍କୁ ନିୟୋଜିତ କରିବା ଉପରେ ସେ ଗୁରୁତ୍ୱ ଆରୋପ କରିଥିଲେ। ମାତ୍ର ଅନେକ ରକ୍ଷଣଶୀଳ କୁସଂସ୍କାରଚ୍ଛନ୍ନ ଅନୁଗତ ସମାଜର ନିରକ୍ଷରତା ଜନିତ ଅଜ୍ଞତା, ଅନ୍ଧବିଶ୍ୱାସ ଓ ନାରୀମାନଙ୍କ ପ୍ରତି ହୀନମନ୍ୟତା ସେମାନଙ୍କ ଶକ୍ତିର ବିକାଶପଥରେ ଅନ୍ତରାୟ ବୋଲି ସେ ଅନୁଭବ କରିଥିଲେ। ବାଲ୍ୟବିବାହ, ବହୁ ବିବାହ, ପର୍ଦ୍ଦାପ୍ରଥା, ଦେବଦାସୀ ପ୍ରଥା ଓ ବିଧବା ବିବାହ ବିରୋଧ, ଯୌତୁକ ଓ ଆର୍ଥିକ ପରାଲମ୍ବିତା ପ୍ରଭୃତି କୁପ୍ରଥା ନାରୀ ସମାଜର ପ୍ରଗତିର ପ୍ରତିବନ୍ଧକ ବୋଲି ସେ ମତ ପୋଷଣ କରିଥିଲେ। ଏ ସମସ୍ତ ଅମାନୁଷିକ ପ୍ରଥାର ଦୂରୀକରଣ ଦିଗରେ ସମଗ୍ର ଭାରତୀୟମାନଙ୍କର ଦୃଷ୍ଟି ଆକର୍ଷଣ କରି "ୟଙ୍ଗ୍ ଇଣ୍ଡିଆ" ଓ "ହରିଜନ" ପତ୍ରିକାରେ ନାରୀ ଜାତି ସମ୍ପର୍କରେ ସ୍ୱକୀୟ ଅଭିମତ ଓ ଦୃଷ୍ଟିଭଙ୍ଗୀ ପ୍ରକାଶ କରିଛନ୍ତି।

ବାପୁଙ୍କର ମହାନ ସ୍ୱପ୍ନ ଥିଲା ନାରୀଶକ୍ତିର ଗୁଣ, ଗାରିମା, ଧିଶକ୍ତି ଓ ସୁସଂହତି କାର୍ଯ୍ୟକୁ ଗୃହର ଚାରିକାନ୍ଥ ମଧରେ ସୀମିତ ନ ରଖି ସେ ତାକୁ ବିକଶିତ ଓ ବ୍ୟାପକ କରି ଜାତୀୟ କାର୍ଯ୍ୟକ୍ରମରେ ଓ ଦେଶର ସମୃଦ୍ଧି ଦିଗରେ ପ୍ରୟୋଗ କରିବାକୁ ସାରା ଜୀବନ ପ୍ରୟାସ କରିଥିଲେ। ପୁରୁଷ ତୁଳନାରେ ନାରୀ କୌଣସିଥିରେ ନ୍ୟୁନ ନୁହେଁ ବୋଲି ସେ ମତ ପ୍ରଦାନ କରିଥିଲେ। ନାରୀ ଓ ପୁରୁଷ କେବଳ କର୍ମ ସହଚରୀ ନୁହେଁ; ସେ ପୁରୁଷର ସହଧର୍ମିଣୀ, ସହକର୍ମିଣୀ ଓ ସହମର୍ମିଣୀ ମଧ। ନାରୀ ଓ ପୁରୁଷ ପରସ୍ପରର ସହଯୋଗରେ ଜୀବନ ଏବଂ ଜଗତ ହୁଏ ମଧୁମୟ। ଯେଉଁଠି ନାରୀ ଅବହେଳିତା, ଶିକ୍ଷାଦୀକ୍ଷାରୁ ବଞ୍ଚିତା ହୋଇ ଅସୂର୍ଯ୍ୟଂପଶ୍ୟା ଭାବରେ କାଳାତିପାତ କରେ, ସେଠି ଶାନ୍ତି ସୁଦୂର ପରାହତ। ସାମାଜିକ ସଂସ୍କାର ଅର୍ଥନୀତିକ ବିକାଶ, ପ୍ରଶାସନିକ ଉନ୍ନତି ପାଇଁ ସେ ଏକାନ୍ତଭାବେ ସହାୟ। ନାରୀର ଦୃଢ଼ ଅବିଚଳିତ ମନୋଭାବ ତାକୁ ଅସାଧ ସାଧନ କରିବାକୁ କ୍ଷମ କରିଥାଏ। ତେଣୁ ତାହାର ଅନ୍ତର୍ନିହିତ ଶକ୍ତିକୁ ଅବଦମିତ ନ କରି, ତାର ସୁପ୍ତ ଚେତନାକୁ ଜାଗ୍ରତ କରିବାକୁ ସେ ପୁରୁଷ ସମାଜକୁ ଆହ୍ୱାନ କରିଥିଲେ। ଭାରତର ବିଭିନ୍ନ ସ୍ଥାନ ଭ୍ରମଣ କରି ତାଙ୍କର ହୃଦ୍‌ବୋଧ ହୋଇଥିଲା ନାରୀ ମାନବ ସମାଜର ଉତମାଙ୍ଗ, ପୁରୁଷଠାରୁ ଅଧିକ ମହାନ। ଗାର୍ଗୀ, ମୈତ୍ରେୟ ପ୍ରଭୃତି ନାରୀମାନେ ସେମାନଙ୍କର ଜ୍ଞାନର ବିକଶିତ କରି ଆଜି ମଧ ସମାଜରେ ବିସ୍ମୟ ସୃଷ୍ଟି କରିପାରିଛନ୍ତି। ଲୀଳାବତୀଙ୍କର ଗଣିତସୂତ୍ର ଆଜି ମଧ ଗଣିତ ତତ୍ୱବିଦ୍‌ମାନଙ୍କୁ ଚମତ୍କୃତ କରିଥାଏ। ଏହା ସତ୍ୱେ ମଧ ସମାଜର କୁସଂସ୍କାର, ଅନଗ୍ରସରତା, ନାରୀପ୍ରତି ହେୟଭାବ, ବିଶେଷତଃ ଅବସ୍ଥା ପରିସ୍ଥିତିରେ ନାରୀର ବହୁ ସମସ୍ୟା ଓ ଦୟନୀୟ ଦୁଃଖ ଯନ୍ତ୍ରଣାକୁ ବାପୁଜୀ ମର୍ମେ ମର୍ମେ ଅନୁଭବ କରି ତାର ସମାଧାନ ଦିଗରେ ବହୁ ପଦକ୍ଷେପ ନେଇଥିଲେ।

ମାତ୍ର ଦୁଃଖର ବିଷୟ ସ୍ୱାଧିନତା ପ୍ରାପ୍ତିର ୭୩ବର୍ଷ ପରେ ମଧ ନାରୀ ପୂର୍ଣ୍ଣ ସ୍ୱାଧିନତା ପାଇପାରିନାହିଁ। ଏହା ମାନିବାକୁ ପଡ଼ିବ ଅତୀତର ନାରୀ ଜୀବନ ଠାରୁ ବର୍ତମାନ ନାରୀ ଅଧିକ ସ୍ୱେଚ୍ଛାଚାରିଣୀ ହୋଇଯାଇଛି। ତେଣୁ ସମାଜରେ ଅନେକ ନାରୀ ନିର୍ଯ୍ୟାତନାର ଚିତ୍ର ଦେଖିବାକୁ ମିଳୁଛି। ବାପୁ ନିଜର ମତ ପ୍ରଦାନ କରି କହିଥିଲେ, ବେଶ୍ୟା ଶବ୍ଦର ଶ୍ରୁତି ମଧୁର ବା ପ୍ରଶଂସାସୂଚକ ଶବ୍ଦ ହେଉଛି ଦେବଦାସୀ। ପୁରୁଷଙ୍କର ଅନୈତିକ ଇନ୍ଦ୍ରିୟଲାଳସା ବା କାମୁକତାର ଶିକାର ହେଉଥିବା ହଜାର ହଜାର ନାରୀ ଲଜ୍ଜାଜନକ ଜୀବନଯାପନ କରିବା ବିରୁଦ୍ଧ ଅହିଂସାତ୍ମକ ବିଦ୍ରୋହ କରିବାକୁ ସେ ନାରୀଜାତିକୁ ଉଦ୍‌ବୋଧନ ଦେଇଥିଲେ। ବର୍ତମାନ ସମାଜରେ ତଥା ଆଜିର ପ୍ରଗତିଶୀଳ ଯୁଗରେ ଦେଶ, କାଳ, ପାତ୍ର ନିର୍ବିଶେଷରେ ଧର୍ଷଣର ଯେଉଁ ବିଭତ୍ସକାଣ୍ଡ ଚାଲିଛି, ତାହାର ନିରାକରଣପାଇଁ ସମାଜର ବୁଦ୍ଧିଜୀବୀମାନେ ଚିନ୍ତା କରିବା ଦରକାର। ବାଲ୍ୟବିବାହ ବିରୁଦ୍ଧରେ



ଏବଂ ବିଧବା ବିବାହ ସପକ୍ଷରେ ଉନ୍ନବିଂଶ ଶତାବ୍ଦୀର ମଧ ଭାଗରେ ବଙ୍ଗୀୟ ସଂସ୍କାରକ ମୃତ୍ୟୁଞ୍ଜୟ ବିଦ୍ୟାଳଙ୍କାର, ରାଜା ରାମମୋହନ, କେଶବ ସେନ, ଈଶ୍ୱର ଚନ୍ଦ୍ର ବିଦ୍ୟାସାଗର ଯେଉଁ ଆନ୍ଦୋଳନ କରିଥିଲେ ବାପୁ ତାହାକୁ ଆଇନ ପ୍ରଣୟନ ପୂର୍ବକ ଅଧିକ ବଳବତର କରିବାକୁ ପ୍ରୟାସ କରିଥିଲେ। କବାଟ କଣରେ ଓଢ଼ଣା ତଳେ ମୁହଁ ଲୁଚାଉଥିବା ନାରୀମାନଙ୍କ ଚରିତ୍ର ଯେ ସୁରକ୍ଷିତ, ତାହା ସେ ଗ୍ରହଣ ନ କରି ଏହି ପର୍ଦ୍ଦାପ୍ରଥା ବିରୋଧରେ ତାଙ୍କର ବିହାର ଗ୍ରସ୍ତ ସମୟରେ ଅସ୍ଥାୟୀ କମିଟି ଗଠନ କରିବା ସହ ୧୯୨୭ ମସିହାରେ ବରୋଦାର ମହାରାଣୀ ନାରୀଶିକ୍ଷାର ଆବଶ୍ୟକତା ପାଇଁ ପର୍ଦ୍ଦାପ୍ରଥାର ବିଲୋପପାଇଁ ସୁଚିନ୍ତିତ ମତକୁ ଗ୍ରହଣ କରି ଏହାର ବିଲୋପ ଅଭିଯାନ ଆରମ୍ଭ କରିଥିଲେ। ବାପୁଙ୍କ ମତରେ ସ୍ତ୍ରୀମାନେ ହିଁ ସ୍ୱାମୀ ଚରିତ୍ରର ରକ୍ଷକ, ଉଚିତ ମାର୍ଗଦର୍ଶକ ଓ ସୁକର୍ମରେ ନିୟୋଜକ। ନାରୀର ଦୃଢ଼ ଇଚ୍ଛାଶକ୍ତି, ପ୍ରତିଶ୍ରୁତି ବଦ୍ଧତା ଏବଂ ଅଦମ୍ୟ ପ୍ରଚେଷ୍ଟା ଉପରେ ସମସ୍ତ ସଫଳତା ନିର୍ଭର କରେ ବୋଲି ବାପୁ କହୁଥିଲେ।

ଅନ୍ୟପକ୍ଷରେ ସେ ମତ ଦେଇ କହୁଥିଲେ ଅଳଙ୍କାର ମଣ୍ଡିତା ହୋଇ ନାରୀ ସ୍ୱାମୀ ବା ପୁରୁଷକୁ ଆକର୍ଷଣ ବା ପ୍ରୀତି କରିବାର ଅଭିଳାଷାକୁ ସେ ପସନ୍ଦ କରୁ ନ ଥିଲେ। ନାରୀର ଦୟା, କ୍ଷମା, ସେବା, ମମତା ଓ ଲଜ୍ଜା, ସମ୍ଭ୍ରମଶୀଳତା ପ୍ରଭୃତି ଈଶ୍ୱର ଦତ ଅନ୍ତର୍ନିହିତ ଗୁଣାବଳୀରୂପକ ଅଳଙ୍କାର ତାର ସମ୍ମାନ ଓ ମର୍ଯ୍ୟାଦା ବୃଦ୍ଧି କରିଥାଏ। ସେ କହୁଥିଲେ 'ଭୋଗ ନୁହେଁ, ତ୍ୟାଗ ହିଁ ନାରୀର ଭୂଷଣ', ସେତେବେଳେ ବାପୁଙ୍କର ଏହି ଆଦର୍ଶ ଓ ମହନୀୟ ଆହ୍ୱାନରେ ବହୁ ଧନୀଘରର ସ୍ତ୍ରୀଲୋକମାନେ ମୁକ୍ତି ଆନ୍ଦୋଳନ ଓ ଦଳିତମାନଙ୍କ ଉଦ୍ଦେଶ୍ୟରେ ସମସ୍ତ ମହାର୍ଘ ଅଳଙ୍କାର ଦାନ କରିଥିଲେ। ଆମ ପବିତ୍ର ଉତ୍କଳମାଟିରେ ମା'ରମାଦେବୀ ଓ ମୁକ୍ତି ସଂଗ୍ରାମର ଅନ୍ୟ ନାରୀମାନଙ୍କର ଦୃଷ୍ଟାନ୍ତ ଅତୁଳନୀୟ। "ନାରୀର ନଗ୍ନ ଅଙ୍ଗ ପ୍ରଦର୍ଶନ କରି ଅଶ୍ଳୀଳ ବିଜ୍ଞାପନ ଆଧୁନିକ ଗଣମାଧମର ଏକ ବ୍ୟବସାୟିକ ମାଧମରେ ପରିଣତ ହୋଇଛି। ଗାନ୍ଧିଜୀ ତାଙ୍କ ସମୟରେ ଏହି ଅଶ୍ଳୀଳ ବିଜ୍ଞାପନର ଘୋର ପ୍ରତିବାଦ କରିଥିଲେ। ନାରୀ ପୁରୁଷର ସକ୍ଷୀ କଣ୍ଢେଇ ନ ସାଜି, ସ୍ୱମତରେ ଦୃଢ଼ ରହି ସମବେତଭାବରେ ଏହାର ପ୍ରତିରୋଧ କରିବାର ସେ ତତ୍କାଳିନ ନାରୀମାନଙ୍କୁ ଆହ୍ୱାନ ଦେବାସହ ୧୪/୧୧/୧୯୩୬ରେ ପ୍ରକାଶିତ ହରିଜନ ପତ୍ରିକାରେ ସେ ପୁରାଣ ପୃଷ୍ଠାର ଉଦାହରଣ ଦେଇ ସେ କହିଥିଲେ ରାମାୟଣରେ ଶ୍ରୀରାମ ସୀତାଙ୍କର, ମହାଭାରତରେ ପଞ୍ଚୁପାଣ୍ଡବ, ଦ୍ରୌପଦୀଙ୍କର ସତୀତ୍ୱ ରକ୍ଷା କରିପାରି ନ ଥିଲେ। ଏଠାରେ ମୋର ସାମାନ୍ୟ ମତ ଦେବାକୁ ଚାହେଁ ତତ୍କାଳ ସୀତା ଓ ଦ୍ରୌପଦୀ ନିଜର ସତୀତ୍ୱ ରକ୍ଷା କରିବାପାଇଁ ସତତଃ ଚେଷ୍ଟିତ ଥିଲେ ଏବଂ ଭଗବାନଙ୍କୁ ନିଜର ସତୀତ୍ୱ ରକ୍ଷାପାଇଁ ଆକୁଳ ନିବେଦନ କରିଥିଲେ। ଫଳରେ ଭଗବାନ କୃଷ୍ଣଙ୍କୁ ଦ୍ରୌପଦୀଙ୍କର ସତୀତ୍ୱ ରକ୍ଷା କରିବାକୁ ବସ୍ତ୍ରାବତାର ହେବାକୁ ପଡ଼ିଥିଲା ଏବଂ ମା' ସୀତାଙ୍କୁ ରକ୍ଷା କରିବା ପାଇଁ ସେ ସମୟର ଅନାର୍ଯ୍ୟ ଭାଲୁ, ମାଙ୍କଡ ଆଗେଇ ଆସିଥିଲେ। ମାତ୍ର ଆଜି ବାପୁ ନାହାଁନ୍ତି, ଗୋଟାଏ ଦୃଷ୍ଟିରୁ ଭଲ ହୋଇଛି, ମାତ୍ର ଯଦିଥାନ୍ତେ ଆଜିର ନାରୀସମାଜର ତଥା ନାରୀମାନଙ୍କର ନଗ୍ନ ଅଙ୍ଗ ପ୍ରଦର୍ଶନ, ବହୁ ପୁରୁଷ ସହ ଜୀବନ ବିତାଇବା, ପରକିୟା ପ୍ରୀତି ତଥା ଅସଦାଚରଣ ଗୁଣକୁ ଦେଖି ସେ ଚିନ୍ତାରେ ମୃତ୍ୟୁ ବରଣ କରିଥାନ୍ତେ। ନାରୀମାନଙ୍କୁ ଆତ୍ମ ନିର୍ଭରଶୀଳତା ସମ୍ପର୍କକୁ ସଚେତନ କରାଇବାକୁ ଯାଇ ଗାନ୍ଧିଜୀଙ୍କର ପ୍ରେରଣା ଥିଲା ଅବିସ୍ମରଣୀୟ।

ସବୁକ୍ଷେତ୍ରରେ ନାରୀମାନଙ୍କର ନିଷ୍ଠାପରତା ସମ୍ପର୍କରେ ବାପୁଙ୍କର ଗଭୀର ଆସ୍ଥାଥିଲା। ଆଜିର ଆଧୁନିକ ଯୁଗରେ ସେତେବେଳେ ଗାନ୍ଧିଜୀ ଯେଉଁ ଆଶାପୋଷଣ କରିଥିଲେ ତାହା ଆଜି ଫଳପ୍ରଦ ହୋଇଛି। ଆଜି ନାରୀ ପୁରୁଷ ପରି ଜୀବନ ସଂଗ୍ରାମରେ କର୍ମ ନିପୁଣା। ଆଜି ନାରୀ ବିକାଶର ସୂଚୀ ଲମ୍ବିବାରେ ଲାଗିଛି। ସ୍ୱରାଜ୍ୟ ସଂଗ୍ରାମରେ ନାରୀମାନଙ୍କର ଶେଷ ପର୍ଯ୍ୟନ୍ତ ଅଂଶ ଗ୍ରହଣ କରି କାରାବରଣ କଲେ ଓ ବ୍ରିଟିଶ ଫଉଜଦ୍ୱାରା ନିଷ୍ପେସିତ ହେଲେ, ଫଳରେ ନାରୀର କୋମଳ ପାଷାଣ ପରି ଟାଣ ହୋଇଯାଇଥିଲା। ନାରୀ ଭିତରେ ଥିବା ସୁପ୍ତ ଇଛାଶକ୍ତି ଓ କର୍ମ ଦକ୍ଷତା ସମ୍ପର୍କରେ ସେ ବେଶ୍ ସଚେତନ ଥିଲେ। ନାରୀ ଏକଧାରାରେ ଜାୟା, ଜନନୀ, ଡାକିନୀ, ଭବାନୀ, ଉତମ ସହଧର୍ମିଣୀ, ଯୋଗ୍ୟମାତା ଓ ଦେଶର ଉପକାରୀ ସେବିକା ହେବା ପାଇଁ ନାରୀକ୍ଷେତ୍ର ବିଶେଷରେ ସୀତାଙ୍କର ଫୁଲପରି କୋମଳତା ଓ ଦ୍ରୌପଦୀଙ୍କ ଉଗ୍ରତା ଏବଂ ବଟବୃକ୍ଷତୁଲ୍ୟ ବିଶାଳତା ଶିକ୍ଷା କରିବା ଉଚିତ। ସେ ସୃଷ୍ଟିକାରିଣୀ, ପ୍ରଳୟକାରିଣୀ, ଉପଯୁକ୍ତ ଶିକ୍ଷା ଓ ପ୍ରୋତ୍ସାହନ ପାଇଲେ ସେ ହୁଏ ମଙ୍ଗଳଦାୟୀ, ସମାଜ ହୁଏ ଉନ୍ନତ, ପରିବାର ହୁଏ ମଧୁମୟ, ଦେଶ ହୁଏ ମହାନ। ନାରୀମାନଙ୍କ ପ୍ରତି ଗାନ୍ଧିଜୀଙ୍କ ଦୃଷ୍ଟିକୋଣ ତଥା ନାରୀଶକ୍ତିକୁ ଜାଗ୍ରତ କରିବା ଦିଗରେ ସେ ଦିନର ଗାନ୍ଧିଜୀଙ୍କ ସ୍ୱପ୍ନ କେତେ ଫଳପ୍ରଦ ହୋଇଛି ମୋର ସୁଧିପାଠକ ବିଚାର କରିବେ।

**ସମ୍ପାଦକ, ମାର୍ଗଦର୍ଶୀ, ଖୋର୍ଦ୍ଧା**
**ମୋବାଇଲ୍: ୬୩୭୦୬୭୫୫୬୨**

# ଜମିଦାରୀ ଦୁର୍ନୀତିଗ୍ରସ୍ତ ବାବୁ



**ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)**

ଏଥିରେ ଦ୍ୱିମତ ନାହିଁ ଯେ, ରାଜ୍ୟରେ ଦୁର୍ନୀତିର ଚେର ଏତେ ମଜଭୁତ ସ୍ଥିତିରେ ରହିଛି ଯେ, ଯେତେ ଖୋଳିଲେ ସେତେ ବାହାରୁଛି। ଦୁର୍ନୀତି ଗ୍ରସ୍ତଙ୍କ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ଶୂନ ସହିଷ୍ଣୁତା ଯୋଗୁଁ ସେମାନଙ୍କ ସଂଖ୍ୟା ଦିନକୁ ଦିନ ବଢିଚାଲିଛି। ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଯେତେ ଚଢ଼ାଉ କରୁଛି, ସେମାନଙ୍କ ସଂଖ୍ୟା ସେତେ ଲମ୍ବି ଚାଲିଛି। କେବଳ ସେମାନଙ୍କ ସଂଖ୍ୟା ନୁହେଁ, ଆୟ ବହିଃଭୂତ ସମ୍ପତିର ପରିମାଣ ମଧ ତାଜୁବ କରିଦେଇଛି। କେଉଁ ଦୁର୍ନୀତି ଗ୍ରସ୍ତଙ୍କ ଘରୁ ସୁନା ବିସ୍କୁଟ ଜବତ ହେଲାଣି, କାହାର ଆଲିଶାନ ଘର ସମସ୍ତଙ୍କୁ ବିସ୍ମିତ କରିଦେଲାଣି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଚଳିତ ବର୍ଷ ଆରମ୍ଭରୁ ବର୍ତମାନ ସୁଦ୍ଧା ୩୦ରୁ ଉଦ୍ଧ୍ୱର୍ ଦୁର୍ନୀତି ଗ୍ରସ୍ତ ବାବୁଙ୍କୁ ବନ୍ଧା ଗଲାଣି। ଯେଉଁମାନଙ୍କ ଠାରୁ ଗୋଟିଏ କି ଦୁଇଟି ନୁହେଁ, ଶହ ଶହ ପ୍ଲଟ(ଜମି) ଜବତ କରାଗଲାଣି। ସେମାନଙ୍କ ପ୍ଲଟ ସଂଖ୍ୟା ମିଶାଇଲେ ହୁଏତ ୬୦କୁ ଟପିଯିବ। ଯେଉଁମାନଙ୍କୁ ଏବେ ଜମିଦାର ବାବୁ ବୋଲି କୁହାଯାଉଛି ସାଧାରଣ ତଳ ପାହିଆ ସରକାରୀ କର୍ମଚାରୀ ପିଅନ, ବିରାଣୀଙ୍କ ଠାରୁ ଆରମ୍ଭ କରି ଜଙ୍ଗଲ, ଖଣି, ଅବକାରୀ, ଯୋଗାଣ, ପ୍ରଶାସନିକ ଓ ଉନ୍ନୟନ ତଥା ନିର୍ମାଣ ସହ ଜଡିତ ବିଭାଗର ଯନ୍ତ୍ରୀ ଦୁର୍ନୀତି ଗ୍ରସ୍ତଙ୍କ ତାଲିକାରେ ଯୋଡି ହେଉଛି। ଭିଜିଲାନ୍ସ ବିଭାଗ ପକ୍ଷରୁ ଦୁର୍ନୀତି ଗ୍ରସ୍ତ ବା ଜମିଦାର ବାବୁଙ୍କର ଯେଉଁ ଆୟ ବର୍ହିଃଭୂତ ସମ୍ପତିର ତାଲିକା ମିଳିଛି, ସେଥିରୁ ରାଜ୍ୟର ସବୁ ବିଭାଗରେ ଦୁର୍ନୀତିର ଚେର କିପରି କାୟା ବିସ୍ତାର କରିଛି, ତାହାର ସଂକେତ ପ୍ରଦାନ କରୁଛି। କେନ୍ଦୁଝରର ଜଣେ ଡିଏଫଓଙ୍କ ନିକଟରୁ କେବଳ ସୁନା, ରୂପା, ଅଳଙ୍କାର, ଅସ୍ତ୍ରଶସ୍ତ୍ର, ୪ଟି ଚାରିଚକିଆ ଗାଡି ଏବଂ ନଗଦ ପୁଳା ପୁଳା ଟଙ୍କା ସହ ୧୧୫ଟି ବାସୋପଯୋଗୀ ପ୍ଲଟ ଠାବ ହୋଇଛି। ସେହିପରି ମାଲକାନାଗିରିରେ ଭିଜିଲାନ୍ସ ଜାଲରେ ପଡିଥିବା ଜଣେ ଅଧିକାରୀଙ୍କର ୮୪ଏକର ଜମିଥିବା ଜଣାଯାଇଛି। ଆହୁରି ମଧ ନିକଟରେ ଜୟପୁରର ବନାଚଂଳ ଅଧିକାରୀଙ୍କ ନିକଟରୁ ନଗଦ ୧କୋଟି ୪୩ଲକ୍ଷ ୩୪ହଜାର ଟଙ୍କା ସହ ୪କିଲୋ ସୁନା, ଅଧ କେଜିଏରୁ ଅଧିକ ରୂପା, କୋଟିଏ ୩୨ଲକ୍ଷ ଟଙ୍କାର ଜମା ସହ ଏକାଧିକ ସ୍ଥାନରେ ଘର ଓ ପ୍ଲଟ ଜବତ ହୋଇଛି। ନିକଟରେ ଭୁବନେଶ୍ୱର ମହାନଗର ନିଗମର ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରୁ ଏକାଧିକ ମୂଲ୍ୟବାନ ପ୍ଲଟ, ଫାର୍ମ ହାଉସ, ବନ୍ଧୁକ, ହରିଣ ଶିଙ୍ଗ, ରୂପାରେ ନିର୍ମିତ ୫୦୦, ୨୦୦୦ଟଙ୍କିଆ ନୋଟ, ସୁନା ଓ ବ୍ୟାଙ୍କ ଜମା ଜବତ ହୋଇଛି। ଯାହାକି ସେମାନଙ୍କ ପ୍ରକୃତ ଆୟଠାରୁ ଶହଶହ ଗୁଣରେ ଅଧିକ ଥିବା ଭିଜିଲାନ୍ସ ଆକଳନ କରିଛି। କେବଳ ପଦସ୍ଥ ଅଧିକାରୀ ନୁହଁନ୍ତି, ତଳିଆ କର୍ମଚାରୀଙ୍କ ବେଆଇନ ସମ୍ପତି ମଧ କିଛି କମ୍ ନୁହେଁ। ଠିକାରେ ନିଯୁକ୍ତି ଜଣେ ଜିଆରଏସଙ୍କ ନିକଟରୁ ୫୮ଟି ମୂଲ୍ୟବାନ ପ୍ଲଟ ଜବତ ହେବା କିଛି ବର୍ଷ ତଳେ ରାଜ୍ୟରେ ଚହଳ ସୃଷ୍ଟି କରିଥିଲା। ସେହିଭଳି ପ୍ରତିଦିନ କେଉଁଠି ନା କେଉଁଠି ଭିଜିଲାନ୍ସ ଜାଲରେ ଲାଂଚୁଆ ଅଧିକାରୀ ଧରା ପଡୁଛନ୍ତି। ବନ୍ଧା ହେଉଛନ୍ତି, ଜେଲ ଯାଉଛନ୍ତି। ନିକଟରେ ଭଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ ଦୁଇଜଣ ଅଧିକାରୀଙ୍କୁ ରାଜ୍ୟ ସରକାର ଚାକିରୀ ବରଖାସ୍ତ କରିଛନ୍ତି। ପୂର୍ବ ସରକାର ମଧ ଦୁର୍ନୀତି ଗ୍ରସ୍ତ ୧୫୮ ଜଣ ଅଧିକାରୀ ଚାକିରୀରୁ ବହିସ୍କାର କରିଥିଲେ। କେତେକ ସମସ୍ତ ଅବସରକାଳୀନ ସହାୟତାକୁ ମଧ ବନ୍ଦ କରିଦେଇଥିଲେ। ତେବେ ଦୁର୍ନୀତି ବିରୁଦ୍ଧରେ ସରକାର ଯେତେ କଠୋର ହେଲେ ମଧ ଏହାର ପ୍ରଭାବ ଦୁର୍ନୀତି ଗ୍ରସ୍ତଙ୍କ ଉପରେ ପଡୁନାହିଁ। ଯାହାର ପରିଣତି ସ୍ୱରୁପ ସେମାନଙ୍କ ସଂଖ୍ୟା ବଢିଚାଲିଛି। ଏହା ନିସନ୍ଦେହ ଯେ, ରାଜ୍ୟରେ ଦୁର୍ନୀତିର ମୂଳୋତ୍ପାଟନ ପାଇଁ କଠୋର ଆଇନ ସହ ଜେଲ, ଜୋରିମାନା, ସମ୍ପତି ବାଜ୍ୟାପ୍ତି ବ୍ୟବସ୍ଥା ରହିଛି। ଆହୁରି ମଧ ପ୍ରତିବର୍ଷ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳିତ ହେଉଛି। କିନ୍ତୁ ଏହାର କୌଣସି ପ୍ରଭାବ ଦୁର୍ନୀତି ଗ୍ରସ୍ତଙ୍କ ଉପରେ ପଡୁନାହିଁ। ନିକଟରେ ବିଶ୍ୱବ୍ୟାଙ୍କ ପକ୍ଷରୁ ପ୍ରକାଶିତ ଦୁର୍ନୀତି ଗ୍ରସ୍ତ ତାଲିକାରେ ଭାରତର ସ୍ଥାନ ୧୮୦ଟି ରାଷ୍ଟ୍ରଙ୍କ ତାଲିକାରେ ୮୫ତମ ସ୍ଥାନରେ ରହିଥିଲା। ରିପୋର୍ଟରେ କୁହାଯାଇଥିଲା ଯେ, ବିନା ଲାଂଚରେ ଭାରତରେ କୌଣସି କାମ ହୁଏ ନାହିଁ। ଏପରିକି ସରକାରୀ ଅଧିକାରୀଙ୍କ ଟାଳଟୁଳ ନୀତି ଦେଖି ୭୫ଭାଗ କାମ ହାତେଇବା ପାଇଁ ଲାଂଚ ଦେବାକୁ ବାଧ ହୋଇଥାନ୍ତି। ଛୋଟ କାଟିଆ ଠିକା କାମ ଠାରୁ ଆରମ୍ଭ କରି କୋଟି କୋଟି ଟଙ୍କାର କାମରେ ପରସେଂଟେଜ (ପିସି) ନଦେଲେ କିଛି ହୁଏ ନାହିଁ ଟଙ୍କା ବଦଳରେ ଖଣି, ଜଙ୍ଗଲ ବିକ୍ରୀ ଚାଲିଛି। କୋଟି କୋଟି ଟଙ୍କାରେ ମଦ ଲାଇସେନ୍ସ ବିକ୍ରୀ ହେଉଛି। ବାର୍ଦ୍ଧକ୍ୟ ଭତା ଠାରୁ ଆରମ୍ଭ କରି ବିଭିନ୍ନ ସାମାଜିକ ଭତା ବିନା ଲାଂଚରେ ହିତାଧିକାରୀଙ୍କୁ ମିଳେ ନାହିଁ ବିଦ୍ୟୁତ, ପାଣି ସଂଯୋଗ, ଜନ୍ମଗତ ପ୍ରମାଣପତ୍ର, ବାର୍ଷିକ ଆୟ ରିପୋର୍ଟ ପାଇବା ପାଇଁ ଲାଂଚ ଦେବା ଏକ ପରମ୍ପରାରେ ହୋଇଗଲାଣି। ଦେଶରେ ଦୁର୍ନୀତି , ବାଟ ମାରଣାର ଚେର ଏତେ ସୁଦୃଢ଼ ବା ବ୍ୟାପକ ଯେ, କୌଣସି ଉନ୍ନୟନ ଅର୍ଥ ହିତାଧିକାରୀଙ୍କ ନିକଟରେ ପହଁଚିଲା ବେଳକୁ ମାତ୍ର ୧୫ପ୍ରତିଶତ ବଳକା ରହୁଛି, ୮୫ପ୍ରତିଶତ ହେରଫେର ହେଉଥିବା ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ରାଜୀବ ଗାନ୍ଧୀ ପାର୍ଲିଆମେଂଟରେ ସ୍ୱୀକାର କରିଥିଲେ। ଏହା ନିସନ୍ଦେହ ଯେ, ଆଇନ ଯେତେ କଠୋର ହେଉ, ଦଣ୍ଡବିଧାନ ଯେତେ କଠୋର ହେଉ, ବ୍ୟକ୍ତିର ମାନସିକତାରେ ପରିବର୍ତ୍ତନ ନହେବା ପର୍ଯ୍ୟନ୍ତ ଦୁର୍ନୀତି ଥମିବ ନାହିଁ।

**ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ: ୭୯୭୮୬୬୬୪୦୩**

# ଓଡ଼ିଆ ସାହିତ୍ୟରେ ଆଧୁନିକ ପର୍ବର ପ୍ରବେଶ ଓ ସଂଗ୍ରାମ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଆମ ଓଡ଼ିଶାର ଓଡ଼ିଆ ନାଟକ କ୍ଷେତ୍ରରେ ନାଟ୍ୟକାରଙ୍କର ଭୂମିକା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ପ୍ରଚେଷ୍ଟା ରହିଥିଲା। ସ୍ୱାଧୀନତା ପୂର୍ବରୁ ଓ ପରେ ଓଡ଼ିଆ ନାଟକ ରଚନା କ୍ଷେତ୍ରରେ କାଳୀଚରଣ ପଟ୍ଟନାୟକ, ରାମଚନ୍ଦ୍ର ମିଶ୍ର, ଗୋପାଳ ଛୋଟରାୟ, ଭଂଜ କିଶୋର ପଟ୍ଟନାୟକ, କମଳ ଲୋଚନ ମହାନ୍ତି, ରଘୁନାଥ ପଣ୍ଡା, ଭୁବନେଶ୍ୱର ମହାପାତ୍ର ଓ କୃଷ୍ଣପ୍ରସାଦ ବେହେରା ପ୍ରମୁଖଙ୍କର ଅବଦାନ ଅନସ୍ୱୀକାର୍ଯ୍ୟ। କାଳୀଚରଣଙ୍କର 'ଭାତ', "ରକ୍ତମାଟି', 'ଅଭିଯାନ', ରାମଚନ୍ଦ୍ର ମିଶ୍ରଙ୍କର ' ଭାଇ ଭାଉଜ", 'ଘର ସଂସାର', ଭ'ଜକିଶୋରଙ୍କର 'ମାଣିକଯୋଡ଼ି', 'ଜୟ ମାଲ୍ୟ', ଗୋପାଳ ଛୋଟରାୟଙ୍କର ' ଭରସା', ' ପର କଲମ' ଆଦି ନାଟକ ଏକଦା ଓଡ଼ିଶାର ରଙ୍ଗମଞ୍ଚମାନଙ୍କରେ ଚହଳ ପକାଇଥିଲା। ମନୋର"ଜନ ଦାସଙ୍କର ' ଆଗାମୀ' ଓ 'ସାଗର ମନ୍ଥନ' ନାଟକ ପରେ ପରେ ଓଡ଼ିଆ ନାଟକର ହେଲା ପରିବର୍ତ୍ତନ। ପରେ ମନୋରଂଜନ ରଚନା କଲେ 'ଆରଣ୍ୟ ଫସଲ',' ବନହଂସୀ', 'ଶବ୍ଦ ଲିପି', 'କାଠଘୋଡା', 'ନନ୍ଦିକାକେଶରୀ', ପରି ନୂତନ ଶୈଳୀର ନାଟକ। ଏହି ନୂତନ ପ୍ରାୟୋଗିକ ଶୈଳୀକୁ ନେଇ ବିଶ୍‌ବଜିତ୍ ଦାସ, ବିଜୟ ମିଶ୍ର, ରମେଶ ପ୍ରସାଦ ପାଣିଗ୍ରାହୀ ପ୍ରମୁଖ ନାଟକ ରଚନା କଲେ।

ସେହିପରି ଓଡ଼ିଆ ସାହିତ୍ୟରେ ଓଡ଼ିଆ ନାଟକ ସହିତ ଗଳ୍ପ, ଉପନ୍ୟାସ ମଧ ନୂତନ ନୂତନ ଏକ ନୂତନ ଅଧାୟ ନେଇ ଗତି କରିଥିଲା ଆଉ ତାହା ସହିତ ଓଡ଼ିଆ ପ୍ରବନ୍ଧ ଓ ରମ୍ୟ ରଚନାର ମଧ ବିକାଶ ହୋଇଥିଲା। କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, ଚିତ୍ତରଞ୍ଜନ ଦାସ, ସଦାଶିବ ମିଶ୍ର, ଚନ୍ଦ୍ରଶେଖର ରଥ, ମହାପାତ୍ର ନୀଳମଣି ସାହୁ, ଶରତ କୁମାର ମହାନ୍ତି, ବାମାଚରଣ ମିତ୍ର, ପ୍ରମୁଖ ଓଡ଼ିଆ ପ୍ରବନ୍ଧ ଓ ରମ୍ୟରଚନା କ୍ଷେତ୍ରରେ ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ସ୍ୱାଧୀନତା ପରବର୍ତ୍ତୀ କାଳରେ ଆତ୍ମଚରିତ ରଚନା କରାଯିବାର ଗୋଟିଏ ନୂତନ ପ୍ରବଣତା ପ୍ରକାଶ ପାଇଅଛି। ପ୍ରାୟ ଶତାଧିକ ଆତ୍ମଚରିତ ଲେଖାଯାଇ ଏହି ବିଭାଗଟି ଓଡ଼ିଆ ସାହିତ୍ୟରେ ଏକ ସମ୍ମାନଜନକ ସ୍ଥାନ ଗ୍ରହଣ କରିଅଛି। ଭ୍ରମଣ କାହାଣୀ ବହୁ ସଂଖ୍ୟାରେ ରଚିତ ହୋଇ ଓଡ଼ିଆ ସାହିତ୍ୟରେ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଛି। ସ୍ୱାଧୀନତା ପୂର୍ବକାଳରୁ ସମାଲୋଚନା ଲେଖାଯାଇଥିଲେ ମଧ ସ୍ୱାଧୀନତା ପରବର୍ତ୍ତୀ କାଳରେ ସମାଲୋଚନାର ହୋଇଛି ଭୂୟୋବିକାଶ। ମାୟାଧର ମାନସିଂହ, ସୁରେନ୍ଦ୍ର ମହାନ୍ତି, ନଟବର ସାମନ୍ତରାୟ, ନରେନ୍ଦ୍ର ନାଥ ମିଶ୍ର, କୁଜବିହାରୀ ଦାଶ ପ୍ରମୁଖ ଓଡ଼ିଆ ସମାଲୋଚନା କ୍ଷେତ୍ରରେ ନିଜ ନିଜର ଦକ୍ଷତା ପ୍ରଦର୍ଶନ କରିଅଛନ୍ତି। ପୂର୍ବରୁ ପଣ୍ଡିତ ବିନାୟକ ମିଶ୍ର ସମାଲୋଚନା ଲେଖିବା ସହିତ ଓଡ଼ିଆ ସାହିତ୍ୟର ଇତିହାସ ଲେଖିଥିଲେ। ପରେ ପରେ ପଣ୍ଡିତ ସୂର୍ଯ୍ୟନାରାୟଣ ଦାଶ, ସୁରେନ୍ଦ୍ର ମହାନ୍ତି, ମାୟାଧର ମାନସିଂହ, ନଟବର ସାମନ୍ତରାୟ, କୃଷ୍ଣଚରଣ ବେହେରା, ବଂଶୀଧର ମହାନ୍ତି ପ୍ରମୁଖ ଓଡ଼ିଆ ସାହିତ୍ୟର ଇତିହାସ ରଚନା କରିଅଛନ୍ତି। ଏହି ସମୟରେ ମଧ ଶିଶୁ ସାହିତ୍ୟର ହୋଇଛି ବିକାଶ। ବହୁ ସାହିତ୍ୟ ପତ୍ରିକା ଓ ସମ୍ବାଦପତ୍ର ପ୍ରକାଶ ପାଇ ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରକାଶ ଓ ପ୍ରସାରରେ ପ୍ରେରଣାପ୍ରଦ ଭୂମିକା ନେଇଅଛି।




ଓଡ଼ିଆ ସାହିତ୍ୟର ଅତ୍ୟାଧୁନିକ ପର୍ବରେ ବ୍ୟକ୍ତି ସ୍ୱାତନ୍ତ୍ର୍ୟ, ଆତ୍ମଅନ୍ୱେଷା ଓ ବାମାବାଦ ବା ନାରୀବାଦ ବିଶେଷ ଗୁରୁତ୍ୱ ନେଇଅଛି। ଏହି ସମୟରେ ନାଟକ ଆଉ ଦର୍ଶକଙ୍କୁ ଆକର୍ଷଣ କଲା ନାହିଁ। ଏପରି ଅବସ୍ଥାରେ ଉତ୍ତର ଆଧୁନିକ ପର୍ବର ହେଲା ଉନ୍ମେଷ। ପରଂପରାନୁସନ୍ଧାନ ଓ ତାର ପୁନଃ ସଂସ୍ଥାନ, ଲୋକାନୁଷଙ୍ଗ ଓ ଲୋକାୟତ୍ତ ଚିନ୍ତାଧାରା ଗୁରୁତ୍ ଲାଭ କରି ସାହିତ୍ୟକୁ ପ୍ରଦାନ କଲା ନୂତନ ଜୀବନୀ ଶକ୍ତି। ଏବେ ଓଡ଼ିଆ ସାହିତ୍ୟ ଉତ୍ତର-ଆଧୁନିକ ପର୍ବରେ ଗତି କରି ଆପଣାର ମାଟି ଧରିବାକୁ ଚେଷ୍ଟା କରୁଛି। ଅତଏବ ଆଧୁନିକ ଓଡ଼ିଆ ସାହିତ୍ୟ ଦୀର୍ଘ ଧରି କେତେ ପରୀକ୍ଷା ନିରୀକ୍ଷା ଦେଇ ସଂଗ୍ରାମ ଜାରି ରଖିଛି ଯାହା ଆଉ ପଛକୁ ଫେରି ଚାହିଁ ନାହିଁ ବରଂ ଆଗକୁ ଆଗକୁ ତାହା ଗତି କରି ଚାଲିଛି। ଜାତୀୟ ସଂପର୍କ ପ୍ରତିଷ୍ଠା ସହିତ ଆନ୍ତର୍ଜାତିକ ସଂପର୍କ ପ୍ରତିଷ୍ଠା କରିବାରେ ସମର୍ଥ ହୋଇପାରିଛି। ସାହିତ୍ୟର ବିଭିନ୍ନ ବିଭାଗରେ ଓଡ଼ିଆ ସାହିତ୍ୟ ଯେ ସ୍ପଷ୍ଟ ମୁଦ୍ରାଙ୍କ ରଖିଛି ତାହା ପାଠକ ସହଜରେ ଉପଲବଧି କରିଅଛନ୍ତି।

**ଅରଙ୍ଗାବାଦ, ବରୀ, ଯାଜପୁର**
**ମୋବାଇଲ: ୯୯୩୮୯୦୬୦୭୦**

# ହୃଦରୋଗୀଙ୍କୁ ମ୍ୟାଲେରିଆ ଔଷଧ, ଚାଲିଗଲା ୧୩୦୦ ଜୀବନ



**ପାକିସ୍ତାନ, ୨୭।୭:** ଆପଣ କଣ ବିଶ୍ୱାସ କରିପାରିବେ ଦେଶର ଉଚ୍ଚମାନର ଡାକ୍ତରଖାନାର ଡାକ୍ତରମାନେ ହୃଦରୋଗୀଙ୍କୁ ମ୍ୟାଲେରିଆର ଓଷେଧ ଦେବା ଭଳି ଏକ ଜଘନ୍ୟ ଭୂଲ କରିପାରନ୍ତି ? ହଁ ଆଜ୍ଞା ଏମିତି କିଛି ଘଟଣା ପାକିସ୍ତାନରେ ଘଟିଛି। ସେଠାରେ ଅଜ୍ଞାତା ଯୋଗୁଁ ୧୦୦୦ ରୁ ଅଧିକ ଜୀବନ ଲିଭିଯାଇଛି । ଯାହାକୁ ଆପଣ ଜାଣିଲା ପରେ ହଠାତ ବିଶ୍ୱାସ କରିପାରିବେ ନାହିଁ ଏହା କେମିତି ହୋଇପାରେ ବୋଲି ? ପୂର୍ବରୁ ଏକ କଥା ରହିଛି କି ପାକିସ୍ତାନ ହେଉଛି ଅଜ୍ଞ ଲୋକଙ୍କ ଦେଶ । ଯାହା ଆଜି ପ୍ରମାଣିତ ହୋଇଛି। ଜଣେ ହୃଦରୋଗୀଙ୍କୁ ମ୍ୟାଲେରିଆର ଓଷେଧ ଦେଇଛନ୍ତି ଜଣେ ଡାକ୍ତର। ତେବେ ଏହି ଘଟଣାରେ ପାକିସ୍ଥାନ ସରକାର ଡାକ୍ତରଙ୍କ ନିର୍ବୋଧତା ପାଇଁ ୧୦ ରୁ ୨୦ କିମ୍ବା ୫୦ ରୁ ୧୦୦ ନୁହେଁ ବରଂ ୧୩୦୦ ରୋଗୀଙ୍କ ଜୀବନ ଅକାଳରେ ଚାଲିଯାଇଛି। ଏହାପରେ ପାକିସ୍ଥାନର ଜନସାଧାରଣ ଓ ଗଣ ମାଧ୍ୟମ ସରକାରଙ୍କୁ ଗାଳି କରିଛନ୍ତି। ତେବେ ଏହି ଘଟଣାଟି ପାକିସ୍ତାନର ପଞ୍ଜାବ ଇନଷ୍ଟିଚ୍ୟୁଟ ଅଫ୍ କାର୍ଡିଓଲୋଜିରେ ହୋଇଛି। ଯେଉଁଠାରେ ହୃଦରୋଗୀ ମାନଙ୍କୁ ଗୋଟିଏ ପରେ ଗୋଟିଏ ମୃତ୍ୟୁ ହେବାକୁ ଲାଗିଲେ। ତଦନ୍ତ ପରେ ଏହାର ଅସଲ ଘଟଣା ସାମନାକୁ ଆସିଲା। ପରିସ୍ଥିତିକୁ ଆହୁରି ଖରାପ କରିବା ପାଇଁ ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ନିଜେଏହି ଅଜ୍ଞତାର ପ୍ରମାଣ ଦେଇଥିଲେ। ତେବେ ତଦନ୍ତରୁ ଜଣା ପଡିଥିଲା ଏହିଁ ଔଷଧ ହୃଦରୋଗୀ ମାନଙ୍କ ପାଇଁ ନଥିଲା । ଏହା ମ୍ୟାଲେରିଆର ଓଷେଧ ଥିଲା । ତେବେ ଏହି ଘଟଣାକୁ ନେଇ ସରିଫ୍ କହିଛନ୍ତି ଯେତେବେଳେ ଏହି ଘଟଣା ତାଙ୍କ ନଜରକୁ ଆସିଲା ସେ କିଛି ସମୟ ଭାବିଥିଲେ । ଏହାପରେ ସେ ଦୁଇଟି ନମୁନା ସଂଗ୍ରହ କରିଥିଲେ । ଗୋଟିଏ ୟୁକେ ଓ ଗୋଟିଏ ଫ୍ରାନ୍ସ କୁ ପଠାଇଥିବା ସେ କହିଥିଲେ । ଯାହା ଫଳରେ ସେଠାରୁ ସଠିକ ରିପୋର୍ଟ ଆସିପାରିବ ।

# ଆମେରିକା ୱାଲମାର୍ଟ ଷ୍ଟୋରରେ ଆତତାୟୀ ଆକ୍ରମଣ, ୧୧ ଆହତ

**ୱାଶିଂଟନ, ୨୭।୭:** ଆମେରିକାର ଉତ୍ତର ମିଚିଗାନର ଟ୍ରାଭର୍ସ ସହରରେ ଥିବା ଏକ ୱାଲମାର୍ଟ ଷ୍ଟୋରରେ ଶନିବାର ଆତଙ୍କବାଦୀ ଆକ୍ରମଣ । ଜଣେ ଆତତାୟୀ ଷ୍ଟୋରରେ ୧୧ ଜଣ ଗ୍ରାହକଙ୍କୁ ଛୁରାମାଡ଼ କରିଛି । ଆହତଙ୍କୁ ଚିକିତ୍ସା କରାଯାଇଛି । ଏହି ଘଟଣାକୁ ନେଇ ଷ୍ଟୋର ପରିସରରେ ଭୟର ବାତାବରଣ ଖେଳିଯାଇଥିବାବେଳେ ତୁରନ୍ତ ପୋଲିସ ପହଞ୍ଚି ଅଭିଯୁକ୍ତକୁ ଗିରଫ କରିଛି ।

ଘଟଣା ପରେ ସମ୍ପୃକ୍ତ ଅଞ୍ଚଳକୁ ନ ଯିବାକୁ ପୋଲିସ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି । ଛୁରାମାଡ଼ରେ ଆହତ ହୋଇଥିବା ବ୍ୟକ୍ତିମାନଙ୍କୁ ମନସନ ମେଡିକାଲ ସେଣ୍ଟରରେ ଚିକିତ୍ସା କରାଯାଉଛି । ଏମାନଙ୍କ ମଧ୍ୟରେ ୫ ଜଣଙ୍କ ଅବସ୍ଥା ଗୁରୁତର ରହିଛି ।

ୱାଲମାର୍ଟ ଘଟଣା ପରେ ଏକ ବୟାନ ଜାରି କରିଛି, ଯାଞ୍ଚ ଏଜେନ୍ସୀ ସହିତ ୱାଲମାର୍ଟ ପକ୍ଷରୁ ସହଯୋଗ କରାଯାଉଛି । ୱାଲମାର୍ଟରେ ଏଭଳି କାର୍ଯ୍ୟ ଅସ୍ୱୀକାର୍ଯ୍ୟ। ଆମ ସମବେଦନା ଆହତଙ୍କ ସହିତ ରହିଛି ।



# ଆୟୁଷ୍ମାନ ଭାରତ ଯୋଜନାରେ ୧.୨୧ ଲକ୍ଷ କୋଟି ବିଲ୍ ବକେୟା

**ନୂଆଦିଲ୍ଲୀ,୨୭।୭:** ଆୟୁଷ୍ମାନ ଭାରତ ପ୍ରଧାନ ମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା (AB PM-JAY) ଅଧୀନରେ ୯.୮୪ କୋଟିରୁ ଅଧିକ ହସ୍ପିଟାଲ ଭର୍ତ୍ତି ଅନୁମୋଦିତ ହୋଇଛି, ଏବଂ ଏଥିପାଇଁ ୧.୪୦ ଲକ୍ଷ କୋଟି ଟଙ୍କାରୁ ଅଧିକ ପେମେଣ୍ଟ କରାଯାଇଛି ବୋଲି ସରକାର ଶୁକ୍ରବାର ସଂସଦରେ ସୂଚନା ଦେଇଛନ୍ତି। ଏହି ଯୋଜନା, ଯାହା ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ କେନ୍ଦ୍ରୀଭୂତ, ଭାରତର ନିମ୍ନ ୪୦% ଜନସଂଖ୍ୟା ଅର୍ଥାତ୍ ପ୍ରାୟ ୫୫ କୋଟି ଆର୍ଥିକ ଦୁର୍ବଳ ବ୍ୟକ୍ତିଙ୍କୁ ବାର୍ଷିକ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ହସ୍ପିଟାଲ ଚିକିତ୍ସା ପ୍ରଦାନ କରୁଛି।

ଏପର୍ଯ୍ୟନ୍ତ ୪୧ କୋଟିରୁ ଅଧିକ ଆୟୁଷ୍ମାନ କାର୍ଡ ଜାରି କରାଯାଇଛି, ଯେଉଁଥିରେ ଉତ୍ତର ପ୍ରଦେଶ ୫.୩୩ କୋଟି କାର୍ଡ ସହ ଶୀର୍ଷରେ ରହିଛି। ଏହା ପରେ ମଧ୍ୟ ପ୍ରଦେଶ, ବିହାର ଏବଂ ଓଡ଼ିଶା ରହିଛନ୍ତି। ଲାକ୍ଷାଦ୍ୱୀପରେ ସବୁଠାରୁ କମ ୩୬,୦୦୦ କାର୍ଡ ଜାରି ହୋଇଛି। ଏହି ଯୋଜନା ୩୧,୪୬୬ ହସ୍ପିଟାଲ ମାଧ୍ୟମରେ କାର୍ଯ୍ୟ କରୁଛି, ଯେଉଁଥିରୁ ୧୪,୦୦୦ରୁ ଅଧିକ ଘରୋଇ ହସ୍ପିଟାଲ ଅଟେ।

କିନ୍ତୁ, ଇଣ୍ଡିଆନ ମେଡିକାଲ ଆସୋସିଏସନ (ଆଇଏମଏ) ନ୍ୟାସନାଲ ହେଲଥ ଅଥରିଟି (ଏନଏଚଏ)କୁ ଏକ ଶ୍ୱେତପତ୍ର ଜରିଆରେ ଗୁରୁତର ଚିନ୍ତା ପ୍ରକାଶ କରିଛି। ଆଇଏମଏ ବିଳମ୍ବିତ ପେମେଣ୍ଟ, କମ ରିଏମବର୍ସମେଣ୍ଟ ହାର ଏବଂ ଜଟିଳ ଦାବି ପ୍ରକ୍ରିୟା ଯୋଗୁଁ ହସ୍ପିଟାଲଗୁଡ଼ିକର ଆର୍ଥିକ ସ୍ଥିତି ବିପଦରେ ଥିବା ଉଲ୍ଲେଖ କରିଛି। ଗୁଜରାଟରେ ୨୦୨୧ରୁ ୨୦୨୩ ମଧ୍ୟରେ ୩୦୦ କୋଟି ଟଙ୍କାର ଦାବି ବକେୟା ରହିଛି, ଯେଉଁଥିରୁ ମାତ୍ର ୫% ଦାବି ୧୫ ଦିନ ମଧ୍ୟରେ ନିଷ୍ପତ୍ତି ହୋଇଛି। କେରଳରେ ୪୦୦ କୋଟି ଟଙ୍କାର ବକେୟା ରହିଛି। ଦେଶବ୍ୟାପୀ ୧.୨୧ ଲକ୍ଷ କୋଟି ଟଙ୍କାର ୬୪ ଲକ୍ଷ ଦାବି ଏପର୍ଯ୍ୟନ୍ତ ବକେୟା ରହିଛି। ଆଇଏମଏ ଆହୁରି କହିଛି ଯେ ପ୍ୟାକେଜ ହାର




ଅତ୍ୟନ୍ତ କମ ଏବଂ ଏହା ଚିକିତ୍ସା ଖର୍ଚ୍ଚ, ବିଶେଷତ ଘରୋଇ ହସ୍ପିଟାଲରେ ଜଟିଳ ପ୍ରକ୍ରିୟାଗୁଡ଼ିକର ଖର୍ଚ୍ଚ ପୂରଣ କରୁନାହିଁ। ଆଇଏମଏର ଜାତୀୟ ଅଧ୍ୟକ୍ଷ ଡକ୍ଟର ଦିଲୀପ ଭାନୁଶାଲୀ କହିଛନ୍ତି, "ହାର ଏବଂ ପ୍ୟାକେଜ ନିର୍ଦ୍ଧାରଣ କରିବା ସମୟରେ ଆଇଏମଏକୁ ସାମିଲ କରାଯିବା ଉଚିତ। ସମୟମତ ପେମେଣ୍ଟ, ସହଜ ଦାବି ପ୍ରକ୍ରିୟା ଏବଂ ସରଳ ପ୍ରକ୍ରିୟା ନିଶ୍ଚିତ କରାଯିବା ଦରକାର।"

ଦିଲ୍ଲୀରେ ୧,୦୦୦ରୁ ଅଧିକ ଘରୋଇ ହସ୍ପିଟାଲ ମଧ୍ୟରୁ ମାତ୍ର ୬୭ଟି ଏହି ଯୋଜନାରେ ଅଂଶଗ୍ରହଣ କରୁଛନ୍ତି, ଯାହା ଆର୍ଥିକ ଏବଂ ପରିଚାଳନା ଚ୍ୟାଲେଞ୍ଜକୁ ସୂଚାଇଛି। ଟେକ୍ନିକାଲ ତ୍ରୁଟି ଯୋଗୁଁ ଦାବି ପ୍ରତ୍ୟାଖ୍ୟାନ ଆୟ କ୍ଷତିକୁ ଆହୁରି ବଢ଼ାଇଛି।

କେନ୍ଦ୍ର ମନ୍ତ୍ରୀ ପ୍ରତାପରାଓ ଯାଦବ ରାଜ୍ୟସଭାରେ କାର୍ଯ୍ୟକାରୀ ଚ୍ୟାଲେଞ୍ଜକୁ ସ୍ୱୀକାର କରି ରାଜ୍ୟମାନଙ୍କୁ ଅଧିକ ଦକ୍ଷତା ପାଇଁ ମଡେଲ ସଂଶୋଧନ କରିବାକୁ ପରାମର୍ଶ ଦେଇଛନ୍ତି। ଆଇଏମଏର ଶ୍ୱେତପତ୍ର ରାଜ୍ୟସଭା ସ୍ଥାୟୀ ସମିତିକୁ ଦିଆଯାଇଛି, ଏବଂ ଏନଏଚଏର ପ୍ରତିକ୍ରିୟା ଅପେକ୍ଷା କରାଯାଉଛି। ଡାକ୍ତରମାନେ ଚେତାବନୀ ଦେଇଛନ୍ତି ଯେ ସଂସ୍କାର ନ ହେଲେ ଭାରତର ଗରିବ ଜନତାଙ୍କ ପାଇଁ ମାଗଣା ଓ ଗୁଣାତ୍ମକ ସ୍ୱାସ୍ଥ୍ୟ ସେବାର ଲକ୍ଷ୍ୟ ବିପଦରେ ପଡ଼ିପାରେ।

## ଆଇଏମ୍‌ଏର ପରାମର୍ଶ

- ସ୍ୱଚାଳିତ ପେମେଣ୍ଟ ଏବଂ ପାରଦର୍ଶିତା ପାଇଁ ରିଅଲ-ଟାଇମ ଟ୍ରାକିଂ ବ୍ୟବସ୍ଥା।
- ପ୍ରକୃତ ଖର୍ଚ୍ଚ ଅନୁଯାୟୀ ରିଏମବର୍ସମେଣ୍ଟ ହାର ସଂଶୋଧନ ଏବଂ ନିୟମିତ ଅପଡେଟ।
- ଦାବି ପ୍ରକ୍ରିୟା ସରଳୀକରଣ ଏବଂ ୨୪/୭ ଡିଜିଟାଲ ସମର୍ଥନ।
- ଜିଲ୍ଲା, ରାଜ୍ୟ ଏବଂ ଜାତୀୟ ସ୍ତରରେ ଅଭିଯୋଗ ନିରାକରଣ ବ୍ୟବସ୍ଥା।
- ଅଙ୍ଗୀକୃତ ଏବଂ ଗ୍ରାମୀଣ ହସ୍ପିଟାଲଗୁଡ଼ିକୁ ଉଚ୍ଚ ପେମେଣ୍ଟ ଏବଂ ଶୀଘ୍ର ଅନୁମୋଦନ ପ୍ରୋତ୍ସାହନ।
- ଫିନଟେକ ମାଧ୍ୟମରେ ସିଧାସଳଖ ଲାଭ ହସ୍ତାନ୍ତର ପ୍ରଣାଳୀ।

# ଅବସର ପରେ ନେବିନି ସରକାରୀ ପଦ: ସିଜେଆଇ

**ନୂଆଦିଲ୍ଲୀ,୨୭।୭:** ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି (ସିଜେଆଇ) ଭୂଷଣ ରାମକୃଷ୍ଣ ଗଭାଇ ଶୁକ୍ରବାର (୨୫ ଜୁଲାଇ, ୨୦୨୫) ମହାରାଷ୍ଟ୍ରର ଅମରାବତୀରେ ଥିବା ତାଙ୍କ ପୈତୃକ ଗ୍ରାମକୁ ଯାଇଥିଲେ, ଯେଉଁଠାରେ ସେ ତାଙ୍କ ପିଲାଦିନର ସ୍ମୃତିକୁ ତାଜା କରି ତାଙ୍କ ପୁରୁଣା ଘରକୁ ଯାଇଥିଲେ। ଏହି ସମୟରେ ସିଜେଆଇ ଏକ ବଡ଼ ବୟାନ ଦେଇଥିଲେ।



ସେ କହିଛନ୍ତି ଯେ ଭାରତର ମୁଖ୍ୟ ବିଚାରପତି ପଦରୁ ଅବସର ନେବା ପରେ ସେ କୌଣସି ସରକାରୀ ପଦବୀ ଗ୍ରହଣ କରିବେ ନାହିଁ। ସେ କହିଛନ୍ତି ଯେ ମୁଖ୍ୟ ବିଚାରପତି ପଦରୁ ଅବସର ନେବା ପରେ ମୁଁ କୌଣସି ସରକାରୀ ପଦବୀ ଗ୍ରହଣ କରିବି ନାହିଁ।

ମୁଖ୍ୟ ବିଚାରପତି ବି ଆର ଗଭାଇ ତାଙ୍କ ଭାଷଣରେ ପିଲାଦିନର ସ୍ମୃତିକୁ ତାଜା କରି କହିଥିଲେ ଯେ ଗାଁର ଅନେକ ସ୍ଥାନରେ ମିଳିଥିବା ସ୍ୱାଗତରେ ମୁଁ ଅଭିଭୂତ। ସେ ଆହୁରି କହିଛନ୍ତି ଯେ ଏହା ଏଠାରେ ମୋର ଶେଷ ସମ୍ମାନ, କାରଣ ଏହା ପରେ ମୁଁ ସମ୍ମାନ ଗ୍ରହଣ କରିବି ନାହିଁ। ପ୍ରକୃତରେ, ମୁଖ୍ୟ ବିଚାରପତି ହେବା ପରେ, ବି ଆର ଗଭାଇ ପ୍ରଥମ ଥର ପାଇଁ ତାଙ୍କ ପୈତୃକ ଗ୍ରାମରେ ପହଞ୍ଚିଥିଲେ, ଯେଉଁଠାରେ ଗ୍ରାମବାସୀ ତାଙ୍କୁ ଭବ୍ୟ ସ୍ୱାଗତ ଜଣାଇଥିଲେ। ପ୍ରଧାନ ବିଚାରପତିଙ୍କୁ ଭେଟିବା ପାଇଁ ବହୁ ସଂଖ୍ୟକ ଗ୍ରାମବାସୀ ଏକାଠି ହୋଇଥିଲେ। ଗ୍ରାମର ସ୍କୁଲ ଛାତ୍ରୀଛାତ୍ରମାନେ ମୁଖ୍ୟ ବିଚାରପତି ବିଆଇ ଗଭାଇଙ୍କୁ ସ୍ୱାଗତ ଏବଂ ସମ୍ମାନିତ କରିଥିଲେ। ଏହି ସମୟରେ ଗାଁ ଲୋକେ ଭାରତ ମାତା କି ଜୟ ସ୍ଲୋଗାନ ମଧ୍ୟ ଦେଇଥିଲେ।

# ଥାଇଲାଣ୍ଡ-କାମ୍ବୋଡିଆ ଯୁଦ୍ଧବିରତି ନେଇ ଟ୍ରମ୍ପଙ୍କ ଘୋଷଣା



**ୱାଶିଂଟନ, ୨୭।୭:** ଥାଇଲାଣ୍ଡ-କାମ୍ବୋଡିଆଙ୍କ ଯୁଦ୍ଧ ମଧ୍ୟରେ ଏଣ୍ଟ୍ରି କରିଛନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ଟ୍ରମ୍ପଙ୍କ ସହ ଆଲୋଚନା ପରେ ଉଭୟ ଦେଶ ଯୁଦ୍ଧବିରତି ପାଇଁ ରାଜି ହୋଇଛନ୍ତି । ଯାହାର ଘୋଷଣା ଟ୍ରମ୍ପ କରିଛନ୍ତି । ଉଭୟ ଦେଶଙ୍କ ସହ ଆଲୋଚନା ପରେ ଡୋନାଲ୍ଡ ଟ୍ରମ୍ପ ସୋସିଆଲ ମିଡିଆ ପେଜରେ ପୋଷ୍ଟ କରିଛନ୍ତି । ଯେଉଁଥିରେ ଟ୍ରମ୍ପ ଲେଖିଛନ୍ତି ଯେ, "ମୁଁ କାମ୍ବୋଡିଆର ପ୍ରଧାନମନ୍ତ୍ରୀଙ୍କ ସହ ଭଲ ଆଲୋଚନା କରିଥିଲି ଏବଂ ଥାଇଲ୍ୟାଣ୍ଡର ପ୍ରଧାନମନ୍ତ୍ରୀଙ୍କ ସହ ମୋର ଆଲୋଚନା ବିଷୟରେ ତାଙ୍କୁ ଜଣାଇଥିଲି । ଉଭୟ ପକ୍ଷ ତୁରନ୍ତ ଯୁଦ୍ଧବିରତି ଏବଂ ଶାନ୍ତି ଚାହାଁନ୍ତି । ଏହା ସହିତ ସେମାନେ ଆମେରିକା ସହିତ "ବ୍ୟବସାୟିକ ଆଲୋଚନା" କରିବାକୁ ମଧ୍ୟ ଚାହାଁନ୍ତି । ଯାହା ଯୁଦ୍ଧ ବନ୍ଦ ନହେବା ପର୍ଯ୍ୟନ୍ତ ଆମେରିକା ଅନୁମତି ଦେବ ନାହିଁ ବୋଲି ମନେ କରୁଛି। ସେମାନେ ତୁରନ୍ତ ସାକ୍ଷାତ କରି ଏକ ଯୁଦ୍ଧବିରତି ଏବଂ ଶେଷରେ ଶାନ୍ତି ସ୍ଥାପନ କରିବାକୁ ରାଜି ହୋଇଛନ୍ତି । ତେଣୁ ଉଭୟ ଦେଶ ସହିତ ବ୍ୟବସାୟ କରିବା ଏକ ସମ୍ମାନର କଥା । ସେମାନଙ୍କର ଗର୍ବିତ ଇତିହାସ ଏବଂ ସଂସ୍କୃତି ଅଛି । ଏହା ବ୍ୟତୀତ ଆଶା କରୁଛି ସେମାନେ ଆଗାମୀ ଅନେକ ବର୍ଷ ପର୍ଯ୍ୟନ୍ତ ଏକାଠି କାମ କରିବେ। ଯେତେବେଳେ ସବୁକିଛି ସରିଯିବ ଏବଂ ଶାନ୍ତି ପ୍ରତିଷ୍ଠା ହେବ, ମୁଁ ଉଭୟ ଦେଶ ସହିତ ମୋର ବାଣିଜ୍ୟ ଚୁକ୍ତିନାମାକୁ କରିବାକୁ ଅପେକ୍ଷା କରିଛି ।"ଟ୍ରମ୍ପଙ୍କ ପୃଥକ ଆଲୋଚନା ପରେ ଯୁଦ୍ଧବିରତି ପାଇଁ ଉଭୟ ଦେଶ ରାଜି ହୋଇଥିଲେ ।

# କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ରୁ ୪ ପ୍ରତିଶତ ବୃଦ୍ଧି ପାଇବ!



**ନୂଆଦିଲ୍ଲୀ,୨୭।୭:** ରକ୍ଷାବନ୍ଧନ ପୂର୍ବରୁ କେନ୍ଦ୍ର ସରକାରୀ କର୍ମଚାରୀ ଏବଂ ପେନସନଭୋଗୀମାନଙ୍କୁ ଭଲ ଖବର ମିଳିପାରେ। ସେମାନେ ବର୍ତ୍ତମାନର ସପ୍ତମ ବେତନ କମିଶନ ଅଧୀନରେ ଅତି କମ୍‌ରେ ଆଉ ଗୋଟିଏ ଡିଏ(ମହାଙ୍ଗା ଭତ୍ତା) ପାଇପାରନ୍ତି। ସଦ୍ୟତମ ମୁଦ୍ରାସ୍ଫୀତି ସଂଖ୍ୟାକୁ ଦେଖିଲେ, ଜୁଲାଇ ୨୦୨୫ରେ କେନ୍ଦ୍ର ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୩ରୁ ୪ ପ୍ରତିଶତ ବୃଦ୍ଧି ପାଇବାର ସମ୍ଭାବନା ଅଛି। ଏହା ଦେଶର କୋଟି କୋଟି କେନ୍ଦ୍ର ସରକାରୀ କର୍ମଚାରୀଙ୍କୁ ଆଶ୍ୱସ୍ତି ପ୍ରଦାନ କରିବ। ସାଧାରଣତଃ, ମହଙ୍ଗା ଭତ୍ତା ବୃଦ୍ଧି ବର୍ଷରେ ଦୁଇଥର ଫେବୃଆରୀ-ମାର୍ଚ୍ଚ ଏବଂ ସେପ୍ଟେମ୍ବର-ଅକ୍ଟୋବରରେ ଘୋଷଣା କରାଯାଏ, ଯାହା ଯଥାକ୍ରମେ ଜାନୁଆରୀ ଏବଂ ଜୁଲାଇରୁ ଲାଗୁ ହୁଏ। ଏହା କର୍ମଚାରୀମାନଙ୍କୁ ବର୍ଦ୍ଧିତ ମୁଦ୍ରାସ୍ଫୀତିର ମୁକାବିଲା କରିବାରେ ସାହାଯ୍ୟ କରେ। ଚଳିତ ବର୍ଷ ମାର୍ଚ୍ଚରେ ୨ ପ୍ରତିଶତ ବୃଦ୍ଧି ସହିତ, ବର୍ତ୍ତମାନର ଡିଏ ହାର ୫୫ ପ୍ରତିଶତ। ସଦ୍ୟତମ ମୁଦ୍ରାସ୍ଫୀତି ତଥ୍ୟ ଅନୁଯାୟୀ, ଡିଏ ଏତେ ବୃଦ୍ଧି ପାଇବାର କଳ୍ପନାଜଳ୍ପନା ରହିଛି। ଡିଏ ଘୋଷଣା ହେବା ମାତ୍ରେ, କର୍ମଚାରୀଙ୍କ ମୂଳ ଦରମାରେ ଏକ ବଡ଼ ବୃଦ୍ଧି ହେବ।

# ଚୀନ୍ ନଂ.୧, ଭାରତ ଦ୍ୱିତୀୟ

## ପଛରେ ପଡ଼ିଲା ଆମେରିକା



**ନୂଆଦିଲ୍ଲୀ,୨୭।୭:** ଭାରତ କୋଇଲା ଉତ୍ପାଦନ କ୍ଷେତ୍ରରେ ବିଶ୍ୱର ଦ୍ୱିତୀୟ ସର୍ବବୃହତ ଅର୍ଥନୀତି ପାଲଟିଛି। ଚାଇନା ୪୭୮୦.୦ ନିୟୁତ ଟନ କୋଇଲା ସହିତ ଶୀର୍ଷ ସ୍ଥାନ ହାସଲ କରିଛି। ଭାରତର ଉତ୍ପାଦନ ୧୦୮୫.୧ ନିୟୁତ ଟନ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ, ଏହି କ୍ଷେତ୍ରରେ ଭାରତ ଆମେରିକା, ଇଣ୍ଡୋନେସିଆ ଏବଂ ତୁର୍କୀ ଭଳି ଦେଶକୁ ପଛରେ ପକାଇ ଦେଇଛି। ଏନର୍ଜି ଇନଷ୍ଟିଚ୍ୟୁଟର ବିଶ୍ୱ ଶକ୍ତିର ଷ୍ଟାଟିଷ୍ଟିକାଲ ରିଭ୍ୟୁ ୨୦୨୪ର ସଦ୍ୟତମ ରିପୋର୍ଟ କୋଇଲା ଉତ୍ପାଦନ କ୍ଷେତ୍ରରେ ଭାରତକୁ ଏକ ବିଶ୍ୱ ପାୱାରହାଉସ ଭାବରେ ପ୍ରତିଷ୍ଠା କରିଛି। ଚାଇନାର କୋଇଲା ଉତ୍ପାଦନ ଭାରତ ତୁଳନାରେ ପ୍ରାୟ ଚାରି ଗୁଣ ଅଧିକ, ଯାହା ଏହାର ଶିଳ୍ପ ଏବଂ ଶକ୍ତି ଚାହିଦାକୁ ପ୍ରତିଫଳିତ କରେ। କିନ୍ତୁ ଭାରତର ୧୦୮୫.୧ ନିୟୁତ ଟନ ଉତ୍ପାଦନ ମଧ୍ୟ କମ ନୁହେଁ। ଏହି ସଂଖ୍ୟା ଭାରତର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି ଏବଂ ଶକ୍ତି କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଆଡକୁ ପଦକ୍ଷେପ ଦର୍ଶାଏ। ଏହା ସହିତ, କୋଇଲା ହେଉଛି ଭାରତରେ ବିଦ୍ୟୁତ ଉତ୍ପାଦନର ସବୁଠାରୁ ବଡ଼ ଉତ୍ସ ଏବଂ ଏହି କ୍ଷେତ୍ରରେ ଭାରତର ଅଭିବୃଦ୍ଧି ବିଶ୍ୱ ବଜାରରେ ଏହାର ଦଖଲକୁ ଆହୁରି ମଜବୁତ କରୁଛି। ଇଣ୍ଡୋନେସିଆ, ଯାହା ୮୩୬.୧ ନିୟୁତ ଟନ ସହିତ ତୃତୀୟ ସ୍ଥାନରେ ଅଛି ଏବଂ ୪୬୪.୬ ନିୟୁତ ଟନ ସହିତ ଚତୁର୍ଥ ସ୍ଥାନରେ ଥିବା ଆମେରିକା, ଭାରତଠାରୁ ବହୁତ ପଛରେ ଅଛି। ଏହାସହିତ, ଅଷ୍ଟ୍ରେଲିଆ (୪୬୨.୯ ନିୟୁତ ଟନ) ଏବଂ ରୁଷ (୪୨୭.୨ ନିୟୁତ ଟନ) ମଧ୍ୟ ଏହି ଦୌଡ଼ରେ ଭାରତଠାରୁ ପଛରେ ପଡ଼ିଛନ୍ତି। ତୁର୍କୀର ଉତ୍ପାଦନ ୮୭.୦ ନିୟୁତ ଟନ ଥିଲା, ଯାହା ଭାରତ ତୁଳନାରେ ବହୁତ କମ। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଭାରତର ବର୍ଦ୍ଧିତ କୋଇଲା ଉତ୍ପାଦନ ଶକ୍ତି ସୁରକ୍ଷା ଏବଂ ଶିଳ୍ପ ଅଭିବୃଦ୍ଧି ପାଇଁ ଏକ ଭଲ ସଙ୍କେତ। ତଥାପି, ପରିବେଶ ଦୃଷ୍ଟିକୋଣରୁ କୋଇଲା ଉପରେ ନିର୍ଭରଶୀଳତା ହ୍ରାସ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଉଛି। ଭାରତ ସରକାର ନବୀକରଣୀୟ ଶକ୍ତି ଉପରେ ଧ୍ୟାନ ଦେଉଛି, କିନ୍ତୁ କୋଇଲା ଏବେ ବି ଦେଶର ଶକ୍ତି ଆବଶ୍ୟକତାର ଏକ ବଡ଼ ଅଂଶ ପୂରଣ କରେ। ଦକ୍ଷିଣ ଆଫ୍ରିକା, କାଜାଖସ୍ତାନ, ମଙ୍ଗୋଲିଆ ଏବଂ ଜର୍ମାନୀ ଭଳି ଦେଶ ମଧ୍ୟ ଏହି ତାଲିକାରେ ଅନ୍ତର୍ଭୁକ୍ତ, କିନ୍ତୁ ଭାରତର ପ୍ରଦର୍ଶନ ସେମାନଙ୍କ ସମସ୍ତଙ୍କ ଅପେକ୍ଷା ଭଲ ଥିଲା। ଏହି ସଫଳତା ଭାରତର ଖଣି ଏବଂ ଉତ୍ପାଦନ କ୍ଷମତାକୁ ପ୍ରତିଫଳିତ କରେ। ଆଗାମୀ ବର୍ଷଗୁଡ଼ିକରେ ଭାରତର କୋଇଲା କ୍ଷେତ୍ର ଅଧିକ ଶକ୍ତିଶାଳୀ ହୋଇପାରେ, କିନ୍ତୁ ସ୍ଥାୟୀ ବିକାଶ ପାଇଁ ସବୁଜ ଶକ୍ତିକୁ ସ୍ଥାନାନ୍ତର ମଧ୍ୟ ଆବଶ୍ୟକ।

# ଅଗଷ୍ଟ ୧ରୁ ନୂଆ ନିୟମ, ଲୋକଙ୍କ ପକେଟ୍ ହେବ ଖାଲି!

**ନୂଆଦିଲ୍ଲୀ,୨୭।୭:** ୧ ଅଗଷ୍ଟ ୨୦୨୫ ରେ କିଛି ବିଶେଷ ପରିବର୍ତ୍ତନ ହେବାକୁ ଯାଉଛି, ଯାହା ସାଧାରଣ ଲୋକଙ୍କ ପକେଟ ଉପରେ ସିଧାସଳଖ ପ୍ରଭାବ ପକାଇବ। ଏଥିରେ କ୍ରେଡିଟ କାର୍ଡ ସହିତ ଜଡିତ ଶୁଳ୍କ, ଏଲପିଜି ସିଲିଣ୍ଡର ମୂଲ୍ୟରେ ପରିବର୍ତ୍ତନ ଏବଂ ୟୁପିଆଇ କାରବାର ସମ୍ବନ୍ଧୀୟ ନୂତନ ନିୟମ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ, କିଛି ବ୍ୟାଙ୍କିଂ ସେବାରେ ମଧ୍ୟ ପରିବର୍ତ୍ତନ ହୋଇପାରେ। ୧ ତାରିଖରେ ହେଉଥିବା କିଛି ବଡ଼ ପରିବର୍ତ୍ତନ ଆପଣଙ୍କ ମାସିକ ବଜେଟକୁ ପ୍ରଭାବିତ କରିପାରେ, ତେଣୁ ଆସନ୍ତୁ ଜାଣିବା କେଉଁ ୫ଟି ବଡ଼ ପରିବର୍ତ୍ତନ ହୋଇପାରେ। ପ୍ରତି ମାସ ପରି, ୧ ଅଗଷ୍ଟ ୨୦୨୫ରେ ଏଲପିଜି ସିଲିଣ୍ଡରର ମୂଲ୍ୟରେ ପରିବର୍ତ୍ତନ ଦେଖାଯାଇପାରେ। ପ୍ରକାଶ ଥାଉକି, ୧ ଜୁଲାଇରେ ୧୯ କିଲୋଗ୍ରାମ ବାଣିଜ୍ୟିକ ଗ୍ୟାସ ସିଲିଣ୍ଡରର ମୂଲ୍ୟ ୬୦ ଟଙ୍କା ହ୍ରାସ କରାଯାଇଥିଲା। ତଥାପି, ଜୁଲାଇରେ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ କୌଣସି ପରିବର୍ତ୍ତନ ହୋଇନଥିଲା। କିନ୍ତୁ ଏବେ ଆଶା କରାଯାଉଛି ଯେ ୧ ଅଗଷ୍ଟରୁ ଘରୋଇ ଏଲପିଜି ସିଲିଣ୍ଡରର ମୂଲ୍ୟରେ ମଧ୍ୟ ଆଶ୍ୱସ୍ତି ମିଳିପାରେ। ତେଣୁ ଯଦି ଏହା ହୁଏ, ତେବେ ସାଧାରଣ ଲୋକଙ୍କ ପକେଟ ଉପରେ ମୁଦ୍ରାସ୍ଫୀତିର ପ୍ରଭାବ ଟିକିଏ ହ୍ରାସ ପାଇପାରେ। ଯଦି କେହି ଏସ୍‌ବିଆଇ କାର୍ଡଧାରୀ, ତେବେ ଜାଣିରଖନ୍ତୁ ଯେ ଅଗଷ୍ଟ ୧ ୨୦୨୫ ଠାରୁ, ଏସ୍‌ବିଆଇ ଏହାର ଅନେକ ସହ-ବ୍ରାଣ୍ଡେଡ କ୍ରେଡିଟ କାର୍ଡରେ ଉପଲବ୍ଧ ମାଗଣା ବିମାନ ଦୁର୍ଘଟଣା ବୀମା କଭରକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଅର୍ଥାତ୍ ଏବେ ଏସ୍‌ବିଆଇ-ୟୁକୋ ବ୍ୟାଙ୍କ, ସେଣ୍ଟ୍ରାଲ ବ୍ୟାଙ୍କ, ପିଏନ୍‌ବି ଏବଂ ଆଲ୍ଲାହାବାଦ ବ୍ୟାଙ୍କ ସହଯୋଗରେ ଜାରି କରାଯାଇଥିବା ଏଲାଇଟ୍ ଏବଂ ପ୍ରାଇମ୍ କାର୍ଡରେ ଉପଲବ୍ଧ ୫୦ ଲକ୍ଷ ଟଙ୍କାରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ କଭରକୁ




ବନ୍ଦ କରିଦିଆଯିବ। ଏହା ଯୋଗୁଁ, କାର୍ଡଧାରୀମାନେ ବଡ଼ କ୍ଷତି ସହିପାରନ୍ତି।

୧ ଅଗଷ୍ଟ, ୨୦୨୫ ଠାରୁ, ୟୁପିଆଇ ବ୍ୟବହାରକାରୀଙ୍କ ପାଇଁ ଅନେକ ନୂତନ ନିୟମ ଲାଗୁ ହେବାକୁ ଯାଉଛି, ଯାହା ଡିଜିଟାଲ ପେମେଣ୍ଟକୁ ଅଧିକ ସୁରକ୍ଷିତ ଏବଂ ସୁଗମ କରିବ। ତେଣୁ ଯଦି ଆପଣ ପେଟିଏମ୍, ଫୋନ୍ ପେ କିମ୍ବା ଗୁଗଲ ପେ ପରି ତୃତୀୟ ପକ୍ଷ ୟୁପିଆଇ ଆପ ବ୍ୟବହାର କରନ୍ତି, ତେବେ ଏବେ ଆପଣ ଦିନକୁ କେବଳ ୫୦ ଥର ବାଲାନ୍ସ ଯାଞ୍ଚ କରିପାରିବେ। ଯେତେବେଳେ, ମୋବାଇଲ ନମ୍ବର ସହିତ ଲିଙ୍କ ହୋଇଥିବା ବ୍ୟାଙ୍କ ଆକାଉଣ୍ଟଗୁଡ଼ିକୁ କେବଳ ୨୫ ଥର ଦେଖାଯାଇପାରିବ। କିନ୍ତୁ ଅଟୋ ପେ କାରବାର ଏବେ କେବଳ ୩ଟି ସ୍ଥିର ସମୟ ସ୍ଲଟରେ ପ୍ରକ୍ରିୟାକରଣ କରାଯିବ। ବିଫଳ କାରବାରର ସ୍ଥିତି ବିଷୟରେ କହିବାକୁ ଗଲେ, ଏହାକୁ କେବଳ ୩ ଥର ଏବଂ ୯୦ ସେକେଣ୍ଡ ବ୍ୟବଧାନରେ ଯାଞ୍ଚ କରାଯାଇପାରିବ।

ପ୍ରତି ମାସ ପରି, ଏଥର ମଧ୍ୟ, ଅଗଷ୍ଟ ୧ରୁ ଏୟାର ଟର୍ବାଇନ ଫୁଏଲ (ଏଟିଏଫ୍) ଅର୍ଥାତ୍ ବିମାନ ଇନ୍ଧନର ମୂଲ୍ୟରେ ପରିବର୍ତ୍ତନ ହୋଇପାରେ। ତୈଳ ବିପଣନ କମ୍ପାନୀଗୁଡ଼ିକ ପ୍ରତି ମାସର ପ୍ରଥମ ତାରିଖରେ ଏଲ୍‌ପିଜି ସହିତ ଏଟିଏଫ୍‌ର ମୂଲ୍ୟ ସଂଶୋଧନ କରନ୍ତି। ଏଟିଏଫ୍‌ର ମୂଲ୍ୟ ବୃଦ୍ଧି ପାଇଲେ ବିମାନ ଟିକେଟ ମହଙ୍ଗା ହୋଇପାରେ, ଯେତେବେଳେ ଏହା ହ୍ରାସ ପାଇଲେ ଭଡ଼ାରେ ଆଶ୍ୱସ୍ତି ମିଳିପାରେ।

# ମନସା ଦେବୀ ମନ୍ଦିରରେ ଦଳାଚକଟା, ୭ ଜଣଙ୍କ ମୃତ୍ୟୁ



**ନୂଆଦିଲ୍ଲୀ,୨୭।୭:** ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ମନସା ଦେବୀ ମନ୍ଦିରରେ ରବିବାର ଏକ ଭୟଙ୍କର ଦଳାଚକଟା ଘଟଣାରେ ୭ ଜଣ ଶ୍ରଦ୍ଧାଳୁଙ୍କର ମୃତ୍ୟୁ ହୋଇଛି । ଦଳାଚକଟାରେ ୩୫ ଜଣ ଗୁରୁତର ଆହତ ହୋଇଛନ୍ତି । ଆହତମାନଙ୍କୁ ଡାକ୍ତରଖାନାରେ ଚିକିତ୍ସା ଚାଲିଛି । ଏହି ଘଟଣା ପରେ ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାର କାରୀ ଟିମ୍ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି । ଏହି ଘଟଣାରେ ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିଜନଙ୍କୁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ଏହାସହିତ ପ୍ରଶାସନିକ ସ୍ତରରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ଘଟଣା ପରେ ଟ୍ୱିଟ କରି ମୁଖ୍ୟମନ୍ତ୍ରୀ ଧାମି କହିଛନ୍ତି, ଉତ୍ତରାଖଣ୍ଡ ସରକାର ମୃତକଙ୍କ ପରିବାରକୁ ୨-୨ ଲକ୍ଷ ଟଙ୍କା ଏବଂ ଆହତଙ୍କୁ ୫୦ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ଏହାସହିତ ପ୍ରଶାସନିକ ସ୍ତରରେ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏସ୍‌ଡିଆର୍‌ଏଫ୍ ଉତ୍ତରାଖଣ୍ଡ ପୋଲିସ, ସ୍ଥାନୀୟ ପୋଲିସ ଏବଂ ଅନ୍ୟ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଏହି ସମ୍ପର୍କ ବାବଦରେ ଜାଣିବାକୁ ନିରନ୍ତର ଭାବେ ପ୍ରଶାସନ ଯୋଗାଯୋଗରେ ରହିଛି । ଏହା ସହିତ ଶ୍ରଦ୍ଧାଳୁଙ୍କ ଆଶୁଆରୋଗ୍ୟ ପାଇଁ କାମନା କରିଛନ୍ତି । ଶ୍ରାବଣ ମାସରେ ହରିଦ୍ୱାରରେ ଶ୍ରଦ୍ଧାଳୁଙ୍କ ସଂଖ୍ୟା ପ୍ରତିବର୍ଷ ବୃଦ୍ଧି ପାଇଥାଏ। ବିଶେଷକରି ହରି କି ପାଉରି ଏବଂ ମନସା ଦେବୀ ମନ୍ଦିରରେ ସର୍ବାଧିକ ଭିଡ଼ ହୋଇଥାଏ। କିନ୍ତୁ ଚଳିତ ଥର ପୂର୍ବବର୍ଷଗୁଡ଼ିକ ତୁଳନାରେ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି । ଏହା ଛଡ଼ା ରବିବାର ଯୋଗୁ ଭିଡ଼ ବଢ଼ିବାରୁ ତାହାକୁ ନିୟନ୍ତ୍ରଣ କରିବା ସମ୍ଭବ ହୋଇନାହିଁ । ଯାହାଫଳରେ ଦଳାଚକଟା ଘଟିଛି ବୋଲି କୁହାଯାଉଛି ।

# ପାଠପଢ଼ା ଚାପ କମାଇବାକୁ ସୁପ୍ରିମକୋର୍ଟ ଆଣିଲେ ଗାଇଡଲାଇନ

**ନୂଆଦିଲ୍ଲୀ, ୨୭।୭:** ଦେଶର ବିଭିନ୍ନ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଜୀବନହାରିବା ଏକ ବ୍ୟବସ୍ଥାପକ ବିଫଳତା ବୋଲି ସୁପ୍ରିମକୋର୍ଟ ମତପ୍ରକାଶ କରିବା ସହିତ ଜୀବନ ହାରିବା ରୋକିବାକୁ ୧୫ ସୂତ୍ରୀ ମାର୍ଗଦର୍ଶିକା ଜାରି କରିଛନ୍ତି। ଏହା ଦେଶର ସବୁ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଟ୍ରେନିଂ ସେଣ୍ଟରରେ ଲାଗୁ ହେବ । ସବୁ ଶିକ୍ଷାନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ କାଉନସେଲିଂ, ଗ୍ରୀଭାନ୍ସ ରିଡ୍ରେସାଲ ସିଷ୍ଟମ କାର୍ଯ୍ୟକ୍ଷମ ଓ ନିୟାମକ ତଦାରଖକୁ ବାଧ୍ୟତାମୂଳକ କରାଯାଇଛି।

ଗାଇଡଲାଇନର କାର୍ଯ୍ୟକାରିତା ସଂପର୍କିତ ଅନୁପାଳନ ରିପୋର୍ଟ ୯୦ ଦିନ ମଧ୍ୟରେ ଦାଖଲ କରିବାକୁ କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଆତ୍ମହତ୍ୟା ରୋକିବାକୁ ସୁପ୍ରିମକୋର୍ଟଙ୍କ ୧୫ ସୂତ୍ରୀ ନିର୍ଦ୍ଦେଶନାମା।



ଦେଶର ସବୁ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଓ ଟ୍ରେନିଂ ସେଣ୍ଟରରେ ହେବ ଲାଗୁ । ମାନସିକ ସ୍ୱାସ୍ଥ୍ୟ କାଉନସେଲିଂ, ଗ୍ରୀଭାନ୍ସ ରିଡ୍ରେସାଲ ସିଷ୍ଟମ କାର୍ଯ୍ୟକ୍ଷମ ଓ ନିୟାମକ ତଦାରଖବାଧ୍ୟତାମୂଳକ। ୯୦ ଦିନ ମଧ୍ୟରେ ଅନୁପାଳନ ରିପୋର୍ଟ ଦାଖଲ କରିବେ କେନ୍ଦ୍ର ସରକାର।ଦେଶରେ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଜୀବନହାରିବା ରୋକିବା ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶନାମା। ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ଜୀବନ ହାରିବାକୁ ରୋକିବା, ସୁରକ୍ଷା ଓ ମାନସିକ ସମସ୍ୟାର ମୁକାବିଲା ପାଇଁ ୧୫ ସୂତ୍ରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି ସର୍ବୋଚ୍ଚ ଅଦାଲତ । ସୁପ୍ରିମକୋର୍ଟଙ୍କ ବିଚାରପତି ବିକ୍ରମ ନାଥ ଓ ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଗାଇଡଲାଇନ ଜାରି କରିଛନ୍ତି ।

ଏହା ଦେଶର ସମସ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, କୋଚିଂ ସେଣ୍ଟର, ଟ୍ରେନିଂ ସେଣ୍ଟର ଆଦିରେ ଲାଗୁ ହେବ । ମାନସିକ ଅବସାଦ, ପାଠପଢ଼ାର ବୋଝ, ପରୀକ୍ଷା ଚାପ ପାଇଁ ଅଧିକାଂଶ ଛାତ୍ରଛାତ୍ରୀ ଜୀବନ ହାରିବା ସୁପ୍ରିମକୋର୍ଟ କହିଛନ୍ତି । ଏଥିପାଇଁ ସବୁ ଶିକ୍ଷାନୁଷ୍ଠାନରେ ମାନସିକ ସ୍ୱାସ୍ଥ୍ୟ କାଉନସେଲିଂ, ଗ୍ରୀଭାନ୍ସ ରିଡ୍ରେସାଲ ସିଷ୍ଟମ କାର୍ଯ୍ୟକ୍ଷମ ଓ ନିୟାମକ ତଦାରଖକୁ ବାଧ୍ୟତାମୂଳକ କରାଯାଇଛି ।

ମାନସିକ ସ୍ୱାସ୍ଥ୍ୟ ନୀତି : ସବୁ ଶିକ୍ଷାନୁଷ୍ଠାନକୁ ଏକୀକୃତ ମାନସିକ ସ୍ୱାସ୍ଥ୍ୟ ନୀତି ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ନୀତିର ପ୍ରତିବର୍ଷ ସମୀକ୍ଷା କରାଯିବ । ଅନୁଷ୍ଠାନରେ ୱେବସାଇଟ ଓ ନୋଟିସ ବୋର୍ଡରେ ଏହା ପ୍ରକାଶ ପାଇବ । କାଉନସେଲର ନିଯୁକ୍ତି: ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଥିବା ଅନୁଷ୍ଠାନଗୁଡ଼ିକୁ ଅତି କମରେ ଜଣେ ଯୋଗ୍ୟ କାଉନସେଲର, ମନୋବିଜ୍ଞାନୀ କିମ୍ବା ସାମାଜିକ କର୍ମୀ ନିଯୁକ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ସଂପୃକ୍ତ କାଉନସେଲର ଶିଶୁ ଓ କିଶୋର ମାନସିକ ସ୍ୱାସ୍ଥ୍ୟ କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରାପ୍ତ ହୋଇଥିବେ। ନିରାପଦ ପରିବେଶ: ଆବାସିକ ଅନୁଷ୍ଠାନଗୁଡ଼ିକୁ ଟାମ୍ପର-ପ୍ରୁଫ ସିଲିଂ ଫ୍ୟାନ, ଅନ୍ୟ ନିରାପତ୍ତା ଉପକରଣ ସ୍ଥାପନ କରିବାକୁ କୁହାଯାଇଛି । ଛାତ, ବାଲକୋନି ଆଦିରେ ପ୍ରବେଶ ସୀମିତ କରିବାକୁ ନିର୍ଦ୍ଦେଶ ରହିଛି । ଅନ୍ୟାୟ ଆଚରଣ ରୋକିବା: ଶିକ୍ଷାନୁଷ୍ଠାନଗୁଡ଼ିକୁ ଯୌନ ନିର୍ଯାତନା, ରାଗିଂ, ଉତ୍ପୀଡ଼ନ ଏବଂ ଜାତି, ଲିଙ୍ଗ, ଧର୍ମ କିମ୍ବା ଯୌନପ୍ରବୃତ୍ତି ଆଧାରରେ ବିଭେଦ ରୋକିବା ପାଇଁ ଗୋପନୀୟ ଓ ସହଜଲଭ୍ୟ ଅଭିଯୋଗ ପଦ୍ଧତି ଗ୍ରହଣ କରିବାକୁ କୁହାଯାଇଛି। ଅଭିଯୋଗକାରୀ ବା ସୂଚନାଦାତାଙ୍କ ବିରୋଧରେ ପ୍ରତିଶୋଧମୂଳକ କାର୍ଯ୍ୟ ପାଇଁ ଶୂନ୍ୟ ସହନଶୀଳତା ନୀତି ପାଳନ କରାଯିବ ।

# ଜାଡେଜା ଓ ସୁନ୍ଦରଙ୍କ ଅପରାଜିତ ଶତକ: ମାଞ୍ଚେଷ୍ଟର୍ ଟେଷ୍ଟ ଡ୍ର'

**ମାଞ୍ଚେଷ୍ଟର,୨୭।୭:** ଏଠାରେ ଚାଲିଥିବା ଭାରତ-ଇଂଲଣ୍ଡ ଟେଷ୍ଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍‌ଟି ଆଜି ଡ୍ରରେ ଶେଷ ହୋଇଛି। ପ୍ରଥମ ଇନିଂସରେ ଭାରତ ୩୫୮ ରନ୍ କରିବା ପରେ ଜବାବରେ ଇଂଲଣ୍ଡ ବୃହତ୍ ୬୬୯ ରନ୍ କରିଥିଲା। ୩ ୧୧ ରନ୍‌ରେ ପଛୁଆ ଥିବା ଭାରତ ଆଜି ଅନ୍ତିମ ଦିନରେ ତା'ର ଦ୍ୱିତୀୟ ଇନିଂସରେ ୪ ୱିକେଟ୍ ବିନିମୟରେ ୪୨୫ ରନ୍ କରିଥିବା ସମୟରେ ଉଭୟ ଦଳର ଅଧିନାୟକଙ୍କ ସହମତି କ୍ରମେ ମ୍ୟାଚ୍‌ଟିକୁ ଅମ୍ପାୟାର୍ ଶେଷ ଘୋଷଣା କରିଛନ୍ତି। ଖେଳ ଶେଷ ହେବା ବେଳକୁ ଭାରତର ଦୁଇ ନିମ୍ନ କ୍ରମ ବ୍ୟାଟ୍ସମ୍ୟାନ୍ ରବୀନ୍ଦ୍ର ଜାଡେଜା ଓ ୱାଶିଂଟନ୍ ସୁନ୍ଦର ଶତକୀୟ ଇନିଂସ ହାସଲ କରି ଅପରାଜିତ ଥିଲେ। ସେମାନଙ୍କ ଦ୍ୱିଶତକୀୟ ଭାଗୀଦାରୀ ବଳରେ ଭାରତ ପରାଜୟ ଏଡ଼ାଇବାକୁ ସକ୍ଷମ ହୋଇଛି।



ଗତକାଲି ଚତୁର୍ଥ ଦିନର ଖେଳ ଶେଷ ବେଳକୁ ଭାରତୀୟ ଦଳର ଅଧିନାୟକ ଶୁବମାନ ଗିଲ୍ ଓ ଓପନର ଲୋକେଶ ରାହୁଲ୍ ଯଥାକ୍ରମେ ୮୭ ଓ ୭୮ ରନ୍‌ରେ ଅପରାଜିତ ଥିବା ବେଳେ ଭାରତର ସ୍କୋର୍ ୨ ୱିକେଟ୍ ବିନିମୟରେ ୧୭୪ ଥିଲା। ଆଜି ଏହିଠାରୁ ଉଭୟ ବ୍ୟାଟ୍ସମ୍ୟାନ୍ ଖେଳ ଆରମ୍ଭ କରିବା ପରେ ରାହୁଲ୍ ୯୦ ରନ୍ କରି ଆଉଟ୍ ହୋଇଥିଲେ। ଫଳରେ ସେମାନଙ୍କ ମଧ୍ୟରେ ହୋଇଥିବା ୧୮୮ ରନ୍‌ର ଭାଗୀଦାରୀରେ ବ୍ରେକ୍ ଲାଗିଥିଲା। କିନ୍ତୁ ଗିଲ୍ ଚଳିତ ସିରିଜ୍‌ରେ ଆଉ ଏକ ଶତକ ପୂରଣ କରିଥିଲେ। ସେ ବ୍ୟକ୍ତିଗତ ଭାବେ ୧୦୩ ରନ୍‌ରେ ଆଉଟ୍ ହେବା ପୂର୍ବରୁ ୧୨ଟି ଚୌକା ଲଗାଇସାରିଥିଲେ। ତେବେ ଏହାପରେ ଜାଡେଜା ଓ ସୁନ୍ଦର ଚମତ୍କାର ବ୍ୟାଟିଂ କରି ଆଉ କୌଣସି ୱିକେଟ୍ ପଡ଼ିବାକୁ ଦେଇନଥିଲେ। ଫଳରେ ଇଂଲଣ୍ଡ ନିକଟରେ ଥିବା ସିରିଜ୍ ବିଜୟ ସମ୍ଭାବନା ଫିକା ହୋଇଯାଇଥିଲା। ଉଭୟ ପଞ୍ଚମ ୱିକେଟ୍‌ରେ ୨୦୩ ରନ୍ ଯୋଡ଼ିବା ସହ ୫୫ ଓଭର୍‌ରୁ ଅଧିକ ସମୟ ପିଚ୍‌ରେ ତିଷ୍ଠି ରହିଥିଲେ। ଇତିମଧ୍ୟରେ ସୁନ୍ଦର ତାଙ୍କ ଟେଷ୍ଟ୍ କ୍ୟାରିଅର୍‌ର ପ୍ରଥମ ଶତକ ଅର୍ଜନ କରିଥିବା ବେଳେ ୯ଟି ଚୌକା ଓ ଗୋଟିଏ ଛକା ସହ ୧୦୧ ରନ୍‌ରେ ଅପରାଜିତ ଥିଲେ। ସେହିପରି ଜାଡେଜା ୧୩ଟି ଚୌକା ଓ ଗୋଟିଏଛକା ଜରିଆରେ ୧୦୭ ରନ୍ କରିଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ୱକ୍ସ ୨ଟି ଏବଂ ଜୋଫ୍ରା ଆର୍ଚର୍ ଓ ଅଧିନାୟକ ବେନ୍ ଷ୍ଟୋକ୍ସ ଗୋଟିଏ ଲେଖାଏଁ ୱିକେଟ୍ ନେଇଥିଲେ। ୫ଟି ୱିକେଟ୍ ସହ ଆକର୍ଷଣୀୟ ଶତକୀୟ ଇନିଂସ ପାଇଁ ଷ୍ଟୋକ୍ସଙ୍କୁ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଛି। ଚତୁର୍ଥ ମ୍ୟାଚ୍‌ଟି ଡ୍ରରେ ଶେଷ ହୋଇଥିବାରୁ ସିରିଜ୍ ବରାବର ରଖିବା ସକାଶେ ଭାରତକୁ ଅନ୍ତିମ ଟେଷ୍ଟ୍ ଜିତିବାକୁ ପଡ଼ିବ। ଏହି ମ୍ୟାଚ୍‌ଟି ଆସନ୍ତା ୩୧ରୁ ଓଭାଲ୍‌ଠାରେ ଆରମ୍ଭ ହେବ।

## ଗ୍ରିନ୍ ବେଜ୍ କ୍ଲାସିକ୍ ସ୍ନୁକର ଆରମ୍ଭ

# ମୁଖ୍ୟ ଡ୍ର'ରେ ମିଶାଲ, ଜ୍ଞାନ, ଜାକିର, ଗୋବିନ୍ଦ




ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ): ସ୍ଥାନୀୟ ଦ ଭିକ୍ଟେଜ୍ କ୍ଲବ୍‌ଠାରେ ଶନିବାରଠୁ ଆରମ୍ଭ ହୋଇଛି ଗ୍ରିନ୍ ବେଜ୍ କ୍ଲାସିକ୍ ଅଲ୍ ଓଡ଼ିଶା ଓପନ୍ ୧୦ରେଡ୍ ସ୍ନୁକର ପ୍ରତିଯୋଗିତା। ପ୍ରଥମ ଦିନରେ କ୍ୱାଲିଫାଇଙ୍ଗ୍ ଡ୍ର'ର ୨୩ଟି ମ୍ୟାଚ୍ ଖେଳାଯାଇଥିଲା। ମିଶାଲ ସ୍ୱାଇଁ (ଗ୍ରୁପ୍-ଜେ), ଜ୍ଞାନ ଦାସ (ଗ୍ରୁପ୍-ଆଇ), ଜାକିର ଅଲୀ ଖାନ (ଗ୍ରୁପ୍-ଏନ୍) ଓ ପି ଗୋବିନ୍ଦ ରାଓ (ଗ୍ରୁପ୍-ଏଲ୍) ନିଜ ନିଜ ଗ୍ରୁପ୍‌ର ଶୀର୍ଷରେ ରହି ମୁଖ୍ୟ ଡ୍ର'କୁ ଯୋଗ୍ୟତା ଅର୍ଜନ କରିଛନ୍ତି। ବରୁଣ ନାୟକ ଶନିବାର ଚମତ୍କାର ପ୍ରଦର୍ଶନ କରିଥିଲେ। ସେ ୨-୦ରେ ଶିବପ୍ରସାଦ ସେଠୀଙ୍କୁ ପରାସ୍ତ କରିଥିଲେ। ଶନିବାର ଉଦ୍‌ଘାଟନୀ ଉତ୍ସବରେ ଓଏସିସ୍ କନ୍‌ଭେନ୍‌ସନ ଓ ଲନ୍‌ର ଏମ୍‌ଡି ମିଶାଲ ସ୍ୱାଇଁ, ପ୍ରତିଯୋଗିତାର ସଭାପତି ଶ୍ୟାମ ଅଗ୍ରୱାଲ ଓ ନିର୍ଦ୍ଦେଶକ ନିଶାନ୍ତ ବିଶ୍ୱାଳ ଯୋଗଦେଇଥିଲେ।

# ଅକ୍ଟୋବର ୨୨ରୁ ଥାର୍ଡଆଇ ସିପିଏଲ୍




**ଭୁବନେଶ୍ୱର,୨୭।୭(ସଂଚାର ବ୍ୟୁରୋ):** ଥାର୍ଡଆଇ କର୍ପୋରେଟ ପ୍ରିମିୟର ଲିଗ (ସିପିଏଲ) ଏକ ପ୍ରିମିୟମ କର୍ପୋରେଟ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆସନ୍ତା ଅକ୍ଟୋବର ୨୨ ତାରିଖରେ ଖେଳାଯିବ। ଏଥିରେ ୧୬ଟି କର୍ପୋରେଟ୍ ଦଳ ଭାଗ ନେବେ ବୋଲି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଘାଟିକିଆ ହାଇସ୍କୁଲ୍ ପଡ଼ିଆରେ ୫ ଦିନ ଧରି ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟଟି ଫ୍ରାଞ୍ଚାଇଜ ଭିତ୍ତିରେ ଅନୁଷ୍ଠିତ ହେବ। ଇତିମଧ୍ୟରେ ଖେଳାଳି ନିଲାମୀ ପାଇଁ ପଞ୍ଜିକରଣ ପ୍ରକ୍ରିୟା ଆରମ୍ଭ ହୋଇଛି। ଟୁର୍ଣ୍ଣାମେଣ୍ଟର ପ୍ରତି ମ୍ୟାଚ୍ ୧୦ ଓଭର ବିଶିଷ୍ଟ ହେବ ଓ ଏହା ଟେନିସ ବଲରେ ଖେଳାଯିବ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ମଧ୍ୟରେ ୩୨ଟି ମ୍ୟାଚ ଖେଳାଯିବା ନେଇ ସୂଚନା ଦିଆଯାଇଛି। ସେହିପରି ପ୍ରତିଯୋଗିତାରେ ଭାଗ ନେବାକୁ ଥିବା ଟିମ୍‌ଗୁଡ଼ିକୁ ମୋଟ ୫ ଲକ୍ଷ ୩୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରତିଯୋଗିତାର ଚାମ୍ପିଅନ୍ ଟିମ୍ ପାଇଁ ୧ ଲକ୍ଷ ୫୦ ହଜାର ଟଙ୍କାର ପୁରସ୍କାର ସହ ଆକର୍ଷଣୀୟ ଟ୍ରଫି ପ୍ରଦାନ କରାଯିବ। ସେହିପରି ରନର୍ସଅପ ଦଳକୁ ୮୦ ହଜାର ଓ ଟ୍ରଫି ଏବଂ ପ୍ରତି ମ୍ୟାଚରେ ମ୍ୟାନ ଅଫ ଦି ମ୍ୟାଚ ପାଇଁ ୩ ହଜାର, ଶ୍ରେଷ୍ଠ ବ୍ୟାଟର ଓ ଶ୍ରେଷ୍ଠ ବୋଲରଙ୍କୁ ୧୦ ହଜାର ଲେଖାଏଁ ପ୍ରଦାନ କରାଯିବ। ଏହାଛଡ଼ା ମ୍ୟାନ ଅଫ ଦ ମ୍ୟାଚ୍ ସହ ପରାଜିତ ଦଳର ଶ୍ରେଷ୍ଠ ଖେଳାଳିଙ୍କୁ ମଧ୍ୟ ଆର୍ଥିକ ପୁରସ୍କାର ପ୍ରଦାନର ବ୍ୟବସ୍ଥା ରହିଛି। ପ୍ରତିଯୋଗିତା ସମ୍ପର୍କରେ ଅଧିକ ଜାଣିବା ସକାଶେ ୯୮୬୧୩ ୭୭୬୯୧ ନମ୍ବରରେ ଯୋଗାଯୋଗ କରିବାକୁ କୁହାଯାଇଛି। ସାମ୍ବାଦିକ ସମ୍ମିଳନୀରେ ଥାର୍ଡ ଆଇ ସିପିଏଲ୍‌ର ବରିଷ୍ଠ ଉପଦେଷ୍ଟା ପ୍ରମୋଦ ପ୍ରଧାନ, ରାଜୀବ ପଣ୍ଡା, ଜ୍ଞାନଚନ୍ଦ୍ର ମିଶ୍ର, ଦରିଦ୍ର ନାରାୟଣ ନାୟକ, ସଭାପତି ସୋନାଲ ସାହୁ, ଉପସଭାପତି ଆଶୀଷ ଦାସ, ସମ୍ପାଦକ ଆଶୀଷ କୁମାର ସାମଲ, ଯୁଗ୍ମ ସମ୍ପାଦକ ନିର୍ମାଲ୍ୟ ଦାଶ, ସ୍ନେହାଂଶୁ ମହାନ୍ତି, ଶ୍ରୀବଲ୍ଲଭ ବେହେରା ଓ ସୌରଭ ଦାଶ ଉପସ୍ଥିତ ଥିଲେ।

- ୧୬ କର୍ପୋରେଟ ଦଳ, ୩୨ ମ୍ୟାଚ
- ମୋଟ ପୁରସ୍କାର ରାଶି ୫ ଲକ୍ଷ ୩୦ ହଜାର
- ଚାମ୍ପିଅନଙ୍କୁ ୧ ଲକ୍ଷ ୫୦ ହଜାର
- ରନର୍ସ ଅପ ଦଳକୁ ମିଳିବ ୮୦ ହଜାର

# ଆଇଟା-ଓଟିଏ ଟିଏସ୍୭: ସୁତବ୍ୟଙ୍କୁ ଦ୍ୱିମୁକୁଟ

ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଟେନିସ୍ କମ୍ପ୍ଲେକ୍ସଠାରେ ଆୟୋଜିତ ଆଇଟା-ଓଟିଏ ଟାଲେଣ୍ଟ୍ ସିରିଜ୍ (ଟିଏସ୍୭) ୧୪ ଓ ୧୬ ବର୍ଷରୁ କମ୍ ଟେନିସ୍ ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଛି। ଓଡ଼ିଶାର ସୁତବ୍ୟ କର୍ମକାର ଉଭୟ ଏକକ ଓ ଯୁଗଳ ବର୍ଗରେ ବିଜେତା ହୋଇ ଦ୍ୱିମୁକୁଟ କରାୟତ୍ତ କରିଛନ୍ତି। ୧୬ ବର୍ଷରୁ କମ୍ ବାଳକ ଏକକ ଫାଇନାଲ୍‌ରେ ସୁତବ୍ୟ ୬-୪, ୭-୫ ସେଟ୍‌ରେ ପଶ୍ଚିମବଙ୍ଗର ସୟଦ ଫୈଜାନ ହୁସେନ୍‌ଙ୍କୁ ପରାସ୍ତ କରିଥିଲେ। ସୁତବ୍ୟ ଏହି ବୟସ ବର୍ଗର ଯୁଗଳରେ ସୟଦ ଫୈଜାନ ହୁସେନ୍‌ଙ୍କୁ ସାଥୀ କରି ଖେଳିଥିଲେ। ଫାଇନାଲ୍‌ରେ ସୁତବ୍ୟ ଓ ସୟଦ ଫୈଜାନ ୬-୨, ୬-୨ ସେଟ୍‌ରେ ଓଡ଼ିଆ ଯୋଡ଼ି ଅଂଶୁମାନ ଆଚାର୍ଯ୍ୟ ଓ ସୂର୍ଯ୍ୟାଶ ପଟ୍ଟନାୟକଙ୍କୁ ମାତ୍ ଦେଇ ଟ୍ରଫି ଜିତିଥିଲେ। ୧୪ ବର୍ଷରୁ କମ୍ ବାଳକ ଏକକରେ ପଶ୍ଚିମବଙ୍ଗର ସ୍ୱପ୍ନିଲ ଘୋଷ ୭-୫, ୬-୦ ସେଟ୍‌ରେ ଆସାମର ଚନ୍ଦ୍ର ମହାନ୍ତିଙ୍କୁ ହରାଇ ବିଜେତା ଟ୍ରଫି କରାୟତ୍ତ କରିଛନ୍ତି।




ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଓଟିଏ ସମ୍ପାଦକ ସଂଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଇତି ପ୍ରଧାନ ପ୍ରତିଯୋଗିତାରେ ରେଫରି ଦାୟିତ୍ୱରେ ରହିଥିଲେ। ଚଳିତ ମାସ ୨୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାରେ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ତ୍ରିପୁରା ଓ ଆସାମରୁ ୫୨ ଖେଳାଳି ଭାଗ ନେଇଥିଲେ।

# ପରନୀତ୍‌ଙ୍କୁ ଆଉ ଏକ ରୌପ୍ୟ

**ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ):** ଜର୍ମାନୀର ରାଇନ୍-ରୁର୍‌ଠାରେ ଚାଲିଥିବା ଫିସୁ ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ାରେ ଶନିବାର ଭାରତକୁ ଗୋଟିଏ ରୌପ୍ୟ ପଦକ ମିଳିଛି। ଶୁକ୍ରବାର ଦୁଇଟି ପଦକ (କୁଶାଲ ଦଲାଲଙ୍କ ସହ ମିଶ୍ରିତ ଯୁଗଳ ସ୍ୱର୍ଣ୍ଣ ଏବଂ ମହିଳା ଦଳ ସହ କାଂସ୍ୟ) ଜିତିଥିବା ଥିବା ତୀରନ୍ଦାଜ ପରନୀତ୍ କୌର ଶନିବାର ନିଜ ଖାତାରେ ଆଉ ଏକ ପଦକ ଯୋଡ଼ିଛନ୍ତି। ଏଥିସହ ଭାରତର ପଦକ ସଂଖ୍ୟା ମଧ୍ୟ ୬ରେ ପହଞ୍ଚିଛି। ମହିଳା କମ୍ପାଉଣ୍ଡ ତୀରନ୍ଦାଜି ବ୍ୟକ୍ତିଗତ ବର୍ଗରେ ସେ ରୌପ୍ୟ ଜିତି ନିଜ ପଦକ ସଂଖ୍ୟା ୩ରେ ପହଞ୍ଚାଇଛନ୍ତି। ଫାଇନାଲ୍‌ରେ ପରନୀତ୍ ଚମତ୍କାର ପ୍ରଦର୍ଶନ କରିଥିଲେ ମଧ୍ୟ ଅଳ୍ପକେ ସ୍ୱର୍ଣ୍ଣରୁ ବଞ୍ଚିତ ହୋଇଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ୪ଗୁଣା ୪୦୦ ମିଟର ରିଲେ ଦଳ ଫାଇନାଲ୍‌ରେ ପହଞ୍ଚି ପଦକ ଆଶା ଉଜ୍ଜୀବିତ ରଖିଛି। ହିଟ୍ସରେ ଭାରତ ୩:୦୬.୫୬ ସେକେଣ୍ଡରେ ରେସ୍ ଶେଷ କରି ପୋଲାଣ୍ଡ (୩:୦୫.୭୮) ପଛକୁ ଦ୍ୱିତୀୟ ସ୍ଥାନରେ ରହିଥିଲା।




# କାଂସ୍ୟ ଜିତି ଇତିହାସ ରଚିଲେ ତନ୍ୱୀ, ଭେନ୍ନାଲା

**ସୋଲୋ, ୨୭।୭:** ଭାରତର ତନ୍ୱୀ ଶର୍ମା ଓ ଭେନ୍ନାଲା କାଲାଗୋଟ୍‌ଲା ଚଳିତ ଏସୀୟ କନିଷ୍ଠ ବ୍ୟାଡ୍‌ମିଣ୍ଟନ୍ ପ୍ରତିଯୋଗିତାରେ କାଂସ୍ୟ ପଦକ ଜିତି ଇତିହାସ ରଚିଛନ୍ତି। ପ୍ରଥମ ଥର ଦୁଇ ଭାରତୀୟ ମହିଳା ଖେଳାଳି ଏହି ପ୍ରତିଯୋଗିତାରେ ଦୁଇଟି ପଦକ ଜିତିବାକୁ ସକ୍ଷମ ହେବାର ଗୌରବ ପାଇଛନ୍ତି। ଶନିବାର ମହିଳା ଏକକ ସେମିଫାଇନାଲ୍‌ରେ ଦ୍ୱିତୀୟ ମାନ୍ୟତାପ୍ରାପ୍ତ ତନ୍ୱୀ ୧୩-୨୧, ୧୪-୨୧ରେ ଚୀନ୍‌ର ଅଷ୍ଟମ ମାନ୍ୟତାପ୍ରାପ୍ତ ୟିନ୍ ୟି କ୍ୱିଙ୍ଗ୍‌ଙ୍କଠୁ ହାରିଯାଇଥିଲେ। ସେହିପରି ଭେନ୍ନାଲା ୧୫-୨୧, ୧୮-୨୧ରେ ଚୀନ୍‌ର ଲିଉ ସି ୟାଙ୍ଗଙ୍କଠୁ ପରାସ୍ତ ହୋଇଥିଲେ। ଏହି ସଫଳତା ପୂର୍ବରୁ ତନ୍ୱୀ ଗତମାସରେ ୟୁଏସ୍ ଓପନ୍ ସୁପର ୩୦୦ ପ୍ରତିଯୋଗିତାରେ ଉପବିଜୟିନୀ ହେବାର ଗୌରବ ଅର୍ଜନ କରିଥିଲେ।

# ସାହାଣୀ କପ୍ ଫାଇନାଲ୍‌ରେ କଟକ

**ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ):** ଚଳିତ ୬୪ତମ ସାହାଣୀ କପ୍ ଫୁଟବଲ୍ ପ୍ରତିଯୋଗିତାର ଫାଇନାଲ୍‌ରେ ପ୍ରଥମ ଦଳ ଭାବେ କଟକ ପ୍ରବେଶ କରିଛି। କେନ୍ଦ୍ରାପଡ଼ାର ରାଜକନିକା ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଶନିବାର ପ୍ରଥମ ସେମିଫାଇନାଲ୍‌ରେ କଟକ ୫-୦ଗୋଲ୍‌ରେ ସୁନ୍ଦରଗଡ଼କୁ ପରାସ୍ତ କରିଛି। ବାପୁନି ପ୍ରଧାନ (୪ ମିନିଟ୍)ଙ୍କ ଗୋଲ୍‌ରେ କଟକ ପ୍ରାରମ୍ଭିକ ଅଗ୍ରଣୀ ନେଇଥିଲା। ଏହାପରେ ଦିନବନ୍ଧୁ ଦାସ (୩୬, ୪୩, ୪୫ ମିନିଟ୍) ହ୍ୟାଟ୍ରିକ୍ ଗୋଲ୍ ଦେଇ ପ୍ରଥମାର୍ଦ୍ଧରେ କଟକକୁ ୪-୦ରେ ଆଗରେ ରଖିଥିଲେ। ୫୦ତମ ମିନିଟ୍‌ରେ ବାପୁନି (୫୦ ମିନିଟ୍)ଙ୍କ ଗୋଲ୍‌ରେ କଟକ ୫-୦ରେ ବିଜୟ ମୁଣ୍ଡି ମାରିଥିଲା। ରବିବାର ବ୍ରହ୍ମପୁରରେ ଦ୍ୱିତୀୟ ସେମିଫାଇନାଲ୍‌ରେ କୋରାପୁଟ ଓ ସମ୍ବଲପୁର ମୁହାଁମୁହିଁ ହେବେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଂକୀର୍ତ୍ତନରେ ...

ଜିଲ୍ଲାରେ ଏପରି କିଛି ଦେଖିବାକୁ ମିଳିଛି। ଜିଲ୍ଲାର ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ ନାମକ ଏକ ଦଳ ରହିଛି, ଯିଏକି ଭକ୍ତି ସହ ଆଜି ପରିବେଶ ସୁରକ୍ଷାର ମନ୍ତ୍ର ମଧ୍ୟ ଜପୁଛି। ଏହି ପଦକ୍ଷେପର ପ୍ରେରଣା ହେଉଛନ୍ତି ପ୍ରମିଳା ପ୍ରଧାନ। ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ସେ ପାରମ୍ପରିକ ଗୀତରେ ନୂଆ ଶବ୍ଦ, ନୂଆ ବାର୍ତ୍ତା ଯୋଡ଼ିଛନ୍ତି। ତାଙ୍କ ଦଳ ଗାଁ ଗାଁ ବୁଲି ଜଙ୍ଗଲରେ ଲାଗୁଥିବା ନିଆଁ କିପରି କ୍ଷତି ସାଧନ କରିଥାଏ, ସେନେଇ ଗୀତ ମାଧ୍ୟମରେ ଲୋକଙ୍କୁ ବୁଝାଉଛି ଏପରି ଏକ ଉଦାହରଣ ଆମ ଲୋକ ପରମ୍ପରାଗୁଡ଼ିକ କୌଣସି ପୁରୁଣା ଯୁଗର ଜିନିଷ ନୁହେଁ, ବରଂ ଏଥିରେ ଆଜି ବି ସମାଜକୁ ଦିଗଦର୍ଶନ ଦେବାର ଶକ୍ତି ରହିଛି ବୋଲି ପ୍ରମିଳାଙ୍କ ଉଦ୍ୟମ ଆମକୁ ମନେ ପକାଇଦେଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିସହ ମୋଦି ମୟୂରଭଞ୍ଜରେ ଜନଜାତି ମହିଳାମାନଙ୍କ ଦ୍ୱାରା ବୁଣାଯାଉଥିବା ସଫଳତାର କାହାଣୀ ବିଷୟରେ ମଧ୍ୟ କହିଥିଲେ। ଏହାଦ୍ୱାରା ଆନ୍ତର୍ଜାତିକ ସ୍ତରରେ ସମଗ୍ର ଓଡ଼ିଶା ଓ ଜନଜାତି ସମୁଦାୟର ନାରୀମାନଙ୍କ କାର୍ଯ୍ୟକୁ ଲୋକଲୋଚନକୁ ଆସିପାରିଛି। ଏହି ମହିଳାମାନେ କେବଳ ଶାଢ଼ୀ ତିଆରି କରୁନାହାନ୍ତି, ବରଂ ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଆତ୍ମନିର୍ଭର ହେଉଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ନିକଟରେ ମହାକାଶରୁ ଫେରି ଇତିହାସ ପୃଷ୍ଠାରେ ନିଜ ନାମ ସାମିଲ୍ କରିଥିବା ଭାରତୀୟ ବଂଶୋଦ୍ଭବ ଶୁଭାଂଶୁ ଶୁକ୍ଲାଙ୍କ ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ସେ ମହାକାଶରୁ ଫେରିବାକୁ ନେଇ ଭାରତରେ ଯଥେଷ୍ଟ ଚର୍ଚ୍ଚା ହୋଇଛି। ଶୁଭାଂଶୁ ସୁରକ୍ଷିତ ଭାବେ ପୃଥିବୀପୃଷ୍ଠରେ ଓହ୍ଲାଇବା ପରେ ଭାରତୀୟ ଲୋକେ ବେଶ୍ ଉତ୍ସାହିତ ହୋଇଥିଲେ। ପ୍ରତ୍ୟେକ ହୃଦୟରେ ଖୁସିର ଲହରି ଖେଳିଯାଇଥିଲା। ସମଗ୍ର ଦେଶ ଗର୍ବରେ ପରିପୂର୍ଣ୍ଣ ହୋଇଥିଲା। ଅଗଷ୍ଟ ୨୦୨୩ରେ ଚନ୍ଦ୍ରଯାନ-୩ର ସଫଳ ଅବତରଣ ହୋଇଥିଲା, ସେତେବେଳେ ଦେଶରେ ଗୋଟିଏ ନୂଆ ବାତାବରଣ ସୃଷ୍ଟି ହୋଇଥିଲା। ବିଜ୍ଞାନ ଆଉ ମହାକାଶକୁ ନେଇ ପିଲାଙ୍କ ମନରେ ଏକ ନୂଆ ଜିଜ୍ଞାସା ଜାଗ୍ରତ ହୋଇଥିଲା। ଏବେ ଛୋଟ ଛୋଟ ପିଲାମାନେ କହୁଛନ୍ତି, ଆମେ ବି ମହାକାଶକୁ ଯିବୁ। ଆମେ ବି ଚନ୍ଦ୍ରପୃଷ୍ଠରେ ଓହ୍ଲାଇବୁ, ମହାକାଶ ବିଜ୍ଞାନୀ ହେବୁ। ଏହି ଅବସରରେ ପ୍ରଧାନମନ୍ତ୍ରୀ ୟୁନେସ୍କୋ ୧୨ଟି ମରହଟ୍ଟା ଦୁର୍ଗକୁ ବିଶ୍ୱ ଐତିହ୍ୟ ସ୍ଥଳୀର ମାନ୍ୟତା ଦେଇଥିବାରୁ ସନ୍ତୋଷ ପ୍ରକଟ କରିବା ସହ ପ୍ରତ୍ୟେକ ଦୁର୍ଗ ସହ ଇତିହାସର ଗୋଟିଏ ଗୋଟିଏ ପୃଷ୍ଠା ଜଡ଼ିତ ରହିଥିବା କହିଛନ୍ତି। ଏଥିସହ ପ୍ରଧାନମନ୍ତ୍ରୀ ସାହସୀ ସହିଦ ଖୁଦିରାମ ବୋଷଙ୍କ ସମ୍ପର୍କରେ ଉପସ୍ଥାପନ କରିଛନ୍ତି। ଇତିହାସ ପୃଷ୍ଠାରେ ଅଗଷ୍ଟ ମାସର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଅଗଷ୍ଟ ୧୧କୁ ଖୁଦିରାମଙ୍କ ଫାଶୀ ପାଇଁ ଅଗଷ୍ଟ କ୍ରାନ୍ତି ଭାବେ ପାଳନ କରାଯାଇଆସୁଥିବା ବେଳେ ଅଗଷ୍ଟ ୧ ବାଲ୍ ଗଙ୍ଗାଧର ତିଲକଙ୍କ ପୁଣ୍ୟତିଥି। ସେହିପରି ଅଗଷ୍ଟ ୮ରେ ଭାରତଛାଡ଼ ଆନ୍ଦୋଳନ ଆରମ୍ଭ ହୋଇଥିଲା। ଅଗଷ୍ଟ ୧୫ରେ ସ୍ୱାଧୀନତା ଦିବସ ଓ ଏହାର ପୂର୍ବଦିନ ବିଭାଜନ ବିଭୀଷିକା ସ୍ମୃତି ଦିବସ ଭାବେ ପାଳନ କରିଆସୁଛୁ। ଅଗଷ୍ଟ ୭ରେ ସ୍ୱଦେଶୀ ଆନ୍ଦୋଳନ ମଧ୍ୟ ଆରମ୍ଭ ହୋଇଥିଲା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ବୟନ ଶିଳ୍ପ ଏବଂ ପୋଷାକ ବଜାର ଅତି ଦ୍ରୁତଗତିରେ ବୃଦ୍ଧି ପାଇ ଚାଲିଛି ଏବଂ ଏହି ବିକାଶର ସବୁଠାରୁ ସୁନ୍ଦର କଥା ହେଉଛି ଯେ ଗାଁର ମହିଳାମାନେ, ସହରର ଡିଜାଇନର୍, ବୟସ୍କ ବୁଣାକାର ଏବଂ ଷ୍ଟାର୍ଟ-ଅପ୍ ଆରମ୍ଭ କରୁଥିବା ଆମ ଯୁବକମାନେ - ସମସ୍ତେ ମିଶି ଏହାକୁ ଆଗକୁ ବଢ଼ାଉଛନ୍ତି। ଆଜି ଭାରତରେ ୩ ହଜାରରୁ ଅଧିକ ଟେକ୍ସଟାଇଲ୍ ଷ୍ଟାର୍ଟ-ଅପ୍ ସକ୍ରିୟ ରହିଛି। ଅନେକ ଷ୍ଟାର୍ଟ-ଅପ୍ ଭାରତର ହ୍ୟାଣ୍ଡଲୁମ ପରିଚୟକୁ ଅନ୍ତର୍ଜାତୀୟ ସ୍ୱୀକୃତି ଦେଇଥିବା ମୋଦି କହିଛନ୍ତି।

ଏହି ଅବସରରେ ମୋଦି ଝାଡ଼ଖଣ୍ଡର ଓମ୍‌ପ୍ରକାଶ ସାହୁଙ୍କ ସମ୍ପର୍କରେ ଉଲ୍ଲେଖ କରିଛନ୍ତି। ସେ କହିଛନ୍ତି ଯେ ଝାଡ଼ଖଣ୍ଡର ଗୁମଲା ଜିଲ୍ଲା ମାଓ ହିଂସା ପାଇଁ ପରିଚିତ ଥିବା ବେଳେ ବାସିଆ ବ୍ଲକର ଗାଁଗୁଡ଼ିକ ଜନଶୂନ୍ୟ ହୋଇ ଚାଲିଥିଲା। ଲୋକେ ଭୟଭୀତ ଅବସ୍ଥାରେ ଜୀବନ ବିତାଉଥିଲେ। କିନ୍ତୁ ଓମପ୍ରକାଶ ହିଂସାର ମାର୍ଗ ଛାଡ଼ି ମାଛଚାଷ ମାଧ୍ୟମରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ପୂର୍ବରୁ ଯେଉଁ ହାତରେ ବନ୍ଧୁକ ଧରିଥିଲେ, ଆଜି ସେଇ ହାତରେ ମାଛଧରା ଜାଲ ଧରି ଓମ୍‌ପ୍ରକାଶ ଭିନ୍ନ ଏକ ପରିଚୟ ସୃଷ୍ଟି କରିପାରିଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆସନ୍ତା ୨୦୨୯ରେ ଭାରତରେ ଅଲିମ୍ପିକ୍ସ ଆୟୋଜିତ ହେଉଥିବାରୁ ସାରା ବିଶ୍ୱରୁ ଭାରତକୁ ଆସିବାକୁ ଥିବା ଖେଳାଳି ଓ ଅତିଥିଙ୍କୁ ଆତିଥ୍ୟ ପ୍ରଦର୍ଶନ ସହ ନିଜ କ୍ରୀଡ଼ା ସଂସ୍କୃତି ସହ ପରିଚିତ କରାଇବାକୁ ଆହ୍ୱାନ ଦେଇଛନ୍ତି।

## ପ୍ରଧାନମନ୍ତ୍ରୀଙ୍କୁ...

ମୟୂରଭଞ୍ଜରେ ଜନଜାତି ମହିଳାମାନଙ୍କ ଦ୍ୱାରା ବୁଣାଯାଉଥିବା ସଫଳତାର କାହାଣୀ ବିଷୟରେ କହିଥିଲେ। ଏହାଦ୍ୱାରା ଆନ୍ତର୍ଜାତିକ ସ୍ତରରେ ସମଗ୍ର ଓଡ଼ିଶା ଓ ଜନଜାତି ସମୁଦାୟର ନାରୀଶକ୍ତିଙ୍କ କାର୍ଯ୍ୟକୁ ଲୋକଲୋଚନକୁ ଆସିପାରିଛି। ଏହି ମହିଳାମାନେ କେବଳ ଶାଢ଼ୀ ତିଆରି କରୁନାହାନ୍ତି ବରଂ ସମାଜରେ ନିଜର ପରିଚୟ ସୃଷ୍ଟି କରିବା ସହ ଆତ୍ମନିର୍ଭର ହେଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଏହି ପ୍ରଶଂସା ତଥା ଜାତୀୟ ମଞ୍ଚରେ ସ୍ୱୀକୃତି ମହିଳାମାନଙ୍କୁ ଆର୍ଥିକ ସଶକ୍ତିକରଣର ନୂତନ ଅଧ୍ୟାୟ ଲେଖିବାକୁ ପ୍ରେରଣା ଦେବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ଆହୁରି କହିଛନ୍ତି ଯେ କେନ୍ଦୁଝର ଜିଲ୍ଲାରେ 'ରାଧାକୃଷ୍ଣ ସଂକୀର୍ତ୍ତନ ମଣ୍ଡଳୀ'ର ସଦସ୍ୟମାନଙ୍କ ଦ୍ୱାରା ଅଭିନବ ଉପାୟରେ ଜଙ୍ଗଲ ଓ ପରିବେଶର ସୁରକ୍ଷା ପାଇଁ ସାମାଜିକ ସଚେତନତା ସୃଷ୍ଟି କରିବା ଉପରେ ବାର୍ତ୍ତା ଦେଇଛନ୍ତି ପ୍ରଧାନମନ୍ତ୍ରୀ। ଭଜନ-କୀର୍ତ୍ତନ-ଲୋକଗୀତ ଦ୍ୱାରା ବନାଗ୍ନି ସମ୍ପର୍କରେ ସଚେତନତାକୁ ପ୍ରୋତ୍ସାହିତ କରିବା ଏକ ଅନନ୍ୟ ଏବଂ ପ୍ରେରଣାଦାୟୀ ପ୍ରୟାସ। ଏହି ସଂକୀର୍ତ୍ତନ ମଣ୍ଡଳୀ ପ୍ରମିଳା ପ୍ରଧାନଙ୍କ ପ୍ରେରଣାରେ ଗାଁଗାଁ ବୁଲି ଗୀତ ସାହାଯ୍ୟରେ ଜଙ୍ଗଲ ଏବଂ ପରିବେଶର ସୁରକ୍ଷା ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରୁଛନ୍ତି। ପ୍ରମିଳାଙ୍କ ପରି ଲୋକମାନେ ହିଁ ପ୍ରକୃତରେ ସମାଜ ପାଇଁ ଏକ ପ୍ରେରଣା ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ଏହାଛଡ଼ା ଭାରତର ବୌଦ୍ଧିକ ଐତିହ୍ୟ, କାଳଜୟୀ ଜ୍ଞାନ ଏବଂ ଜ୍ଞାନ ପରମ୍ପରା ବିଶ୍ୱକୁ ସମୃଦ୍ଧ କରିଛି ଏବଂ ମାନବତାର ଭବିଷ୍ୟତକୁ ଆଲୋକିତ କରିବାର ସମ୍ଭାବନା ରଖିଛି। ଆମ ସରକାର ଦ୍ୱାରା ଆରମ୍ଭ କରାଯାଇଥିବା ଜ୍ଞାନ ଭାରତମ୍ ମିଶନ ଭାରତର ବୌଦ୍ଧିକ ଐତିହ୍ୟକୁ ସୁରକ୍ଷା ଦେବା ସହ ଏହାର ବ୍ୟାପକ ସୁଗମତା ଏବଂ ଶୈକ୍ଷିକ ସମନ୍ୱୟକୁ ସୁନିଶ୍ଚିତ କରିବାର ଲକ୍ଷ୍ୟ ରଖିଛି। 'ମନ୍ କୀ ବାତ୍'ରେ ଜ୍ଞାନ ଭାରତମ୍ ମିଶନ ବିଷୟରେ ପ୍ରଧାନମନ୍ତ୍ରୀ ମତ ଦେଇଛନ୍ତି। ଏହି ମିଶନ ଭାରତର ସମୃଦ୍ଧ ଐତିହ୍ୟକୁ ଉପଯୋଗ କରି ଦେଶକୁ ଏକ ବିଶ୍ୱ ଜ୍ଞାନ ସୁପର ପାୱାର କରିବାରେ ସହାୟକ ହେବ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଉଲ୍ଲେଖ କରିଛନ୍ତି।

## ୬ ଜିଲ୍ଲାରେ ...

ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ କହିଛନ୍ତି। ସେହିପରି ଭୁବନେଶ୍ୱରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ସ୍ୱତନ୍ତ୍ର ରିଲିଫ କମିଶନର ଦେଓରଞ୍ଜନ କୁମାର ସିଂହଙ୍କ ସୂଚନା ଦେଇଥିବା ବେଳେ ଆଭାସୀ ମାଧ୍ୟମରେ ମନ୍ତ୍ରୀ ଶ୍ରୀ ପୂଜାରୀ ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲ୍ଲାପାଳ ଓ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ ସହ ଦେଖାଦେଇଥିବା ବନ୍ୟା ପରିସ୍ଥିତିର ସମୀକ୍ଷା କରିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ ଜିଲ୍ଲା ପ୍ରଶାସନ ବନ୍ୟା ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ଜନସାଧାରଣଙ୍କୁ ନିରାପଦ ଆଶ୍ରୟସ୍ଥଳୀରେ ରଖିବା ଓ ରିଲିଫ୍ ଯୋଗାଇ ଦେବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ରାଜୀବ ଭବନଠାରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ ସ୍ୱତନ୍ତ୍ର ରିଲିଫ୍ କମିଶନର ଶ୍ରୀ ସିଂହ କହିଛନ୍ତି ଯେ ବାଲେଶ୍ୱର ଜିଲ୍ଲାରେ ୫ଟି ଓଡ୍ରାଫ୍ ଟିମ୍ ସହ ଗୋଟିଏ ଏନ୍‌ଡିଆର୍‌ଏଫ୍, ୨୬ଟି ଅଗ୍ନିଶମ ଓ ଜରୁରୀକାଳୀନ ସେବା ବାହିନୀ ନିୟୋଜିତ ହୋଇଥିବା ବେଳେ ମୟୂରଭଞ୍ଜ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଦଳ, ୨୩ଟି ଅଗ୍ନିଶମ ବାହିନୀ, ଭଦ୍ରକ ଜିଲ୍ଲାରେ ଗୋଟିଏ ଓଡ୍ରାଫ୍, ଗୋଟିଏ ଏନ୍‌ଡିଆର୍‌ଏଫ୍ ଓ ୧୩ଟି ଅଗ୍ନିଶମ ବାହିନୀ, ଯାଜପୁର ଜିଲ୍ଲାରେ ଗୋଟିଏ ଓଡ୍ରାଫ୍ ଟିମ୍ ସହ ୧୪ଟି ଅଗ୍ନିଶମ ବାହିନୀ ମୁତୟନ ଅଛନ୍ତି। ଏଥିସହ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ୧୦୬ଟି ବୋଟ୍ ମଧ୍ୟ ଉଦ୍ଧାର ଓ ରିଲିଫ୍ ବଣ୍ଟନ କାର୍ଯ୍ୟରେ ନିୟୋଜିତ ହୋଇଥିବା ଶ୍ରୀ ସିଂହ କହିଛନ୍ତି। ତାଙ୍କ କହିବାନୁସାରେ, ସୁବର୍ଣ୍ଣରେଖାକୁ ଛାଡ଼ିଦେଲେ ବାକି ସବୁ ନଦୀର ଜଳପତ୍ତନ କ୍ରମଶଃ ହ୍ରାସ ପାଉଛି। ସୁବର୍ଣ୍ଣରେଖାରେ ଜଳ ସ୍ତରକୁ ଦୃଷ୍ଟିରେ ରଖି ବାଲେଶ୍ୱର ଜିଲ୍ଲା ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ବୈତରଣୀ ଓ ଜଳକା ନଦୀର ଜଳପତ୍ତନ ମଧ୍ୟ କମୁଛି। ବନ୍ୟା କ୍ଷତିଗ୍ରସ୍ତ ଅଞ୍ଚଳରେ ରାତ୍ରିକାଳୀନ ପାଟ୍ରୋଲିଂ ବ୍ୟବସ୍ଥାକୁ ମଧ୍ୟ କଡ଼ାକଡ଼ି କରାଯାଇଛି। ସେହିପରି ବନ୍ୟାଞ୍ଚଳରେ ଜଳ ବିଶୋଧନ ଓ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇଦେବାର ବ୍ୟବସ୍ଥା ବି କରାଯାଇଛି। ଆବଶ୍ୟକ ପରିମାଣରେ ଆଣ୍ଟିଭେନମ୍ ମହଜୁଦ ରହିଛି। ଆବଶ୍ୟକତା ଅନୁସାରେ ଲୋକମାନଙ୍କୁ ସ୍ଥିତି ସାମାନ୍ୟ ହେବା ପର୍ଯ୍ୟନ୍ତ ରନ୍ଧାଖାଦ୍ୟ ଯୋଗାଇ ଦିଆଯିବ। ଅତିରିକ୍ତ ରିଲିଫ୍ କମିଶନର ମନୀଷ ଅଗ୍ରୱାଲଙ୍କୁ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାକୁ ବନ୍ୟାଞ୍ଚଳରେ ପୁନରୁଦ୍ଧାର ଓ ରିଲିଫ୍ କାର୍ଯ୍ୟର ତଦାରଖ କାର୍ଯ୍ୟ ନିମନ୍ତେ ପଠାଯାଇଛି ବୋଲି ଶ୍ରୀ ସିଂହ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ କମଳ ଲୋଚନ ମିଶ୍ର ଓ ଅତିରିକ୍ତ ରିଲିଫ୍ କମିଶନର ପଦ୍ମନାଭ ବେହେରାଙ୍କ ସମେତ ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟ ଓ ଓସ୍‌ଡମାର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଆଗକୁ ନଦୀରେ ଜଳସ୍ତର କହିବ ବୋଲି କହିଛନ୍ତି ଜଳସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ। ସେ କହିଛନ୍ତି ଯେ ଗତକାଲି ରାଜ୍ୟର କୌଣସି ଅଞ୍ଚଳରେ ୫୦ ମିମିରୁ ଅଧିକ ବର୍ଷା ହୋଇନଥିବାରୁ ଆଗକୁ ଜଳସ୍ତର କମିବା ଏକରକମ ନିଶ୍ଚିତ। କିନ୍ତୁ ସୁବର୍ଣ୍ଣରେଖାରେ ଜଳସ୍ତର ବଢୁଥିବାରୁ ବାଲେଶ୍ୱରରେ ବନ୍ୟା ସ୍ଥିତି କାଏମ ରହିବ ବୋଲି ସେ କହିଛନ୍ତି। ତାଙ୍କ କହିବାନୁସାରେ, ବାଲେଶ୍ୱରର ଭୋଗରାଇ,ବାଲିଆପାଳ, ବସ୍ତା, ଜଳେଶ୍ୱର ଆଦି ବ୍ଲକ୍ ପ୍ରଭାବିତ ହେବେ। ରାଜଘାଟରେ ଜଳ ସ୍ତର ୧୧.୦୪ ମିଟରରେ ପହଞ୍ଚିବ। ଜିଲ୍ଲାପାଳଙ୍କ ସହ ଏନେଇ ଆଲୋଚନା କରିଥିବା ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ତାଙ୍କ ସୂଚନାନୁସାରେ, କେନ୍ଦୁଝରର ଆଖୁଆପଦାରେ ବୈତରଣୀ ନଦୀ ଜଳସ୍ତର କ୍ରମଶଃ ହ୍ରାସ ପାଉଛି। ଖୁବଶୀଘ୍ର ବିପଦ ସଙ୍କେତ ତଳକୁ ଖସିବ। ହୀରାକୁଦ ଜଳସ୍ତର ଏବେ ୬୧୪ ଫୁଟ ରହିଥିବା ବେଳେ ୩ଟି ଗେଲ୍ ଦେଇ ୨୦ଟି ଗେଟ୍ ମାଧ୍ୟମରେ ଜଳ ନିଷ୍କାସିତ ହେଉଛି। ଏବେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୫ ଲକ୍ଷ ୧୭ ହଜାର କ୍ୟୁସେକ ଜଳ ପ୍ରବେଶ କରୁଥିବା ବେଳେ ୨୦ଟି ଖୋଲା ଥିବା ଗେଟ୍ ଦେଇ ସେକେଣ୍ଡରେ ୩ ଲକ୍ଷ ୪୧ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଆଗକୁ ଇନ୍‌ଫ୍ଲୋ କମିଲେ ପର୍ଯ୍ୟାୟ କ୍ରମେ ହୀରାକୁଦ ଗେଟ୍ ବନ୍ଦ କରାଯିବ। ସେହିପରି ବ୍ରାହ୍ମଣୀ ନଦୀରେ ନିର୍ମିତ ରେଙ୍ଗାଲିରେ ଏବେ ୩ଟି ଗେଟ୍ ଖୋଲା ଅଛି। କିନ୍ତୁ ଉପର ମୁଣ୍ଡରେ ବିଶେଷ ବର୍ଷା ନଥିବାରୁ ସେଠାରେ ଆଉ ଗେଟ୍ ଖୋଲିବାର ସମ୍ଭାବନା ନାହିଁ ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି।

## ୯ରେ ମିଳିବ ...

ଅଗଷ୍ଟ ୯ ତାରିଖ ରାକ୍ଷୀ ପୂର୍ଣ୍ଣମୀରେ ପୂର୍ବରୁ ଯେଉଁ ଯୋଗ୍ୟ ହିତାଧିକାରୀମାନେ କୌଣସି କିସ୍ତି ବି ପାଇନାହାନ୍ତି, ସେମାନଙ୍କୁ ଏକକାଳୀନ ତିନିଟି କିସ୍ତିର ଟଙ୍କା ମିଳିବ। ରାଜ୍ୟ ସରକାର ମହିଳାଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟ ନେଇ ଏହି ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ବିଜେପି ସରକାର କ୍ଷମତାକୁ ଆସିବାର ବର୍ଷକ ଭିତରେ ଏହି ଯୋଜନା ସହ ୧ କୋଟିରୁ ଊର୍ଦ୍ଧ୍ୱ ମହିଳା ଯୋଡ଼ି ହୋଇସାରିଥିବାରୁ ଏହା ସରକାରଙ୍କ ପାଇଁ ଏକ ବଡ଼ ଉପଲବ୍ଧି ବୋଲି କୁହାଯାଉଛି।

## ୨୦ ହଜାରରେ ...

ପରେ ବିକ୍ରି କରିଦେଇଥିବା ଅଭିଯୋଗ ହୋଇଥିଲା। ଏହି ମାମଲାରେ ହସ୍ତକ୍ଷେପ କରି ଶିଶୁ କଲ୍ୟାଣ କମିଟି (ସିଡବ୍ଲ୍ୟୁସି) ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ (ଡିସିପିୟୁ) ପକ୍ଷରୁ ମାମଲା ରୁଜୁ କରାଯିବା ସହ ତଦନ୍ତ ହୋଇଥିଲା। ଏହାଛଡ଼ା ଏଡିଏମ୍ ମଧ୍ୟ ତଦନ୍ତ କରିଥିଲେ। ଉକ୍ତ ଶିଶୁଟିକୁ ଉଦ୍ଧାର କରାଯାଇ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଥିଲା।

## ପୁରୀ ...

ସଂସ୍ଥା ଯଦି ସିସିଟିଭି ଲଗାଇଥାନ୍ତେ, ତେବେ ଭିଡ଼ ସମ୍ପର୍କରେ ଏଆଇ ନିୟନ୍ତ୍ରିତ କ୍ୟାମେରାକୁ କଣ୍ଟ୍ରୋଲ ରୁମ୍‌କୁ ସତର୍କ ସିଗନାଲ ଆସିଥାନ୍ତା ଏବଂ ଶରଧାବାଲିରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇନଥାନ୍ତା। ଏଥିସହ ପୁଲିସ ପାଇଁ ଟ୍ରାଫିକ ନିୟନ୍ତ୍ରଣ ମଧ୍ୟ ସହଜ ହୋଇପାରିଥାନ୍ତା। ରଥଯାତ୍ରା ପୂର୍ବରୁ ସିସିଟିଭି ଘୋଟାଲା ଖବର ବିଭିନ୍ନ ମହଲରେ ଆଲୋଚନା ହୋଇଥିଲା। ଏହି ଖବରକୁ ଆଧାର କରି ସୂଚନା ଅଧିକାର କର୍ମୀ ଶ୍ରୀ ମହାନ୍ତି ପୁରୀ ପୁଲିସକୁ ଗତ ଜୁନ ୨୩ ତାରିଖରେ ତଥ୍ୟ ମାଗିଥିଲେ। ପୁରୀ ସହରରେ କେତୋଟି ସିସିଟିଭି ଲଗାଇଛି ପୁଲିସ? କ୍ୟାମେରା ଲଗାଇବାକୁ କେଉଁ ଠିକା ସଂସ୍ଥାକୁ ଦିଆଯାଇଛି ଦାୟିତ୍ୱ? କେଉଁ କମ୍ପାନୀର କ୍ୟାମେରା ଓ କେତେ ପିକ୍ସଲ୍‌ର ଲଗାଯାଇଛି? କ୍ୟାମେରା ରକ୍ଷଣାବେକ୍ଷଣ ପାଇଁ କେତେ ଟଙ୍କା ମଞ୍ଜୁର ହୋଇଛି? ପୁରୀ ସହରରେ ଲାଗିଥିବା କ୍ୟାମେରା ପାଇଁ କେତୋଟି ହାର୍ଡଡିସ୍କ ଲାଗିଛି ଇତ୍ୟାଦି ସମ୍ପର୍କରେ ସେ ଜାଣିବାକୁ ଚାହିଁଥିଲେ। ତାଙ୍କୁ ତଥ୍ୟ ତ ମିଳିଲା ନାହିଁ, ବରଂ ଗତ ୧୯ ତାରିଖରେ ଯେଉଁ ଉତ୍ତର ଆସିଲା, ତା'କୁ କେହି ବି ଗ୍ରହଣ କରିପାରିବେ ନାହିଁ। କାରଣ ପୁଲିସ୍ ପକ୍ଷରୁ ତାଙ୍କୁ 'ଏ ସମ୍ପର୍କିତ ସୂଚନା ନାହିଁ ବୋଲି ଧରିନେବା ସକାଶେ ପରାମର୍ଶ ଦିଆଗଲା। ପୁଲିସର ଏଭଳି ଉତ୍ତର ସମସ୍ତଙ୍କୁ ତାଜୁବ କରିଛି। କାରଣ ସିସିଟିଭିକୁ ନେଇ ଏତେ ହଙ୍ଗାମା ହେଉଥିବା ବେଳେ ପୁଲିସ କାହିଁକି ତଥ୍ୟ ଦେଉନି, ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସୃଷ୍ଟି ହେଲା...

ଜଣ ଇନ୍ସପେକ୍ଟର, ୮ ଜଣ ସବଇନ୍ସପେକ୍ଟର, ୮ ଜଣ ଅତିରିକ୍ତ ସବଇନ୍ସପେକ୍ଟର, ୨୨ ଜଣ କନଷ୍ଟେବଳ, ୧୦ ଜଣ ଡ୍ରାଇଭର, ଜଣେ ଏଷ୍ଟାବ୍ଲିସମେଣ୍ଟ୍ ଅଫିସର, ଜଣେ ସେକ୍ସନ ଅଫିସର, ୩ ଜଣ ସହକାରୀ ସେକ୍ସନ ଅଫିସର ଓ ୩ ଜଣ ଜୁନିଅର ଆସିଷ୍ଟାଣ୍ଟଙ୍କୁ ନିଯୁକ୍ତି ମିଳିବ। ଏହାଛଡ଼ା ବିଭିନ୍ନ ପୁଲିସ ଜିଲ୍ଲାରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ୫ ଜଣ ଡିଏସପି, ୪୧ ଜଣ ଇନ୍ସପେକ୍ଟର, ୮୩ ଜଣ ସବଇନ୍ସପେକ୍ଟର, ୩୧୦ ଜଣ ହାବିଲଦାର ଓ ୧୪୦୮ ଜଣ କନଷ୍ଟେବଳ ପଦବୀ ସୃଷ୍ଟି କରାଯାଇଥିବା ସୂଚନା ମିଳିଛି।

## ଅନ୍ଧାରରେ ...

ପୁଲିସ୍ ଫେଲ୍ ମାରୁଛି କାହିଁକି? କ୍ରାଇମବ୍ରାଞ୍ଚ କାହିଁକି ଅପରାଧୀଙ୍କ ନିକଟରେ ପହଞ୍ଚିପାରୁନାହିଁ। ବଳଙ୍ଗା ଭଳି ଗ୍ରାମାଞ୍ଚଳରେ ସେଭଳି ପେସାଦାର ଅପରାଧୀ ନଥିବା ବେଳେ କିରୋସିନ୍ ସମେତ ଅନ୍ୟାନ୍ୟ ସାମଗ୍ରୀ ଧରି ଝିଅଟି ନିକଟରେ ପହଞ୍ଚିଥିବା ଯୁବକମାନଙ୍କୁ ଠାବ କରାଯାଇ ନ ପାରିବା ଏବେ ପୁଲିସ୍‌ର ପାରିବାପଣିଆ ଉପରେ ପ୍ରଶ୍ନଚିହ୍ନ ଲଗାଇଛି। ଅପରାଧୀଙ୍କୁ ଧରିବାରେ ଯେତିକି ବିଳମ୍ବ ହେଉଛି, ଏହି ଦୁଇ ଘଟଣାରେ ରାଜନୀତି ସେତିକି ବଢ଼ିବାରେ ଲାଗିଛି। ଆଗକୁ ବିଧାନସଭା ଅଧିବେଶନ ଆସୁଥିବାରୁ ଏଭଳି ପ୍ରସଙ୍ଗକୁ ହାତଛଡ଼ା ନ କରି ସରକାରଙ୍କୁ ଘେରିବାକୁ ବିରୋଧୀ ଦଳଗୁଡ଼ିଏ ଗୋଡ଼ତେକି ବସିଛନ୍ତି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ତେଣୁ କ୍ରାଇମବ୍ରାଞ୍ଚ ପୁଲିସ୍ ଯଦି ଅପରାଧୀଙ୍କୁ ତୁରନ୍ତ ନ ଧରେ, ତା'ହେଲେ କେବଳ ସରକାର ଅକଳରେ ପଡ଼ିବେ ନାହିଁ, ପୁଲିସ୍ ମଧ୍ୟ ଅଧିକରୁ ଅଧିକ ସମାଲୋଚନାର ଶିକାର ହେବ, ଏହା କହିବା ବାହୁଲ୍ୟ ମାତ୍ର।

## ତେର ଗାଁରେ ମନ୍ କୀ ବାତ୍ କାର୍ଯ୍ୟକ୍ରମ



**ମହାକାଳପଡ଼ା,୨୭।୭ (ସଂଚାର ବ୍ୟୁରୋ):** ଆଜି ତେର ଗାଁ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ମୋଦିଙ୍କ ୧୨୪ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଅଞ୍ଚଳରୁ ଆସିଥିବା ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହିତ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ଶୁଣିଥିଲେ। ବେଲାର ନୁଆଗାଁ ଛକ ନିକଟରୁ କାର୍ଯ୍ୟକର୍ତ୍ତା ମାନେ ବିଧାୟକଙ୍କୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରାରେ ସଭା ସ୍ଥଳକୁ ପାଛୋଟି ନେବା ପରେ ମନ୍ କି ବାତ୍ ଦ୍ୱାରା ପ୍ରଧାନମନ୍ତ୍ରୀ ସମସ୍ତଙ୍କ ପାଇଁ ପ୍ରେରଣା ଦାୟକ ଶିକ୍ଷା ଦେବା,ଉତ୍ତମ ସ୍ୱାସ୍ଥ୍ୟ ସେବା ଦିଗରେ ସରକାର ଗୁରୁତ୍ୱ, ସବୁ ପଞ୍ଚାୟତରେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଖୋଲିବାର ବ୍ୟବସ୍ଥା କରାଯାଇ ଉନ୍ନତ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ମାନବ ସମ୍ବଳ ଯୋଗାଇଦେବା ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ନାୟକ କହିଥିଲେ। ଜନତାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସୁନିଶ୍ଚିତ କରିବା ନିମନ୍ତେ ଆୟୁଷ୍ମାନ ଭାରତ, ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା, ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଓ ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରୁଥିବା ସମସ୍ତ ସ୍ୱାସ୍ଥ୍ୟ କର୍ମୀଙ୍କୁ ଅଶେଷ ଧନ୍ୟବାଦ ଜଣାଇଥିଲେ।

## ମଙ୍ଗଳପୁରରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ କାର୍ଯ୍ୟକ୍ରମ



**ମାହାଙ୍ଗା,୨୭।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଭଦ୍ରେଶ୍ୱର ମଣ୍ଡଳ ଅଧୀନରେ ଥିବା କଜ୍ଜୁଳୁଙ୍ଗା ପଂଚାୟତର ମଙ୍ଗଳପୁର ଗ୍ରାମ ୧୬୮ ନମ୍ବର ବୁଥରେ ମାନନୀୟ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୧୨୪ତମ ମନକି ବାତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଭଦ୍ରେଶ୍ୱର ମଣ୍ଡଳର ସଭାପତି, ଭକ୍ତ ଚରଣ ସ୍ୱାଇଁ ଯୋଗଦେଇଥିଲେ, ତାଙ୍କ ସହ ଭଦ୍ରେଶ୍ୱର ମଣ୍ଡଳର ବରିଷ୍ଠ କାର୍ଯ୍ୟକରି ସଦସ୍ୟ ବଂଶୀଧର ନାଥ ଶର୍ମା, ଏବଂ ତାଙ୍କ ସହ କୁରୁଳାଙ୍ଗା ପଂଚାୟତର ପ୍ରମୁଖ କାର୍ଯ୍ୟକର୍ତ୍ତା ଗୋଲୋକ ନନ୍ଦ ପଣ୍ଡା, ଜଗନ୍ନାଥ ଦଣ୍ଡପାଟ ତଥା ପ୍ରଧାନଙ୍କ ସହ ଏଥିରେ ବୁଥ ସ୍ତରର ପ୍ରମୁଖ କାର୍ଯ୍ୟକର୍ତ୍ତା ମାନେ ପ୍ରଧାନ ମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ମୋଦିଙ୍କ ମନ୍ କୀ ବାତ୍ ଶୁଣିଲେ ବିଜେପି ନେତା ଓ କର୍ମୀ



**ବ୍ରହ୍ମପୁର,୨୭।୭ (ସଂଚାର ବ୍ୟୁରୋ):** ମୋଦିଙ୍କ ମନ୍ କି ବାତ୍ ଶୁଣିଲେ ବିଜେପି ନେତାଙ୍କ ସମେତ ଦଳୀୟ କର୍ମୀ। ସ୍ଥାନୀୟ ଗାନ୍ଧୀ ନଗର ଠାରେ ବରିଷ୍ଠ ବିଜେପି ନେତା କାହ୍ନୁ ଚରଣ ପତିଙ୍କ ବାସ ଭବନ ପରିସରରେ ଏହାର ପ୍ରସାରଣ ହୋଇଥିଲା। ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍‌ର ୧୨୪ ତମ ଏପିସୋଡକୁ ପ୍ରଧାନମନ୍ତ୍ରୀ ସମ୍ବୋଧିତ କରି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଯେଉଁଥିରେ ଖେଳଠୁ ମହାକାଶଯାତ୍ରା, କୃଷିଠୁ ହସ୍ତତନ୍ତ, ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନ ସହ ଭାରତୀୟ ମାନେ ପାଉଥିବା ସଫଳତା ସାମିଲ ଥିଲା। ତେବେ ମୋଦିଙ୍କ ଏଭଳି କାର୍ଯ୍ୟକ୍ରମ ଅତ୍ୟନ୍ତ ପ୍ରଶଂସନୀୟ ଏବଂ ଏହା ଭାରତୀୟଙ୍କ ମନୋବଳକୁ ବୃଦ୍ଧି କରିବ ବୋଲି ଶ୍ରୀ ପତି କହିଛନ୍ତି। ଏହି ଅବସରରେ ଗଞ୍ଜାମ ବିଜେପି ଯୁବମୋର୍ଚ୍ଚା ସଭାପତି ଶିବ ଶଙ୍କର ନାୟକ, ରାଜ୍ୟ ସମ୍ପାଦକ ଟୁଟୁନ୍ ପାତ୍ର,ଶିବ ଶଙ୍କର ପତି, ଏସ୍. ରାଣୀଙ୍କ ସହ ଅନ୍ୟ ଯୁବ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ପଚ୍ଚାମୁଣ୍ଡାଇରେ ପ୍ରଧାନମନ୍ତ୍ରୀଙ୍କ ମନ୍ କୀ ବାତ୍ କାର୍ଯ୍ୟକ୍ରମ



**ପଚ୍ଚାମୁଣ୍ଡାଇ,୨୭।୭ (ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନ ମଣ୍ଡଳୀ ପଚ୍ଚାମୁଣ୍ଡାଇ ପୌରପରିଷଦ ୧୦ ନମ୍ବର ୱାର୍ଡର ୨୨୯ ନମ୍ବର ବୁଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୧୨୪ ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଜନସାଧାରଣ ଦେଖିଥିଲେ। ରାଜ୍ୟପରିଷଦ ସଦସ୍ୟ ତଥା କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ପ୍ରଭାରୀ ସୁନାକର ବେହେରା ଉପସ୍ଥିତି ରହି ମନ୍ କି ବାତ୍ ଶୁଣିଥିଲେ। ଏହି ଅବସରରେ ସୁନାକର ବେହେରା ପ୍ରଧାନମନ୍ତ୍ରୀଙ୍କ ଲୋକପ୍ରିୟତା ମନ୍ କି ବାତ୍ କାର୍ଯ୍ୟକ୍ରମ ମାଧ୍ୟମରେ ସାରା ଦେଶର ନାଗରିକଙ୍କୁ ଦେଶପ୍ରେମ ଭାବନା ଦ୍ୱାରା ଦେଶକୁ ମଜବୁତ୍ କରିବାକୁ କହିଥିଲେ। ସମସ୍ତେ ଏକଜୁଟ ହୋଇ ଦେଶର ବିକାଶରେ ମୋଦୀଙ୍କ ସାଥ ଦେବାକୁ ବେହେରା କହିଥିଲେ। ଏହି କାର୍ଯ୍ୟକ୍ରମରେ ପଚ୍ଚାମୁଣ୍ଡାଇ ପୌରପରିଷଦର ଶତାଧିକ କାର୍ଯ୍ୟକ୍ରତା ଯୋଗ ଦେଇଥିଲେ।

# କାଦୁଅ ପଚପଚ ରାସ୍ତା ମରାମତି ହେଲା



**ମହାକାଳପଡ଼ା,୨୭।୭ (ସଂଚାର ବ୍ୟୁରୋ):** ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଥିଲା। ଗାଡ଼ି ଚାଲିବା ଦୂରର କଥା ରାସ୍ତାରେ ପାଦ ରଖିବାକୁ ଭୟ କରୁଥିଲେ ଲୋକେ। ବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ଏହି ରାସ୍ତାରେ ପଡିକି ଖଣ୍ଡିଆ ଖାବରା

**'ସଂଚାର' ପ୍ରଭାବ**

ହେଉଥିଲେ। ଅଞ୍ଚଳରେ ରାସ୍ତାକୁ ନେଇ ଅସନ୍ତୋଷ ଦେଖିବାକୁ ମିଳିବା ପରେ ଦୈନିକ ଖବରକାଗଜ 'ସଂଚାର'ରେ ଖବର ପ୍ରକାଶ ପାଇଥିଲା। ଆଜି କାଦୁଅ ପଚପଚ ରାସ୍ତାର ମରାମତି କାର୍ଯ୍ୟ ଆରମ୍ଭ ହୋଇଛି।

ମହାକାଳପଡ଼ା ବ୍ଲକ୍ ତେର ଗାଁ ପଞ୍ଚାୟତର ତେର ଗାଁ ଘାଟ ଗୋଡା ଠାରୁ ଘୋଡ଼ା ବନ୍ଧ ପର୍ଯ୍ୟନ୍ତ ପାଖାପାଖି ୨ କିଲୋମିଟର ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତା ମରଣଯନ୍ତା ପାଲଟିଛି। ପଞ୍ଚାୟତର ୫ ଗ୍ରାମର ପାଖାପାଖି ୨୫୦୦ ଲୋକ ଏହି ରାସ୍ତା ପାଇଁ ହନ୍ତସନ୍ତ ହେଉଛନ୍ତି। ତତସହିତ ୩ ବିଦ୍ୟାଳୟ ର ପାଖାପାଖି ୧୦୦୦ ଛାତ୍ର ଛାତ୍ରୀ ଏହି ରାସ୍ତା ପାଇଁ ସମସ୍ୟା ଭୋଗୁଛନ୍ତି। ଘଟଣାରେ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିବା ସହିତ ବିଭାଗର ବେପାରୁଆ ମନୋଭାବ ଯୋଗୁଁ ଲୋକେ ହନ୍ତସନ୍ତ ହେଉଥିବା ଅଭିଯୋଗ ଆଣିଥିଲେ। ଏନେଇ ଗତକାଲି "ଯନ୍ତ୍ରଣା ଦେଉଛି ନଦୀବନ୍ଧ" ଶୀର୍ଷକ ଖବର 'ସଂଚାର'ରେ ପ୍ରକାଶ ପାଇବା ପରେ ଆଜି ରାସ୍ତାରେ ଡଷ୍ଟ ପକାଯାଇ ମରାମତି କରାଯାଇଛି।

### ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକଙ୍କ ଅସଦାଚରଣ ଘଟଣା

# ଅଭିଯୋଗ ପରେ ମାମଲା ରୁଜୁ, ଜେଲ୍ ଗଲେ ଶିକ୍ଷକ

**ରାଜନଗର,୨୭।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ତାଳଚୁଆ ସାମୁଦ୍ରିକ ଥାନା ଅଞ୍ଚଳରେ ଥିବା ସରକାରୀ ଉଚ୍ଚ ମାଧମିକ ବିଦ୍ୟାଳୟର ୧୫ ଜଣ ଛାତ୍ରୀଙ୍କୁ ବିଜ୍ଞାନ ଶିକ୍ଷକ ଅସଦାଚରଣ କରିବା ଘଟଣାରେ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରାଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କ ଅଭିଯୋଗ ଉପରେ କେସ ନମ୍ବର ୯୧/୨୦୨୫, ଦଫା ୧୨୬ (୨) , ୧୧୫ (୨), ୭୪, ୭୯, ୧୨ ପୋସ୍କୋ ଆକ୍ଟରେ ମାମଲା ରୁଜୁ ହୋଇଛି। ଆଜି ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଳ କୁମାର ମଲ୍ଲିକ, ରାଜନଗର ଥାନାର ଏସଆଇ ଚନ୍ଦ୍ରିକା ମହାପାତ୍ର ପୀଡ଼ିତା ଛାତ୍ରୀଙ୍କ ଘରକୁ ଯାଇ ବୟାନ ରେକର୍ଡ କରିଛନ୍ତି। ପୁଲିସ ବୟାନ ରେକର୍ଡ କରିବା ପରେ ଅଭିଯୁକ୍ତ ବିଜ୍ଞାନ ଶିକ୍ଷକଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଗତକାଲି ବିଜ୍ଞାନ ଶିକ୍ଷକ ଅମର ପ୍ରସାଦ ମଲ୍ଲିକ ବିଦ୍ୟାଳୟର ଛାତ୍ରୀମାନଙ୍କ ସହିତ ଦୀର୍ଘଦିନ ହେଲା ଅସାଦାଚରଣ କରି ଆସୁଥିଲେ। ୭ ଜଣ ସପ୍ତମ ଶ୍ରେଣୀ ଛାତ୍ରୀଙ୍କ ଦେହର ବିଭିନ୍ନ ସ୍ଥାନରେ ହାତ ମାରିବା ସହିତ ମୋ ସହିତ ଆମ ଘରକୁ ଚାଲ, ମୋ ପାଖରେ ଶୋଇବ ତାପରେ ଆସିବ ବୋଲି କହିଥିଲେ।

### ବୟସ ୮୦ ନା ୬୪ ଦ୍ୱନ୍ଦ୍ୱରେ ରୁକ୍ମିଣୀ

# ପ୍ରଶାସନିକ ତ୍ରୁଟି ପାଇଁ ମିଳୁନି ବର୍ଦ୍ଧିତ ଭତ୍ତା



**ମହାକାଳପଡ଼ା,୨୭।୭ (ସଂଚାର ବ୍ୟୁରୋ):** ପାଖରେ ଥିବା ଆଧାର କାର୍ଡ ଓ ଭୋଟର କାର୍ଡ ଅନୁଯାୟୀ ବୟସ ହେଲାଣି ୮୦ ବର୍ଷ। ହେଲେ ଅନଲାଇନ ଭୋଟର କାର୍ଡ ଦର୍ଶାଉଛି ୬୪ ବର୍ଷ। ଯେଉଁଥିପାଇଁ ଜଣେ ୮୦ ବର୍ଷୀୟା ବୃଦ୍ଧା ଦ୍ୱନ୍ଦ୍ୱରେ ପଡ଼ିବା ସହିତ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ଅଛନ୍ତି। ଏମିତି ଏକ ଆଶ୍ଚର୍ଯ୍ୟ ଜନକ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ ଖରିନାସି ପଞ୍ଚାୟତ ହରିଆବାଙ୍କ ଗ୍ରାମର ବୃଦ୍ଧା ରୁକ୍ମିଣୀ ପ୍ରଧାନଙ୍କ କ୍ଷେତ୍ରରେ।

ରୁକ୍ମିଣୀଙ୍କ ପାଖରେ ଯେଉଁ ଆଧାର କାର୍ଡ ଓ ଭୋଟର କାର୍ଡ ରହିଛି ସେଥିରେ ୧୯୪୫ ଜନ୍ମ ବର୍ଷ ଅନୁଯାୟୀ ବୟସ ହେଉଛି ୮୦ ବର୍ଷ। ଯାହାକୁ ପାଥେୟ କରି ସେ ସରକାରଙ୍କ ବର୍ଦ୍ଧିତ ଭତ୍ତା ଟଙ୍କା ୩୫୦୦ ପାଉ ନାହାନ୍ତି ବୋଲି ଅଞ୍ଚଳର ସମାଜସେବୀ ହରେକୃଷ୍ଣ ପାତ୍ରଙ୍କୁ ଅବଗତ କରାଇଥିଲେ। ପାଖରେ ଥିବା ଆଧାର କାର୍ଡ ଓ ଭୋଟର କାର୍ଡର ତଥ୍ୟ ତ ଠିକ୍ ଥିଲା ହେଲେ ଅନଲାଇନରେ ଯେଉଁ ଭୋଟର କାର୍ଡ ଉପଲବ୍ଧ ହୋଇଛି ସେଥିରେ ରୁକ୍ମିଣୀଙ୍କ ବୟସ ଦର୍ଶାଉଛି ୬୪ ବର୍ଷ। ଯାହା ଦେଖି ଆଶ୍ଚର୍ଯ୍ୟ ହୋଇଥିଲେ ହରେକୃଷ୍ଣ। ଯାହା ପ୍ରଶାସନିକ ଦାୟିତ୍ୱ ହୀନତା ପାଇଁ ହୋଇଛି ବୋଲି ଆଶଙ୍କା କରାଯାଉଛି। ରୁକ୍ମଣୀଙ୍କ କହିବା ଅନୁଯାୟୀ ପ୍ରାୟ ୨୦ ବର୍ଷ ଧରି ସେ ବାର୍ଦ୍ଧକ୍ୟ ଭତ୍ତା ଏକ ହଜାର ଟଙ୍କା ଲେଖାଏଁ ପାଇ ଆସୁଛନ୍ତି। ତାଙ୍କର ବଡ଼ ପୁଅ ନନ୍ଦକିଶୋର ପ୍ରଧାନଙ୍କୁ ୬୨ ବର୍ଷ ହେଲାଣି। ହେଲେ ପ୍ରଶାସନର ଦାୟିତ୍ୱ ହୀନତା ଯୋଗୁଁ ରୁକ୍ମିଣୀଙ୍କୁ ୮୦ ବର୍ଷ ହୋଇସାରିଥିଲେ ମଧ ସେ ବର୍ଦ୍ଧିତ ଭତ୍ତା ଟଙ୍କା ପାଇବାରୁ ବଞ୍ଚିତ ହୋଇଛନ୍ତି।

ଏଠାରେ ପ୍ରଶ୍ନ ପୁଅକୁ ଯଦି ୬୨ ବର୍ଷ ତେବେ ମାଆ ଙ୍କୁ ୬୪ ବର୍ଷ କରାଗଲା କିପରି? ୮୦ ବର୍ଷ ସ.ତ୍ତ୍ୱେ ଏମିତି ବିରାଟ ତ୍ରୁଟି କୋଉ ଅଧିକାରୀଙ୍କ ପାଇଁ ହୋଇଛି ତାହା ଏବେ ସନ୍ଦେହ ଘେରରେ। ପ୍ରଶାସନ ଏହି ଘଟଣାକୁ ଗୁରୁତର ସହ ନେଇ ରୁକ୍ମିଣୀଙ୍କ କ୍ଷେତ୍ରରେ ଦେଖାଦେଇଥିବା ତ୍ରୁଟି ସଂଶୋଧନ କରି ବୃଦ୍ଧାଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ସାହିତ୍ୟ ସାରଥୀ ସମ୍ମାନରେ ସମ୍ମାନିତ ପ୍ରତାପ



**ନୟାଗଡ଼,୨୭।୭ (ସଂଚାର ବ୍ୟୁରୋ):** ହାପି ମୋମେଣ୍ଟସ୍ ଅଫ ଇଣ୍ଡିଆ ସଂଗଠନ ତରଫରୁ ନେସନାଲ କନଫରେନ୍ସ -୨୦୨୫ ପ୍ରତିଭା ସମ୍ମାନ ଓ ସାରସ୍ୱତ ସମ୍ମାନ ସମାରୋହ ଉତ୍ସବ ପୁରୀ ସଂସ୍କୃତି ଭବନ ଠାରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅବସରରେ ହାପି ମୋମେଣ୍ଟସ୍ ଅଫ ଇଣ୍ଡିଆ ସଂଗଠନର ତରଫରୁ ନୟାଗଡ଼ ଜିଲ୍ଲାର ଆଦର୍ଶ ଶିକ୍ଷକ, ଲେଖକ ତଥା କବି ଡକ୍ଟର ପ୍ରତାପ କୁମାର ପରିଡ଼ାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସାହିତ୍ୟ ସାରଥୀ ସମ୍ମାନରେ ସମ୍ମାନିତ ଓ ସମ୍ବର୍ଦ୍ଧନା କରାଯାଇଛି । ତତ୍ ସହ ଆଦର୍ଶ ଶିକ୍ଷକ ଓ ଯୁବ ଲେଖକ କବି ଭାବରେ ବେଶ୍ ଜଣଶୁଣା ବୋଲି ହାପି ମୋମେଣ୍ଟସ୍ ଅଫ ଇଣ୍ଡିଆ ସଂଗଠନ ତରଫରୁ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପଣ୍ଡା ଉପସ୍ଥାପନା କରିଥଲେ। ମୁଖ୍ୟ ଅତିଥି ହରିହର କାନୁନଗୋ ତିରୁପତି ବିଶ୍ୱ ବିଦ୍ୟାଳୟ କୁଳପତି ଓ ଶଶଧର ପଣ୍ଡା ଶିକ୍ଷାବିତ୍, ଶ୍ରୀକାନ୍ତ ଗୌତମ ରଥ ଚଳଚ୍ଚିତ୍ର ସଙ୍ଗୀତ ନିର୍ଦ୍ଦେଶକ, ପ୍ରିୟମ୍ବଦା ଦାସ ପ୍ରବଚିକା,ଅନ୍ୟାନ୍ୟ ଅତିଥି ଉପସ୍ଥିତ ଥିଲେ ଓ ହାପି ମୋମେଣ୍ଟସ୍ ଅଫ ଇଣ୍ଡିଆ ଅରଗାନାଇଜେସନ ତରଫରୁ ସମ୍ପାଦକ ରାଜେନ୍ଦ୍ର କୁମାର ପଣ୍ଡା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅଗ୍ନିବିପନ୍ନ ପରିବାରକୁ 'ସବୁଜ ଶାଖା'ର ସହାୟତା

**କାକଟପୁର/ଅସ୍ତରଙ୍ଗ,୨୭।୭ (ସଂଚାର ବ୍ୟୁରୋ):** ଶନିବାର ବିଳମ୍ବିତ ରାତ୍ରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଉଦୟକଣି ଗ୍ରାମର କପିଳେନ୍ଦ୍ର କାଣ୍ଡି ଘରେ ଭୟାବହ ଅଗ୍ନିକାଣ୍ଡ ଘଟି ସମ୍ପୂର୍ଣ୍ଣ ୩ ବଖରା ଚାଳ ଘର ପୋଡି ପାଉଁଶ ହୋଇଯାଇଥିଲା। ଏହି ଅଗ୍ନିକାଣ୍ଡ ରେ ଝିଅ ବାହାଘର ପାଇଁ ରଖିଥିବା ସୁନା, ଅଳଙ୍କାର ସମେତ ଘରେ ଥିବା ବର୍ଷକର ଆହର, ଆସବାବପତ୍ର, ଗୁରୁତ୍ୱପୂର୍ଣ୍ଣ କାଗଜ ପତ୍ର, ସ୍କୁଟି, ସାଇକେଲ ପୋଡି ପାଉଁଶ ହୋଇଯାଇଥିଲା। ସର୍ବସ୍ୱ ହରାଇ ପରିବାର ଅସହାୟ ଅବସ୍ଥାରେ ଜୀବନ ନିର୍ବାହ କରୁଛନ୍ତି। ଏହି ବିପନ୍ନ ପରିବାର ସମସ୍ୟା ସମ୍ପର୍କରେ ଗଣମାଧ୍ୟମରୁ ଜାଣିବା ପରେ ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ସବୁଜ ଶାଖା' ତରଫରୁ ଉପଦେଷ୍ଟା ଶ୍ରୀଯୁକ୍ତ




ଦିବାକର ଛାଟୋଇଙ୍କ ନିର୍ଦ୍ଦେଶ କ୍ରମେ ସବୁଜ ଶାଖାର ସଦସ୍ୟମାନେ ଅଗ୍ନିବିପନ୍ନ କପିଳେନ୍ଦ୍ର କାଣ୍ଡିଙ୍କ ଘରେ ପହଂଚି ପାଲ, ଶୁଖିଲା ଖାଦ୍ୟ, ବସ୍ତ୍ର ସମେତ ମାସକ ଚାଉଳ, ବିଭିନ୍ନ ରାସନ ସାମଗ୍ରୀ ଓ ଅର୍ଥରାଶି ପ୍ରଦାନ କରିବା ସହ ସବୁଜ ଶାଖାର ସଭାପତି ରମାକାନ୍ତ ବସ୍ତିୟା,ଦୁଷ୍ମନ୍ତ କୁମାର ପରିଡା, ଅସ୍ତରଙ୍ଗ ସରପଞ୍ଚ ଶ୍ରୀଯୁକ୍ତ ରାମଚନ୍ଦ୍ର କାଣ୍ଡି, ପରିବେଶବିତ୍ ସୋମ୍ୟ ରଞ୍ଜନ ବିଶ୍ୱାଳ, ସୁମନ, ଦୁର୍ଗାଚରଣ ମହାରଣା ସମେତ ଅନ୍ୟ ସଦସ୍ୟ ପରିବାର ବର୍ଗକୁ ସମବେଦନା ଜଣାଇଥିଲେ।



## ଗଞ୍ଜାମରେ ଜିଲ୍ଲାସ୍ତରୀୟ ଲୋକ ଅଦାଲତ

**ବ୍ରହ୍ମପୁର,୨୭।୭ (ସଂଚାର ବ୍ୟୁରୋ):** ରାଜ୍ୟ ଆଇନ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଆଜି ବ୍ରହ୍ମପୁର ସ୍ଥିତ ଜିଲ୍ଲା ଅଦାଲତ ପରିସରରେ ଜିଲ୍ଲା ଓ ଦୌରା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷା ଡ଼ା ଭାଗ୍ୟଲକ୍ଷ୍ମୀ ରଥଙ୍କ ନିର୍ଦ୍ଦେଶ କ୍ରମେ ସଚିବ ଦେବଶ୍ରୀ ସାହୁଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି 'ଜିଲ୍ଲାସ୍ତରୀୟ ଲୋକ ଅଦାଲତ'। ଏଥିରେ କେବଳ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଆପୋଷ ସହମତିରେ ସମାଧାନ ହୋଇଛି। ଏହି ଜିଲ୍ଲା ସ୍ତରୀୟ ଲୋକ ଅଦାଲତରେ ଦୀର୍ଘଦିନ ଧରି ପଡି ରହିଥିବା ୨୩୩ ଟି ମକଦ୍ଦମା ରୁଜ୍ଜୁ ହୋଇଥିବା ବେଳେ ସେଥି ମଧ୍ୟରୁ ନିଃଶୁଳ୍କ ଏବଂ ସ୍ୱଳ୍ପ ସମୟ ମଧରେ ୨୦ ଟି ମାମଲାର ୬୮, ୪୧, ୬୫୧ ଟଙ୍କା ଆଦାୟ ସହ ମାମଲା ସମାଧାନ କରାଯାଇଛି।

## ଭାରସାମ୍ୟ ହରାଇ ଓଲଟିଲା ସିମେଣ୍ଟ ବୋଝେଇ ଗାଡ଼ି, ବର୍ତ୍ତିଲେ ଡ୍ରାଇଭର



**ନାଉଗାଁ,୨୭।୭ (ସଂଚାର ବ୍ୟୁରୋ):** ନାଉଗାଁ ଥାନା ଅନ୍ତର୍ଗତ ଖଇରା-ପାଳସାହି ନିକଟରେ ଏକ ସିମେଣ୍ଟ ବୋଝେଇ ଗାଡି ଭାରାସାମ୍ୟ ହରାଇ ଓଲଟି ପଡ଼ିଥିଲା। ଗାଡିଟି ଓଲଟିବା ପରେ ସ୍ଥାନୀୟ ଲୋକ ଗାଡିର ଝରକା ଭାଙ୍ଗି ଡ୍ରାଇଭରକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ଲୋକଙ୍କୁ ଯୋଗୁଁ ଡ୍ରାଇଭରଟି ଅଳ୍ପକେ ବର୍ତିଯାଇଥିବା ଜଣାଯାଇଛି। ସୂଚନାଯୋଗ୍ୟ ଯେ ଏକ ୪୦୭ ଗାଡିରେ ସିମେଣ୍ଟ ଆଣି ଜଗତସିଂହପୁରରୁ ନାଉଗାଁ ଅଭିମୁଖେ ଗାଡିଟି ଆସୁଥିଲା। ଶିଖରଘାଟ-ବାଲିଭଉଁରୀ ପୂର୍ତ୍ତ ବିଭାଗ ରାସ୍ତାର ଖଇରା ନିକଟରେ ଏକ ପୋଖରୀକୁ ଗାଡିଟି ଭାରାସାମ୍ୟ ହରାଇ ଓଲଟି ପଡ଼ିଥିଲା। ପାଣି ଭିତରେ ଗାଡିଟି ପଡ଼ି ଯିବାରୁ ଗାଡି ରେ ଥିବା ସମସ୍ତ ସିମେଣ୍ଟ ନଷ୍ଟ ହୋଇଥିବା ଜଣାଯାଇଛି।

# ମଣ୍ଡିରେ ଖରିଫ ଧାନ ବିକ୍ରି ପାଇଁ ଫର୍ମ ବିତରଣ

**ରାଜନଗର,୨୭।୭ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ବାଲିସାହିପାଟଣା ସାହିପାଟଣା ପ୍ରାଥମିକ କୃଷି ସମବାୟ ସମିତି ସମେତ ଭାଟପଡା, ନୁଧାବସନ୍ତ, କୋଇଲିପୁର, କୁରୁଷ୍ଟି, ତାଳଚୁଆ, ଚାନ୍ଦିବାଉଁଶମୂଳ, ରାଜନଗର, ନାଉକଣା ଅଧିନ ଧାନ ମଣ୍ଡିରେ ଆଗାମୀ ଖରିଫ ଧାନ ୨୦୨୫-୨୬ ବର୍ଷ ବିକ୍ରି ପାଇଁ ଚାଷୀଙ୍କୁ ପଞ୍ଜିକରଣ ଫର୍ମ ବିତରଣ କରାଯାଉଛି।

ଚଳିତ ବର୍ଷ ଯେଉଁ ଚାଷୀ ମାନେ ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ନାମ ପଞ୍ଜିକରଣ କରିବେ ସେମାନେ ପାଇଁ କେତେକ ନିୟମ ସରକାର କରିଛନ୍ତି। ପ୍ରଥମେ ସେମାନଙ୍କ ଜମି ପଟା, ବ୍ୟାଙ୍କ ଆକାଉଣ୍ଟ, ଆଧାର କାର୍ଡ ଆଣିବାକୁ ପଡିବ ପରେ ସମବାୟ ସମିତିରେ ଇକେୱାଇସି ହେଲେ ଯାଇ ସେମାନେ ମଣ୍ଡିରେ ଧାନ ଦେଇପାରିବେ ବୋଲି ନିୟମ ଲାଗୁ ହୋଇଛି।



ଏ ସମ୍ପର୍କରେ ନୁଧାବସନ୍ତ ସମିତିର ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ଜେନା ସୂଚନା ଦେଇ କହିଛନ୍ତି ଚଳିତମାସ ୧୯ ତାରିଖରୁ ଅଗଷ୍ଟ ମାସ ୨୦ ତାରିଖ ପର୍ଯ୍ୟନ୍ତ ଏହି ଫର୍ମ ଚାଷୀମାନଙ୍କୁ ପ୍ରଦାନ କରାଯିବ। ଚାଷୀମାନେ ଅଗଷ୍ଟ ୨୦ ତାରିଖ ସୁଦ୍ଧା ଫର୍ମ ସହିତ ଆଧାରକାର୍ଡ, ବ୍ୟାଙ୍କ ପାସ୍‌ବୁକ, ଜମିର ପଟ୍ଟା ପରି ଆବଶ୍ୟକୀୟ କାଗଜପତ୍ର ଅବିକଳ ନକଲ ଚାଷୀମାନେ ସମିତିରେ ଦାଖଲ କରିବା ପାଇଁ ସମୟ ନିର୍ଦ୍ଧାରିତ ହୋଇଛି। ଗତବର୍ଷ ଠାରୁ ଖରିଫ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସରକାର ୩୧୦୦ ଟଙ୍କା ଧାର୍ଯ୍ୟ କରିଛନ୍ତି। ବ୍ଲକର ୧୫ଟି ମଣ୍ଡିରେ ଧାନ ବିକ୍ରି କରିବା ପାଇଁ ଚାଷୀମାନେ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ସମ୍ପାଦକ ଜ୍ଞାନ ରଂଜନ ନାୟକ,ଅମର କୁମାର ବଳ, ପ୍ରକାଶ କୁମାର ଜେନା, ନୀଳମଣି ପ୍ରଧାନ, ଯୋଗେନ୍ଦ୍ର ବାରିକ,ଅଲେଖ କୁମାର ଦାସ ସୂଚନା ଦେଇଛନ୍ତି ।

## ଟ୍ରାକ୍ଟର ବାଟ ରୋକିବାରୁ ବୃଦ୍ଧଙ୍କୁ ସଂଘବନ୍ଧ ଆକ୍ରମଣ



**ଗୋପ,୨୭।୭ (ସଂଚାର ବ୍ୟୁରୋ):** ଗୋପ ଥାନା ଅନ୍ତର୍ଗତ ବଡତରା ଗ୍ରାମରେ ବୃଦ୍ଧଙ୍କୁ ସଂଘବନ୍ଧ ଆକ୍ରମଣ ଅଭିଯୋଗ ହୋଇଛି। ସୂଚନା ଅନୁସାରେ ବଡତରା ଗ୍ରାମର ରାଜ କିଶୋର ସ୍ୱାଇଁ (୬୦ ବର୍ଷ)ଙ୍କ ବାରିପଟେ ସେହି ଗ୍ରାମର ସୌମ୍ୟ ରଞ୍ଜନ ଓଝା ଏବଂ ଚିତରଞ୍ଜନ ଓଝା ଏକ ଟ୍ରାକ୍ଟର ନେବାରୁ ରାଜ କିଶୋର ବିରୋଧ କରିଥିଲେ ପରେ ଉଭୟଙ୍କ ମଧରେ ପାଟିତୁଣ୍ଡ ହୋଇଥିଲା। ପାଟିତୁଣ୍ଡ ଶୁଣି ରବୀନ୍ଦ୍ର ଓଝା, ବିହାରୀ ଓଝା ଏବଂ ଚିତ୍ତରଞ୍ଜନ ଓଝା ରାଜ କିଶୋରଙ୍କୁ ସଙ୍ଘବନ୍ଧ ଆକ୍ରମଣ କରିଥିଲେ । ଆକ୍ରମଣରେ ବୃଦ୍ଧଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗିଛି। ରକ୍ତାକ୍ତ ଅବସ୍ଥାରେ ଗୋପ ମେଡିକାଲରେ ଭର୍ତ୍ତି ହୋଇଥିଲେ ବୋଲି ଗୋପ ଥାନାରେ ଅଭିଯୋଗ କରିଛନ୍ତି। ଏନେଇ ଗୋପ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।

### ନିଜ ଦୁର୍ନୀତିକୁ ଘୋଡାଇବାକୁ ଯାଇ ଶିକ୍ଷକଙ୍କୁ ଦୂର ସ୍ଥାନକୁ ବଦଳି

# ଆଜିଠାରୁ ଶିକ୍ଷକଙ୍କ ଧାରଣା

**ନିଶ୍ଚିନ୍ତକୋଇଲି,୨୭।୭ (ସଂଚାର ବ୍ୟୁରୋ):** ନିଶ୍ଚିନ୍ତକୋଇଲି ଶିକ୍ଷାଧିକାରିଣୀ ସଂଯୁକ୍ତା ମହାପାତ୍ର ନିଜ ପଦବୀର କ୍ଷମତାକୁ ଅପବ୍ୟବହାର କରି ଦୁର୍ନୀତି କରିବା, ସରକାରୀ ଅର୍ଥ ତୋଷାରପାତ କରିବା, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ମାନଙ୍କୁ ନିର୍ଯାତନା ଦେବା, ମିଥ୍ୟା ବିଲରେ ଟଙ୍କା ଉଠାଇ ହରିଲୁଟ କରିବା ଭଳି ଘଟଣାର ପ୍ରତିବାଦ କରିବାରୁ ବାପୁଜୀ ସରକାରୀ ଉଚ୍ଚ ବିଦ୍ୟାଳୟ ପାଟପୁରରେ କାର୍ଯ୍ୟରତ ଶିକ୍ଷକ ସୀତାକାନ୍ତ ସାମଲଙ୍କୁ ବେଆଇନ ଓ ଆକ୍ରୋଶମୂଳକ ଭାବେ ସେ ଅବସ୍ଥାପିତ ଥିବା ବିଦ୍ୟାଳୟ ଠାରୁ ୨ଶହ କିଲୋମିଟର ଦୂର ଏକ ବିଦ୍ୟାଳୟକୁ ବଦଳି କରାଯାଇଛି ।

ଏଠାରେ ସୂଚନାଥାଉକି ସମ୍ପୃକ୍ତା ମଣ୍ଡଳଶିକ୍ଷାଧିକାରୀଣୀ ଗତ ୨୦୨୫ ମାର୍ଚ୍ଚରେ ଶିକ୍ଷକ ସଂଘକୁ ଅପମାନିତ କରି ଥିବାରୁ ମଣ୍ଡଳ ଶିକ୍ଷାଧିକାରିଣୀ ମାହାଙ୍ଗା ବିଧାୟକଙ୍କ ବାସଗୃହ କୁଳିଆ ସ୍ଥିତ କାର୍ଯ୍ୟାଳୟରେ ଶିକ୍ଷକ ସଂଘଙ୍କୁ କ୍ଷମା ପ୍ରାର୍ଥନା କରିଥିଲେ। ପୂର୍ବରୁ ଶ୍ରୀମତୀ ମହାପାତ୍ର ମାହାଙ୍ଗା ଭେଡ଼ା ସ୍ଥିତ ଚୌଧୁରୀ ରାଧାନାଥ ସରକାରୀ ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ ଥିବା ବେଳେ ମିଥ୍ୟା ଭାଉଚର ଦାଖଲ କରି ଅନେକ ଅର୍ଥ ଆତ୍ମସାତ କରିଥିବା ସୂଚନା ଅଧିକାର ତଥ୍ୟରୁ ଜଣା ପଡିବା ପରେ ଶିକ୍ଷକ ସିତାକାନ୍ତ ସାମଲ ଶ୍ରୀମତି ମହାପାତ୍ରଙ୍କ



ବିଇଓଙ୍କ ବିରୁଦ୍ଧରେ ଥାନାରେ ଅଭିଯୋଗ

ବିରୋଧରେ ମାହାଙ୍ଗା ବିଇଓଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ।

ନିଜ ଦୁର୍ନୀତିକୁ ଲୁଚାଇବାକୁ ଯାଇ ସୀତାକାନ୍ତଙ୍କୁ ନିଶ୍ଚିନ୍ତକୋଇଲି ବ୍ଲକରୁ ବାଙ୍କି ବ୍ଲକକୁ ଜାଣିଶୁଣି ବିଇଓ ଶ୍ରୀମତୀ ମହାପାତ୍ର ବଦଳି କରାଇଛନ୍ତି। ସିତାକାନ୍ତଙ୍କ ଘରେ ରୋଗିଣା ମାଆ ଥିବା ସ୍ଥଳେ ସେ ତାଙ୍କ ମାଆଙ୍କ ସେବା କରିବାରୁ ବଞ୍ଚିତ ରହିବେ। ମଣ୍ଡଳ ଶିକ୍ଷାଧିକାରିଣୀ ଆକ୍ରୋଶମୂଳକ ଭାବେ ବଦଳି କରିବା ଓ ସୀତାକାନ୍ତଙ୍କ ମାନହାନି କରିଥିବା ନେଇ ସେ ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଆଜିଠାରୁ ଶ୍ରୀ ସାମଲ ବିଇଓ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବା ସହ ନ୍ୟାୟ ନମିଳିଲେ ଆତ୍ମହୁତି ଦେବାକୁ କଡା ଚେତାବନି ଦେଇଛନ୍ତି।

## ତୃତୀୟ ସୋମବାର ପାଇଁ ଚିତ୍ରୋତ୍ପଳା ନଦୀପଠାରେ କାଉଡିଆଙ୍କ ଭିଡ଼



**ସାଲେପୁର,୨୭।୭ (ସଂଚାର ବ୍ୟୁରୋ):** ଶ୍ରାବଣ ମାସର ୩ୟ ସୋମବାର ହୋଇଥିବା ବେଳେ ଚିତ୍ରୋତ୍ପଳା ନଦୀ ଗୁପ୍ତ ଗଙ୍ଗା ଠାରେ ଆଜି ସକାଳୁ ରାତ୍ରି ପର୍ଯ୍ୟନ୍ତ ଶହ ଶହ କାଉଡିଆ ମାନଙ୍କ ଭିଡ ଦେଖିବାକୁ ମିଳିଥିଲା। କାଉଡିଆ ମାନଙ୍କ ମଧ୍ୟରୁ ଶିଶୁ ଓ ମହିଳା ମାନଙ୍କ ସଂଖ୍ୟା ମାତ୍ରାଧିକ ଥିବାର ପରିଲକ୍ଷିତ ହୋଇଥିଲା। କାଉଡିଆ ମାନେ କିପରି ସୁରୁଖୁରୁରେ ନିଜ ନିଜର ଗନ୍ତବ୍ୟସ୍ଥଳରେ ପହଞ୍ଚିବେ ସେଥିପାଇଁ ସାଲେପୁର ଥାନା ଆଇଆଇସି ଅନିତା ସାହୁଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ପୁଲିସ୍ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା। ନଦୀ ତୁଠ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ପାଟ୍ରୋଲିଂକୁ କଡାକଡି କରାଯାଇଥିଲା।

ଶ୍ରାବଣ ମାସର ତୃତୀୟ ସୋମବାର ପାଇଁ ଆଜି ଚିତ୍ରୋତ୍ପଳା ନଦି ତୁଠ ମା' ଭବବତୀ ପୀଠ ଓ ବିଶେଶ୍ୱର ପୀଠରେ କାଉଡିଆମାନେ ଭିଡ ଲଗାଇ ସକାଳୁ ରାତ୍ର ପର୍ଯ୍ୟ ପାଣି ଉଠାଉ ଥିବାର ଦେଖିବାକୁ ମିଳିଥିଲା।

## ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ

**ଗୋପ,୨୭।୭ (ସଂଚାର ବ୍ୟୁରୋ):** ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ତରଫରୁ ଗୋପ ବ୍ଲକର ସମସ୍ତ ୨୮୬ ଅଙ୍ଗନୱାଡି କେନ୍ଦ୍ର ରେ ବେଟୀ ବଚାଓ ବେଟୀ ପଢ଼ାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରରେ ଗୋପ ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ମିନାକ୍ଷୀ ସାହୁ, ସମସ୍ତ ସୁପରଭାଇଜର, ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ କିଶୋରୀ ବାଳିକା ମାନେ ଯୋଗଦେଇଥିଲେ। ଏହି ଅବସରରେ ପ୍ରତ୍ୟେକ ଗ୍ରାମରେ ବେଟୀ ବଚାଓ ବେଟୀ ପଢ଼ାଓ ସଚେତନତା କାର୍ଯ୍ୟକ୍ରମ କରଯାଇଥିଲା।






## ଅରୁଣଙ୍କ ପୁରୁଣା ଷ୍ଟଣ୍ଟ



ବର୍ତ୍ତମାନର ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ବାବୁ ଅରୁଣ ସାହୁଙ୍କର ଆଉ ଗୋଟିଏ ବଡ ପରିଚୟ ହେଉଛି ସେ ଜଣେ ପୁରୁଖା ଛାତ୍ରନେତା। ବାଣୀବିହାର ଛାତ୍ର ରାଜନୀତିରେ ତାଙ୍କର ବେଶ୍ ପରିଚିତି ରହିଛି। ତେବେ ତାଙ୍କର ଛାତ୍ରନେତା ଅବତାରକୁ ଅନେକ ଭୁଲି ଯାଇଥିବାବେଳେ ଅରୁଣ କିନ୍ତୁ ଏବେ ତାହାକୁ ମନେ ପକାଇ ଦେଇଛନ୍ତି। ଲୋକସଭା ଭବନ ଘେରାଉ ପାଇଁ ଦଳବଳ ସହ ଅରୁଣ ଗାନ୍ଧୀମାର୍ଗରେ ଯେଭଳି ପୁଲିସ୍ ସହ ଷ୍ଟଣ୍ଟ ପ୍ରଦର୍ଶନ କଲେ ତାହା ଅନେକଙ୍କୁ ତାଙ୍କ ଛାତ୍ର ରାଜନୀତିକୁ ମନେ ପକାଇ ଦେଲା। ସମସ୍ତେ ଭାବିଥିଲେ ପୂର୍ବତନ ମନ୍ତ୍ରୀ ଓ ବରିଷ୍ଠ ରାଜନେତା ହୋଇଥିବାରୁ ପୁଲିସ୍ କଥାମାନି ଅରୁଣ ସିଧାସଳଖ ପୁଲିସ୍ ଗାଡିରେ ବସି ପଳାଇବେ। ପୁରୁଣା ପୁଲିସ୍ କାନୁନ୍‌ଗୋ ବାବୁ ବି ସେହି ଷ୍ଟାଇଲରେ ଅରୁଣଙ୍କ ପାଖକୁ ଆସିଥିଲେ। ହେଲେ ଅରୁଣ କିନ୍ତୁ ପୁଲିସ୍‌କୁ ଧରି ଏମିତି ଡିଆଁ ଡେଇଁ ଷ୍ଟଣ୍ଟ ପ୍ରଦର୍ଶନ କଲେ ଯେ ତାହାକୁ ଅନେକ ଚ୍ୟାନେଲ ସୁଟିଂ ନକରି ରହିପାରିଲେ ନାହିଁ। ଯେତେବେଳେ ଅରୁଣଙ୍କର ଏହି ଷ୍ଟଣ୍ଟ ଟିଭି ପରଦାରେ ଚାଲିଲା ସେତେବେଳେ ଅନେକ ତାଙ୍କର ବାଣୀବିହାର କଥାକୁ ମନେ ପକାଉଥିଲେ। କେତେକ ତ ସାଙ୍ଗେ ସାଙ୍ଗେ ସୋସିଆଲ ମିଡିଆରେ ଲେଖିଦେଲେ। ତେବେ ଅରୁଣ ଯେଉଁ ଷ୍ଟଣ୍ଟ ପ୍ରଦର୍ଶନ କଲେ ସେମିତିକା ଷ୍ଟଣ୍ଟ ଯଦି ବିଧାନସଭାରେ ଦେଖାଇବେ ତେବେ ସରକାର ଅଡୁଆରେ ପଡିଯିବେ ବୋଲି ରାଜଧାନୀରେ ଆଲୋଚନା ଜୋର ଧରିଛି।

## କୁଆଡେ ଗଲେ ପେଟ୍ରୋଲ କିଣା ଝିଅ ?



ଫକୀରମୋହନ ବିଶ୍ୱବିଦ୍ୟାଳୟ ଛାତ୍ର ସୌମ୍ୟାଶ୍ରୀଙ୍କ ମୃତ୍ୟୁର ଖୋଳତାଡ କରୁଥିବା ପୁଲିସ୍ ଅଧିକାରୀମାନେ ଝିଅ ଖୋଜି ଖୋଜି ପେଟ୍ରୋଲ ପମ୍ପରେ ପହଞ୍ଚିଥିଲେ। ସେଠାରୁ ଜାଣିବାକୁ ପାଇଲେ ଯେ ଯେଉଁଦିନ ସୌମ୍ୟାଶ୍ରୀ ପୋଡିହୋଇଥିଲେ ସେହିଦିନ ଜଣେ ଝିଅ ବ୍ୟାଟେରୀ ଚାଳିତ ସ୍କୁଟିରେ ଆସି ପେଟ୍ରୋଲ ପମ୍ପରୁ ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେଇଥିଲେ। ପୁଲିସ୍ ବାବୁଆଣୀମାନେ ଏକଥାର ସୂଚନା ଦେଇଥିବାବେଳେ ପେଟ୍ରୋଲ ପମ୍ପ କର୍ମଚାରୀ ବି ସମାନ କଥା କହିଥିଲେ। ଏହି କଥାକୁ ଇତି ମଧ୍ୟରେ ପ୍ରାୟ ଦଶଦିନ ବିତିଗଲାଣି। ସରକାର ବି ପ୍ଲାଷ୍ଟିକ ବୋତଲରେ ପେଟ୍ରୋଲ ନେବା ଉପରେ କଡା କଟକଣା ଲଗାଇଛନ୍ତି। ହେଲେ କେଉଁ ଝିଅ ଆସି କାହିଁକି ପେଟ୍ରୋଲ ନେଇଥିଲେ ତାହା ଆଉ କେହି ପ୍ରକାଶ କରୁନାହାନ୍ତି। ଝିଅଟି ପେଟ୍ରୋଲ କିଣି ନେଉଥିବାର ସିସିଟିଭି ଫୁଟେଜ ବି ବାହାରକୁ ଆସୁନାହିଁ। ତେବେ ଚର୍ଚ୍ଚା ହେଉଛି ଯେ ସେହି ଝିଅ କିଣିଥିବା ପେଟ୍ରୋଲ ନିକଟରେ କୁଆଡେ ତଦନ୍ତ ଅଟକି ଯାଇଛି। କଥା ବାହାରକୁ ଆସିଲେ ଅନେକ ରହସ୍ୟ ଉପରୁ ପରଦା ହଟିବ। ହେଲେ କେଉଁଥିପାଇଁ ସମ୍ପୃକ୍ତ ଝିଅର ପେଟ୍ରୋଲ କିଣା କଥାଟିକୁ ପୁଲିସ୍ ପଦାକୁ ଛାଡୁନାହିଁ ତାହା ଅନେକଙ୍କ ଆଶ୍ଚର୍ଯ୍ୟ କରିଛି। ପୁଲିସ୍ ନହେଲେ ନାହିଁ, ଅତି କମ୍‌ରେ ବାଲେଶ୍ୱର ସାଂସଦ ଓ ସ୍ଥାନୀୟ ବିଧାୟକ ଏହା ଉପରୁ ପରଦା ହଟାଇବାପାଇଁ ଉଦ୍ୟମ କରିବା ଆବଶ୍ୟକ ବୋଲି କୁହାଯାଉଛି।

## ଚର୍ଚ୍ଚାରେ ମନ୍ତ୍ରୀଙ୍କ ଠିକାଦାର ଭାଇ



ରାଜ୍ୟର ଜଣେ ମନ୍ତ୍ରୀଙ୍କ ଭାଇଙ୍କ ଠିକାଦାରୀକୁ ନେଇ ଚର୍ଚ୍ଚା। କାରଣଟି ହେଲା ଯେଉଁ ବିଷୟରେ ତାଙ୍କର ଦଖଲ ନଥିଲା ସେହି ଠିକାଦାରୀ କରି ଚର୍ଚ୍ଚାର ବିଷୟବସ୍ତୁ ପାଲଟିଛନ୍ତି। ହେଉଥିବା ଆଲୋଚନା ଅନୁଯାୟୀ ମନ୍ତ୍ରୀଙ୍କ ବିଭାଗ ଅଧିନରେ ଥିବା ଏକ କାରଖାନାରେ ତାଙ୍କ ଭାଇ ଠିକାଦାରୀ କରିବାକୁ ମନ ବଳାଇଲେ। ମନ୍ତ୍ରୀ ବି ମୁଣ୍ଡ ଟୁଙ୍ଗାରିଲେ। ତେଣୁ କାରଖାନା କର୍ତ୍ତୃପକ୍ଷ ଅନ୍ୟ ଉପାୟ ନପାଇ ମନ୍ତ୍ରୀଙ୍କ ଭାଇଙ୍କୁ ସିସିଟିଭି ଲଗାଇବାର ଠିକାଦାରୀ କାମ ଟି ଦେଇଦେଲେ। ଦୁଇ କୋଟି ଟଙ୍କାର କାମ ପାଇ ମନ୍ତ୍ରୀଙ୍କ ଭାଇ ଖୁସ୍। ଦିନ ରାତି ସିସିଟିଭି ଖଞ୍ଜିବା କାମରେ ଲାଗିଲେ। କାମ ସରୁ ସରୁ ତକ୍ଷାଳ ବିଲ୍ ହୋଇଗଲା। ମନ୍ତ୍ରୀଙ୍କ ଭାଇ ଟଙ୍କା ନେଇ ପଳାଇଲେ। ଏବେ ଦେଖିଲା ବେଳକୁ ଯେତିକି ସିସିଟିଭି ଲାଗିବାକଥା ତାହା ହୋଇନାହିଁ। କାରଖାନା କର୍ତ୍ତୃପକ୍ଷ ମୁଣ୍ଡରେ ହାତଦେଇ ବସିଛନ୍ତି। କର୍ମଚାରୀ ବି ସିସିଟିଭି ଗଣିବାରେ ଲାଗିଛନ୍ତି। ହେଲେ ସମସ୍ତେ ଏବେ ମନ୍ତ୍ରୀଙ୍କ ଠିକାଦାର ଭାଇଙ୍କୁ ନେଇ ଆଲୋଚନା କରୁଛନ୍ତି। ଟଙ୍କା ତୁଳନାରେ କାମ ହୋଇନଥିବା ସମସ୍ତେ ଜାଣୁଥିଲେ ବି ମନ୍ତ୍ରୀଙ୍କ ଭାଇ ଠିକାଦାର ହୋଇଥିବାରୁ କେହି ତୁଣ୍ଡ ଖୋଲୁ ନାହାନ୍ତି। ତେବେ କାରଖାନା କର୍ତ୍ତୃପକ୍ଷଙ୍କ କହିବାକଥା ଯେ ଏହି କାରଖାନାଟି ଦୁଧିଆଳି ହୋଇଥିବାରୁ ଟଙ୍କାର ଅଭାବ ନାହିଁ। ଯଦି ଭାଇଙ୍କ ଜରିଆରେ ମନ୍ତ୍ରୀଙ୍କୁ ଖୁସି କରାଯାଇ ପାରି ସେଥିରେ କିଛି ପରବାଏ ନାହିଁ।

## ଆହତ ଯାଜପୁରିଆ ନେତା



ବିଜେଡିର ଲୋକସଭା ଭବନ ଘେରାଉ କାର୍ଯ୍ୟକ୍ରମରେ ସବୁଠାରୁ ଅଧିକ ଚର୍ଚ୍ଚାରେ ତିନି ଯାଜପୁର ନେତା। ଏମାନଙ୍କ ମଧ୍ୟରେ ଜଣେ ସାଂସଦ ଥିବାବେଳେ ଆଉ ଦୁଇଜଣ ହାରୁ ନେତା ଥିଲେ। ପୁଲିସ୍ ସହିତ ଧସ୍ତାଧସ୍ତି ସମୟରେ ସାଂସଦ ସୁଲତା ଦେଓ ଆହତ ହୋଇ ଡାକ୍ତରଖାନା ଯାଇଥିଲେ। ସେଠାରୁ ଭିଡିଓ ଜାରି କରି କହିଲେ ପୁଲିସ୍ ମତେ ମାରିଦୋବକୁ ଯୋଜନା କରିଥିଲା। ଆହତ ହୋଇଥିବା ଅନ୍ୟ ଦୁଇ ଯାଜପୁରିଆ ନେତା ହେଲେ ନିର୍ବାଚନ ହାରିଥିବା ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତି ରଞ୍ଜନ ଘଡାଇ। ପ୍ରଣବ କହିଲେ ମୋ ଗୋଡରେ ରବର ଗୁଳି ବାଜିଛି। ଛୋଟେଇ ଛୋଟେଇ ଘରୋଇ ହସ୍ପିଟାଲକୁ ଯାଇ ଆଇସିୟୁରେ ଭର୍ତ୍ତି ହୋଇଗଲେ। ଯେତେବେଳେ ପୁଲିସ୍ କମିଶନର କହିଲେ ଆଦୌ ରବର ଗୁଳି ଚଳାଯାଇ ନାହିଁ ସେତେବେଳେ ଆଉ ପ୍ରଣବଙ୍କ ପାଟିରୁ କଥା ବାହାରିଲା ନାହିଁ। ଠେଲାପେଲାରେ ଆହତ ହୋଇ ପ୍ରୀତିରଞ୍ଜନ ନିଜ ପରିବାର ମାଲିକାନାରେ ଥିବା ଅନ୍ୟଏକ କର୍ପୋରେଟ ଡାକ୍ତରଖାନାକୁ ଯାଇଥିଲେ। ତିନି ଯାଜପୁରିଆ ନେତାଙ୍କର ଆହତ ଓ ଚିକିତ୍ସାର ସଚିତ୍ର ଖବର ଏଭଳି ପ୍ରସାରିତ ହେଲା ଯେ ଅନ୍ୟମାନଙ୍କ ଆନ୍ଦୋଳନ କଥା ସେଥିରେ ଲୁଚିଗଲା। ତେବେ ରାଜ୍ୟର ବିଭିନ୍ନ ଜିଲ୍ଲାର ସାନ ବଡ ନେତାମାନେ ବହୁ ସଂଖ୍ୟାରେ ଏହି ଘେରାଉ କାର୍ଯ୍ୟକ୍ରମରେ ସାମିଲ ହୋଇଥିବାବେଳେ କେବଳ ଯାଜପୁରିଆମାନେ କାହିଁକି ଆହତ ହୋଇ ଡାକ୍ତରଖାନା ଗଲେ ତାହା ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଶକ୍ତ ହେଉଛନ୍ତି ଭକ୍ତ



ପ୍ରଦେଶ କଂଗ୍ରେସ ସଭାପତି ବାବୁ ଭକ୍ତ ଦାସ ଧିରେ ଧିରେ ଶକ୍ତ ହେଉଛନ୍ତି। ତାଙ୍କର ଏହି ଶକ୍ତ ହେବା ପଛରେ କୁଆଡେ ରାହୁଲଙ୍କର ବଡ ଭୂମିକା ରହିଥିବା କୁହାଯାଉଛି। ଦାୟିତ୍ୱ ନେବାପରେ କିଛି ଦିନ ଭକ୍ତ ନିରବ ଥିଲେ। ହେଲେ ଏବେ ନିଜର ଶକ୍ତି ଦେଖାଉଛନ୍ତି। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଦିଲ୍ଲୀରେ ସାମ୍ବାଦିକ ସମ୍ମିଳନୀ କରିବା ସହିତ ଓଡିଶା ବନ୍ଦ ଡାକରା ଦେଇ ଭକ୍ତ ସମସ୍ତଙ୍କୁ ଚକିତ କରିଦେଲେ। ବନ୍ଦ ସଫଳ ହେଲା ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଲା ପରେ କଂଗ୍ରେସ ଶିବିର ଉତ୍ସାହିତ। ଏହା ସାଙ୍ଗକୁ ରାହୁଳ ଗାନ୍ଧୀ ଓଡିଶା ଆସି ଭକ୍ତଙ୍କୁ ଶକ୍ତି ଦେଇ ଯାଇଥିବା ଆଲୋଚନା ହେଉଛି। ନିର୍ବାଚନ ନାହିଁ କି ସେଭଳି କୌଣସି ପ୍ରସଙ୍ଗ ନଥିବାବେଳେ ଭକ୍ତଙ୍କ ଡାକରାରେ ରାହୁଲ ଓଡିଶା ଆସି ଏତେବଡ ସଭାଟିଏ କଲେ। ଏହା ଭକ୍ତ ଟିମ୍ ପାଇଁ ବଡ ସଫଳତା। ଏଥି ସହିତ ଭକ୍ତ ଏବେ ବିଜେଡି ଘର ଭାଙ୍ଗିବାପାଇଁ ଯୋଜନା ପ୍ରସ୍ତୁତ କରୁଥିବାବେଳେ ସମାନ ସମୟରେ ବିଜେପି ଶିବିର ଉପରେ ମଧ୍ୟ ଆକ୍ରମଣ କରୁଛନ୍ତି। ଏହାକୁ ଦେଖିଲା ପରେ ଭକ୍ତ ଧିରେ ଧିରେ ଶକ୍ତ ହେଉଥିବା ନେଇ ରାଜ୍ୟ ରାଜନୀତିରେ ଚର୍ଚ୍ଚା ଜୋର ଧରିଛି। ତେବେ ଭକ୍ତ ଯେତେ ଶକ୍ତ ହେବେ ବିଜେଡି ସେତେ ଶକ୍ତିହୀନ ହେବ ବୋଲି ରାଜନୈତିକ ପଣ୍ଡିତମାନେ ମତ ଦେବାପରେ ବିଜେପି ଶିବିର କିଛିଟା ଆଶ୍ୱସ୍ତ ହୋଇଥିବା ଲକ୍ଷ୍ୟ କରାଯାଉଛି।

## ମାଲକାନଗିରିରେ ଦୁଇ ନାବାଳିକାଙ୍କୁ ଦୁଷ୍କର୍ମ ଅଭିଯୋଗ

**ମାଲକାନଗିରି,୨୭ା୭(ସଂଚାର ବ୍ୟୁରୋ):** ମାଲକାନଗିରି ଜିଲ୍ଲାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ନାବାଳିକା ଦୁଷ୍କର୍ମ ଘଟଣା ସାମ୍ନାକୁ ଆସିଛି। ଗୋଟିଏ ମୁଦୁଲିପୋଡା ଥାନା ଅଞ୍ଚଳରେ ହୋଇଥିବା ବେଳେ ଅନ୍ୟଟି ଅର୍କେଲ ଥାନା ଅଞ୍ଚଳରେ ଘଟିଛି। ନାବାଳିକା ଜଣଙ୍କ ଦୁଷ୍କର୍ମ ପରେ ଗର୍ଭବତୀ ହୋଇଥିଲେ। ତେବେ ନାବାଳିକାଙ୍କ ଏକ ପୁତ୍ର ସନ୍ତାନ ଜନ୍ମ ହେବା ପରେ ଗତକାଲି ନବଜାତକର ମୃତ୍ୟୁ ହୋଇଥିଲା। ଏହାପରେ ପୀଡ଼ିତା ତାଙ୍କ ପରିବାର ଲୋକଙ୍କ ସହ ମୁଦୁଲିପଡ଼ା ଥାନାରେ ଅଭିଯୋଗ କରିଛନ୍ତି। ଏହି ମାମଲାରେ ତଦନ୍ତ ଆରମ୍ଭ କରି ପୁଲିସ୍ ଜଣେ ଅଭିଯୁକ୍ତକୁ ଗିରଫ କରିଛି। ସେପଟେ ଲିଫ୍ଟ ଦେବା ବାହାନାରେ ନାବାଳିକାଙ୍କ ସହ ଦୁଷ୍କର୍ମ ହୋଇଥିବା ନେଇ ପୀଡ଼ିତାଙ୍କ ମାମୁ ଅର୍କେଲ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିଲେ ହେଁ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କାହାରିକୁ ବି ଗିରଫ କରିନଥିବା ଜଣାପଡ଼ିଛି।

# ୱେବ୍ ସାମ୍ବାଦିକଙ୍କୁ ରଡ୍‌ରେ ମରଣାନ୍ତକ ଆକ୍ରମଣ, ୩ ଗିରଫ




ଦବଙ୍ଗଗିରି ଦେଖାଇଲେ ପ୍ରତିଷ୍ଠିତ ଚ୍ୟାନେଲ୍ ପ୍ରତିନିଧି

**ତାଳଚେର,୨୭ା୭(ସଂଚାର ବ୍ୟୁରୋ):** ସାମ୍ବାଦିକ ଦେଖାଇଲେ ଦବଙ୍ଗଗିରି। ବିଚ୍ ରାସ୍ତାରେ ଦୋକାନ ସମ୍ମୁଖରେ ଷ୍ଟିଲ ରଡ୍‌ରେ ଜଣେ ୱେବ ସାମ୍ବାଦିକଙ୍କୁ ଗୋଡ଼ାଇ ଗୋଡ଼ାଇ ପିଟିଛନ୍ତି। ଏହି ମାମଲା ଏବେ ଥାନାରେ ପହଞ୍ଚିଥିବା ବେଳେ ଜଣେ ସାଧାରଣ ଗୁଣ୍ଡା ପରି ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ପିଟିଥିବା ସାମ୍ବାଦିକ ଜଣଙ୍କ ଏକ ପ୍ରତିଷ୍ଠିତ ଚ୍ୟାନେଲ୍‌ର ପ୍ରତିନିଧି ଭାବେ କାର୍ଯ୍ୟ କରୁଥିବା ଜଣାପଡ଼ିଛି। ଏହି ଚ୍ୟାନେଲ୍ ଦମ୍‌ରେ ସେ ଏପରି ମରଣାନ୍ତକ ଆକ୍ରମଣ କରିବାକୁ ପଛାଇ ନଥିବା କୁହାଯାଉଛି। ଏନେଇ ତାଳଚେର ଥାନାରେ ଆହତ ହୋଇଥିବା ସାମ୍ବାଦିକ ଜଣଙ୍କ ଲିଖିତ ଅଭିଯୋଗ କରିଥିବା ବେଳେ ପୁଲିସ୍ ଆକ୍ରମଣକାରୀ ସାମ୍ବାଦିକଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୨ ଜଣ ୱେବ ସାମ୍ବାଦିକ ରହିଛନ୍ତି। ମିଳିଥିବା ସୂଚନାନୁସାରେ, ଚ୍ୟାନେଲ୍‌ରେ କାର୍ଯ୍ୟ କରୁଥିବା ସାମ୍ବାଦିକ ଜଣଙ୍କ ଏକ ଫଳ ଦୋକାନ ସମ୍ମୁଖରେ ଅଚାନକ ୱେବ୍ ସାମ୍ବାଦିକଙ୍କୁ ଷ୍ଟିଲ ରଡ୍‌ରେ ଗୋଡ଼ାଇ ଗୋଡ଼ାଇ ପିଟିଥିଲେ। ଏହି ସମୟର ଭିଡିଓ ମଧ୍ୟ ସୋସିଆଲ ମିଡିଆରେ ନିଆଁ ପରି ଭାଇରାଲ ହେଉଛି। ଆକ୍ରମଣରେ ଗୁରୁତର ଭାବେ ଆହତ ହୋଇଥିବା ସାମ୍ବାଦିକ ରବୀନ୍ଦ୍ର ନାଥ ସେଠ ତାଳଚେର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇବା ପରେ ପୁଲିସ ଉପରୋକ୍ତ ୩ ଜଣଙ୍କୁ ଗିରଫ କରିଛି। ଗତକାଲି ରାତିରେ ସାମ୍ବାଦିକ ଶ୍ରୀ ସେଠ ଖବର ସଂଗ୍ରହ କରି ଫେରିବା ସମୟରେ ଏକ ଫଳ ଦୋକାନରେ ଫଳ କିଣୁଥିଲେ। ତେବେ ସେଠାରେ ପୂର୍ବ ଯୋଜନାନୁସାରେ ପହଞ୍ଚି ୩ ଗିରଫ ଅଭିଯୁକ୍ତ ତାଙ୍କୁ ଆକ୍ରମଣ କରିଥିଲେ। ଫଳରେ ଶ୍ରୀ ସେଠ୍‌ଙ୍କ ମୁଣ୍ଡ ଫାଟିବା ସହ ତାଙ୍କ ବାମ ହାତଟି ମଧ୍ୟ ଭାଙ୍ଗିଯାଇଛି। ତାଙ୍କୁ ସେଠାରୁ ସ୍ଥାନୀୟ ଲୋକେ ଉଦ୍ଧାର କରି ତାଳଚେର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ସ୍ଥିତି ଗୁରୁତର ହେବାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏହି ଘଟଣାରେ ଜଣେ ଅଭିଯୁକ୍ତ ଫେରାର୍ ଥିବା ତାଳଚେର ଏସଡିପିଓ ସୂଚନା ଦେଇଛନ୍ତି।




ଝାରପଡ଼ା ଅଞ୍ଚଳର ଅବସରପ୍ରାପ୍ତ ସରକାରୀ ଯନ୍ତ୍ରୀ ତଥା ସମାଜସେବୀ ଜ୍ୟୋତିପ୍ରକାଶ ମିଶ୍ର ଆଜି ବିଧିବଦ୍ଧ ଭାବେ ବିଜେପି ଭୁବନେଶ୍ୱର ମଧ୍ୟ କାର୍ଯ୍ୟାଳୟରେ ପହଞ୍ଚି ବିଜେପିରେ ସାମିଲ୍ ହୋଇଛନ୍ତି। ତାଙ୍କୁ ପ୍ରମୁଖ ବିଜେପି ନେତା ଜଗନ୍ନାଥ ପ୍ରଧାନ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସ୍ୱାଗତ କରିଛନ୍ତି।

## ନଦୀରେ ବୁଡ଼ି ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଧର୍ମଶାଳା,୨୭ା୭(ସଂଚାର ବ୍ୟୁରୋ):** ଖାଇବା ବାଢ଼ି ରଖିବା ସକାଶେ ସ୍ତ୍ରୀକୁ କହି ନଈକୁ ଗାଧୋଇବାକୁ ଯାଇଥିବା ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ମହାନ୍ତି। ସବୁଦିନ ପରି ସେ ଘର ପାଖେ ବହିଯାଉଥିବା ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ ହେଁ ଆଜି କିନ୍ତୁ ଆଉ ଘରକୁ ଫେରିନଥିଲେ। ନଦୀରେ ଗୋଡ଼ ଖସିଯିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ପୂର୍ଣ୍ଣଚନ୍ଦ୍ର ଧର୍ମଶାଳା ଥାନା ଚହଟା ପଞ୍ଚାୟତ ଅନ୍ତର୍ଗତ ଚହଟା ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ। ୭୪ ବର୍ଷୀୟ ଏହି ଅବସରପ୍ରାପ୍ତ ଶିକ୍ଷକଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଲହରୀ ଖେଳିଯାଇଛି।ମିଳିଥିବା ସୂଚନା ମୁତାବକ, ରବିବାର ସକାଳ ପ୍ରାୟ ୯ଟା ବେଳେ ଘର ନିକଟସ୍ଥ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିଲେ ପୂର୍ଣ୍ଣଚନ୍ଦ୍ର। କିନ୍ତୁ ନଈରେ ଗାଧୋଇବା ସମୟରେ ଅସାବଧାନତାବଶତଃ ଅଚାନକ ତାଙ୍କ ଗୋଡ଼ ଖସିଯାଇଥିଲା। ସେ ବହୁ ସମୟ ଧରି ପାଣି ଭିତରେ ବୁଡ଼ି ରହିଥିଲେ। ଏହି ସମୟରେ ଉକ୍ତ ନଦୀ ବନ୍ଧ ରାସ୍ତା ଦେଇ ଯାଉଥିବା ଜଣେ ଅଟୋ ଚାଳକ ଏହା ଦେଖି ପୂର୍ଣ୍ଣଚନ୍ଦ୍ରଙ୍କୁ ଉଦ୍ଧାର କରିବା ସହ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ସଙ୍ଗେ ଧର୍ମଶାଳା ମେଡିକାଲ ନେଇଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୂର୍ଣ୍ଣଚନ୍ଦ୍ର ଜଣେ ଆଦର୍ଶ ଶିକ୍ଷକ ଭାବେ କିଛି ବର୍ଷ ତଳେ ଚାକିରିରୁ ଅବସର ଗ୍ରହଣ କରିଥିଲେ। ଏଥିସହ ସେ ଜଣେ ଭଲ ଯାତ୍ରା କଳାକାର ଭାବେ ମଧ୍ୟ ଉକ୍ତ ଅଞ୍ଚଳରେ ସୁନାମ ଅର୍ଜନ କରିଥିଲେ।

## ବନ୍ୟାଜଳରେ ଭାସିଗଲା ଗେଙ୍ଗୁଟି ନଦୀ ପୋଲ

**ଭଦ୍ରକ, ୨୭ା୭ (ସଂଚାର ବ୍ୟୁରୋ) :** ବୈତରଣୀ ନଦୀରେ ବିପଦ ସଙ୍କେତ ଉପରେ ଜଳସ୍ତର ପ୍ରବାହିତ ହେଉଥିବା ବେଳେ ଶନିବାର ରାତିରେ ଭଣ୍ଡାରିପୋଖରୀ ଓ ଧାମନଗର ବ୍ଲକର ବିଭିନ୍ନ ଗାଁ ଜଳମଗ୍ନ ହୋଇଛି। ଭଣ୍ଡାରିପୋଖରୀ ଷୋଳମପୁର ପଞ୍ଚାୟତରେ ତିଖିଲିଆକୁ ସଂଯୋଗ କରୁଥିବା ଗେଙ୍ଗୁଟି ନଦୀ ଉପରେ ଥିବା ପୋଲ ଭାସି ଯାଇଛି । ଷୋଳମପୁର ପଞ୍ଚାୟତରେ ବହୁ ପରିମାଣରେ ପରିବା ଚାଷ ହୋଇଥିବା ବେଳେ ବନ୍ୟା ପାଣିରେ ଜଳମଗ୍ନ ହୋଇଛି। ସେହିପରି ଖରିଫ ଚାଷ ଆରମ୍ଭରେ ବନ୍ୟା ହୋଇଥିବାରୁ ଧାନ ତଳି ସମ୍ପୂର୍ଣ୍ଣ ବୁଡ଼ି ରହିଛି । ଶୀଘ୍ର ଜଳ ନିଷ୍କାସନ ନହେଲେ ତଳି ନଷ୍ଟ ହେବାର ଆଶଙ୍କା ରହିଛି। ଧାମନଗର ବ୍ଲକର ଷେଣ୍ଢପୁର, ଗୌରାଙ୍ଗପୁର, ଦଳାଙ୍ଗ ଆଦି ଅଞ୍ଚଳ ଓ ଭଣ୍ଡାରିପୋଖରୀ ବ୍ଲକର ଷୋଳମପୁର, ରହଣିଆ, ନପଙ୍ଗ, ବଳିପୁର, ବନ୍ଧାଳୋ ଆଦି ପଞ୍ଚାୟତର ବିଭିନ୍ନ ଗ୍ରାମ ଓ ରାସ୍ତା ଜଳମଗ୍ନ ହୋଇଛି।



## କଟକ ମୁଣ୍ଡଳୀରେ ପହଞ୍ଚିଲା ହୀରାକୁଦ ବନ୍ୟା ଜଳ

■ ୩ ଲକ୍ଷ ୮୩ ହଜାର କ୍ୟୁସେକ ଜଳ ପ୍ରବାହିତ



**କଟକ, ୨୭ା୭ (ସଂଚାର ବ୍ୟୁରୋ) :** କଟକ ମୁଣ୍ଡଳୀରେ ପହଞ୍ଚିଲା ବନ୍ୟା ଜଳ । ଗତ କାଲି ରାତି ୧୨ଟାରେ ପହଁଚିଛି ବନ୍ୟା ଜଳ। ବର୍ତ୍ତମାନ ସୁଦ୍ଧା ୩ଲକ୍ଷ ୮୩ ହଜାର ୮୦୮ କ୍ୟୁସେକ ଜଳ ପ୍ରଭାହିତ ହେଉଛି । ଅଫ ଷ୍ଟ୍ରିମ ୮୬.୦୦ ଥିବା ବେଳେ ଡାଉନ ଷ୍ଟ୍ରିମ ୮୩.୧୦ ରହିଛି । ମୁଣ୍ଡଳୀରେ ବିପଦ ସଂକେତ ୯୭.୨୫ ଥିବା ବେଳେ ବର୍ତ୍ତମାନ ସୁଦ୍ଧା ବିପଦ ସଂକେତ ତଳେ ବନ୍ୟା ଜଳ ପ୍ରଭାହିତ ହେଉଛି । ଆଜି ସକାଳ ୭ ଟା ସୁଦ୍ଧା ମୁଣ୍ଡଳୀରୁ ୩ ଲକ୍ଷ ୮୩ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି ।

## ରାସ୍ତା ସମ୍ପ୍ରସାରଣ ପାଇଁ ବଳିପଡ଼ିବେ ଗଛ

**ପୁରୀ,୨୭ା୭(ସଂଚାର ବ୍ୟୁରୋ):** ପୁରୀ ତାଳବଣିଆ ସେଣ୍ଟ୍ରାଲ ସ୍କୁଲଠାରୁ ଭୂଦାନ ଛକ ପର୍ଯ୍ୟନ୍ତ ଧାଡ଼ି ଧାଡ଼ି ହୋଇ କୃଷ୍ଣଚୂଡ଼ା, ବର, ଅଶ୍ୱତ୍ଥ, ବଉଳ, ନିମ୍ବ, ତାଳ, ଝାଉଁ ଭଳି ଗଛ ରହିଛି। ଏହିସବୁ ଗଛ ମଧ୍ୟରୁ କାହାର ବୟସ ୨୦ ବର୍ଷ ତ କେଉଁ ଗଛ ୩୦ ବର୍ଷ ଧରି ପଥିକକୁ ଛାଇ, ପରିବେଶକୁ ଅମ୍ଳଜାନ ଯୋଗାଇଆସୁଛି। ରାସ୍ତା ସମ୍ପ୍ରସାରଣ ପାଇଁ ପାଖାପାଖି ୭୨ଟି ଗଛ କଟାଯିବା ପାଇଁ ଚିହ୍ନଟ କରାଯାଇଛି। ଏହାକୁ ବିରୋଧ କରିଛନ୍ତି ପ୍ରକୃତିବନ୍ଧୁ ଓ ସାମାଜିକ କର୍ମୀ। ସେମାନଙ୍କ ଯୁକ୍ତି ସଇଁତଳାରୁ ବଲାଙ୍ଗୀର ରାସ୍ତା ଓ ମୟୂରଝାଳିଆରୁ ସୁବଳିଆ ନୟାଗଡ଼ ରାସ୍ତାରେ ୭୦୦ରୁ ଉର୍ଦ୍ଧ୍ୱ ଗଛକୁ ସ୍ଥାନାନ୍ତର କରାଯାଇଛି। ତେଣୁ ଏଠାରେ ବି ଗଛଗୁଡ଼ିକୁ କଟା ନଯାଇ ସମାନ ଫର୍ମୁଲାରେ ସ୍ଥାନାନ୍ତର କରାଯାଉ। ରାସ୍ତା ସମ୍ପ୍ରସାରଣ ପଦକ୍ଷେପ ସ୍ୱାଗତଯୋଗ୍ୟ, କିନ୍ତୁ ରାସ୍ତାରେ ଗଛ ଦେବତାକୁ କାଟିବା ଅର୍ଥ ପରୋକ୍ଷରେ ମଣିଷକୁ ହତ୍ୟା କରିବା ସହ ସମାନ। ତେଣୁ ଏଠାରେ ଥିବା ଗଛଗୁଡ଼ିକୁ କାଟିଲେ, ଏହାର ପ୍ରବଳ ବିରୋଧ କରାଯିବ ବୋଲି ସାମାଜିକ କର୍ମୀମାନେ ଚେତାବନୀ ଦେଇଛନ୍ତି। ପୁରୀ ସହରର ଜନସଂଖ୍ୟା ବୃଦ୍ଧି ସହ ରଥଯାତ୍ରା ଓ ପର୍ବପର୍ବାଣି ସମୟରେ ଭିଡ଼କୁ ଦୃଷ୍ଟିରେ ରଖି ରାସ୍ତା ସମ୍ପ୍ରସାରଣର ଆବଶ୍ୟକତା ରହିଛି। ଏଥିପାଇଁ ଗଛ କଟାଯିବା ଜରୁରୀ ବୋଲି ପୂର୍ତ୍ତ ବିଭାଗ ପକ୍ଷରୁ କୁହାଯାଇଛି। ପୁରୀ ଜିଲ୍ଲା ବନ ବିଭାଗ ଅଧିକାରୀ କହିଛନ୍ତି ଯେ ପୂର୍ତ୍ତ ବିଭାଗ ଗଛ କାଟିବା ପାଇଁ ଚିଠି ଦେଇଛି କି ନାହିଁ, ତା' ତନଖି କରାଯାଉଛି। ଚିହ୍ନଟ ପ୍ରକ୍ରିୟା ମିଳିତ ଭାବେ କରାଯିବା କଥା। କିନ୍ତୁ ଗଛକଟା ପାଇଁ ବନ ବିଭାଗର ଅନୁମତି ଜରୁରୀ। ଅପରପକ୍ଷରେ ସାମାଜିକ କର୍ମୀମାନେ ଦାବି କରିଛନ୍ତି ଗଛଗୁଡ଼ିକୁ ସ୍ଥାନାନ୍ତର କରାଯିବା ଦରକାର। ଏଥିପାଇଁ ସର୍ଭେ ହେଉ। କେଉଁ ଗଛ ସ୍ଥାନାନ୍ତର ହେବ, ତା' ଚିହ୍ନଟ ହେବା ପରେ ସେ ଦିଗରେ ପ୍ରକ୍ରିୟା ଆରମ୍ଭ ହୋଇପାରିବ ଓ ଗଛକୁ ଡିଭାଇଡର ଭାବେ ବ୍ୟବହାର କରାଯିବା ଦିଗରେ ବିକଳ୍ପ ପନ୍ଥା ଗ୍ରହଣ କରାଯାଇପାରିବ।

# ଜନାଭୀମୁଖୀ କାର୍ଯ୍ୟ ପ୍ରତି ଓଡ଼ିଶାବାସୀଙ୍କ ସମର୍ଥନ ବୃଦ୍ଧି : ମନମୋହନ



**ଭୁବନେଶ୍ୱର, ୨୭ା୭ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାରଙ୍କ ଜନାଭୀମୁଖୀ କାର୍ଯ୍ୟ ପ୍ରତି ଓଡିଶାବାସୀଙ୍କ ସମର୍ଥନ ବୃଦ୍ଧି ପାଇଚାଲିଛି। ଅନ୍ୟ ପଟେ ବିଜେଡି ଏବଂ କଂଗ୍ରେସର ଜନାଧାର ଆହୁରି ହ୍ରାସ ପାଇବାକୁ ଲାଗିଛି। ଏପରିକି ଦଳୀୟ କର୍ମୀମାନେ ମଧ୍ୟ ଆସ୍ଥା ହରାଉଛନ୍ତି। ଆଜିର ଏହି ମିଶ୍ରଣ ପର୍ବ ହେଉଛି ଏହାର ଏକ ପ୍ରତିଫଳନ। ଆଜିର ମିଶ୍ରଣ ସ୍ଥାନୀୟ ଅଂଚଳର ବିକାଶକୁ ଆଗେଇ ନେବା ପାଇଁ ସହାୟକ ହେବା ସହିତ ଦଳୀୟ ସଂଗଠନକୁ ଆହୁରି ସୁଦୃଢ କରିବ ବୋଲି କହିବା ସହିତ ସ୍ଥାନୀୟ ପଂଚାୟତର ମୌଳିକ ସମସ୍ୟାର ସମାଧାନ ଓ ବିକାଶ ପାଇଁ ସମସ୍ତେ ଏକାଠି ହୋଇ କାମ କରିବାକୁ ରାଜ୍ୟ ସଭାପତି ଶ୍ରୀ ସାମଲ ଆହ୍ୱାନ ଦେଇଛନ୍ତି। ଓଡ଼ିଶାକୁ ବିକଶିତ ରାଜ୍ୟ ଭାବେ ଗଢ଼ି ତୋଳିବାକୁ ବିଜେପି ସରକାର ବଦ୍ଧପରିକର। ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ କେନ୍ଦ୍ର ସରକାର ଏବଂ ରାଜ୍ୟରେ ବିଜେପି ସରକାର ଉପରେ ଓଡ଼ିଶାବାସୀଙ୍କ ଆସ୍ଥା ଓ ବିଶ୍ୱାସ ବୃଦ୍ଧି ପାଇବାରେ ଲାଗିଛି।। ବିଜେଡି ଉପରୁ ଆସ୍ଥା ହରାଇ ଚାନ୍ଦବାଲୀ ନିର୍ବାଚନମଣ୍ଡଳୀର ଅନେକ ବିଜେଡି ନେତୃବୃନ୍ଦ ଓ କର୍ମୀ ବିଜେପିରେ ଯୋଗଦାନ କରିଛନ୍ତି। ଚାନ୍ଦବାଲୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ନାନ୍ଦପୁର ଗ୍ରାମ ପଂଚାୟତର ସରପଂଚ ଶାରଳା ବିଶ୍ୱାଳ, ବରିଷ୍ଠ ବିଜେଡି ନେତା ଗଣେଷ ବିଶ୍ୱାଳ, ୱାର୍ଡ ମେମ୍ବର ରଂଜନ ପଣ୍ଡା, ବାବାଜୀ ଚରଣ ସେଠୀ, ଅମୂଲ୍ୟ ଦାସ, କୃଷ୍ଣ ଓଝା ପ୍ରମୁଖଙ୍କ ସମେତ ଶତାଧିକ ବିଜେଡି କର୍ମୀ ଓ ନେତା ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟଙ୍କୁ ଟୋପି ଓ ଉତରୀୟ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଶାସକ ଦଳର ମୁଖ୍ୟ ସଚେତକ ସରୋଜ ପ୍ରଧାନ, ରାଜ୍ୟ ଉପସଭାପତି ଶ୍ରୀ ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସଂପାଦକ ସରୋଜ କର ପ୍ରମୁଖ ଉପସ୍ଥିତ ଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ବଢୁଛି ଓଡ଼ିଶାର ସାମୁଦ୍ରିକ ପରିବହନ

- ଅଣ ପ୍ରମୁଖ ବନ୍ଦରଗୁଡ଼ିକର କ୍ଷମତା ୮୦ ନିୟୁତ ଟନ୍‌ରେ ପହଞ୍ଚିଲା
- ୨୦୨୪-୨୫ରେ ରାଜ୍ୟକୁ ମିଳିଛି ୩୦୬ କୋଟି ରାଜସ୍ୱ



**ଭୁବନେଶ୍ୱର, ୨୭।୭(ସଂଚାର ବ୍ୟୁରୋ):** ଦେଶର ଏକ ପ୍ରମୁଖ ମେରିଟାଇମ୍ ହବ୍ ଭାବେ ଓଡ଼ିଶା ଉଭା ହେବାକୁ ଯାଉଛି। ୨୦୪୭ ସୁଦ୍ଧା ବିକଶିତ ଭାରତ ପାଇଁ ୨୦୨୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟରେ ଓଡ଼ିଶାର ସାମୁଦ୍ରିକ ପରିବହନ କ୍ଷେତ୍ର ଏକ ପ୍ରମୁଖ ଭୂମିକା ଆଗାମୀ ଦିନରେ ଗ୍ରହଣ କରିବ। ଭବିଷ୍ୟତ ପାଇଁ ଆବଶ୍ୟକ ଉନ୍ନତ ସାମୁଦ୍ରିକ ପରିବହନ ଭିତ୍ତିଭୂମି ସୃଷ୍ଟିର ଆବଶ୍ୟକତା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ ପଦକ୍ଷେପ ଗ୍ରହଣ କରିଛନ୍ତି। ଓଡ଼ିଶା ମେରିଟାଇମ ବୋର୍ଡ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଏହି କାର୍ଯ୍ୟର ନେତୃତ୍ୱ ନେଉଛନ୍ତି।

ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟ ଏବଂ ମାଲ୍ ପରିବହନ କ୍ଷମତା ସୁଦୃଢ଼ ହୋଇଛି। ରାଜ୍ୟର ଅଣ ପ୍ରମୁଖ ବନ୍ଦରଗୁଡ଼ିକର ମାଲ୍ ପରିବହନ କ୍ଷମତା ୨୦୨୪-୨୫ରେ ୮୦ ନିୟୁତ ଟନରେ ପହଞ୍ଚିଛି। ଏଥିରେ ଧାମରା ବନ୍ଦରର କ୍ଷମତା ୪୬.୦୮ ନିୟୁତ ଟନ୍ ଏବଂ ଗୋପାଳପୁର ବନ୍ଦରର କ୍ଷମତା ୬ ନିୟୁତ ଟନରେ ପହଞ୍ଚିଛି। ଏହାଦ୍ୱାରା ରାଜ୍ୟ ପାଇଁ ୨୦୨୪-୨୫ ଆର୍ଥିକବର୍ଷରେ ୩୦୬.୧୫ କୋଟି ଟଙ୍କାର ରାଜସ୍ୱ ସୃଷ୍ଟି ହୋଇପାରିଛି। ପାରାଦୀପ ବନ୍ଦର ୨୦୨୪-୨୫ରେ ୧୫୦.୪୧ ନିୟୁତ ଟନ ମାଲ ପରିବହନ କରି ଦେଶର ପ୍ରମୁଖ ବନ୍ଦରଗୁଡ଼ିକ ମଧ୍ୟରେ ସର୍ବାଧିକ ମାଲ୍ ପରିବହନ କରିବା ଭଳି ସଫଳତା ପାଇଛି। ଅତ୍ୟାଧୁନିକ ବନ୍ଦର ପ୍ରଯୁକ୍ତି ଏବଂ ଗଭୀର ବର୍ଥ କାରଣରୁ ବାଣିଜ୍ୟ ପାଇଁ ନୂଆ ସୁଯୋଗ ରାଜ୍ୟରେ ସୃଷ୍ଟି ହୋଇଛି। ଧାମରା ଓ ଗୋପାଳପୁର ବନ୍ଦର ଅନ୍ତର୍ଜାତୀୟ ସ୍ତରରେ ଉନ୍ନତ ଯୋଗାଯୋଗ ସ୍ଥାପନ କରିପାରିଛି। ଏଥିଯୋଗୁ ଓଡ଼ିଶା ବିଶ୍ୱ ବାଣିଜ୍ୟର ଏକ ଗୁରୁତ୍ୱପୂର୍ଣ୍ଣ ହବ୍‌ରେ ପରିଣତ ହୋଇଛି। ଏଥିସହିତ ଉପକୂଳ ଜାହାଜ ଚଳାଚଳ ଜରିଆରେ ରାଜ୍ୟର ଶିଳ୍ପାଞ୍ଚଳ ଏବଂ କୃଷିଜାତ ସାମଗ୍ରୀର ଉତ୍ପାଦନ କେନ୍ଦ୍ରଗୁଡ଼ିକ ସହିତ ଉନ୍ନତ ଯୋଗାଯୋଗ ସ୍ଥାପନ କରାଯାଇ ପାରିଛି। ରାଜ୍ୟରେ ବନ୍ଦର କ୍ଷେତ୍ରର ବିକାଶ ପାଇଁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଇଛନ୍ତି। କ୍ୟାପ୍ଟିଭ ଜେଟି ନିର୍ମାଣ ପାଇଁ ଜେଏସ୍‌ଡବ୍ଲୁ ଉତ୍କଳ ଷ୍ଟିଲ୍ ଲିମିଟେଡ ସହିତ ଏକ ରାଜିନାମା ସ୍ୱାକ୍ଷର କରିଛନ୍ତି। ଜେଏସ୍‌ଡବ୍ଲ୍ୟୁ ପକ୍ଷରୁ ହେବାକୁ ଥିବା ସମନ୍ୱିତ ଇସ୍ପାତ କାରଖାନାର ମାଲ ପରିବହନ ଦିଗରେ ଏହା ସହାୟକ ହେବ। ଏହି ପ୍ରକଳ୍ପ ଜରିଆରେ ୨୧୦୪ କୋଟି ଟଙ୍କା ନିବେଶ ଆସିବ ଏବଂ ପାଖାପାଖି ୩୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ସେହିଭଳି ଗୋପାଳପୁର ପୋର୍ଟସ ଲିମିଟେଡର ଅଂଶଧନରେ ଆଦାନୀ ପୋର୍ଟସ ଆଣ୍ଡ୍ ଏସ୍‌ଇଜେଡ୍ ୯୫ ପ୍ରତିଶତ ଅଂଶଧନ ନେବ। ଏଥିଯୋଗୁ ୧୬,୫୫୪ କୋଟି ଟଙ୍କାର ନିବେଶ ଆସିବା ସହ ପ୍ରାୟ ୫ ହଜାର ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ସମୁଦ୍ରକୁ ଉପଯୋଗ କରି ଅର୍ଥନୈତିକ ବିକାଶ ପାଇଁ ସରକାର ପ୍ରୟାସ ଚଳାଇଛନ୍ତି।

ଏଥିସହିତ ସାମୁଦ୍ରିକ ପରିବହନ କ୍ଷେତ୍ରରେ କୁଶଳୀ ମାନବ ସମ୍ବଳ ସୃଷ୍ଟି ଲାଗି ମଧ ରାଜ୍ୟ ସରକାର ପଦକ୍ଷେପ ନେଇଛନ୍ତି। ଚାନ୍ଦବାଲିର କ୍ରୁ ତାଲିମ ପ୍ରତିଷ୍ଠାନ ଏବଂ ଓଡ଼ିଶା ମେରିଟାଇମ ଏକାଡେମିରେ ସିମୁଲେଟର ସ୍ଥାପନ କରାଯାଇଛି। ଆଭ୍ୟନ୍ତରୀଣ ଜଳ ପରିବହନରେ ସୁରକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିବା ଲାଗି ପୋର୍ଟସ୍ ଆଣ୍ଡ୍ ଆଇଡବ୍ଲ୍ୟୁଟି ବୋଟ୍ ମାଲିକମାନଙ୍କୁ ୯୫ ପ୍ରତିଶତ ସବସିଡିରେ ପ୍ରାୟ ୩୫ ହଜାର ଜୀବନ ରକ୍ଷାକାରୀ ଉପକରଣ ବଣ୍ଟନ କରିଛି।

## ୧୨ ହଜାର କର୍ମଚାରୀ ହ୍ରାସ କରିବ ଟିସିଏସ୍

ନୂଆଦିଲ୍ଲୀ,୨୭।୭: ଭାରତର ସର୍ବବୃହତ ଆଇଟି ସେବା ସଂସ୍ଥା, ଟାଟା କନସଲଟାନ୍ସି ସର୍ଭିସେସ୍ (ଟିସିଏସ୍), ଏହାର କର୍ମଚାରୀ ସଂଖ୍ୟାରେ ହ୍ରାସ କରିବାକୁ ନିଷ୍ପତ୍ତି ନେଇଛି। କମ୍ପାନୀ ଏହାର କର୍ମଚାରୀ ସଂକ୍ୟାରୁ ପ୍ରାୟ ୨ ପ୍ରତିଶତ ଛଟେଇ କରିବ। ଆଗାମୀ ବର୍ଷ ମଧ୍ୟରେ ପ୍ରାୟତଃ ମଧ୍ୟମ ଏବଂ ବରିଷ୍ଠ ସ୍ତରରେ ଥିବା ୧୨ ହଜାରରୁ ଅଧିକ କର୍ମଚାରୀଙ୍କୁ ଖମ୍ପାନୀ ଛଟେଇ କରିବ ବୋଲି କହିଛି। ଜାତୀୟ ଗଣମାଧ୍ୟମ ମନିକଣ୍ଟ୍ରୋଲକୁ ଇଣ୍ଟରଭ୍ୟୁ ଦେବା ବେଳେ ଏହି ସୂଚନା ଦେଇଛନ୍ତି ଟିସିଏସ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେ. କୃତିବାସନ୍। ଦ୍ରୁତ ଟେକ୍ନୋଲୋଜୀ ପରିବର୍ତ୍ତନର ମୁକାବିଲାରେ ଟିସିଏସକୁ ଅଧିକ ସ୍ମାର୍ଟ ଓ ଭବିଷ୍ୟତକୁ ଆଖି ଆଗରେ ରଖି କାମ କରିବାକୁ ପଡ଼ିବ। କମ୍ପାନୀର ବ୍ୟାପକ ରଣନୀତିରେ ଏହା ଅଂଶ ବୋଲି କୃତିବାସନ କହିଛନ୍ତି। ତେବେ କମ୍ପାନୀ କାହିଁକି କର୍ମଚାରୀ ସଂଖ୍ୟା ହ୍ରାସ କରିବାକୁ ଚାହୁଁଚି ବୋଲି ପଚାରା ଯିବାରୁ କୃତୀବାସନ କହିଛନ୍ତି ଶିଳ୍ପର ପରିବର୍ତ୍ତନ ହେଉଛି। କାମ କରିବାର ଉପାୟ ବଦଳୁଛି, ଏବଂ ପ୍ରତ୍ୟେକ କମ୍ପାନୀ ନିଜର ସଫଳତା ପାଇଁ ଭବିଷ୍ୟତ ପାଇଁ ପ୍ରସ୍ତୁତି କରିବା ସହ ଚତୁର ହେବା ନିହାତି ଆବଶ୍ୟକ। ସେ ଆହୁରି କହିଛନ୍ତି ଯେ ଆମେ ଏଆଇ ଏବଂ ଅପରେଟିଂ ମଡେଲ ପରିବର୍ତ୍ତନ ଭଳି ନୂଆ ଟେକ୍ନୋଲୋଜି ଆଣୁଛୁ।” ତାଙ୍କ ଅନୁସାରେ, କମ୍ପାନୀ ଆଗକୁ ଆବଶ୍ୟକ ଦକ୍ଷତାର ନିକଟରୁ ମୂଲ୍ୟାଙ୍କନ କରି ସେହି ଅନୁସାରେ ଏଆଇକୁ ନିୟୋଜିତ କରାଯିବ। ଆମେ ସହଯୋଗୀମାନଙ୍କୁ କ୍ୟାରିଅର ଅଭିବୃଦ୍ଧି ଏବଂ ନିୟୋଜିତ ସୁଯୋଗ କିପରି ପ୍ରଦାନ କରିପାରିବୁ ସେଥିପାଇଁ ଆମେ ସେମାନଙ୍କ ଉପରେ ବହୁତ ବିନିଯୋଗ କରିଛୁ। ଜୁନ୍ ୨୦୨୫ ସୁଦ୍ଧା, ଟିସିଏସ୍‌ରେ ସାରା ବିଶ୍ୱରେ ୬ ଲକ୍ଷ ୧୩ ହଜାର କର୍ମଚାରୀ ରହିଛନ୍ତି। ଏଥିରୁ ୨ ପ୍ରତିଶତ ହ୍ରାସ, ଅର୍ଥାତ୍ ପ୍ରାୟ ୧୨,୨୦୦ ଚାକିରି ସହିତ ସମାନ। ତେବେ ଏହି ଛଟେଇ ମଧ୍ୟମ ପରିଚାଳନା ଏବଂ ବରିଷ୍ଠ ସ୍ତର ହେବ। ଜୁନିୟର ସ୍ତରରେ ହେବ ନାହିଁ ବୋଲି ସିଇଓ କହିଛନ୍ତି।

## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୦୧.୨୯୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୨ ,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୧,୨୯୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୨ ହଜାର ୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୧,୨୯୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୨ ହଜାର ୮୫୦ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୧,୪୪୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୧,୨୯୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୨ ହଜାର ୮୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ର ୧, ୦୧,୨୯୦ ଓ ୯୨ ହଜାର ୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୮ ,୦୦୦ ଟଙ୍କା ହୋଇଛି।

## ବଢୁଛି ଇଭି ଗାଡ଼ି ଚାହିଦା, ହେଲେ ଓଲା ସ୍କୁଟର ବିକ୍ରି କମୁଛି




ନୂଆଦିଲ୍ଲୀ, ୨୭।୭: ଏବେ ଦେଶରେ ଅଧିକାଂଶ ଲୋକ ଇଲେକ୍ଟ୍ରିକ୍ ଗାଡି କିଣିବାକୁ ପସନ୍ଦ କରୁଛନ୍ତି | ବିଶେଷ କରି ଇଲେକ୍ଟ୍ରିକ ସ୍କୁଟରର ବିକ୍ରୟ ବୃଦ୍ଧି ପାଉଛି, କିନ୍ତୁ ଅନ୍ୟପଟେ ଓଲା ଇଲେକ୍ଟ୍ରିକ୍ ସ୍କୁଟରର ବିକ୍ରୟ ହ୍ରାସ ପାଉଛି। ଗତ ମାସରେ ଓଲା ୨୦,୧୯୦ ୟୁନିଟ୍ ବିକ୍ରି କରିଥିଲା, ଯେତେବେଳେ ଗତ ବର୍ଷ ସମାନ ସମୟରେ ଏହି ସଂଖ୍ୟା ୩୫,୮୫୮ ୟୁନିଟ୍ ବିକ୍ରି ହୋଇଥିଲା। ଏଥର କମ୍ପାନୀ ୧୫୬୦୦ ଗାଡି କମ୍ ବିକ୍ରି କରିଛି। ଅନ୍ୟପକ୍ଷରେ, ଟିଭିଏସ ଆଇକ୍ୟୁବ ବିଷୟରେ କହିବାକୁ ଗଲେ, ଗତ ମାସରେ ଏହି ସ୍କୁଟରର ମୋଟ ୧୪,୨୪୪ ୟୁନିଟ୍ ବିକ୍ରି ହୋଇଥିଲା, ଯେତେବେଳେ ଗତ ବର୍ଷ ସମାନ ସମୟରେ ଏହି ସଂଖ୍ୟା ୧୫,୨୧୦ ୟୁନିଟ୍ ବିକ୍ରି ହୋଇଥିଲା। ଏଥର କମ୍ପାନୀ ୯୬୬ ୟୁନିଟ୍ କମ୍ ବିକ୍ରି କରିଛି ଏବଂ ବିକ୍ରୟ ୬.୩୫% ହ୍ରାସ ପାଇଛି। କିଛି ସମୟ ଧରି, ଭାରତରେ ସ୍କୁଟର ବିକ୍ରୟ କରିବା ଓଲା ଇଲେକ୍ଟ୍ରିକ୍ ପାଇଁ ବହୁତ କଷ୍ଟକର ହୋଇପଡୁଛି। ପ୍ରାରମ୍ଭିକ ପର୍ଯ୍ୟାୟରେ ଓଲାକୁ ବିପୁଳ ସଫଳତା ମିଳିଥିଲା, କିନ୍ତୁ ପରେ ଯାନରେ ନିଆଁ ଲାଗିବା ଏବଂ ଖରାପ ସର୍ଭିସ ଯୋଗୁଁ ବିକ୍ରୟ ହ୍ରାସ ପାଇବା ଆରମ୍ଭ କରିଥିଲା। ଟିଭିଏସ ଆଇକ୍ୟୁବ ବିକ୍ରୟରେ ଯଦିଓ ସାମାନ୍ୟ ହ୍ରାସ ଦେଖିବାକୁ ମିଳିଛି, କିନ୍ତୁ ଏହା ସେତେ ଅଧିକ ନୁହେଁ। ଆଇକ୍ୟୁବର ଏକ୍ସ-ଶୋରୁମ୍ ମୂଲ୍ୟ ୯୫ ହଜାର ଟଙ୍କାରୁ ଆରମ୍ଭ ହୁଏ। ପରିବାର ବର୍ଗ ଏହି ସ୍କୁଟରକୁ ବହୁତ ପସନ୍ଦ କରୁଛନ୍ତି।

## ୨ ହଜାର ଟଙ୍କାରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ ଲାଗିବ କି ଜିଏସଟି?




ନୂଆଦିଲ୍ଲୀ,୨୭।୭: ସରକାରଙ୍କ ବଡ଼ ଘୋଷଣା। ଏଣିକି ୟୁପିଆଇ ପେମେଣ୍ଟ ଉପରେ ଲାଗିବନି ଜିଏସଟି। ୟୁପିଆଇ ଟ୍ରାଞ୍ଜାକ୍ସନରେ ସରକାରଙ୍କ ଡିଜିଟାଲ ଇଣ୍ଡିଆ ଅଭିଯାନକୁ ପ୍ରୋତ୍ସାହିତ କରିବାରେ ଏକ ମାଇଲଖୁଣ୍ଟ ପ୍ରମାଣିତ ହେଉଛି। ୟୁପିଆଇ ଉପରେ ଜିଏସଟି ଲାଗୁ ହେବାର ରିପୋର୍ଟ ମଧ୍ୟରେ, ଅର୍ଥ ମନ୍ତ୍ରଣାଳୟ ରାଜ୍ୟସଭାରେ ସ୍ପଷ୍ଟ କରିଛି ଯେ ୨ ହଜାର ଟଙ୍କାରୁ ଅଧିକ ମୂଲ୍ୟର ଟ୍ରାଞ୍ଜାକ୍ସନ ଉପରେ ଲାଗୁ କରିବା ବିଷୟରେ କୌଣସି ବିଚାର କରାଯାଉନାହିଁ। ୨୦୦୦ ଟଙ୍କାରୁ ଅଧିକ ମୂଲ୍ୟର ଟ୍ରାଞ୍ଜାକ୍ସନ ଉପରେ ଜିଏସଟି ଲାଗୁ ନେଇ ସରକାରଙ୍କ ମତାମତ ସମ୍ପର୍କରେ ପଙ୍କଜ ଚୌଧୁରୀ କହିଛନ୍ତି ଯେ,ଜିଏସଟି ପରିଷଦର ସୁପାରିଶ ଆଧାରରେ ଜିଏସଟି ହାର ଏବଂ ଛାଡ଼ ସ୍ଥିର କରାଯାଏ। ଏହା ଏକ ସାମ୍ବିଧାନିକ ସଂସ୍ଥା, ଯେଉଁଥିରେ ରାଜ୍ୟ ଏବଂ କେନ୍ଦ୍ର ଉଭୟର ସଦସ୍ୟ ସାମିଲ ଅଛନ୍ତି। ତେବେ ୟୁପିଆଇ ଟ୍ରାଞ୍ଜାକ୍ସନ ଉପରେ ଜିଏସଟି ପ୍ରସଙ୍ଗ ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ୟୁପିଆଇ ଟ୍ରାଞ୍ଜାକ୍ସନ ତଥ୍ୟ ଆଧାରରେ କର୍ଣ୍ଣାଟକରେ ବ୍ୟବସାୟୀଙ୍କୁ ପ୍ରାୟ ୬ ହଜାର ଜିଏସଟି ନୋଟିସ୍ ଜାରି କରାଯାଇଥିଲା।

## ‘ହୋପ’ ମାଧ୍ୟମରେ ଆଇଡିବିଆଇ ବ୍ୟାଙ୍କ ଭୁବନେଶ୍ୱର ଜୋନ୍‌ର ସିଏସ୍‌ଆର୍ କାର୍ଯ୍ୟକ୍ରମ




ଭୁବନେଶ୍ୱରଃ ଆଇଡ଼ିବିଆଇ ବ୍ୟାଙ୍କ, ଭୁବନେଶ୍ୱର ଜୋନ୍ ପକ୍ଷରୁ ଯାଜପୁର ଜିଲ୍ଲା ଧର୍ମଶାଳାସ୍ଥିତ କମ୍ୟୁନିଟି ହେଲ୍‌ଥ ସେଣ୍ଟର (ସିଏଚସି)ରେ ସିଏସ୍‌ଆର୍ କାର୍ଯ୍ୟକ୍ରମ “ହୋପ”ର ଆରମ୍ଭ କରାଯାଇଛି। ବ୍ୟାଙ୍କର ଜିଏମ୍ ତଥା ଡେପୁଟି ଜୋନାଲ ମୁଖ୍ୟ ଡ. ନିହାର ରଞ୍ଜନ ସାମଲ ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ରୁପେ ଯୋଗ ଦେଇଥିଲେ। ରୋଗୀ ଏବଂ ସେମାନଙ୍କର ପରିବାରର ସ୍ୱାସ୍ଥ୍ୟର ଯତ୍ନ ନେବା ପାଇଁ ଧର୍ମଶାଳା କମ୍ୟୁନିଟି ହେଲ୍‌ଥ ସେଣ୍ଟରକୁ ହୁଇଲ୍ ଚେୟାର, ଷ୍ଟ୍ରେଚର, ବିପି ମେସିନ୍, ରୋଗୀ ବସିବା ପାଇଁ ଷ୍ଟୁଲ, ଓପିଡ଼ିରେ ପାଇଁ ରୋଗୀ ଅପେକ୍ଷା କରିବା ଷ୍ଟିଲ୍ ବେଞ୍ଚ, ଏକ୍‌ଜୁକ୍ୟୁଟିଭ୍ ରିଭଲଭିଙ୍ଗ ଚେୟାର ଇତ୍ୟାଦି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଧର୍ମଶାଳା ସିଏଚସିର ଦାୟିତ୍ୱରେ ଥିବା ଡଃ. ସୁଧୀର କୁମାର ସାହୁ, ସ୍ଥାନୀୟ କମ୍ୟୁନିଟି ନେତୃବୃନ୍ଦ ତଥା ଅନ୍ୟାନ୍ୟ ମାନ୍ୟଗଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଉତ୍ତମ ସ୍ୱାସ୍ଥ୍ୟ ସେବା ମିଳୁନଥିବା ଅଞ୍ଚଳରେ ରୋଗୀମାନଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ସେବା ସମ୍ବନ୍ଧୀୟ ବ୍ୟବସ୍ଥା ଉପଲବ୍ଧ କରାଇବା ହେଉଛି “ହୋପ”ର ମୂଳ ଉଦ୍ଦେଶ୍ୟ। ବ୍ୟାଙ୍କର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅନ୍ତର୍ଗତ ବ୍ୟାଙ୍କ ସ୍ୱାସ୍ଥ୍ୟର ଯତ୍ନ ନେବା, ଶିକ୍ଷା ଓ ଭିତ୍ତିଭୂମିର ବିକାଶ କରିବା ପାଇଁ ଏହାର ଉଦ୍ୟମ ଜାରି ରଖିଛି।

## ଜୟଆଲୁକ୍କାସରେ ‘ଜ୍ୱେଲସ୍ ଅଫ ଜୟ’ ମହୋତ୍ସବ

**ଭୁବନେଶ୍ୱର, ୨୭।୭(ସଂଚାର ବ୍ୟୁରୋ):** ଜୟଆଲୁକ୍କାସ୍ ପକ୍ଷରୁ ଜୁଲାଇ ୨୫ରୁ ଅଗଷ୍ଟ ୧୭ ପର୍ଯ୍ୟନ୍ତ ସ୍ୱତନ୍ତ୍ର ‘ଜ୍ୱେଲସ୍ ଅଫ୍ ଜୟ’ ମହୋତ୍ସବ ଘୋଷଣା କରାଯାଇଛି। ଉତ୍ସବମୟ ମୁହୂର୍ତ୍ତକୁ ସ୍ମରଣୀୟ କରିବା ପାଇଁ ଅନେକ ଆକର୍ଷଣୀୟ ଅଫର ଅଣାଯାଇଛି। ଗ୍ରାହକମାନେ ହୀରା ଏବଂ ଅନ୍‌କଟ୍ ହୀରାର ମୂଲ୍ୟ ଉପରେ ଫ୍ଲାଟ୍ ୨୫% ରିହାତି ପାଇପାରିବେ। ଏହା ବ୍ୟତୀତ, ୧ ଲକ୍ଷ ଟଙ୍କା ଏବଂ ତଦୂର୍ଦ୍ଧ୍ୱ ମୂଲ୍ୟର ସୁନା ଏବଂ ମୂଲ୍ୟବାନ ପଥର କ୍ରୟ ଉପରେ ଗ୍ରାହକମାନେ ଗୋଟିଏ ୫ ଗ୍ରାମ୍ ରୁପା ବାର୍ ସମ୍ପୂର୍ଣ୍ଣ ମାଗଣାରେ ପାଇବେ। ଦୈନନ୍ଦିନ ବ୍ୟବହାର ଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାରର ଅଳଙ୍କାର ଗ୍ରାହକମାନେ ଏହି ସିଜନ୍‌ରେ କିଣିବାର ସୁଯୋଗ ପାଇପାରିବେ। ଏହି ଅଫର୍ ସଂପର୍କରେ ଜୟଆଲୁକ୍କାସ୍ ଗ୍ରୁପ୍ ଅଧ୍ୟକ୍ଷ ଜୟ ଆଲୁକ୍କାସ୍ କହିଛନ୍ତି, ଗ୍ରାହକମାନଙ୍କ ପାଇଁ ଅସାଧାରଣ ଅଫର ଏବଂ ଅତ୍ୟନ୍ତ ମନଲୋଭା କଲେକ୍ସନ ରହିଛି। ନିକଟତମ ସୋ’ରୁମରୁ ଗ୍ରାହକମାନେ ଏହାର ଲାଭ ନେଇପାରିବେ।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୯୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।



## ଦିଲ୍ଲୀରେ ଖୋଲିବ ନାଇଟ୍ ମାର୍କେଟ, ରାତି ୧୦ରୁ ସକାଳ ଯାଏଁ ଚାଲିବ




**ନୂଆଦିଲ୍ଲୀ ୨୭।୭:** ଜାତୀୟ ରାଜଧାନୀ ଦିଲ୍ଲୀରେ ନାଇଟ୍ ଲାଇଫକୁ ପ୍ରୋତ୍ସାହନ ଦେବା ପାଇଁ ଏନଡିଏମସି ଏବେ ତାଙ୍କ ଅଞ୍ଚଳରେ ରାତି ବଜାର ଅର୍ଥାତ ନାଇଟ୍ ମାର୍କେଟ୍ ଖୋଲିବାକୁ ଯାଉଛନ୍ତି। ଏହି ମାର୍କେଟ୍ ରାତି ୧୦ଟାରେ ଖୋଲିବ ଓ ସକାଳ ପର୍ଯ୍ୟନ୍ତ ଚାଲିବ। ଏହି ବଜାର ଖୋଲିବା ପଛରେ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ଓ ଦିଲ୍ଲୀ ନାଇଟ୍ ଲାଇଫକୁ ପ୍ରୋତ୍ସାହନ ଦେବା ମୁଖ୍ୟ ଉଦ୍ଦେଶ୍ୟ ରହିଛି। ଏଣୁ ଇନ୍ଦୋର ଭଳି ପ୍ରାରମ୍ଭିକ ପର୍ଯ୍ୟାୟରେ ୫୬ଟି ଦୋକାନକୁ ନେଇ ନାଇଟ୍ ମାର୍କେଟ ଆରମ୍ଭ କରାଯିବ ବୋଲି ଜଣାପଡିଛି। ଏହି ମାର୍କେଟ୍ ଖୋଲିବା ପାଇଁ ଏନଡିଏମସି ଏବେ କନଟ ପ୍ଲେସ୍ ଓ ଲୋଧି ରୋଡକୁ ବିକଳ୍ପ ଭାବେ ଦେଖୁଛନ୍ତି। ଏବେ ଏହି ଅଞ୍ଚଳରେ ସର୍ଭେ କରି ଦେଖାଯାଉଛି କେଉଁ ଅଞ୍ଚଳରେ ମାର୍କେଟ ବସାଯିବ, ଯାହା ଦ୍ୱାରା ପର୍ଯ୍ୟଟକଙ୍କୁ ସୁରକ୍ଷା ଓ ଭଲ ପରିବେଶ ମିଳିପାରିବ।

ଏହି ବଜାର ରାତି ୧୦ଟାରୁ ସକାଳ ପର୍ଯ୍ୟନ୍ତ ଚାଲିବ। ଏହି ଯୋଜନା ଅନୁସାରେ ନାଇଟ ମାର୍କେଟରେ ଦିଲ୍ଲୀର ଲୋକପ୍ରୀୟ ଫୁଡ ଆଉଟଲେଟସକୁ ସ୍ଥିରିକୃତ ସ୍ଥାନରେ ଫୁଡ ଟ୍ରକ୍ ଲଗାଇବାକୁ ଅନୁମତି ମିଳିବ। ଏହା ଦ୍ୱାରା ରାତିରେ ମଧ୍ୟ ଟୁରିଷ୍ଟ ଜାତୀୟ ରାଜଧାନୀରେ ସେମାନଙ୍କ ମନପସନ୍ଦର ଖାଦ୍ୟ ଖାଇବାକୁ ପାଇ ପାରିବେ। ଫୁଡ ଟ୍ରକ୍ କେବଳ ଡେଡିକେଟେଡ ଏରିଆରେ ଅପରେଟ ହୋଇ ପାରିବେ।

ଅନିୟମିତ ସ୍ଥାନରେ ଫୁଡକୋର୍ଟ ଲଗାଇବାକୁ ଅନୁମତି ମିଳିବ ନାହିଁ। ସାଫ ସଫେଇ ଓ ହାଇଜନ ଦାୟିତ୍ୱ ଫୁଡ ଟ୍ରକ୍ ସଞ୍ଚାଳକଙ୍କର ହେବ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ଯୁବବର୍ଗ ଓ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହ ରୋଜାଗ ସୃଜନ ଓ ସହରର ଆର୍ଥିକ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା।

## ଶ୍ରମିକଙ୍କ କଲ୍ୟାଣ ପାଇଁ କାମ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୨୭।୭ (ସଂଚାର ବ୍ୟୁରୋ):** ଶ୍ରମିକଙ୍କର କଲ୍ୟାଣକାରୀ କାର୍ଯ୍ୟକ୍ରମକୁ ସୁନିଶ୍ଚିତ କରିବା ପାଇଁ କାରଖାନାଗୁଡ଼ିକର ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ଗତ ୨୫ ତାରିଖରେ ଏକ ରାଜ୍ୟସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଶ୍ରମ ସଂସ୍ଥାନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ କର୍ମଶାଳାର ମୁଖ୍ୟ ଅତିଥି କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ କହିଲେ ଶ୍ରମିକମାନଙ୍କୁ ସେମାନଙ୍କର କର୍ତ୍ତବ୍ୟ ଏବଂ ନ୍ୟାଯ୍ୟ ଅଧିକାର ସମ୍ବନ୍ଧରେ ସଜାଗ ଏବଂ ସଚେତନ କରାଇବା ଶ୍ରମ କଲ୍ୟାଣ ଅଧିକାରୀମାନଙ୍କର ପ୍ରଧାନ ସାମାଜିକ ଦାୟିତ୍ୱ। ସେଥିପ୍ରତି ସମ୍ବେଦନଶୀଳ ହୋଇପାରିଲେ ଶିଳ୍ପାୟନରେ ଶାନ୍ତି, ସୁରକ୍ଷା, ଦକ୍ଷତା ଏବଂ ପାରଦର୍ଶୀତାରେ ପ୍ରଗତି ହେବା ସହ ଉତ୍ପାଦନ ବୃଦ୍ଧି ପରିଲକ୍ଷିତ ହେବ ବୋଲି ସେ କହିଥିଲେ। କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶାଳୟର ସୁରକ୍ଷା ଉପ ନିର୍ଦ୍ଦେଶକ ମଳୟ କୁମାର ପ୍ରଧାନ କହିଲେ କାରଖାନା ଆଇନର ବ୍ୟବସ୍ଥିତ ଶୌଚାଳୟ, ପରିସ୍ରାଗାର, ସଫେଇ ଘର, ସାଇକେଲ/ଗାଡି ଷ୍ଟାଣ୍ଡ, ବିଶ୍ରାମ କକ୍ଷ, କ୍ୟାଣ୍ଟିନ୍, ଭୋଜନ କକ୍ଷ, ଶିଶୁ ସଦନ, ଚିକିତ୍ସା ସହାୟତା, ଦରମା ସହିତ ଛୁଟି ଇତ୍ୟାଦି କଲ୍ୟାଣକାରୀ ସୁବିଧାର ବାସ୍ତବ କାର୍ଯ୍ୟକାରିତା ଉପରେ ଅଧିକାରୀମାନେ ଧ୍ୟାନ ଦେବା ଜରୁରି। କର୍ମଶାଳାରେ ୬୫ଜଣ ଶ୍ରମ କଲ୍ୟାଣ ଅଧିକାରୀ ଙ୍କୁ ପ୍ରତିଷ୍ଠାନ ପକ୍ଷରୁ ପ୍ରଦାନ କରାଯାଇଥିବା ପ୍ରମାଣପତ୍ର ମୁଖ୍ୟଅତିଥି ରାଜ୍ୟ କାରଖାନା ଏବଂ ବାଷ୍ପୀତ୍ର ନିର୍ଦ୍ଦେଶକ ଶ୍ରୀ ତ୍ରିପାଠୀ ପ୍ରଦାନ କରିଥିଲେ।

## ଟିପିସିଓଡିଏଲ୍‌କୁ ସିଏସ୍‌ଆର୍ ଟାଇମ୍ସ ପୁରସ୍କାର

ଭୁବନେଶ୍ୱର, ୨୭।୭(ସଂଚାର ବ୍ୟୁରୋ): ଟାଟା ପାୱର ଓ ରାଜ୍ୟ ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍)କୁ ଦିଲ୍ଲୀରେ ଆୟୋଜିତ ୧୨ତମ ଜାତୀୟ ସିଏସ୍‌ଆର୍ ସମ୍ମିଳନୀରେ ସିଏସ୍‌ଆର୍ ଟାଇମ୍ସ ପୁରସ୍କାର ପ୍ରଦାନ କରାଯାଇଛି। ଟିପିସିଓଡିଏଲ୍ ରୋଶନି ସେଣ୍ଟର ମାଧ୍ୟମରେ ମହିଳାଙ୍କ ଦକ୍ଷତା ବିକାଶ ଏବଂ ପାରମ୍ପରିକ କଳା ଓ ଶିଳ୍ପର ପ୍ରଚାର ମାଧ୍ୟମରେ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଛି। ସ୍ଥାନୀୟ ଲୋକକଳାକୁ ପୁନର୍ଜୀବିତ କରିବା ଓ ଆୟ ସୃଷ୍ଟିର ଅବସର ଦେଇ ମହିଳାଙ୍କୁ ତାଙ୍କ ପରିବାର ଓ ସମୁଦାୟ ପାଇଁ ଏକ ଦୃଢ଼ ଭୂମିକା ଗ୍ରହଣ କରିବାରେ ଟିପିସିଓଡିଏଲ୍ ସହାୟକ ହୋଇଛି।

## ରିଜର୍ଭ ବ୍ୟାଙ୍କ କେନ୍ଦ୍ରୀୟ ବୋର୍ଡକୁ ଅନୁରାଧା ଠାକୁର ମନୋନୀତ

ମୁମ୍ବାଇ, ୨୭।୭: ଭାରତୀୟ ରିଜର୍ଭ ବ୍ୟାଙ୍କ କେନ୍ଦ୍ରୀୟ ବୋର୍ଡର ନିର୍ଦ୍ଦେଶକ ମଣ୍ଡଳୀକୁ ବରିଷ୍ଠ ଆଇଏଏସ୍ ଅଫିସର ଅନୁରାଧା ଠାକୁରଙ୍କୁ କେନ୍ଦ୍ର ସରକାର ମନୋନୀତ କରିଛନ୍ତି। ସଂପ୍ରତି ସେ ଅର୍ଥ ମନ୍ତ୍ରାଳୟର ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବତନ ଅର୍ଥନୈତିକ ବ୍ୟାପାର ବିଭାଗ ସଚିବ ଅଜୟ ସେଠ୍‌ଙ୍କ ସ୍ଥାନରେ ତାଙ୍କୁ ନିଯୁକ୍ତ କରାଯାଇଛି। ଜୁଲାଇ ୨୪ ତାରିଖରୁ ଠାକୁରଙ୍କ କାର୍ଯ୍ୟକାଳ ଆରମ୍ଭ ହୋଇଛି। ୧୯୯୪ ବ୍ୟାଚ୍ ହିମାଚଳ ପ୍ରଦେଶ କ୍ୟାଡର୍ ଆଇଏଏସ୍ ଅଫିସର ଠାକୁର ଚଳିତମାସ ୧ ତାରିଖରେ ଅର୍ଥନୈତିକ ବ୍ୟାପାର ବିଭାଗର ସଚିବ ଦାୟିତ୍ୱ ଗ୍ରହଣ କରିଛନ୍ତି। ଉଲ୍ଲେଖଯୋଗ୍ୟ,ଗତମାସ୩୦ତାରିଖରେଅଜୟସେଠଅର୍ଥନୈତିକବ୍ୟାପାରବିଭାଗରସଚିବପଦରୁଅବସରନେଇଥିଲେ।

## ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ରାଇଘର ଗସ୍ତ



**ରାଇଘର,୨୭।୭ (ସଂଚାର ବ୍ୟୁରୋ):** ଆଜି ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନବରଙ୍ଗପୁର ଗସ୍ତରେ ଆସି ରାଇଘର ଗସ୍ତ କରିଥିବା ବେଳେ ରାଇଘରରେ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା କରାଯାଇଛି। ଓଡ଼ିଶା ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠିଙ୍କ ସମେତ ସମସ୍ତ ବ୍ଲକ କର୍ମଚାରୀ ଓ ବିଜେପିର ବରିଷ୍ଠ ଓ କନିଷ୍ଠ ନେତା, ନେତ୍ରୀ ଓ କର୍ମୀ ଓ ସମର୍ଥକ ମାନେ ବିପୁଳ ସଂଖ୍ୟାରେ ଉପସ୍ଥିତ ରହି ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଓ ଉତ୍ତରୀୟ ଦେଇ ସ୍ୱାଗତ କରିଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଏକ ସାଧାରଣ ସଭାର ମଧ୍ୟ ଆୟୋଜନ ହୋଇଛି। ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମଞ୍ଚ ପରିଚାଳନା କରି ଅତିଥି ପରିଚୟ ପ୍ରଦାନ କରିବା ସହିତ ଅତିଥି ମାନଙ୍କୁ ମଂଚାସୀନ କରେଇଥିଲେ। ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ଖାଦ୍ୟ ଯୋଗାଣ କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଓ ବରେଣ୍ୟ ଅତିଥିମାନେ ମୋଦି ସରକାରଙ୍କ ଶାସନ ଶୈଳୀ ଓ ମୁଖ୍ୟମନ୍ତ୍ରୀଙ୍କ ବର୍ଷ ଏକ ଉପଲବ୍ଧି, ଅନେକ ପ୍ରସଙ୍ଗ କ୍ଷେତ୍ରରେ କିଛି ପ୍ରସଙ୍ଗ ଉପରେ ଭାବେ ଜନସାଧାରଣଙ୍କୁ ବୁଝେଇଥିଲେ। ତତ ସହିତ ମୋଦି ସରକାରଙ୍କ ଦ୍ୱାରା ପ୍ରଣିତ ହେଉଥିବା ସମସ୍ତ ଜନ କଲ୍ୟାଣ କାରି ଯୋଜନା ସବୁ ବିଷୟରେ ପ୍ରାଞ୍ଜଳ ଭାବେ ବୁଝେଇଥିଲେ। କାର୍ଯ୍ୟକ୍ରମ ଶେଷରେ କିଛି ଚାଷୀଙ୍କୁ ବୋନସ ଟଙ୍କା ଓ କିଛି ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା।

## ରୋଟାରାକ୍ଟ କ୍ଲବ୍‌ର ପ୍ରତିଷ୍ଠା ଉତ୍ସବ



**ଭୁବନେଶ୍ୱର,୨୭।୭ (ସଂଚାର ବ୍ୟୁରୋ):** ରୋଟାରାକ୍ଟ କ୍ଲବ ଭୁବନେଶ୍ୱର ତୋଷାଳୀ ଜିଲ୍ଲା ୩୨୬୨ ତରଫରୁ ଏହାର ସପ୍ତମ ପ୍ରତିଷ୍ଠା ଉତ୍ସବ ଗତକାଲି ହୋଟେଲ ନ୍ୟୁ ମାରିଆନାଠାରେ ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ କ୍ଲବ୍‌ର ଆଗାମୀ ୨୦୨୫-୨୬ ପାଇଁ ନୂତନ ସଭାପତି ଭାବେ ନିର୍ବାଚିତ ହୋଇଥିବା ସଭାପତି ରୋଟାରାକ୍ଟର ଶାଶ୍ୱତ ସାହୁ ଓ ସମ୍ପାଦକ ଭାବେ ସୌମ୍ୟରଞ୍ଜନ ସାହୁ ଦାୟିତ୍ୱ ଗ୍ରହଣ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ବାର୍ ଆସୋସିଏସନ୍‌ର ସମ୍ପାଦକ ସତ୍ୟରଞ୍ଜନ ସେନାପତି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପାଷ୍ଟ ଜିଲ୍ଲାଧ୍ୟକ୍ଷ ରୋଟାରାକ୍ଟର ଚିନ୍ମୟ ସୌରଭ ଗୟାନ ଯୋଗଦେଇ ନୂତନ ଅଧ୍ୟକ୍ଷଙ୍କୁ କୃତଜ୍ଞତା ଜଣାଇବା ସହ ଆଗକୁ ବଢ଼ିବା ପାଇଁ ଆଶା ଓ ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ସଦସ୍ୟମାନେ ଆସି ଯୋଗଦେଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସୌରଭ ସାହୁ, ବିଶ୍ୱଜିତ୍ ସ୍ୱାଇଁ, ଜଗଦୀଶ ସିଆ, ସବ୍ୟସାଚି ପୂଜାରିଣୀ ସାହୁ, ସୋନାଲି ଦାସ, ସୁରଜ୍ ନାୟକ, ଅବିନାଶ ମିଶ୍ର, ଅର୍ପିତ ଦାସ, ସାର୍ଥକ ଦଳବେହେରା, ପ୍ରସାଦ ଦଳେଇ, ସୃଷ୍ଟିକ ଜଳ ସହଯୋଗ କରିଥିଲେ। ପରିଶେଷରେ ରୋଟେରିଆନ୍ ପୂର୍ବତନ ସଭାପତି ସୁଜାତ ସାହୁ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟଣା
# ହତ୍ୟା ଅଭିଯୋଗରେ ସ୍ୱାମୀ ଗିରଫ

**ବ୍ରହ୍ମପୁର,୨୭।୭ (ସଂଚାର ବ୍ୟୁରୋ):** ସଦର ଥାନା ଅନ୍ତର୍ଗତ କୁମ୍ଭାରପୁର ମଝିସାହିରେ ଜୈନିକା ବିବାହିତ ମହିଳାଙ୍କୁ ଶଶୁର ଘର ଲୋକେ ହତ୍ୟା କରିଥିବା ଅଭିଯୋଗରେ ପୁଲିସ ରବିବାର ଉକ୍ତ ମହିଳାଙ୍କ ସ୍ୱାମୀ ମନୋଜ ପ୍ରଧାନ(୨୨)କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏନେଇ ଏସଆଇ ପ୍ରଫୁଲ୍ଲ କୁମାର ସାହୁ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମେଡ଼ିକାଲରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର କାରଣର ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ସଦର ଥାନା ଉକ୍ତ ସାହିର ତୁଳସୀ ପ୍ରଧାନ(୨୦)କୁ ୨୦୨୩ ମସିହାରେ ମନୋଜ ବିବାହ କରିଥିଲେ । ବିବାହର କିଛି ମାସ ପରେ କୌଣସି କାରଣକୁ ନେଇ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଝଗଡା ଆରମ୍ଭ ହେଲା । ଏପଟେ ମନୋଜ କାମକୁ ନ ଯାଇ ଦିନରାତି ମଦ୍ୟପାନ କରି ଘରକୁ ଆସି ସ୍ତ୍ରୀ ତୁଳସୀ ସହ ଝଗଡ଼ା କରୁଥିଲା। ବର୍ତ୍ତମାନ ୧୫ ମାସର ଗୋଟିଏ ପୁତ୍ର ସନ୍ତାନ ରହିଥିବା ଜଣାପଡ଼ିଛି। ଗତ ୨୫ ତାରିଖ ପୂର୍ବାହ୍ନ ସମୟରେ ଝିଅ ତୁଳସୀ ବେକରେ ଦଉଡି ଦେଇ ଆତ୍ମହତ୍ୟା କରିଥିବା ଖବର ତୁଳସୀଙ୍କ ପରିବା ଲୋକ ଜାଣିବାକୁ ପାଇଥିଲେ। ସ୍ଥାନୀୟ ଲୋକେ ଓ ତୁଲାସୀଙ୍କ ପରିବାର ଲୋକେ ଉଦ୍ଧାର କରି ବଡ଼ ମେଡ଼ିକାଲ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସଦର ଥାନା ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ଶବ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ଗତ କିଛି ବର୍ଷ ହେବ ତୁଳସୀଙ୍କ ଶାଶୂ ଘର ଲୋକେ ତାଙ୍କୁ ଯୌତୁକ ନିର୍ଯ୍ୟାତନା ଦେବା ସହ ମାନସିକ ଓ ଶାରୀରିକ ନିର୍ବାଚନ ଦେଇ ଆସୁଥିଲେ। ଏବେ ତୁଳସୀଙ୍କୁ ଶଶୁର ଘର ଲୋକେ ହତ୍ୟା କରି ଆତ୍ମହତ୍ୟା ରୂପ ଦେଇଥିବା ପୁଲିସ ନିକଟରେ ମୃତ ତୁଳସୀଙ୍କ ଭାଇ ଅଭିଯୋଗ କରିବା ପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ମୃତ ତୁଳସୀଙ୍କ ସ୍ୱାମୀ ମନୋଜକୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଗୁଣିଆ ସନ୍ଦେହରେ ଆକ୍ରମଣ ଅଭିଯୋଗ

**ବ୍ରହ୍ମପୁର,୨୭।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ବ୍ଲକ୍ ବାସୁଦେବପୁର ଗ୍ରାମର କେ.ପଞ୍ଚାନନଙ୍କୁ ଗୁଣିଆ ସନ୍ଦେହରେ ଗ୍ରାମର କେତେକ ଲୋକେ ମାଡ଼ ମାରିଥିବା ଜଣାପଡିଛି। ହାତଗୋଡ଼ ବାନ୍ଧି ନିସ୍ତୁକ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଗ୍ରାମର ଜଣେ ଯୁବତୀଙ୍କ ଦେହ ଖରାପ ହେବାରୁ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ରୋଗ ନିରୂପଣ ନ ହେବାରୁ ତାଙ୍କୁ କେହି ଗୁଣିଆ କରିଥିବା ପରିବାର ଲୋକେ ସନ୍ଦେହ କରିଥିଲେ । ଗାଁ ନିକଟସ୍ଥ ଜଣେ ତନ୍ତ୍ର ସାଧକଙ୍କ ପରାମର୍ଶ କ୍ରମେ ଗ୍ରାମର ଜଣେ ବ୍ୟକ୍ତି ହିଁ ଯୁବତୀଙ୍କୁ ତନ୍ତ୍ର ବିଦ୍ୟା ପ୍ରୟୋଗ କରିଥିବା ସୂଚନା ଦେଇଥିଲେ। ପରେ ପରିବାର ଓ ସମ୍ପର୍କୀୟ ଲୋକେ ପଞ୍ଚାନନଙ୍କୁ ସନ୍ଦେହ କରି ରାତିରେ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି।

## ଭିନ୍ନ ଭିନ୍ନ ଘଟଣାରେ ମହିଳାଙ୍କ ସମେତ ୨ ମୃତ

**ବାରିପଦା,୨୭।୭ (ସଂଚାର ବ୍ୟୁରୋ):** ମୟୁରଭଞ୍ଜ ଜିଲ୍ଲା ବିଶୋଇ ଥାନା ଅନ୍ତର୍ଗତ ମଣଦା ଫାଣ୍ଡି ଅନ୍ତର୍ଗତ ବାଡୁଣିଆ ଗ୍ରାମର ସାପ କାମୁଡାରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ମୃତ ମହିଳା ହେଲେ କୁନି ନାଏକ(୫୫) । ପୁଲିସ ଏକ ଅପମୃତ୍ୟୁ ମାମଲା କେଶ ନମ୍ବର ୧୧/୨୫ ରୁଜୁ କରି ମୃତୁକର ଶବ ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି । ସେହିପରି ରାଇରଙ୍ଗପୁର ଟାଉନଥାନା ଅନ୍ତର୍ଗତ ବଡବାଇକଳା ଗ୍ରାମର ଗୁରୁପ୍ରସାଦ ମହାନ୍ତି (୭୦) ଆଜି ରବିବାର ଦିନ ବିଲକୁ ଚାଷ କାମରେ ଯାଇଥିଲେ। ହଠାତ୍ ବିଲରେ ଟଳି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ତୁରନ୍ତ ରାଇରଙ୍ଗପୁର ହସ୍ପିଟାଲକୁ ଆଣିଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି ।

## ଛଅ ପ୍ରାଣି କୁଟୁମ୍ବ ଧରି ପଲିଥିନି ତଳେ ଦିଜରାଜ
# ଆବାସ ଯୋଜନାରେ ଘର ମିଳିବ କେବେ ?

**କଣାସ,୨୭।୭ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟସରକାର ଦିନ ମଜୁରିଆ ଓ ଗରିବ ଲୋକଙ୍କୁ ଆବାସ ଯୋଜନା ଯୋଗାଇ ଦିଆଯାଉଥିବା ଗଣମାଧମରେ ଡେଙ୍ଗୁରା ପିଟୁଥିବା ବେଳେ ପୁରୀ ଜିଲ୍ଲା କଣାସ ବ୍ଲକ ଗଡ଼ିଶାଗୋଦା ପଞ୍ଚାୟତର ଗଡ଼ିଶାଗୋଦା ଗ୍ରାମର ଦିଜରାଜ ପଲେଇ ଛଅ ପ୍ରାଣି କୁଟୁମ୍ବ ଧରି ପିଲିଥିନି ଛାତ ଓ ବାଉଁଶତାଟି ଘେରା କାଛ ତଳେ ରହୁଥିବା ଦେଖିବାକୁ ମିଳିଛି।



ଦିଜରାଜ ଜଣେ ଦିନମଜୁରିଆ ହୋଇଥିବା ବେଳେ ବାରମ୍ବାର ଆବାସଗୃହ ପାଇଁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କ ନିକଟରେ ଆପତି ଜଣାଇ ନିରାଶ ହୋଇରହିଥିବା ଜଣାପଡ଼ିଛି। ଦିଜରାଜ ଦୀର୍ଘ ୨୦ବର୍ଷ ଧରି ସରପଞ୍ଚ ଓ ଅଧିକାରୀମାନଙ୍କୁ ଜଣାଇ ଆସିଥିଲେ ମଧ କେହି ତାଙ୍କ କଥା କର୍ଣ୍ଣପାତ କରି ନଥିବା କୁହନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମଧୁସୁଦନ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ସେ ପୂର୍ବ ସରପଞ୍ଚମାନଙ୍କୁ ବହୁଥର ଆବାସଗୃହ କରିବା ପାଇଁ ନିବେଦନ କରିଛନ୍ତି। କିନ୍ତୁ କେହି ତାଙ୍କ କଥା ଶୁଣିନାହାନ୍ତି। ମୋତେ ଏବେ କହିବାରୁ ମୁଁ ତାଙ୍କ ନାମ ଗ୍ରାମସଭାରେ ପକାଇଛି।

ସେହିପରି ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁ ଏ ସମ୍ପର୍କରେ ପଚାରିବାରୁ ସେ କୁହନ୍ତି ମୁଁ ତଦନ୍ତ କରିବାକୁ ଯାଇଥିଲେ ଦିଜରାଜ ପରିବାର ଧରି ଜରିପାଲ ତଳେ ରହିଥିବା ଦେଖିବାକୁ ପାଇବା ସହ ତୁରନ୍ତ ତାଙ୍କୁ କିପରି ଆବସଗୃହ ଯୋଗାଇ ଦିଆଯିବ ସେଥିପ୍ରତି ଦୃଷ୍ଟିଦେଇଛି।

## ନଦୀରେ ଭାସିଯାଇ ବୃଦ୍ଧ ନିଖୋଜ



**ମହାକାଳପଡ଼ା,୨୭।୭ (ସଂଚାର ବ୍ୟୁରୋ):** ମହାକାଳପଡା ବ୍ଲକ ପାଟଳିପଙ୍କ ପଞ୍ଚାୟତ ପାଟଳିପଙ୍କ ତଳପଡା ଗ୍ରାମର ମହନି ଚରଣ ବେହେରା (ବୟସ ୮୫) ନଦୀକୁ ଶୌଚ ହେବା ପାଇଁ ଯାଇ ଭାସି ଯାଇଛନ୍ତି। ଆଜି ଅପରାହ୍ନ ୪ ଘଟିକା ସମୟରେ ମହନି ପାଖ ମହାନଦୀକୁ ଶୌଚ ହେବା ପାଇଁ ଯାଇଥିଲେ। ପାଦ ଖସିଯିବାରୁ ପାଣି ସୁଅରେ ଭାସି ଯାଇଛନ୍ତି। ସେ ଘରକୁ ନଫେରିବାରୁ ଘରଲୋକେ ଖୋଜାଖୋଜି କରିଥିଲେ। ତାଙ୍କର ହାତ ବାଡି ଓ ଚପଲ ସେଠାରେ ପଡ଼ିରହିଥିଲା। ଗାଁ ଲୋକେ ଖୋଜା ଖୋଜି କରିବା ସହିତ ମାର୍ଶାଘାଇ ଥାନାକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ମଧ ତାଙ୍କର କୌଣସି ଖବର ମିଳିନାହିଁ।

## ବର୍ଷାଦିନେ ଚାଲିଛି କେନାଲ ସଫା କାମ



**କଣାସ,୨୭।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକର କଣାସ କେନାଲରୁ ଜଳସେଚନ ବିଭାଗ କାର୍ଯ୍ୟାଳୟ ଠାରୁ ବାହାରିଥିବା ବେଣାଗାଁ ମାଇଁନର ଦୀର୍ଘ ବର୍ଷ ହେଲା ପୋତି ହୋଇପଡ଼ିଥିବାରୁ ତଳମୁଣ୍ଡର ଚାଷୀମାନେ ଟୋପାଏ ହେଲେ ପାଣି ପାଉନାହାନ୍ତି। ଶୀତ ଓ ଖରାଦିନ ଗଲା କେନାଲ ସଫେଇ କାର୍ଯ୍ୟ ହୋଇ ନ ଥିଲା। କେନାଲ ପାଖରେ ଯାଇଥିବା ବାସଗୃହର ଲୋକମାନେ କେନାଲରେ ଆବର୍ଯ୍ୟନା ପକାଇବା ଏବଂ କଲିକତିଦଳ ଯୋଗୁଁ କେନାଲ ପୋତି ହୋଇପଡ଼ିଥିବାରୁ ଦଳ ପ୍ରଭାହିତ ନ ହେବାରୁ ଆଜି ଜେସିବି ଯୋଗେ କେନାଲ ମଧ୍ୟରୁ ଦଳ ଓ ଆବର୍ଯ୍ୟନା କଢ଼ାଯାଇ ଟ୍ରାକ୍ଟର ଯୋଗେ ଅନ୍ୟତ୍ର ବୁହାଯାଉଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ କଣାସ ଜଳ ସେଚନ ବିଭାଗ ସହକାରୀ ଯନ୍ତ୍ରୀ ମକରା ବେହେରାଙ୍କୁ ପଚାରିବା ପାଇଁ ଟେଲିଫୋନ୍ ଯୋଗେ ବାରମ୍ବାର ଯୋଗାଯୋଗ କରିଥିଲେ ମଧ ସେ ଶୁଣି ନଥିଲେ। ବାହାର ଏକ ଖବର ମିଳିଲା କଣାସ ପାଣିପଞ୍ଚାୟତ ଗଠନ ପରେ ପାଣି ପଞ୍ଚାୟତର କର୍ମକର୍ତ୍ତା ମାନେ କେନା ସଫା କାର୍ଯ୍ୟ ଜେସିବି ମାଧମରେ କରୁଛନ୍ତି।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମାତୃ ସମ୍ମିଳନୀ

**ଭେଡେନ,୨୭।୭ (ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ଅନ୍ତର୍ଗତ ପପଙ୍ଗା କଲୋନୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପରିଚାଳନା ସମିତିର ଉପସଭାପତି ଲିଙ୍ଗରାଜ ବିଶିଙ୍କ ଅଧକ୍ଷତାରେ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ବତନ ସଂପାଦକ ମନୋରଞ୍ଜନ ମାଝୀ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ସମସ୍ତଙ୍କ ଶୁଭ କାମନା କରି ମାତୃ ମଣ୍ଡଳୀକୁ ମାର୍ଗଦର୍ଶନ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଶଙ୍କର୍ଷଣ ମିଶ୍ର ସ୍ୱାଗତ ଭାଷଣ ଓ ଅତିଥି ଅଧିକାରୀଙ୍କର ପରିଚୟ ପ୍ରଦାନ କରିଥିଲେ। ପରିଚାଳନା ସମିତିର ସଂପାଦକ ଉମାକାନ୍ତ ମେଣ୍ଡଲୀ ମାତୃ ସମ୍ମିଳନୀର ଲକ୍ଷ୍ୟ, ଉଦ୍ଦେଶ୍ୟ ଓ କର୍ତ୍ତବ୍ୟ ବିଷୟ ଉପସ୍ଥାପନ କରିଥିଲେ। କୋଷାଧକ୍ଷ ଆଶିଷ କୁମାର ବେହେରା, ବରିଷ୍ଠ ଗୁରୁଜୀ ଶ୍ରୀମାନ୍ ପ୍ରକାଶ ଚନ୍ଦ୍ର ଦଲେଇ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ସୁଶ୍ରୀ ବୀଣାପାଣି ପଧାନ ସଂଯୋଜନା କରିଥିବା ବେଳେ ପରିଶେଷରେ ପ୍ରକାଶ ଚନ୍ଦ୍ର ଦଲେଇ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୧୦୦ ଜଣ ମା' ଯୋଗଦେଇଥିଲେ।



## ଅଗ୍ନିବିପନ୍ନ ପରିବାରକୁ ସହାୟତା



**ମହାକାଳପଡ଼ା,୨୭।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଅମିରାବାଦ ଗ୍ରାମର କୃଷ୍ଣ ଦାସ (ହାଗୁରା)ଙ୍କୁ ଅଗ୍ନିକାଣ୍ଡ ଜନିତ ସହାୟତା ପ୍ରଦାନ କରିଛନ୍ତି ସ୍ଥାନୀୟ ସରପଞ୍ଚ। ଗତକାଲି ସକାଳ ୭ଟା ପାଖା ପାଖି ସମୟରେ ହଟାତ ନିଆଁ ଲାଗିଯାଇଥିଲା। ନିଆଁରେ ଘରର ଏକ ପାର୍ଶ୍ୱ ଜଳି ନଷ୍ଟ ହୋଇଯାଇଛି। ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଗ୍ରାମବାସୀଙ୍କ ଉଦ୍ୟମରେ ନିଆଁକୁ ଆୟତ୍ତ କରାଯାଇଥିଲା। ଖବର ପାଇ ସ୍ଥାନୀୟ ରାଜସ୍ୱ ନୀରିକ୍ଷକ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ପରଖିବା ପରେ ପାଲ ପ୍ରଦାନ କରିଥିଲେ। ଆଜି ସରପଞ୍ଚ ନିବେଦିତା ଦାସଙ୍କ ସ୍ୱାମୀ କୃଷ୍ଣ ଦାସଙ୍କୁ ଭେଟିବା ସହିତ ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି।

# ଉପକୂଳ ସୁରକ୍ଷାର ସବୁଜ ପ୍ରାଚୀର

● ଗ୍ରାମାଞ୍ଚଳରେ ମହିଳା ଓ କିଶୋରୀମାନଙ୍କ ଦ୍ୱାରା ହେନ୍ତାଳ ବଣ ସମ୍ପର୍କରେ ସଚେତନତା




**କାକଟପୁର/ଅସ୍ତରଙ୍ଗ,୨୭।୭ (ସଂଚାର ବ୍ୟୁରୋ):** ଜଳବାୟୁ ପରିବର୍ତ୍ତନ ପାଇଁ କିଛି ବର୍ଷ ହେବ ପ୍ରାକୃତିକ ବିପର୍ଯ୍ୟୟ (ବାତ୍ୟା, ବନ୍ୟା) ଉପକୂଳବର୍ତ୍ତୀ ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଂଚଳରେ ସହଚର ପାଲଟିଛି। ଏଥିରେ ଧନ ଜୀବନ ପ୍ରଭାବିତ ହେଉଛି। ଏହାର ପ୍ରକୋପରୁ ରୋକିବା ପାଇଁ ହେନ୍ତାଳ ବଣ ସୃଷ୍ଟି ଉପରେ ଗୁରୁତ୍ୱ ଦିଆଯାଉଛି।ତେଣୁ ଏହାର ସୁରକ୍ଷା ସମ୍ପର୍କରେ ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ପ୍ରତିବର୍ଷ ଜୁଲାଇ ୨୬କୁ ଆନ୍ତଜାତୀୟ ହେନ୍ତାଳ ବଣ ସଂରକ୍ଷଣ ଦିବସ ଭାବେ ପାଳନ କରାଯାଉଛି। ଏହି ଅବସରରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ନଗର ଗ୍ରାମ ପଂଚାୟତ ରେ ଆଇ ଜି ଏସ ଏସ ଏସ ସଂସ୍ଥା ତରଫରୁ ଦକ୍ଷିଣ ପନ୍ତାଳ, ବିରୁଡି ପନ୍ତାଳ, ବାଲିପନ୍ତାଳ ଗ୍ରାମର ଲୁଣା ଜଙ୍ଗଲ ସୁରକ୍ଷା କମିଟିର ସଭ୍ୟ,ସଭ୍ୟା ଓ ଗ୍ରାମର ମହିଳା, କିଶୋରୀ ମାନଙ୍କୁ ନେଇ ଲୁଣା ଜଙ୍ଗଲ ସୃଷ୍ଟି ଓ ଏହାର ସୁରକ୍ଷା ଉପରେ ପରିକ୍ରମା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ହେନ୍ତାଳ ବଣର ଉପସ୍ଥିତିରେ ଉପକୂଳ ଅଞ୍ଚଳ ସୁନାମି, ବାତ୍ୟା ପ୍ରତିରୋଧ କରିବା ଶହ ଉପକୂଳ ଅଞ୍ଚଳକୁ ସୁରକ୍ଷା ଯୋଗାଇଦେବାରେ ସବୁଜ ପ୍ରାଚୀର ଭାବେ ଠିଆ ହୋଇଥାଏ। ଜୈବ ବିବିଧତା ଦୃଷ୍ଟି କୋଣରୁ ହେନ୍ତାଳ ଜଙ୍ଗଲ ସମୁଦ୍ରର ଦ୍ୱିତୀୟ ଗୁରୁତ୍ୱ ପୂର୍ଣ୍ଣ ଅଙ୍ଗ। ଏହି ଲୁଣା ଜଙ୍ଗଲ ସୁରକ୍ଷା କମିଟି ମାଧ୍ୟମରେ ୩୫ହଜାରରୁ ଅଧିକ ବୃକ୍ଷ ନଦୀ ବନ୍ଧ ଠାରେ ରୋପଣ କରାଯାଇଛି। ଏହା ଶହ ଶନିବାର ହେନ୍ତାଳ ବୃକ୍ଷ ମଧ ରୋପଣ ହୋଇଛି।

## 'ଦି ସେବକ ସଂଗଠନ' ପକ୍ଷରୁ ଅଗ୍ନିବିପନ୍ନଙ୍କୁ ସହାୟତା



**କାକଟପୁର/ଅସ୍ତରଙ୍ଗ,୨୭।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ଶିଶୁଅ ପଂଚାୟତ ଉଦୟକଣି ଗ୍ରାମର ୫ନମ୍ବର ୱାର୍ଡର କପିଳେନ୍ଦ୍ର କାଣ୍ଡିଙ୍କ ପରିବାର ଶୋଇଥିବା ବେଳେ କୌଣସି କାରଣ ବଶତଃ ଶନିବାର ବିଳମ୍ବିତ ରାତ୍ରରେ ଅଗ୍ନିକାଣ୍ଡ ଘଟି କ୍ଷଣିକ ମଧରେ ସବୁ ଜଳି ପୋଡି ପାଉଁଶ ହୋଇଯାଇଥିଲା। ଏମିତି କି କୋଣାର୍କ ଅଗ୍ନିଶମ ଗାଡି ନିଆଁକୁ ଆୟତ୍ତ କରିଥିଲେ ମଧ କିନ୍ତୁ ସବୁ ଜଳି ନିଆଁରେ ଭସ୍ମିଭୂତ ହୋଇଯାଇଥିଲା। ଏମିତିକି ଝିଅ ବାହାଘର ପାଇଁ ରଖିଥିବା ସୁନା ଅଳଙ୍କାର ସମେତ ଘରେ ଥିବା ବର୍ଷକର ଆହର, ଗୁରୁତ୍ୱ ପୂର୍ଣ୍ଣ କାଗଜ ପତ୍ର, ସ୍କୁଟି, ସାଇକେଲ ସମେତ ସମସ୍ତ ଜିନିଷ ପୋଡି ପାଉଁଶ ହୋଇଯାଇଛି। ଖବର ପ୍ରକାଶିତ ପରେ ଯେଉଁଠି ପ୍ରଶାସନ ତରଫରୁ କେବଳ ପାଲ ଖଣ୍ଡେ ମିଳିଛି। କିନ୍ତୁ ସେପୁରୀ ଜିଲ୍ଲାର ଗୋପ ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ "ଦି ସେବକ ସଂଗଠନ" ତରଫରୁ ସଭାପତି ଆଲୋକ ଜେନା, ସାଥି ପୁପୁନା ମଲ୍ଲିକ, ପ୍ରଦୀପ୍ତ କାଣ୍ଡି, ପିଙ୍କୁ କାଣ୍ଡି ସମେତ ଅନ୍ୟ ସଦସ୍ୟ ଅଗ୍ନି ବିପନ୍ନ ଙ୍କ ଘରେ ପହଂଚି ପାଲ, ପରିବାର ସଦସ୍ୟଙ୍କ ପାଇଁ ବସ୍ତ୍ର, ମାସକ ପାଇଁ ରାସନ ସାମଗ୍ରୀ ଓ ଅର୍ଥରାଶି ସହାୟତା ପ୍ରଦାନ କରିଥିଲେ। ଯେଉଁମାନେ ଅନ୍ୟ ମାନଙ୍କ ଦୁଃଖ ଦେଖିଲେ ସେମାନଙ୍କ ଆଖିରୁ ଲୁହ ଝରିପଡ଼େ ସେ ହେଉଛି 'ଦି ସେବକ ସଂଗଠନ'ର କର୍ମକତାମାନେ। ଲୋକ ମାନଙ୍କ ସେବା ପାଇଁ ଅହରହ ଉଦ୍ୟମ ଜାରି ରଖିଛନ୍ତି।

## ସାକ୍ଷୀଙ୍କୁ ଧମକ ; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୨୭।୭ (ସଂଚାର ବ୍ୟୁରୋ):** ହତ୍ୟା ମାମଲାର ଜଣେ ସାକ୍ଷୀକୁ ଧମକ ଦେବା ଅଭିଯୋଗରେ ସଦର ଥାନା ପୁଲିସ ଦକ୍ଷିଣପୁର ଗ୍ରାମର ରାମକୃଷ୍ଣ ନାହାକ ଓରଫ ବୁଲୁ (୩୮)କୁ ଗିରଫ କରିଛି। ସୂଚନାପ୍ରକାରେ, ଗତବର୍ଷ ସେପ୍ଟେମ୍ବରରେ ଲାଞ୍ଜିଆ ଗ୍ରାମର ଶିବାଶିଷ ଚୌଧୁରୀକୁ ହତ୍ୟା କରାଯାଇଥିଲା। ଏହି ମାମଲାରେ ପୁଲିସ ଏକାଧିକ ଅଭିଯୁକ୍ତଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଥିଲା। ଏହି ମାମଲାରେ ଅଭିଯୁକ୍ତ ବୁଲୁକୁ ମଧ ପୁଲିସ ଅଭିଯୁକ୍ତ ଦର୍ଶାଇଥିଲା। ଶିବା ହତ୍ୟା ମାମଲାରେ ସାଗର ମହାଙ୍କୁଡ ନାମକ ଜଣେ ଯୁବକ ସାକ୍ଷୀ ରହିଥିଲେ। ସେହିକ୍ରମରେ ଅଭିଯୁକ୍ତ ବୁଲୁ ଜେଲରୁ ଜାମିନରେ ବୁକୁଳିବା ପରେ ସାଗରଙ୍କୁ ଧମକ ଦେଇଥିଲା ।

## ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବୈଠକ
# ଆନ୍ଦୋଳନ ପାଇଁ ମିଳିତ ମଞ୍ଚର ସଜବାଜ

**ନୟାଗଡ଼,୨୭।୭ (ସଂଚାର ବ୍ୟୁରୋ):** ନୟାଗଡ ବଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ବୈଠକ ଅନୁଷ୍ଠିତ ହୋଇଯାଇଛି । ଅଲୋଷ୍ଟାର ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱ ଆୟୋଜିତ ବୈଠକରେ ନୟାଗଡ଼ ଜିଲ୍ଲା ଓଷ୍ଟାର ସମ୍ପାଦକ ମାନସ କୁମାର ସାହୁ ବୈଠକର ଆଭିମୁଖ୍ୟ ଜଣାଇବା ପରେ ଶିକ୍ଷକ କର୍ମଚାରୀମାନେ ନିଜ ନିଜର ମତବ୍ୟକ୍ତ କରି ସରକାରଙ୍କ କାଳକ୍ଷେପଣ ତଥା ମାରଣା ନୀତି ପାଇଁ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସଂଗଠନର ବିଚାରଧାରା ଏବଂ ଆଦର୍ଶ ନେତୃତ୍ୱକୁ ପୁଞ୍ଜିକରି




ଆଗାମୀ ଆନ୍ଦୋଳନ ପାଇଁ ପ୍ରସ୍ତୁତି ପର୍ବ ଉପରେ ଆଲୋଚନା କରିଥିଲେ । ରାଜ୍ୟ ନେତୃତ୍ୱ ବିନାୟକ ପରିଡ଼ା, ଅଲୋଷ୍ଟାର ରାଜ୍ୟ ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ, ସଂଗଠନର ଏକତା ଆନ୍ଦୋଳନର ପନ୍ଥା ଉପରେ ଆଲୋଚନା କରିଥିଲେ । ଓଷ୍ଟାର ସଭାପତି ଅଯୋଧା ନାଥ ନାୟକ, ଯୁଗ୍ମ ସମ୍ପାଦକ ପରମାନନ୍ଦ ଦଳେଇ, ବ୍ଲକ ସମ୍ପାଦକ ପ୍ରଭାକର ମିଶ୍ର, ଅଭିମନ୍ୟୁ ମହାନ୍ତି, ଭଗବାନ ସାହୁ ମିଳିତ ମଞ୍ଚର ଦାବୀ ଗୁଡିକ ଆଲୋଚନା କରି ଆସନ୍ତା ଅଗଷ୍ଟ ୨ତାରିଖ ଦିନ ମଣ୍ଡଳ ଶିକ୍ଷା ଅଧିକାରୀ ଏବଂ ଅଗଷ୍ଟ ୮ତାରିଖ ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ପ୍ରତିବାଦ ସଭା ଏବଂ ମାନ୍ୟବର ଶିକ୍ଷ୍ୟା ମନ୍ତ୍ରୀ, ଆଇନ୍ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଅଗଷ୍ଟ ୧୬ରେ ଦାବି ଦିବସରେ ଭୁବନେଶ୍ୱର ବିଧାନସଭା ସମ୍ମୁଖରେ ଏକ ବିଶାଳ ରାଲି ଓ ସମାବେଶରେ ଯୋଗ ଦେବା ପାଇଁ ନିଷ୍ପତ୍ତି ନିଆଯାଇଛି ।

# ବନ୍ୟା ଦୁର୍ଦ୍ଦଶା ବାଲିଆପାଳବାସୀଙ୍କ ପିଛା ଛାଡୁନି

## ଦେଢ଼ମାସ ଭିତରେ ପଞ୍ଚମ ବନ୍ୟା

**ବାଲିଆପାଳ,୨୭।୭ (ସଂଚାର ବ୍ୟୁରୋ):** ଦେଢ ମାସ ଭିତରେ ସୁବର୍ଣ୍ଣରେଖା ନଦୀରେ ପୁଣି ଥରେ ପଞ୍ଚମ ଥର ପାଇଁ ବନ୍ୟା ଆସିଛି। ସତେ ଯେମିତି ବନ୍ୟା ଦୁର୍ଦ୍ଦଶା ବାଲିଆପାଳ ବାସିଙ୍କ ପିଛା ଛାଡ଼ିବାର ନାଁ ନେଉନାହିଁ। ଗାଲୁଡିହ ବ୍ୟାରେଜରୁ ୩୭୩୭.୮୩ କ୍ୟୁସେକ ବନ୍ୟାଜଳ ନିଷ୍କାସନ ହେବା ଫଳରେର ସୁବର୍ଣ୍ଣରେଖା ନଦୀର ତଳ ମୁଣ୍ଡରେ ଥିବା ବାଲିଆପାଳ ବ୍ଲକରେ ବନ୍ୟା ବିପ୍ଳାତ ଦେଖିବାକୁ ମିଳିଛି। ରାଜଘାଟ ଠାରେ ଏହି ନଦୀର ଜଳ ପତ୍ତନ ଏହାର ବିପଦ ସଙ୍କେତ ୧୦.୩୬ ମିଟର ଉପରେ ପ୍ରବାହିତ ହୋଇ ସଂନ୍ଧ୍ୟା ୭ଟା ସୁଦ୍ଧା ୧୧.୨୨ ମିଟରରେ ପ୍ରବାହିତ ହେଉଛି। ତେବେ ଜଳ ପତ୍ତନ କ୍ରମାଗତ ବୃଦ୍ଧି ପାଉଥିବାରୁ ଏହା ଚଳିତ ବର୍ଷର ସବୁଠାରୁ ବଡ ବନ୍ୟା ହୋଇପାରେ ବୋଲି ପୂର୍ବନୁମାନ କରାଯାଉଛି।



ଆଜି ସକାଳ ଠାରୁ ବନ୍ୟା ଜଳ କୂଳ ଲଂଘି ଗାଁ ଗଣ୍ଡା ରାସ୍ତା ଘାଟରେ ପ୍ରବେଶ କରିଛି। ଏହାର ପ୍ରଭାବରେ ବାଲିଆପାଳ ବ୍ଲକର ୮ଟି ପଞ୍ଚାୟତର ୩୦ରୁ ଉର୍ଦ୍ଧ୍ୱ ଗ୍ରାମରେ ପ୍ରବେଶ କରିଛି। ଅସ୍ତି, ନିଖିରା, ବିଷ୍ଣୁପୁର, ବାଲିଆପା, ଜାମକୁଣ୍ଡା, ମଧୁପୁରା, କୁମ୍ଭାରୀ, ଘଣ୍ଟୁଆ ପ୍ରଭୃତି ପଞ୍ଚାୟତର ଚଡପାଳ ପଡା, ତଳ ଧାନଦା, ଚଡବଢ଼ାପାଳ, ପାଳଚମ୍ପେଇ, ଛୋଟଖାନପୁର, ସୂର୍ଯ୍ୟାପୁର, ରାଉତୁରାପୁର, କୁଦମାନସିଂ, କୁଦମାନସିଂ ଚଡ, ମନୁନଗର, ସୁଙ୍ଘମୁହଁ, ତଳ ବାଲିଆପାଳ, ରାମନଗର-ରସଲପୁର, ବିଷ୍ଣୁପୁର ଚଡସାହି ନୟାବାଲି, ଇକଡପାଳ, ଚଡଉର୍ଦ୍ଧ୍ୱରିକୁଦ, ଚଡବସ୍ତ କାଳରୁହି, ତାଳପଦା, କୁହ୍ଲାଚଡ, ନଖପାଳ, ପ୍ରଭୃତି ଗ୍ରାମ ପାଣି ଘେରରେ ରହିଛି। ପାଳପଡା-ଚଡ ପାଳପଡା, ପାରୁଳିଆ-ପାଳ ଚମ୍ପେଇ, ପଞ୍ଚୁରୁଖି-ଚଡଉର୍ଦ୍ଧ୍ୱରିକୁଦ, ଜାମକୁଣ୍ଡା-ତାଳପଦା, ଜାମକୁଣ୍ଡା-କୁହ୍ଲାଚଡ, ଜାମକୁଣ୍ଡା-ନୟାବାଲି, ବାଲିଆପାଳ-ବିଷ୍ଣୁପୁର ପ୍ରଭୃତି ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଏହିସବୁ ସ୍ଥାନରେ ଲୋକମାନେ ବିପଦ ଶଙ୍କୁଳ ଅବସ୍ଥାରେ ପାଣିରେ ପ୍ରବେଶ କରି ଯାତାୟତ କରୁଥିବା ଦେଖିବାକୁ ମିଳିଛି।

ଉଦ୍ଧାର କାର୍ଯ୍ୟ ପାଇଁ ବାଲିଆପାଳରେ ୨ଟି ଓଡ୍ରାଫ ଟିମ ପହଂଚିଛି। ଆଜି ଏଡିଏମ ରେଭିନ୍ୟୁ ହେମନ୍ତ କୁମାର ସିଂ, ଜଳ ସମ୍ପଦ ବିଭାଗର ସୁବନୟର୍ଣରେଖା ବେସିନର ମୁଖ୍ୟ ଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ, ବିଡିଓ ରାଧାରଞ୍ଜନ ଦାସ, ତହସିଲଦାର ଜ୍ୟୋତ୍ସ୍ନାରାଣୀ ନାୟକ ପ୍ରମୁଖ ବନ୍ୟା ଅଞ୍ଚଳ ପରିଦର୍ଶନ କରିବା ସହ ସ୍ଥିତିର ସମୀକ୍ଷା କରିଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟାର ମୁକାବିଲା ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତ ଥିବା କହିବା ସହ ଜଳସମ୍ପଦ ବିଭାଗ ପକ୍ଷରୁ ନଦୀ ବନ୍ଧରେ ରାତ୍ରୀ ପେଟ୍ରୋଲିଙ୍ଗ ସହ ବାଉଁଶ, ବାଲିବସ୍ତା ମହଜୁଦ ରଖାଯାଇଥିବା ସୂଚନା ଦିଆଯାଇଛି। ତେବେ ବନ୍ୟା ସମୟରେ ପାନୀୟ ଜଳ ଲୋକଙ୍କ ପ୍ରମୁଖ ସମସ୍ୟା ପାଲଟିଥିବା ବେଳେ ବିଦ୍ୟୁତ କାଟ ଯୋଗୁଁ ଲୋକେ ପିଇବା ପାଣି ପାଇ ପାରୁନାହାନ୍ତି।

ତେବେ ଲଗାତାର ଦେଢ଼ମାସ ଧରି ବନ୍ୟା ଯନ୍ତ୍ରଣାରେ ଛଟପଟ ହେଉଥିବା ବେଳେ ପ୍ରଶାସନ ପକ୍ଷରୁ ଘୋଷଣା ହୋଇଥିବା ୭ ଦିନର ରିଲିଫ ମଧ ଅଦ୍ୟାବଧି ସମସ୍ତଙ୍କ ପାଖରେ ପହଂଚି ନପାରିବା ପ୍ରଶାସନର ପାରିବା ପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ପ୍ରତିଦିନ କେତେ ବାଟ ଚାଲିବା ଦରକାର ?



ଚାଲିବା ଦେହ ପାଇଁ ଭଲ। ଡାକ୍ତର ବି ଚାଲିବା ପାଇଁ ସବୁବେଳେ ପରାମର୍ଶ ଦିଅନ୍ତି। ସୁସ୍ଥ ରହିବା ପାଇଁ ଦୈନିକ ଚାଲିବା ଆମ ପାଇଁ ଜରୁରୀ। ଏକଥା ଆମେ ସବୁବେଳେ ଶୁଣି ଆସିଛୁ ଆଉ ଜାଣିଛୁ ମଧ୍ୟ। ହେଲେ କେବେ ଅନେକ ସମୟରେ ଅଳସୁଆମି ପାଇଁ ଚାଲିବା ପାଇଁ ଅନେକ ଇଚ୍ଛା ପ୍ରକାଶ କରନ୍ତିନି। ମାତ୍ର ଦୈନିକ କେତେ ବାଟ ଚାଲିବା ଜରୁରୀ ଏ ପ୍ରଶ୍ନ ସବୁବେଳେ ଆମ ମନକୁ ଆସେ.. ଜଣେ ସୁସ୍ଥ ରହିବା ପାଇଁ କେତେ ଚାଲିବା ଦରକାର, ଆସନ୍ତୁ ଜାଣିବା... ପ୍ରତ୍ୟକ ଦିନ ୧୦ ହଜାର ଷ୍ଟେପ୍ ଚାଲିବା ଜରୁରୀ କି ? କଣ କହୁଛନ୍ତି ବୈଜ୍ଞାନିକ ? ଅନେକ ଦିନ ଧରି ଏକ ଧାରଣା ରହିଆସିଛି ଯେ ସୁସ୍ଥ ରହିବା ପାଇଁ ଦୈନିକ ୧୦,୦୦୦ ଷ୍ଟେପ୍ ଚାଲିବା ଆବଶ୍ୟକ। କିନ୍ତୁ, ନିକଟରେ ହୋଇଥିବା ନୂଆ ଅଧ୍ୟୟନରୁ ଏହି ଧାରଣାକୁ ପରିବର୍ତ୍ତନ କରାଯାଇଛି। ବୈଜ୍ଞାନିକମାନଙ୍କ ମତରେ, ସୁସ୍ଥ ରହିବା ପାଇଁ ୧୦,୦୦୦ ଷ୍ଟେପ୍ ଚାଲିବା ବାଧ୍ୟତାମୂଳକ ନୁହେଁ, ଏହା ଠାରୁ କମ୍ ପାଦ ଚାଲିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଅନେକ ଫାଇଦା ମିଳିପାରି । ଯଦି ଆମେ ୧୦ ହଜାର ନଚାଲି ୭ ହଜାର ଚାଲୁଛନ୍ତି ହାର୍ଟ ଡିଜିଜ୍, ଡିପ୍ରେସନ ଏବଂ ଡାଇବେଟିସ୍ ର ବିପଦ ଅଧା କମି ଯାଇଥାଏ। ନିକଟରେ "ଦି ଲାନସେଟ୍ ପବ୍ଲିକ୍ ହେଲ୍ଥ" ପତ୍ରିକାରେ ପ୍ରକାଶିତ ଏକ ବଡ଼ ଧରଣର ଅଧ୍ୟୟନ ଅନୁଯାୟୀ, ଦୈନିକ ୭,୦୦୦ ପାଦ ଚାଲିବା ଦ୍ୱାରା ମଧ୍ୟ ସ୍ୱାସ୍ଥ୍ୟରେ ଯଥେଷ୍ଟ ଉନ୍ନତି ଆସିଥାଏ। ଯେଉଁମାନେ ଦୈନିକ ପ୍ରାୟ ୨ହଜାର ପାଦ ଚାଲନ୍ତି, ସେମାନଙ୍କ ତୁଳନାରେ ୭,୦୦୦ ପାଦ ଚାଲୁଥିବା ବ୍ୟକ୍ତିଙ୍କ କ୍ଷେତ୍ରରେ ନିମ୍ନଲିଖିତ ସୁଫଳ ଦେଖିବାକୁ ମିଳିଥିଲା:

- ଅକାଳ ମୃତ୍ୟୁର ଆଶଙ୍କା ୪୭% କମ୍
- ହୃଦରୋଗର ଆଶଙ୍କା ୨୫% କମ୍
- ଡିମେନ୍ସିଆ (ସ୍ମୃତିଶକ୍ତି ହ୍ରାସ) ଆଶଙ୍କା ୩୮% କମ୍
- ଡିପ୍ରେସନ ବା ଅବସାଦର ଆଶଙ୍କା ୨୨% କମ୍
- ଏପରିକି ଯେଉଁମାନେ ଦୈନିକ ୨,୦୦୦ ପାଦରୁ ବଢ଼ାଇ ୪,୦୦୦ ପାଦ ଚାଲନ୍ତି, ସେମାନଙ୍କ କ୍ଷେତ୍ରରେ ମଧ୍ୟ ଅକାଳ ମୃତ୍ୟୁର ଆଶଙ୍କା ୩୬% ପର୍ଯ୍ୟନ୍ତ କମିଯାଏ। ବିଶେଷଜ୍ଞଙ୍କ ମତରେ, ଚାଲିବାର ଲକ୍ଷ୍ୟ ବୟସ ଅନୁସାରେ ଭିନ୍ନ ହୋଇପାରେ। ୬୦ ବର୍ଷରୁ କମ୍ ବୟସ୍କ ବ୍ୟକ୍ତି: ସର୍ବାଧିକ ସ୍ୱାସ୍ଥ୍ୟ ଲାଭ ପାଇଁ ଦୈନିକ ୮,୦୦୦ରୁ ୧୦,୦୦୦ ପାଦ ଚାଲିବା ଉଚିତ୍। ୬୦ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି: ଏହି ବୟସରେ ଦୈନିକ ୬,୦୦୦ରୁ ୮,୦୦୦ ପାଦ ଚାଲିଲେ ମଧ୍ୟ ସମାନ ସୁଫଳ ମିଳିଥାଏ।

## ନିୟମିତ ଚାଲିବାରେ କଣ ଲାଭ ମିଳେ ?

- ମାଂସପେଶୀ ଓ ଗଣ୍ଠି ସୁସ୍ଥ ରହେ: ଚାଲିବା ଦ୍ୱାରା ମାଂସପେଶୀ ଶକ୍ତ ହୁଏ ଏବଂ ଗଣ୍ଠିଗୁଡ଼ିକ ସଚଳ ରହେ
- ରକ୍ତ ସଞ୍ଚାଳନରେ ଉନ୍ନତି: ନିୟମିତ ଚାଲିଲେ ହୃତ୍‌ପିଣ୍ଡ ସୁସ୍ଥ ରହେ ଏବଂ ଶରୀରରେ ରକ୍ତ ସଞ୍ଚାଳନ ଭଲ ଭାବରେ ହୋଇଥାଏ
- ମାନସିକ ସ୍ୱାସ୍ଥ୍ୟ: ଚାଲିବା ଦ୍ୱାରା ମୁଡ୍ ଭଲ ରହେ ଏବଂ ଚିନ୍ତା ଓ ଅବସାଦ କମିଥାଏ।
- ଓଜନ ନିୟନ୍ତ୍ରଣ: ଦ୍ରୁତ ଗତିରେ ଚାଲିବା ଦ୍ୱାରା କ୍ୟାଲୋରୀ ବର୍ଣ୍ଣ ହୁଏ, ଯାହା ଓଜନ ନିୟନ୍ତ୍ରଣରେ ସହାୟକ ହୋଇଥାଏ। ଯଦି ଆପଣ ଦୈନିକ ୧୦,୦୦୦ ପାଦ ଚାଲିପାରୁ ନାହାନ୍ତି, ତେବେ ଚିନ୍ତା କରିବାର କୌଣସି କାରଣ ନାହିଁ। ଆପଣଙ୍କ ଲକ୍ଷ୍ୟ ୭,୦୦୦ ରୁ ୮,୦୦୦ ପାଦ ଚାଲିବା ମଧ୍ୟରେ ରଖିପାରିବେ। ଯଦି ଆପଣ ପୂର୍ବରୁ ଅଧିକ ଚାଲୁନାହାନ୍ତି, ତେବେ ଧୀରେ ଧୀରେ ଆରମ୍ଭ କରନ୍ତୁ। ପ୍ରତିଦିନ କିଛି ଅଧିକ ପାଦ ଚାଲିବାକୁ ଚେଷ୍ଟା କରନ୍ତୁ। ମନେରଖନ୍ତୁ, କିଛି ନ କରିବା ଅପେକ୍ଷା କିଛି ଚାଲିବା ସବୁବେଳେ ଭଲ।



# ଉଚ୍ଚ ରକ୍ତଚାପ ରୋଗୀ ଚିନ୍ତିତ କି ?

ରକ୍ତଚାପ ଆଜିକାଲି ସମୟର ଏକ ସାଧାରଣ ସମସ୍ୟା ପାଲଟି ଗଲାଣି। ଅଧାରୁ ଅଧିକା ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରକ୍ତଚାପର ଗୁଡ଼ାଏ କାରଣ ରହିଛି। ଜିନ୍, ପରିବେଶ, ଅନ୍ତର୍ନିହିତ ସ୍ୱାସ୍ଥ୍ୟ ସମସ୍ୟା, ହରମୋନ୍ ଅସନ୍ତୁଳନ ଏବଂ ଶାରୀରିକ ନିଷ୍କ୍ରିୟତା ସହିତ ଅନେକ କିଛି ଉଚ୍ଚ ରକ୍ତଚାପର କାରଣ ବନିଥାନ୍ତି। ଛାତି ଯନ୍ତ୍ରଣା, ମୁଣ୍ଡବିନ୍ଧା, ଛୋଟ ନିଶ୍ୱାସ ଆଦି ରକ୍ତଚାପର ଲକ୍ଷଣ ହୋଇଥାଏ। ଆପଣ ଜାଣିଥିବେ ନିଶ୍ଚୟ ଯେ ଉଚ୍ଚ ରକ୍ତଚାପ ଥିବା ବ୍ୟକ୍ତିଙ୍କ ପାଇଁ ଜୀବନ ଏକ ପାଣି ଫୋଟକା ପରି। ଏଥିପାଇଁ ଏମାନଙ୍କୁ ଅଧିକ ସଚେତନ ହେବାକୁ ପଡ଼ିଥାଏ। ଉଚ୍ଚ ରକ୍ତଚାପର ମୁକାବିଲା ପାଇଁ ସୁସ୍ଥ ଖାଦ୍ୟ ସହିତ ଏକ ସୁସ୍ଥ ଜୀବନଶୈଳୀର ଆବଶ୍ୟକତା ରହିଛି। ପନିପରିବା, ଫଳ, ପ୍ରୋଟିନ୍ ଏବଂ ଶସ୍ୟ ଅନ୍ତର୍ଭୁକ୍ତ ଖାଦ୍ୟ ଖାଇଲେ ରକ୍ତଚାପକୁ ନିୟନ୍ତ୍ରଣରେ ରଖାଯାଇପାରେ। ଯଦି ଆପଣଙ୍କର ମଦ୍ୟପାନ, ଧୂମପାନ କିମ୍ବା ଅନ୍ୟ କୌଣସି ନିଶା ଅଭ୍ୟାସ ଅଛି ତେବେ ଆପଣଙ୍କୁ ଏହାକୁ ସଂପୂର୍ଣ୍ଣ ରୂପେ ଛାଡ଼ିବାକୁ ହେବ। ନିଶା ସେବନ ରକ୍ତଚାପର ଏକ ପ୍ରମୁଖ କାରଣ ହୋଇଥାଏ। ମାନସିକ ଚାପ ମଧ୍ୟ ରକ୍ତଚାପର କାରଣ ହୋଇଥାଏ। ଯେତେ ପାରୁଛନ୍ତି ଚିନ୍ତା କରିବା ତ୍ୟାଗ କରନ୍ତୁ। ଯେତେ ଅଧିକ ଚିନ୍ତା କରିବେ ସେତେ ଅଧିକ ଦୁର୍ବଳ ହୋଇପଡ଼ିବେ। ନିୟମିତ ବ୍ୟାୟାମ କରିବା ଦ୍ୱାରା ମଧ ରକ୍ତଚାପକୁ ନିୟନ୍ତ୍ରଣରେ ରଖା ଯାଇପାରେ। ଆପଣ ସୁସ୍ଥ ରହିବାକୁ ଚାହୁଁଥିଲେ ବ୍ୟାୟାମକୁ ଆପଣଙ୍କ ନିତିଦିନିଆ କାର୍ଯ୍ୟ ତାଲିକାରେ ସାମିଲ୍ କରନ୍ତୁ।



# ରସୁଣ ତେଲର ଜବରଦସ୍ତ ଫାଇଦା

ସୁସ୍ଥ ଜୀବନ ପାଇଁ କିଏ ବା ନଚାହେଁ। ବର୍ତ୍ତମାନ ସମୟରେ ସୁସ୍ଥ ରହିବାକୁ ମଣିଷମାନେ ଅନେକ କିଛି କରିଥାନ୍ତି। କିଏ ଜିମ୍ ଯାଆନ୍ତି ତ ପୁଣି କିଏ ମର୍ଣ୍ଣିଂ ୱାକ୍ କରନ୍ତି ତ ପୁଣି ଆଉ କିଏ କିଏ ଫିଟ୍ ରହିବାକୁ ଡାଏଟ୍ କରନ୍ତି। ରୋଷେଇ ଘରେ ଆମେ ଅନେକ ସମୟରେ ଅନେକ ଜିନିଷ ବ୍ୟବହାର କରିଥାଉ। ଯାହା କେବଳ ଖାଦ୍ୟର ସ୍ୱାଦକୁ ବଢାଇ ନଥାଏ ବରଂ ସୁସ୍ଥ ଶରୀର ଗଠନ କରିବାରେ ସାହାଯ୍ୟ କରିଥାଏ। ସେଥି ମଧ୍ୟରୁ ରସୁଣ ଅନ୍ୟତମ। ଯାହାକୁ ମହୋଷଧି ଭାବେ ବିବେଚନା କରାଯାଏ। ରସୁଣରେ ଅନେକ ଉପକାରୀ ତତ୍ତ୍ୱ ଭରପୁର ମାତ୍ରାରେ ଥାଏ। ଯାହା ଅନେକ ରୋଗଠାରୁ ମୁକ୍ତି ଦେଇଥାଏ। ସେହିପରି ରସୁଣ ତେଲ ମଧ ଶରୀର ପାଇଁ ପ୍ରଭାବଶଳୀ ବୋଲି ପ୍ରମାଣିତ ହୋଇଛି। ତେବେ ଆସନ୍ତୁ ରସୁଣ ତେଲର ଲାଭ, ପ୍ରସ୍ତୁତି ପଦ୍ଧତି ଏବଂ ଏହାର ବ୍ୟବହାର ସମ୍ପର୍କରେ ଜାଣିବା। ହାଡ଼ ସମସ୍ୟାକୁ ନେଇ ଚିନ୍ତାରେ ରହୁଛନ୍ତି କି? ତେବେ ଆଜି ଆମେ ଆପଣଙ୍କୁ ସମସ୍ୟା ସମାଧାନର ଉପାୟ ବତାଇବୁ। ବୟସ ବଢ଼ିବା ସହିତ ହାଡ଼ ମଧ ଧୀରେ ଧୀରେ ଦୁର୍ବଳ ହୋଇଯାଇଥାଏ। ଏପରି ପରିସ୍ଥିତିରେ ରସୁଣ ତେଲ ନିୟମିତ ବ୍ୟବହାର କରନ୍ତୁ। ଏହା ମାଲିସ୍ କରିବା ଦ୍ୱାରା ହାଡ଼କୁ ମଜବୁତ କରିବାରେ ସହାୟକ କରିଥାଏ। ଆପଣ ଏହି ତେଲକୁ ଆଣ୍ଠୁ, ଅଣ୍ଟା, ପିଠି, ବେକ, ହାତ ଏବଂ ଗୋଡ଼ ଯନ୍ତ୍ରଣା ସମୟରେ ଏହି ତେଲକୁ ବ୍ୟବହାର କରିପାରିବେ। ଏହି ତେଲ ଉଭୟ ପୁରୁଷ ଏବଂ ମହିଳାଙ୍କ ପାଇଁ ଉପଯୋଗୀ। ରସୁଣର ଗରମ ପ୍ରଭାବ ଥାଏ। ଥଣ୍ଡା ପାଗରେ କିମ୍ବା ଶରୀରରେ ଥଣ୍ଡା ଲାଗିଲେ, ରସୁଣ ତେଲରେ ମାଲିସ କରିବା ଦ୍ୱାରା ଶରୀରକୁ ଭିତରୁ ଉଷ୍ମତା ମିଳିଥାଏ ଏବଂ ଥଣ୍ଡାରୁ ରକ୍ଷା ମିଳିଥାଏ। ଯଦି ଆପଣ ଡ୍ୟାଣ୍ଡ୍ରଫ୍ ସମସ୍ୟାରେ ରହିଛନ୍ତି ଏହି ରସୁଣ ତେଲ ଆପଣଙ୍କ ପାଇଁ ବେଷ୍ଟ ହୋମ୍ ରିମେଡି ରହିବ। ଯାହା ଡ୍ୟାଣ୍ଡ୍ରଫ୍ ଭଳି ସମସ୍ୟାଠାରୁ ଦୂରରେ ରଖେ। ଏହା ଆମ କେଶ ପାଇଁ ଲାଭକାରୀ ହୋଇଥାଏ। ତେବେ ଆସନ୍ତୁ କିପରି ତିଆରି କରିବେ ଏବଂ ବ୍ୟବହାର କରିବେ ସେ ସମ୍ପର୍କରେ ଆମେ ଜାଣିବା। ଘରେ ଏହି ତେଲ ତିଆରି କରିବା ବହୁତ ସହଜ। ଏଥିପାଇଁ ୫-୭ ଟି ରସୁଣ କୋଳା ନିଅନ୍ତୁ। ସେଗୁଡ଼ିକୁ ଛଡ଼ାଇ ଦିଅନ୍ତୁ ଏବଂ ତାକୁ ଭଲ ଭାବରେ କାଟି କିମ୍ବା ପେଷି ଦିଅନ୍ତୁ। ଏକ ପ୍ୟାନରେ କିଛି ସୋରିଷ ତେଲ ଗରମ କରି ସେଥିରେ ରସୁଣକୁ ପକାନ୍ତୁ। ଏହା ପରେ ତାକୁ ୨-୩ ମିନିଟ୍ ପର୍ଯ୍ୟନ୍ତ କମ୍ ଆଞ୍ଚରେ ରାନ୍ଧନ୍ତୁ। ରସୁଣ ସୁନେଲି ରଙ୍ଗ ହୋଇଗଲେ, ଗ୍ୟାସ୍ ବନ୍ଦ କରିଦିଅନ୍ତୁ। ତେଲକୁ ଥଣ୍ଡା କରନ୍ତୁ ଏବଂ ଆବଶ୍ୟକତା ଅନୁସାରେ ହାଲୁକା ଗରମ କରି ବ୍ୟବହାର କରନ୍ତୁ। ଏହି ତେଲକୁ କୌଣସି ଏକ ଡ଼ବାରେ ମଧ ଆପଣ ଷ୍ଟୋର କରି ରଖିପାରିବେ। ତେଲକୁ ସାମାନ୍ୟ ଗରମ କରନ୍ତୁ ଏବଂ ଏହାକୁ ପ୍ରଭାବିତ ସ୍ଥାନରେ ଦିନକୁ ଦୁଇରୁ ତିନିଥର ଧୀରେ ଧୀରେ ମାଲିସ କରନ୍ତୁ। କିଛି ଦିନ ନିୟମିତ ବ୍ୟବହାର କଲେ ଯନ୍ତ୍ରଣାରୁ ମୁକ୍ତି ମିଳିପାରିବ।

# ଖାଲି ପେଟରେ ଖାଆନ୍ତୁ କିସମିସ୍

ଆୟୁର୍ବେଦ ଅନୁସାରେ ସବୁଦିନ ସକାଳୁ କିସମିସ ଖାଇବା ଦ୍ୱାରା କ୍ୟାନ୍ସର ଏବଂ କିଡନୀ ସମ୍ବନ୍ଧୀୟ ରୋଗର କମ୍ ହୋଇଥାଏ। ଶରୀରର ଦୁର୍ବଳତାକୁ କମ୍ କରି ଶକ୍ତିର ସ୍ତରକୁ ବଢ଼ାଇବାରେ ମଧ୍ୟ ବହୁତ ଫାଇଦାପୁର୍ଣ୍ଣ ହୋଇଥାଏ। କିସମିସକୁ ଖାଇବା ଦ୍ୱାରା ସ୍ୱାସ୍ଥ୍ୟରେ ଅନ୍ୟ ସମସ୍ୟା ମଧ୍ୟ ଦୂର ହୋଇଥାଏ। ଏଥିରେ ଥିବା ଆଣ୍ଟି ବାୟୋଟିକ ତତ୍ତ୍ୱ ଦ୍ୱାରା ଜ୍ୱର ଶୀଘ୍ର କମି ଯାଇଥାଏ। ଏହାକୁ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ କ୍ଷମତା ଏବଂ ଶକ୍ତିର ସ୍ତର ବଢ଼ିଥାଏ। ଗୋଟେ ମୁଠା କିସମିସକୁ ପାଣିରେ ଭିଜାଇ ସକାଳୁ ଖାଲି ପେଟରେ ଏହି ପାଣିକୁ ପିଇବା ଏବଂ କିସମିସକୁ ଚୋବାଇ ଖାଇବା ଦ୍ୱାରା କବ୍ଜ ଦୂର ହୋଇଥାଏ। କିସମିସରେ ଆଇରନ ଅଧିକ ମାତ୍ରାରେ ଥାଏ। ତେଣୁ ଏହାକୁ ଖାଇବା ଦ୍ୱାରା ରକ୍ତ ହୀନତାର ସମସ୍ୟା ଦୂର ହୋଇଥାଏ। କିସମିସକୁ ଖାଇବା ଦ୍ୱାରା ଏହା ଶରୀରର ଟକ୍ସିନକୁ ବାହାର କରିଥାଏ ଏବଂ କିଡନୀକୁ ସୁସ୍ଥ ରଖିଥାଏ।





# କଞ୍ଚା ପିଆଜ ଖାଇଲେ କ'ଣ ଫାଇଦା ମିଳିଥାଏ ?

ପିଆଜ ପ୍ରାୟ ସମସ୍ତଙ୍କ ପ୍ରିୟ। ପଖାଳ କଂସା ପାଖେ ପିଆଜ ଥାଏ ପୁଣି ପକୁଡ଼ି ପାଖେ ବି ପିଆଜ ଥାଏ। ମଣିଷ ଭାତ ଖାଉ କି ରୁଟି, ମୁଢ଼ି ଖାଉ କି ତେଲଛଣା .. ପାଟିକୁ ସୁଆଦିଆ କରିବାକୁ ଫାଳେ ପିଆଜ ଖୋଜେ, ଆଉ ଖଣ୍ଡେ ପିଆଜ ହେଲେ ଖାନାଟା ପୂରା ଜମିଯାଏ.. ହଁ ଆଜ୍ଞା ଅନେକ ପିଆଜ ପ୍ରେମୀ ହୋଇଥିବା ବେଳେ ଏବେ କିନ୍ତୁ ବିନା ପିଆଜ ରସୁଣ ଏକ ଟ୍ରେଣ୍ଡ ପାଲଟିଲାଣି। ଲୋକେ ଆଉ ପିଆଜ ଖାଇବାକୁ ଏତେ ପସନ୍ଦ କରୁନାହାନ୍ତି। ମାତ୍ର ଆପଣ ଜାଣନ୍ତି କି କଞ୍ଚା ପିଆଜ ଆମ ଦେହ ପାଇଁ କେତେ ଲାଭଦାୟକ। କଞ୍ଚା ପିଆଜ ଆମ ଶରୀର ପାଇଁ ଖୁବ୍ ଲାଭଦାୟକ। ପ୍ରତ୍ୟେକ ଦିନ କଞ୍ଚା ପିଆଜ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଲାଭ ମିଳିଥାଏ। କଞ୍ଚା ପିଆଜର ବ୍ୟବହାର ଆୟୁର୍ବେଦରେ ମଧ୍ୟ ଅଧିକ କରାଯାଇଥାଏ। ଏହା ଆପଣଙ୍କ ଶରୀରକୁ ସୁସ୍ଥ ରଖିବା ସହ ଚର୍ମ ଏବଂ କେଶକୁ ସୁସ୍ଥ ରଖିଥାଏ। କଞ୍ଚା ପିଆଜକୁ ଗରିବଙ୍କ ଔଷଧ ମଧ୍ୟ କୁହାଯାଇଥାଏ। ଯାହା ସହଜରେ ମିଳିଥାଏ, ଶସ୍ତା ଆଉ ସୁସ୍ଥ ମଧ୍ୟ। ଆୟୁର୍ବେଦରେ ପିଆଜକୁ ବାତ ସମ୍ବନ୍ଧୀୟ ରୋଗ ପାଇଁ ଲାଭକାରୀ ମନେକରାଯାଇଥାଏ। ଏହା ଶରୀରରେ ଶକ୍ତି ବଢ଼ାଇଥାଏ। ଏହା ପୁରୁଷଙ୍କଠାରେ ଶୁକ୍ରାଣୁ ସଂଖ୍ୟାକୁ ମଧ୍ୟ ଉନ୍ନତ କରେ। ଏଥିସହିତ ନାକରୁ ରକ୍ତସ୍ରାବ ବନ୍ଦ କରିବାରେ ମଧ୍ୟ ତାଜା ପିଆଜ ରସ ସହାୟକ ହୋଇଥାଏ। ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସହାୟକ ହୋଇଥାଏ ପିଆଜ। ପିଆଜରେ ମିଳୁଥିବା ଆଣ୍ଟିଅକ୍ସିଡାଣ୍ଟ, ଯେପରିକି କ୍ୱେରସେଟିନ୍ ଏବଂ ସଲଫର ଯୌଗିକ, ଶରୀର ପାଇଁ ଲାଭଦାୟକ। ହୃଦରୋଗ ଭଲ କରିଥାଏ କଞ୍ଚା ପିଆଜ। ବ୍ଲଡ ପ୍ରେସର କମ୍ କରିଥାଏ। କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ, ଯାହା ହୃଦୟକୁ ସୁସ୍ଥ କରିଥାଏ। ଲାଲ ପିଆଜରେ ମିଳୁଥିବା ଆନ୍ଥୋସାୟାନିନ୍ ଯୌଗିକଗୁଡ଼ିକ କର୍କଟ ରୋଗ ସହିତ ଲଢ଼ିବାରେ ସହାୟକ ହୋଇଥାଏ। ପିଆଜ ମଧ୍ୟ ମଧୁମେହ ପାଇଁ ଲାଭଦାୟକ କାରଣ ଏହା ଇନସୁଲିନ୍ ସମ୍ବେଦନଶୀଳତାକୁ ବୃଦ୍ଧି କରିଥାଏ। ଏବଂ ଯକୃତରେ ଚିନି ମେଟାବୋଲିଜିମ୍ ଉନ୍ନତ କରେ। ପେଟ ସ୍ୱାସ୍ଥ୍ୟ ପାଇଁ ପିଆଜକୁ ଏକ ଭଲ ପ୍ରିବାୟୋଟିକ୍ ଉତ୍ସ ଭାବରେ ବିବେଚନା କରାଯାଏ। ଏଥିରେ ମିଳୁଥିବା ଫାଇବର ଭଲ ବ୍ୟାକ୍ଟେରିଆକୁ ପ୍ରୋତ୍ସାହିତ କରେ, ଯାହା ପେଟ ଭଲ ରଖିଥାଏ।

# ଅଭିଯୁକ୍ତ ପରିବର୍ତ୍ତେ ପୀଡ଼ିତଙ୍କୁ ଗିରଫ କରୁଛି ପୁଲିସ

## ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଫେରାଦ ହେଲେ ପୀଡ଼ିତ




**ବିଞ୍ଝାରପୁର,୨୭।୭ (ସଂଚାର ବ୍ୟୁରୋ):** ନ୍ୟାୟ ପାଇବା ଆଶାରେ ଥାନାକୁ ଭରଷା କରି ଥାନାର ଦ୍ୱାରସ୍ଥ ହୋଇଥାନ୍ତି ଲୋକେ। ଥାନାରେ ସମସ୍ୟାର ସମାଧାନ ହେଇଥାଏ ଆଉ ସାଧାରଣ ଲୋକଟିଏ ନ୍ୟାୟ ମଧ୍ୟ ପାଇଥାଏ। କିନ୍ତୁ ଯାଜପୁର ଜିଲ୍ଲା ଅଳକୁଣ୍ଡ ଅଞ୍ଚଳରେ ଏହାର ଭିନ୍ନ ଚିତ୍ର ଦେଖିବାକୁ ମିଳୁଛି। ଏଠି ଥାନାର ଦ୍ୱାରସ୍ଥ ହେଉଥିବା ଲୋକ ନ୍ୟାୟ ପାଇବା ପରିବର୍ତ୍ତେ ଗିରଫ ହୋଇ କୋର୍ଟ ଚାଲାଣ ହେଉଛି।

ଅଭିଯୋଗ ଅନୁଯାୟୀ ଅଳକୁଣ୍ଡ ଥାନା ଅର୍ନ୍ତଗତ ଆଉଁରି ଗ୍ରାମର ସନ୍ଧ୍ୟାରାଣୀ ରାଉତ ଏବଂ ତାଙ୍କ ପରିବାର ଲୋକଙ୍କୁ ଗତ ୧୩ ତାରିଖ ଦିନ ସେହି ଗ୍ରାମର ଶ୍ରୀଧର ଧଳ, କୈଳାଶ ନାୟକ, ଉଜାଡ କୁଅଁର ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ସନ୍ଧ୍ୟାରାଣୀଙ୍କ ଗୋଡ଼ରେ ଆଘାତ ଲାଗିଥିଲା। ଏପରିକି ସନ୍ଧ୍ୟାରାଣୀଙ୍କ ପୁଅ ମହେଶ ପରିଡ଼ା ମଧ୍ୟ ଆହତ ହୋଇଥିଲେ। ତେବେ ଏନେଇ ମହେଶଙ୍କ ପରିବାର ପକ୍ଷରୁ ୧୩ ତାରିଖ ଦିନ ଏକ ଥାନାରେ ଏକ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ମଧ୍ୟ କେଶ ନମ୍ବର ୮୮/୨୫ରେ ମାମଲା ପଞ୍ଜୀକୃତ କରିଥିଲା। ତେବେ ଏହି ଘଟଣାର କିଛି ଦିନ ପରେ ଅର୍ଥାତ ଜୁଲାଇ ୧୬ ତାରିଖ ଦିନ ଅଭିଯୁକ୍ତମାନେ ପୁଣି ମହେଶଙ୍କ ଉପରେ ଆକ୍ରମଣ କରିଥିଲେ। ଏନେଇ ପୁନର୍ବାର ମହେଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। କିନ୍ତୁ ଅଳକୁଣ୍ଡ ପୋଲିସ୍ ଅଭିଯୁକ୍ତଙ୍କ ପରିବର୍ତ୍ତେ ମହେଶଙ୍କ ବିରୋଧରେ ମାମଲା ରୁଜୁ କରି ତାଙ୍କୁ କୋର୍ଟ ଚାଲାଣ କରିଥିବା ଅଭିଯୋଗ କରିଛନ୍ତି ମହେଶ ଏବଂ ସନ୍ଧ୍ୟାରାଣୀ। ଖାଲି ସେତିକି ନୁହଁ ସବୁ ଜାଣି ଥାନା ଅଧିକାରୀ ଚୁପ ରହୁଥିବା ସେ ଅଭିଯୋଗ କରିଛନ୍ତି।

ଏନେଇ ମହେଶ ଯାଜପୁର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ଦିଆଯାଇଥିବା ଏତଲା ବେଲ ଦିଆଯିବାର ଯୋଗ୍ୟ ହୋଇଥିବା ବେଳେ ଉଦ୍ଦେଶ୍ୟ ମୂଳକ ଭାବେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଛନ୍ତି ମହେଶ। ଏପରିକି ଥାନାକୁ ଡ଼କାଇ ମୋବାଇଲ ଛଡ଼ାଇ ନେବା ସହିତ ତାଙ୍କୁ ତାଙ୍କ ଔଷଧ ମଧ୍ୟ ଦିଆଯାଇନଥିବା ସେ ଅଭିଯୋଗରେ ଦର୍ଶାଇଛନ୍ତି। ଔଷଧ ପାଇଁ କହିବାରୁ ଥାନା ଅଧକାରୀ ତାଙ୍କୁ ଆଶାଳିନ ବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି। ତାଙ୍କ ବିରୋଧରେ ଏକ ମିଥ୍ୟା ଅଭିଯୋଗ କରି ତାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଗିରଫ କରାଯାଇଥିବା ମହେଶ ଅଭିଯୋଗ କରିଛନ୍ତି। ତେଣୁ ଏହି ଘଟଣାର ଉପଯୁକ୍ତ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ମହେଶ। ତତ୍ ସହିତ ତାଙ୍କ ପରିବାରକୁ ସୁରକ୍ଷା ଦେବାକୁ ମଧ୍ୟ ନିବେଦନ କରିଛନ୍ତି।




## ଚାଷଜମିରୁ ଅଜଗର ଉଦ୍ଧାର

**ଭବାନୀପାଟଣା,୨୭।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ରେଞ୍ଜ କୋକସରା ଫରେଷ୍ଟ ସେକ୍ସନ ଅଧୀନରେ ଥିବା ମୋଟେର ପଞ୍ଚାୟତ ବାଟିଗୁଡା ଗ୍ରାମ ର ଜଣେ ଚାଷୀ ବେଣୁଧର ଦଳପତିଙ୍କ ଚାଷଜମିରେ ଏକ ବିରାଟକାୟ ଅଜଗର ସାପ ଥିବା ନେଇ ଚାଷ ଜମି ରେ କାମ କରୁଥିବା ଶ୍ରମିକ ମାନେ ଗୁରୁବାର ସକାଳରେ ଦେଖିଥିଲେ। ପରେ ଚାଷି ବେଣୁଧର ଦଳପତି ସୁରକ୍ଷିତ ଭାବେ ଅଜଗର କୁ ଉଦ୍ଧାର କରି ଚିକିତ୍ସା ପାଇଁ କୋକସରା ପ୍ରାଣୀ ଚିକିତ୍ସାଳୟ କୁ ଆଣି ଚିକିତ୍ସା କରାଇଥିଲେ। ଡାକ୍ତର ପ୍ରସନ୍ନ ପରିଡ଼ା ସାପକୁ ପ୍ରାଥମିକ ଚିକିତ୍ସା କରିବା ପରେ ସ୍ୱାସ୍ଥ୍ୟବସ୍ଥା ସ୍ୱାଭାବିକ ଥିବା କହିଛନ୍ତି। ପରେ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧି ସ୍ଥାନୀୟ କୋକସରା ବନପାଳ ରଶ୍ମି ରଞ୍ଜିତା ନାଏକ ଓ ଜଙ୍ଗଲ ବିଭାଗ ସାପ ଉଦ୍ଧାର କାରୀ ଦଳ ର ସ୍ୱାଧୀନ ଦଣ୍ଡସେନା ଙ୍କୁ ଖବର ଦେଇଥିଲେ। ଖବର ମିଳିବା କ୍ଷଣି ଜଙ୍ଗଲ ବିଭାଗ ଫରେଷ୍ଟ ଗାର୍ଡ ହିମାଦ୍ରୀ ତନୟା ବିଶି ଓ ସ୍ୱାଧୀନ ଦଣ୍ଡସେନା ପହଞ୍ଚି ସୁରକ୍ଷିତ ଭାବେ ଅଜଗର ସାପକୁ ଉଦ୍ଧାର କରି ତାର ପ୍ରାକୃତିକ ବାସସ୍ଥାନ ସାହାଜଖୋଲ ଜଙ୍ଗଲ ମଧ୍ୟରେ ଛାଡି ଦେଇଥିବା ସୂଚନା ଦେଇଛନ୍ତି।

## ଲୋକସେବା ପକ୍ଷରୁ ଗୁରୁଦ୍ୱାର ପାର୍କରେ ବୃକ୍ଷରୋପଣ କାର୍ଯ୍ୟକ୍ରମ



**କଟକ,୨୭।୭ (ସଂଚାର ବ୍ୟୁରୋ):** ଲୋକସେବା ଅନୁଷ୍ଠାନ ପକ୍ଷରୁ ଶିଖରପୁର ଗୁରୁଦ୍ୱାର ପାର୍କରେ ଆଜି ଏକ ସଫଳ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ବାସିନ୍ଦା, ଲୋକସେବାର ସଦସ୍ୟମାନେ ଉତ୍ସାହିତ ଭାବେ ଅଂଶଗ୍ରହଣ କରିଥିଲେ। ଲୋକସେବା ସଦସ୍ୟ ଜୟଶ୍ରୀ ସାହୁ, ଅଭିଲିପ୍ସା ପ୍ରିୟଦର୍ଶିନୀ ଷଡଙ୍ଗୀ, ପ୍ରୀତବାସ ସାହୁ, ଅଶୋକ ବେହେରା, ଅବିନାସ ନାୟକ, ଶୁଭ୍ରଜିତ ସ୍ୱାଇଁଙ୍କ ସମେତ ସିଏମସି ସୁପରଭାଇଜର ବାବୁଲି ବେହେରା, ମାଳୀ ଡୁକୁଣୀ ବେହେରା, ଚନ୍ଦନ ମହାନ୍ତି, କିଶୋର ନାୟକ, ଅଜୟ ରାଉତ, ନିଷାକର ମୁଲିଆ ପ୍ରମୁଖ କାର୍ଯ୍ୟକ୍ରମରେ ଗଛ ପ୍ରତିରୋପଣ କରିବା ସହ ପରିବେଶ ସୁରକ୍ଷା ଓ ସବୁଜ ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ସନ୍ଦେଶ ଦିଆଯାଇଥିଲା।

"ଏକ ପେଡ଼ ମା କେଲିଏ " ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନକୁ ଅନୁସରଣ କରି, ଲୋକସେବା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହି ଉଦ୍ୟମ ଆରମ୍ଭ କରିଛି। ଆଜି ମୋଟ ୨୧ଟି ଗଛ ରୋପଣ କରାଯାଇଛି। ଲୋକସେବା ପ୍ରତିଟି ରବିବାର କଟକର ଭିନ୍ନ ଭିନ୍ନ ସ୍ଥାନରେ ଏହି ପରି ଗଛ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠାନ କରୁଛି। ସମସ୍ତଙ୍କ ସହଯୋଗ ଓ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଗଭୀର ପ୍ରଭାବ ଛାଡ଼ିଛି।

## ଅଗ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ



**ଜଗତସିଂହପୁର,୨୭।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ସହରର ଚାଟ୍ରା ସ୍ଥିତ ଅଳକା ଆଶ୍ରମ ପରିସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ଅଗ୍ନିକନ୍ୟା ମାଳତୀ ଚୌଧୁରୀଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଅବସର ପ୍ରାପ୍ତ ଅଧ୍ୟାପକ ଭଗବାନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶିକ୍ଷାଓ୍ୱିତ ଅତୁଲ ବିକ୍ରମ ପ୍ରଧାନ,ମୁଖ୍ୟ ବକ୍ତା ଭାବେ ଅଧ୍ୟାପକ ପ୍ରତାପ କୁମାର ଲେଙ୍କା ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷାଓ୍ୱିତ ଶରତ ଚନ୍ଦ୍ର ବାରିକ ପ୍ରମୁଖ ଯୋଗଦେଇ ମାଳତୀ ଚୌଧୁରୀଙ୍କ ଦେଶପ୍ରେମ,ତ୍ୟାଗ ଏବଂ ଜୀଓ୍ୱନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଭାରତର ସ୍ୱାଧୀନତା ସଂଗ୍ରାମରେ ମାଳତୀ ଚୌଧୁରୀ ଏବଂ ପୁରା ଚୌଧୁରୀ ପରିବାରର ସଂଗ୍ରାମୀ ଭୂମିକା ସମ୍ପର୍କରେ ସଭାରେ ଆଲୋଚନା କରାଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ସଂଗଠକ ଲାଲା ସଂଗ୍ରାମ କେଶରୀ ରାୟ,ସାମ୍ବାଦିକ ଶଶାଙ୍କ ଶେଖର ପଣ୍ଡା, ସାମ୍ବାଦିକ ଶୁଭକାନ୍ତ ପଢ଼ିଆରୀ,ସବିତା ମହାନ୍ତି ଏବଂ ଅଜୟ ଗୋଛୟତ ପ୍ରମୁଖ ଏଥିରେ ଯୋଗଦେଇ ମାଳତୀ ଚୌଧୁରୀଙ୍କ ସଂଗ୍ରାମୀ ଜୀଓ୍ୱନ ଏବଂ ସମାଜରେ ଚାଲିଥିବା କୁସଂସ୍କାର ତଥା ଅନ୍ଧବିଶ୍ୱାସର ବିଲୋପ ପାଇଁ ତାଙ୍କର ବଳିଷ୍ଠ ଭୂମିକା ବିଷୟରେ ଆଲୋଚନା କରିଥିଲେ । ଶେଷରେ ଶିକ୍ଷାଓ୍ୱିତ ବିଜୟ କୁମାର ରଥ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

## ସୁନ୍ଦରଗଡ଼ର ନୂତନ ଜିଲ୍ଲାପାଳ ଡ଼ା. ଶୁଭଙ୍କର ମହାପାତ୍ରଙ୍କ ଯୋଗଦାନ



**ସୁନ୍ଦରଗଡ଼,୨୭।୭ (ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ରବିବାର ଡ଼ା ଶୁଭଙ୍କର ମହାପାତ୍ର ଯୋଗଦାନ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ମାଝୀଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଜିଲ୍ଲାପାଳ ଡ଼ା ମହାପାତ୍ର ହେଉଛନ୍ତି ୨୦୧୮ ବ୍ୟାଚର ଭାରତୀୟ ପ୍ରଶାସନିକ ଅଧିକାରୀ। ଏହା ପୂର୍ବରୁ ଡ଼ା ମହାପାତ୍ର ନବରଙ୍ଗପୁର ଏବଂ ଯାଜପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ଅବସ୍ଥାପିତ ଥିଲେ। ତାହା ପୂର୍ବରୁ ରାଉରକେଲା ଅତିରିକ୍ତ ଜିଲ୍ଲାପାଳ ତଥା ରାଉରକେଲା ମହାନଗର ନିଗମର ଆୟୁକ୍ତ ଭାବେ ମଧ୍ୟ ଅବସ୍ଥାପିତ ରହିଥିଲେ।

ଜିଲ୍ଲାପାଳଙ୍କ ଯୋଗଦାନ ପରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ ସାହୁ, ଆଇ ଏ ଏସ ଶିକ୍ଷାନବିଷ ଫାଓ୍ୱି ରସିଦ, ଜିଲ୍ଲା ସ୍ତରୀୟ ଅଧିକାରୀ, ଜିଲ୍ଲା କାର୍ଯ୍ୟାଳୟର ଅଧିକାରୀ ଏବଂ କର୍ମଚାରୀମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ ଜିଲ୍ଲାପାଳ ଡ଼ା ମହାପାତ୍ର ସମସ୍ତ ଅଧିକାରୀ ମାନଂକ ସହିତ ଆଲୋଚନା କରିଥିଲେ ଏବଂ ଜିଲ୍ଲା କାର୍ଯ୍ୟାଳୟ ବୁଲି ଦେଖିଥିଲେ।

## ରହସ୍ୟ ଘେରରେ ଥାନାରୁ ହାଇୱା ଗାଏବ ଘଟଣା

- ପୁଲିସର କାର୍ଯ୍ୟକଳାପକୁ ନେଇ ସନ୍ଦେହ



**ବଲାଙ୍ଗିର,୨୭।୭ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ସିନ୍ଧେକେଲା ଥାନା ପରିସରରୁ ଜବତ ଦୁଇଟି ହାଇୱା ରାତାରାତି ଗାଏବ୍ ହେବା ଘଟଣାରେ ପୁଲିସର ଭୂମିକା ସନ୍ଦେହଘେରକୁ ଚାଲିଆସିଛି। ଗତ ବୁଧବାର ଦିନ ବିଳମ୍ବିତ ରାତିରେ ବାଲି ବୋଝେଇ ଦୁଇଟି ହାଇୱାକୁ ଜବତ କରି ସିନ୍ଧେକେଲା ପୁଲିସ ଥାନକୁ ଆଣିଥିଲା। କିନ୍ତୁ ଗୁରୁବାର ସକାଳ ହେଲା ବେଳକୁ ଉଭୟ ହାଇୱାର ଆଉ ପତ୍ତା ମିଳିନଥିଲା। ତେବେ ହାଇୱା ଦୁଇଟିକୁ ପୁଲିସ ଜବତ କଲା କାହିଁକି, ପୁଲିସ ଥାନା ପରିସରକୁ ଆଣି ରାତାରାତି ଛାଡିଲା କାହିଁକି, କେଉଁକେଉଁ ପୁଲିସ ଅଧିକାରୀ କିମ୍ବା କର୍ମଚାରୀ ଏହି ଘଟଣାରେ ସାମିଲ ଥିଲେ, ଯଦି ବେଆଇନ ବାଲି ଚାଲାଣ କରୁଥିବା ହାଇୱାକୁ ପୁଲିସ ଜବତ କଲା ତେବେ ଖଣି ବିଭାଗକୁ ଖବର ଦେଲା ନାହିଁ କାହିଁକି? ଏସବୁର ପ୍ରଶ୍ନର ଉତ୍ତର ଦେବାକୁ କେହି ନାହାନ୍ତି। ଥାନା ଅଧିକାରୀ ଏନେଇ କୌଣସି ସ୍ପଷ୍ଟ କରଣ ରଖୁ ନାହାନ୍ତି।

ପ୍ରକାଶ ଯେ, ପ୍ରତିଦିନ ସିନ୍ଧେକେଲା ଅଞ୍ଚଳ ଦେଇ ଉନ୍ଦେର ନଦୀରୁ ବାଲି ଚୋରାଚାଲଣ ହେଉଛି। ଜିଲ୍ଲା ଖଣି ବିଭାଗ କାର୍ଯ୍ୟାଳୟଠାରୁ ଏହା ଶହେ କିଲୋମିଟର ଦୁରରେ। ତେଣୁ କ୍ୱଚିତ ଏଠାକୁ ଖଣି ବିଭାଗର ଅଧିକାରୀ ପାଦ ପକାନ୍ତି। ସିନ୍ଧେକେଲା ଅଞ୍ଚଳରେ କେବଳ ପୁଲିସ ଥାନାକୁ ଛାଡିଦେଲେ ଆଉ କୌଣସି ବଡ କାର୍ଯ୍ୟାଳୟ ନାହିଁ। ଯାହା ବାଲି ମାଫିଆଙ୍କୁ ସୁହାଉଛି। ସୁଦୁର ଆନ୍ଧ୍ର ଓ ଛତିଶଗଡ଼କୁ ମଧ୍ୟ ଏଠାରୁ ବାଲି ଚୋରା ଚାଲଣ ହେଉଛି। ପୁଲିସ ହିଁ ଏହି ବାଲି ଚୋରା କାରବାରର ପୃଷ୍ଠପୋଷକ ସାଜିଥିବା ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଏକ ଉଚ୍ଚସ୍ତରୀୟ ତଦନ୍ତ କରାଇଲେ ସମସ୍ତ ଘଟଣା ପଦାକୁ ଆସିବ ବୋଲି ସାଧାରଣରେ ଦାବି ହେଉଛି।

## ସରକାରଙ୍କ ସାଉଣ୍ଡ କଟକଣାକୁ ମାଲିକ ସଂଘର ଫୁଂ’




**ଜଗତସିଂହପୁର,୨୭।୭ (ସଂଚାର ବ୍ୟୁରୋ):** ଏଣିକି ଉଚ୍ଚସ୍ୱରରେ ବାଜି ପାରିବ ନାହିଁ ଡିଜେ। ଜିଲ୍ଲାର ସମସ୍ତ ହସ୍ପିଟାଲ, ସ୍କୁଲ, କଲେଜ, ଥାନା, କୋର୍ଟ ଓ ସରକାରୀ ଦପ୍ତର ସମ୍ମୁଖ ଓ ପାଖରେ ସାଉଣ୍ଡ ସମ୍ପୂର୍ଣ୍ଣ ବନ୍ଦ ହେବ। ରାତି ୧୦ଘଟିକା ପରେ ଡିଜେ ଆଦି ସାଉଣ୍ଡ ବନ୍ଦ କରିବା ବାଧ୍ୟତାମୂଳକ। ଏହି ନିୟମ ନମାନିଲେ ଜୋରିମାନା ଦେବାକୁ ପଡିବ। ଏକଥା ଆମେ କହୁନୁ କି ସରକାର ଘୋଷଣା କରିଥିବା ବେଳେ ଏକଥା ନିଜ ଆଡୁ ଘୋଷଣା କରିଛନ୍ତି ଜଗତସିଂହପୁର ଜିଲ୍ଲାର ଜଗନ୍ନାଥ ଟେଣ୍ଟ, ଲାଇଟ ଆଣ୍ଡ ସାଉଣ୍ଡ ମାଲିକ ସଂଘ।

ଜଗତସିଂହପୁର ଜିଲ୍ଲା ରାହାମାସ୍ଥିତ ଜିତ୍ ମଣ୍ଡପରେ ଜଗନ୍ନାଥ ଟେଣ୍ଟ, ଲାଇଟ, ଆଣ୍ଡ ସାଉଣ୍ଡ ମାଲିକ ସଂଘ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସଂଘର ସଭାପତି ଶିଶିର କୁମାର ଦାସ ସଭାପତିତ୍ୱ କରିଥିବା ବେଳେ ଜଗତସିଂହପୁର, ରଘୁନାଥପୁର, ତିର୍ତ୍ତୋଲ, କୁଜଙ୍ଗ, ପାରାଦ୍ୱୀପ, ଜିଲ୍ଲାର ପାଖାପାଖି ୭୦ରୁ ଉର୍ଦ୍ଧ୍ୱ ଟେଣ୍ଟ, ଲାଇଟ ଓ ସାଉଣ୍ଡ ମାଲିକଙ୍କ ସମେତ ପଡୋଶୀ କେନ୍ଦ୍ରାପଡା ଜିଲ୍ଲାର ମାଲିକମାନେ ଭାଗନେଇଥିଲେ। ଶବ୍ଦ ପ୍ରଦ୍ୟୁଷଣ ରୋକିବା,ଏହି ସଂସ୍ଥାରେ କାମ କରୁଥିବା କର୍ମଚାରୀ ଓ ମାଲିକ ମାନଙ୍କ ସୁରକ୍ଷା ସହ ସମାଜର କଲ୍ୟାଣ ପାଇଁ ସଂଘର ପରିକଳ୍ପନା ବୋଲି କୁହାଯାଇଥିଲା।

କିନ୍ତୁ ବାସ୍ତବରେ ଏହା ପୁରା ଅଲଗା ଦୃଶ୍ୟ ଦେଖିବାକୁ ମିଳୁଛି । ଖୋଦ ସଭାପତିଙ୍କ ଏରିଆ ନିକଟସ୍ଥ ଅଞ୍ଚଳରେ ରାହାମା ଓ ନିକଟସ୍ତ ତିର୍ତ୍ତଲ ଓ ଏହାର ଆଖପାଖ ଅଞ୍ଚଳରେ ରାତିରେ ବାହାଘର ଓ ଭୋଜି ସମୟରେ ମାତ୍ରାଧିକ ବିପତ୍ତି ଜନକ ସାଉଣ୍ଡ ପରିବେଷଣ କରୁଛନ୍ତି । ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହେବା ସହ ହୃଦ୍‌ରୋଗୀଙ୍କ ପାଇଁ ସମସ୍ୟା ସୃଷ୍ଟି ହୋଇଛି । ଏହି ବାବଦରେ ସ୍ଥାନୀୟ ଲୋକେ ନିକଟରେ ଜିଲ୍ଲାପାଳଙ୍କୁ ଲିଖିତ ଆକାରରେ ଦେବାକୁ ସଜବାଜ ହେଉଥିବା ଦେଖାଦେଇଛି । ଦେଖାଯାଉ ଆଗମୀ ଦିନରେ ସରକାର ଏହା ଉପରେ କିଭଳି ପଦକ୍ଷେପ ଗ୍ରହଣ କରୁଛନ୍ତି ଦେଖିବାକୁ ବାକି ରହିଲା ।

## ରେତ କେନାଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର



**ନର୍ଲା,୨୭।୭ (ସଂଚାର ବ୍ୟୁରୋ):** ରେତ ଜଳସେଚନ ପ୍ରକଳ୍ପର ଟିକ୍ରାପଡା କେନାଲ ନିକଟରେରେ ଭାସି ଯାଉଥିବା ଏକ ଶବ ଉଦ୍ଧାର କରିଛି ନର୍ଲା ପୋଲିସ। ମୃତ ବ୍ୟକ୍ତିଙ୍କ ଆନୁମାନିକ ବୟସ ୫୦ ବର୍ଷ ହେବ ବୋଲି ଆକଳନ କରାଯାଇଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଉକ୍ତ ମୃତ ବ୍ୟକ୍ତିଙ୍କ ପରିଚୟ ମିଳି ପାରିନାହିଁ। ପୋଲିସ ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ମ.ରାମପୁର ପଠାଇ ଅଧିକ ତଦନ୍ତ ଜାରି ରଖିଛନ୍ତି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସମସ୍ତ ତଥ୍ୟ ପଦାକୁ ଆସିବ ବୋଲି ନର୍ଲା ଥାନାଧିକାରୀ ବିଜରାଜ ମାଝୀ କହିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ରବିବାର ସକାଳେ ବଡଧାରପୁରରେ ରହିଥିବା ରେତ ଜଳସେଚନ ପ୍ରକଳ୍ପ କେନାଲର କଟ ଅଫ ଟିକ୍ରାପଡ଼ା ନିକଟରେରେ ଅଜଣା ବ୍ୟକ୍ତିଙ୍କ ଶବ ଭାସୁଥିବା ସ୍ଥାନୀୟ ଲୋକ ଦେଖି ନର୍ଲା ପୋଲିସକୁ ଜଣାଇଥିଲେ। ନର୍ଲା ଅଗ୍ନିଶମ ବିଭାଗ ଓ ପୋଲିସ ଟିମ ଘଟଣା ସ୍ଥଳରେ ପହଞ୍ଚି ଶବକୁ ଉଦ୍ଧାର କରିଥିଲେ। ସ୍ଥାନୀୟ ସମାଜସେବୀ ସୁଦର୍ଶନ ଦୋରାଙ୍କ ସମେତ ଟୁକୁରମ ସାହୁ, ଚନ୍ଦ୍ର ମାଝୀ, ଲଳିତ ରଥ, ତୁମେଶ୍ୱର ଦୋରା ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ।

## ଏଚଆଇଭି/ଏଡ଼ସ ସମ୍ପର୍କିତ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତା

**ଫୁଲବାଣୀ,୨୭।୭ (ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏଚଆଇଭି/ଏଡ଼ସ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ଜିଲ୍ଲା ଶିକ୍ଷା ବିଭାଗର ମିଳିତ ପ୍ରଚେଷ୍ଟା ତଥା ଓଡିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସମିତିର ସହାୟତାରେ, ଫୁଲବାଣୀ ସ୍ଥିତ ଏ.ଜେ.ଓ ଉଚ୍ଚ ବିଦ୍ୟାଳୟଠାରେ ଏକ ଜିଲ୍ଲାସ୍ତରୀୟ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସଞ୍ଜୟ କୁମାର ପାତ୍ର ଏବଂ ଏ.ଜେ.ଓ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପାୟଲ ପଟ୍ଟନାୟକ, ସନମାନୀତ ଅତିଥି ଭାବରେ ଯୋଗଦେଇଥିଲେ । ଅନୁଷ୍ଠିତ ଜିଲ୍ଲା ସ୍ତରୀୟ କୁଇଜ ପ୍ରତିଯୋଗିତାରେ ସରକାରୀ ଉଚ୍ଚ ବିଦ୍ୟାଳୟ, ବଡ଼ିମୁଣ୍ଡାର ଛାତ୍ରୀ ସୁଶ୍ରୀ ବ୍ଲେସି ଦିଗାଲ, ପ୍ରଥମ ଏବଂ କୋଟଗଡ ସରକାରୀ ଏସଏସଡ଼ି ଉଚ୍ଚ ବିଦ୍ୟାଳୟର ଛାତ୍ର ଶ୍ରୀମାନ



ବ୍ଲକ ସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉକ୍ତ ପ୍ରତିଯୋଗିତାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ତୋଷ କୁମାର ପାଢ଼ୀ, ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି, ଉପସ୍ଥିତ ଛାତ୍ରଛାତ୍ରୀମାନଙ୍କୁ ସୁସ୍ଥ, ଶୃଙ୍ଖଳିତ ତଥା ସଂଯମୀ ଜୀବନ ଯାପନ ପାଇଁ ପରାମର୍ଶ ପ୍ରଦାନ ସାଇକିରଣ ପାତ୍ର ଦ୍ୱିତୀୟ ସ୍ଥାନ ଅଧିକାର କରି ମୁଖ୍ୟ ଅତିଥିଙ୍କ ଠାରୁ ପୁରସ୍କାର ଏବଂ ପ୍ରମାଣପତ୍ର ଗ୍ରହଣ କରିଥିଲେ । ସମସ୍ତ ପ୍ରତିଯୋଗୀ ମାନଙ୍କୁ ଅଂଶ ଗ୍ରହଣ ପାଇଁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା ଏଡ଼ସ ସୁପରଭାଇଜର ଦେବାଶିଷ ମିଶ୍ର ସଂଯୋଜନା କରିଥିଲା ବେଳେ, ଜିଲ୍ଲା ଏଡ଼ସ ପରାମର୍ଶଦାତା ଗୋବିନ୍ଦ ଚନ୍ଦ୍ର ଜେନା, ସହାୟତା କରିଥିଲେ।



## ଗାୟତ୍ରୀ ହେଲଥ କେୟାର ପକ୍ଷରୁ ବୃକ୍ଷ ଗଙ୍ଗା ଅଭିଯାନ

**ଝିଲିକାଟୁ,୨୭।୭ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ନିକଟ ବରାହୀ ପାହାଡ଼ସ୍ଥିତ ଗାୟତ୍ରୀ ଶକ୍ତିପୀଠ ପରିସରରେ ଗାୟତ୍ରୀ ହେଲଥ କେୟାର ପକ୍ଷରୁ ବୃକ୍ଷ ଗଙ୍ଗା ଅଭିଯାନ ଆରମ୍ଭ ହୋଇଯାଇଛି। ମନ୍ଦିର ଟ୍ରଷ୍ଟ ସଂଯୋଜକ ଅଶୋକ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଉପସ୍ଥିତ ସମସ୍ତ ସଦସ୍ୟ ବୃକ୍ଷରୋପଣ କରିଥିଲେ। ବୃକ୍ଷର ଉପକାରିତା ଓ ଆଜିର ଦିନରେ ବୃଷ୍ଟିପାତ ନିମନ୍ତେ ବୃକ୍ଷ ହିଁ ବିକଳ୍ପ ମାଧ୍ୟମ ବୋଲି ମତ ପ୍ରକାଶ ପାଇଥିଲା। ଗାୟତ୍ରୀ ହେଲଥ କେୟାର ସଂଯୋଜକ ରଞ୍ଜନ ସାହୁ,ସଦସ୍ୟ ନୀଳାଞ୍ଚଳ ସାହୁ, ବିଦ୍ୟାଧର ପାଣିଗ୍ରାହୀ,ଆକାଶ ଘଡ଼ାଇ, ଲକ୍ଷ୍ମୀ ସୁବୁଦ୍ଧି,ଶୁଭ ପ୍ରସାଦ ବେହେରା,ବାଳକୃଷ୍ଣ ପଣ୍ଡା,ସରୋଜ ସାହୁ,ପପୁନ୍ ସୁବୁଦ୍ଧି ଓ ସନ୍ଦୀପ ପାଓ୍ୱାର ପ୍ରମୁଖ ଉପସ୍ଥିତ ରହି 'ଗଛ ବଞ୍ଚିଲେ ଆମେ ବଞ୍ଚିବା' ବୋଲି ଶପଥ ନେଇଥିଲେ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୮୦ ୟୁନିଟ ରକ୍ତ ସଂଗୃହୀତ

**କନ୍ଧମାଳ,୨୭।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଘୁ.ଉଦୟଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ଏମ୍‌ଏମ୍‌ସି ହସ୍ପିଟାଲ ପ୍ରାଙ୍ଗଣରେ ଖ୍ରୀଷ୍ଟିଆନ ଜନ କଲ୍ୟାଣ ସମାଜ ପକ୍ଷରୁ ପ୍ରଥମ ଥର ପାଇଁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବରେ ଫାଦର୍ ଦୁଷ୍ମନ୍ତ ନାୟକ ଓ ଏସଡ଼ିପିଓ ଡ.ବିଜୟ କୁମାର ବିଶି ଉପସ୍ଥିତ ରହିଥିବା ବେଳେ ଖ୍ରୀଷ୍ଟିଆନ୍ ଜନ କଲ୍ୟାଣ ସଭାପତି ପ୍ରଶାନ୍ତ କୁମାର୍ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ଏହି ଅବସରରେ ଅନେକ ଯୁବ ଶକ୍ତି, ସମାଜସେବୀ ଓ ଅନ୍ୟ ସଦସ୍ୟମାନେ ସ୍ୱଇଛାରେ ରକ୍ତ ଦାନ କରିଥିଲେ। ସ୍ଥାନୀୟ ଏସଡିପିଓ ରକ୍ତଦାନର ମହତ୍ତ୍ୱ ବିଷୟରେ ପ୍ରକାଶ କରି ରକ୍ତଦାନ ପାଇଁ ଉତ୍ସାହ କରିଥିଲେ । ପରେ ଫୁଲବାଣୀ ରକ୍ତ ଭଣ୍ଡାରର ଅଧିକାରୀ ଡ.ଜୟଦିପ୍ ଘୋଷ କନ୍ଧମାଳ ଜିଲ୍ଲାରେ ରକ୍ତହୀନତା ବିଷୟରେ ଓ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରିବାର ଉଦ୍ଦେଶ୍ୟ ବିଷୟରେ ପ୍ରକାଶ କରିଥିଲ। କାର୍ଯ୍ୟକ୍ରମ ପରେ ରକ୍ତଦାତାମାନଙ୍କୁ ଏକ ମାନପତ୍ର ଦିଆଯାଇଥିଲା। ଏହି ଶିବିରରୁ ୮୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।



## ଆସିଲେନି ଶିକ୍ଷୟିତ୍ରୀ, ମଧ୍ୟାହ୍ନଭୋଜନ ବନ୍ଦ ; ଓପାସରେ ଫେରିଲେ ଛାତ୍ରଛାତ୍ରୀ

**ଫୁଲବାଣୀ,୨୭।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକରେ ଶିକ୍ଷା ବ୍ୟବସ୍ଥା ଭୁଶୁଡିବାରେ ଲାଗିଛି। କେଉଁଠି ଶିକ୍ଷକ ଆସୁନାହାନ୍ତି ତ କେଉଁଠି ମଧ୍ୟାହ୍ନ ଭୋଜନ ରୋଷେଇ ନ ହୋଇ ନ ଖାଇ ଚାଲି ଯାଉଛନ୍ତି ଛାତ୍ରଛାତ୍ରୀ । ଫିରିଙ୍ଗିଆ ବ୍ଲକ ପକାରୀ ପଞ୍ଚାୟତର ଶ୍ରାମ୍ବୁଗୁଡା ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷରୁ ଅବ୍ୟବସ୍ଥା ସହ ଶିକ୍ଷକ ଶିକ୍ଷୟିତ୍ରୀ ଆସୁନଥିବା ଅଭିଯୋଗ ହୋଇ ଆସୁଥିବା ବେଳେ ପୁଣି ଶନିବାର ଦିନ ବିଦ୍ୟାଳୟକୁ ଶିକ୍ଷକ କିମ୍ବା ଶିକ୍ଷୟିତ୍ରୀ ଆସିନଥିବାରୁ ବିଦ୍ୟାଳୟରେ ତାଲା ପଡ଼ିଥିବା ବେଳେ ମଧ୍ୟାହ୍ନ ଭୋଜନ ମଧ୍ୟ ରୋଷେଇ ହୋଇ ନଥିଲା। ଦୀର୍ଘ ସମୟ କିଛି ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସି ନ ଖାଇ ଫେରିଥିବା ଅଭିଯୋଗ କରିଛନ୍ତି କିଛି ଗ୍ରାମବାସୀ

ଶନିବାର ସକାଳୁଆ ବିଦ୍ୟାଳୟ ଖୋଲା ହେଉଥିବା ବେଳେ ସକାଳ ଠାରୁ ଦିନ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ଛୁଟି ଯାଏଁ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ପତି କି ସହକାରୀ ଶିକ୍ଷକ ମନୋରଞ୍ଜନ ମଲିକ ବିଦ୍ୟାଳୟକୁ ଆସିନଥିଲେ ।




ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ବ୍ୟବସ୍ଥା ରହିଥିବା ବେଳେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୫ ଜଣ ଛାତ୍ରଛାତ୍ରୀ ଅଛନ୍ତି । ଶନିବାର ଦିନ ବିଦ୍ୟାଳୟକୁ ଶିକ୍ଷକ ଶିକ୍ଷୟିତ୍ରୀ ନ ଆସିବାରୁ ବିଦ୍ୟାଳୟକୁ ଆସିଥିବା ଛାତ୍ରଛାତ୍ରୀ ଫେରି ଯାଇଥିବା କିଛି ଗ୍ରାମବାସୀ ଅଭିଯୋଗ କରିବା ସହ ମଧ୍ୟାହ୍ନ ଭୋଜନ ରୋଷେଇ ହୋଇ ନଥିବାରୁ ଅସନ୍ତୋଷ ବ୍ୟକ୍ତ କରିଛନ୍ତି ଅଭିଭାବକ।

ପୂର୍ବରୁ ଏହି ଶ୍ରାମ୍ବୁଗୁଡା ପ୍ରାଥମିକ ବିଦ୍ୟାଳୟର ଅବ୍ୟବସ୍ଥା ଓ ବିଦ୍ୟାଳୟକୁ ଶିକ୍ଷୟିତ୍ରୀ ଆସୁନଥିବା ଅଭିଯୋଗ ହେଉଥିବା ବେଳେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ହେଉଥିଲେ ମଧ୍ୟ ଶିକ୍ଷା ବିଭାଗୀୟ ଅଧିକାରୀ କୌଣସି ଗୁରୁତ୍ୱ ଦେଉନଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କର କୁଆଡେ ଲମ୍ବା ହାତ ରହିଛି ଓ ସେ ବିଦ୍ୟାଳୟକୁ ନ ଗଲେ ବି ଭୟରେ ବିଭାଗୀୟ ଅଧିକାରୀ ଘଣ୍ଟ ଘୋଡାଉଥିବା ବେଳେ କାର୍ଯ୍ୟାନୁଷ୍ଠାନ ବଦଳରେ ସହଯୋଗ କରୁଥିବା ଅଭିଯୋଗ କରିଛନ୍ତି କିଛି ଅଭିଭାବକ । ଏହି ଘଟଣାକୁ ନେଇଁ ଦାୟିତ୍ୱରେ ଥିବା ସିଆରସି ଦିଲ୍ଲୀପ ବେହେରାଙ୍କୁ ଯୋଗାଯୋଗ କରିବାରୁ ବିଦ୍ୟାଳୟକୁ କୌଣସି ଶିକ୍ଷୟିତ୍ରୀ କିମ୍ବା ଶିକ୍ଷକ ଆସିନଥିବା ସ୍ୱୀକାର କରିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି କହିଛନ୍ତି ।

ତେବେ ବାରମ୍ବାର ଏହି ବିଦ୍ୟାଳୟରେ ପ୍ରଧାନ ଶିକ୍ଷୟିତ୍ରୀ ରେଣୁବାଳା ପତି ଓ ବିଦ୍ୟାଳୟର ଶିକ୍ଷକ ଅବହେଳା ପ୍ରଦର୍ଶନ ସହ ବିଦ୍ୟାଳୟକୁ ଆସୁନଥିବାରୁ ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନରେ ବାଧାପ୍ରାପ୍ତ ହେଉଛି। ତୁରନ୍ତ ଅବହେଳା କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି ।